

ଧରାପଡ଼ିଲା ଶ୍ରଦ୍ଧାଙ୍କ ଲୁଚାଛପା ପ୍ରେମ | ୮

# ଓଡ଼ିଶା ଭାସ୍କର
ODISHA BHASKAR
ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store



ମା,ଶିଶୁଙ୍କ ଉତ୍ତମ ସ୍ୱାସ୍ଥ୍ୟ ସମୃଦ୍ଧିର ଆଧାର | ୬

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଏକବିଂଶତମ ବର୍ଷ ସଂଖ୍ୟା-୨୮୮ Vol. 21 No-288 16 JANUARY 2025 THURSDAY BHUBANESWAR ଗୁରୁବାର, ୧୬ ଜାନୁଆରୀ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦


## ବର୍ଦ୍ଧିତ ସାମାଜିକ ଭତ୍ତା ପ୍ରଦାନ କଲେ ମୁଖ୍ୟମନ୍ତ୍ରୀ

# ‘ବରିଷ୍ଠ ନାଗରିକ ବିଶ୍ୱାସର ମନ୍ଦିର’



**ବୟୋଜ୍ୟେଷ୍ଠଙ୍କୁ ସମ୍ମାନ ଦେଉଥିବା ସମାଜ ଆଦର୍ଶ ସମାଜ**

**ବରିଷ୍ଠଙ୍କ ପ୍ରତି ସମାଜ ସମ୍ବେଦନଶୀଳ ହେବା ଜରୁରି**

**ଅସହାୟଙ୍କୁ ସହାୟତା ଦେବା ଜୀବନର ଶ୍ରେଷ୍ଠ ପୁଞ୍ଜି**

କେନ୍ଦୁଝର/ଭୁବନେଶ୍ୱର,୧୫।୧ (ଭାସ୍କର ନ୍ୟୁଜ): ରାଜ୍ୟର ୮୦ ବର୍ଷ ବା ତା'ଠାରୁ ଉର୍ଦ୍ଧ୍ୱ ବୟସ୍କ ବ୍ୟକ୍ତି ଏବଂ ୮୦ ପ୍ରତିଶତ ବା ତଦୁର୍ଦ୍ଧ ଭିନ୍ନକ୍ଷମ ହିତାଧିକାରୀମାନେ ଆଜିଠାରୁ ମାସକୁ ୩୫୦୦ ଟଙ୍କା ପେନସନ ପାଇବେ । ପୂର୍ବରୁ ସେମାନେ ୧୨୦୦ ଟଙ୍କା ପେନସନ ପାଉଥିବା ବେଳେ ଏଥିରେ ୨୩୦୦ ଟଙ୍କା ବୃଦ୍ଧି କରାଯାଇ ୩୫୦୦ ଟଙ୍କା କରାଯାଇଛି । ଏହା ଦ୍ୱାରା ରାଜ୍ୟର ୪,୧୭,୪୯୬ ଜଣ ବ୍ୟକ୍ତି ଉପକୃତ ହେବେ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର କେନ୍ଦୁଝର ଠାରେ ଏହି ବର୍ଦ୍ଧିତ ଭତ୍ତା ବିତରଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଯେଉଁ ସମାଜରେ ବରିଷ୍ଠ ନାଗରିକ, ଭିନ୍ନକ୍ଷମ ଓ ଅସହାୟ ବ୍ୟକ୍ତିଙ୍କୁ ସମ୍ମାନ ଓ ଆଦର ଦିଆଯାଏ, ସେହି ସମାଜ ହେଉଛି ଏକ ଆଦର୍ଶ ସମାଜ । ଏ ମାନଙ୍କ ପ୍ରତି ସମାଜ ସମ୍ବେଦନଶୀଳ ହେବା ଆବଶ୍ୟକ। ବରିଷ୍ଠ ନାଗରିକ ମାନେ ହେଉଛନ୍ତି ଆମ ଆସ୍ଥା ଓ ବିଶ୍ୱାସର ମନ୍ଦିର । ସେମାନଙ୍କ ହସ, ଖୁସି ଏବଂ ଯୁବ ସମାଜ ଉପରେ ସେମାନଙ୍କ ଅଖଣ୍ଡ ଆସ୍ଥା ହିଁ ଆମ ବିରଳ ସମ୍ପତ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । କେନ୍ଦୁଝର ଧରଣୀଧର ବିଶ୍ୱବିଦ୍ୟାଳୟ ପଡିଆରେ ଆୟୋଜିତ ଏହି ରାଜ୍ୟ ସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ରାଷ୍ଟ୍ରୀୟ ସାମାଜିକ କାର୍ଯ୍ୟକ୍ରମର ହିତାଧିକାରୀ ହୁଅନ୍ତୁ ବା ମଧୁବାବୁ ପେନସନ ହିତାଧିକାରୀ, ସମସ୍ତେ ଏହି ବର୍ଦ୍ଧିତ ପେନସନ ପାଇବେ । କେନ୍ଦୁଝର ଜିଲ୍ଲାର ମଧ୍ୟ ୯,୯୧୩ ଜଣ ବ୍ୟକ୍ତି ଏଥିରେ ଅନ୍ତର୍ଭୁକ୍ତ ଅଛନ୍ତି। ଆଜିର ଏହି କାର୍ଯ୍ୟକ୍ରମ ଏକ ଆଦର୍ଶ ସମାଜ ଆଡକୁ ଆମ ଯାତ୍ରାର ଏକ ଗୁରୁତ୍ୱପୂର୍ଣ୍ଣ ପାହାଚ ।। ନୂଆ ସରକାର ଆପଣ ମାନଙ୍କୁ କଥା ଦେଇଥିଲେ, କଥା ରଖିଛନ୍ତି । ଆପଣ ମାନଙ୍କ ପାଇଁ ଏହି ବର୍ଦ୍ଧିତ ପେନସନର ଶୁଭାରମ୍ଭ କରି ମୁଁ ବ୍ୟକ୍ତିଗତ ଭାବରେ ବହୁତ ଖୁସି ବୋଲି ସେ କହିଥିଲେ । ମୁଖ୍ୟମନ୍ତ୍ରୀ ଆହୁରି ମଧ କହିଥିଲେ ଯେ, ଜଣେ ମଣିଷ ଭାବରେ ଆପଣ ଯଦି, ବୟସ୍କ ଓ ଭିନ୍ନକ୍ଷମଙ୍କୁ କିଛି ସହାୟତା ବା ସହଯୋଗ କରିପାରନ୍ତି, ତାହା ବାସ୍ତବିକ ମନକୁ ଖୁସି ଦିଏ ଏବଂ ପୁଣ୍ୟ ଅର୍ଜନ ହୋଇଥାଏ । ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ବୟସ୍କ, ଭିନ୍ନକ୍ଷମ ମାନେ ସେମାନଙ୍କର ସମସ୍ୟା ନେଇ ଆସିଥାନ୍ତି । ● ପୃଷ୍ଠା ୫ ଦେଖନ୍ତୁ

## ନୌସେନାରେ ସାମିଲ ହେଲା ୩ ଯୁଦ୍ଧ ଜାହାଜ

# ଆତ୍ମନିର୍ଭର ଭାରତକୁ ବଳ ଯୋଗାଇବ: ପ୍ରଧାନମନ୍ତ୍ରୀ



ମୁମ୍ବାଇ/ନୂଆଦିଲ୍ଲୀ, ୧୫।୧ : ଭାରତୀୟ ନୌସେନାର ଏକ ଗୌରବମୟ ଇତିହାସ ରହିଛି। ଭାରତ ବିସ୍ତାରବାଦ ନୁହେଁ, ବିକାଶର ମନୋଭାବ ସହିତ କାର୍ଯ୍ୟକରେ। ନୌସେନାକୁ ନୂତନ ଶକ୍ତି ମିଳିଛି । ଯାହାକି ଆତ୍ମନିର୍ଭର ଭାରତକୁ ବଳ ଯୋଗାଇବ ବୋଲି କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ବୁଧବାର ମୁମ୍ବାଇର ଭାରତୀୟ ନୌସେନା ଡକ୍‌ୟାର୍ଡରେ ତିନୋଟି ନୌସେନା ଯୁଦ୍ଧ ଜାହାଜ ଆଇଏନଏସ ସୁରତ, ଆଇଏନଏସ୍ ନୀଳଗିରି ଏବଂ ଆଇଏନ୍‌ଏସ୍ ବାଘଶୀରକୁ ଜାତି ଉଦ୍ଦେଶ୍ୟରେ ଉତ୍ସର୍ଗ କରିବା ଅବସରରେ ପ୍ରଧାନମନ୍ତ୍ରୀ ଏହି ମନ୍ତବ୍ୟ ରଖିଛନ୍ତି। ସେ କହିଛନ୍ତି, ଏହି ତିନୋଟି ଯୁଦ୍ଧ ଜାହାଜ ଭାରତରେ ନିର୍ମିତ, ଯାହା ଦେଶର ସୁରକ୍ଷାକୁ ଏକ ନୂଆ ଶକ୍ତି ଦେବ। ଏହା ସମଗ୍ର ଅଞ୍ଚଳକୁ ଆତଙ୍କବାଦ ଓ ନିଶାଦ୍ରବ୍ୟ ଚୋରା ଚାଲାଣରୁ ରକ୍ଷା କରିବ। ସେ ଆହୁରି କହିଥିଲେ ଯେ ଆମେ ନୌସେନାକୁ ସୁଦୃଢ କରିବା ପାଇଁ ପଦକ୍ଷେପ ନେଉଛୁ। ଆଜି ଭାରତର ସାମୁଦ୍ରିକ ଐତିହ୍ୟ, ନୌସେନାର ଗୌରବମୟ ଇତିହାସ ଏବଂ ଆତ୍ମନିର୍ଭରଶୀଳ ଭାରତ ଅଭିଯାନ ପାଇଁ ଏକ ବଡ଼ ଦିନ। ଛତ୍ରପତି ଶିବାଜୀ ମହାରାଜା ନୌସେନାକୁ ନୂତନ ଶକ୍ତି ଓ ଦୃଷ୍ଟିକୋଣ ଦେଇଥିଲେ। ସେହି ଛତ୍ରପତି ଶିବାଜୀଙ୍କ ପବିତ୍ର ଭୂମିରେ ଆମେ ୨୧ତମ ଶତାବ୍ଦୀର ନୌସେନାକୁ ସୁଦୃଢ କରିବା ପାଇଁ ବଡ଼ ପଦକ୍ଷେପ ନେଇଛୁ। ମୋଦୀ କହିଥିଲେ ଯେ ଆଜି ଭାରତ ସାରା ବିଶ୍ୱରେ ଏବଂ ବିଶେଷକରି ଗ୍ଲୋବାଲ ସାଉଥରେ ଏକ ନିର୍ଭରଯୋଗ୍ୟ ଏବଂ ଦାୟିତ୍ୱବାନ୍ ଅଂଶୀଦାର ଭାବେ ସ୍ୱୀକୃତି ପାଉଛି । ଭାରତ ବିସ୍ତାରବାଦ ନୁହେଁ, ବିକାଶ ଭାବନାରେ କାମ କରେ। ପ୍ରତିବର୍ଷ ଜାନୁଆରୀ ୧୫କୁ ନୌସେନା ଦିବସ ଭାବେ ପାଳନ କରାଯାଏ। ଦେଶକୁ ସୁରକ୍ଷା ଦେବାପାଇଁ ନିଜ ଜୀବନ ଉତ୍ସର୍ଗ କରୁଥିବା ପ୍ରତ୍ୟେକ ସାହସୀଙ୍କୁ ● ପୃଷ୍ଠା ୫ ଦେଖନ୍ତୁ

## ସଂକ୍ଷେପରେ...

### ଆଲୋକ ପ୍ରଧାନ ମୁଖ୍ୟମନ୍ତ୍ରୀଙ୍କ ଯୁଗ୍ମ ସଚିବ ନିଯୁକ୍ତ

ଭୁବନେଶ୍ୱର, ୧୫।୧ (ଭାସ୍କର ନ୍ୟୁଜ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଯୁଗ୍ମ ସଚିବ ଭାବେ କେନ୍ଦୁଝର ଏଡିଏମ୍ ତଥା ବରିଷ୍ଠ ଓଏଏସ୍ ଅଧିକାରୀ ଆଲୋକ କୁମାର ପ୍ରଧାନଙ୍କୁ ନିଯୁକ୍ତି ଦିଆଯାଇଛି। ସେହିପରି ଖୋର୍ଦ୍ଧା ଉପଜିଲ୍ଲାପାଳ ପଦ୍ମଚରଣ ସାହୁଙ୍କୁ କ୍ରୀଡ଼ା ଓ ଯୁବସେବା ବିଭାଗର ଉପସଚିବ ଭାବେ ନିଯୁକ୍ତି ଦିଆଯାଇଥିବାବେଳେ କେନ୍ଦୁଝର ଆନନ୍ଦପୁର ଅତିରିକ୍ତ ଉପଜିଲ୍ଲାପାଳ କିଶୋର କୁମାର ପଣ୍ଡାଙ୍କୁ ଖୋର୍ଦ୍ଧା ଉପଜିଲ୍ଲାପାଳ ଭାବେ ଦାୟିତ୍ୱ ଦିଆଯାଇଛି।

### ଶ୍ରୀମନ୍ଦିର ଭିତରେ ଟଳି ପଡ଼ିଲେ ସେବାୟତ

ପୁରୀ, ୧୫।୧ (ଭାସ୍କର ନ୍ୟୁଜ): ବୁଧବାର ପୁରୀ ଶ୍ରୀମନ୍ଦିର ଭିତରେ ଜଣେ ସେବାୟତଙ୍କର ହୃଦଘାତରେ ମୃତ୍ୟୁ ଘଟିଛି। ସୁଆରବଡୁ ସେବାୟତ ଜଗନ୍ନାଥ ସୁନାଥାଳି ମଧ୍ୟାହ୍ନ ଧୂପ ନୀତି ସମୟରେ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ଚିକିତ୍ସାଲାଗି ତୁରନ୍ତ ଜିଲ୍ଲା ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ।

### ସିରିଜ୍ ଏଟିଏମ୍ ଲୁଟ୍

ବୌଦ୍ଧ/ରେଢାଖୋଲ, ୧୫।୧ (ଭାସ୍କର ନ୍ୟୁଜ): ମଙ୍ଗଳବାର ବିଳମ୍ବିତ ରାତିରେ ବୌଦ୍ଧ ଜିଲ୍ଲା ବଢିଗାଁ ଏବଂ ବୀରନରସିଂହପୁରରେ ଥିବା ଏସ୍‌ବିଆଇ ଏଟିଏମ୍‌ରୁ ବଡ଼ଧରଣର ଲୁଟ୍ ହୋଇଛି। ଦୁର୍ବୃତ୍ତମାନେ ଏଟିଏମ୍ ତାଡ଼ି ଲକ୍ଷାଧିକ ଟଙ୍କା ନେଇ ଯାଇଥିବା ଥାନାରେ ଅଭିଯୋଗ ହୋଇଛି। ସେହିପରି ରେଢାଖୋଲର ବିସିପାଲି ଛକରେ ଥିବା ଏସ୍‌ବିଆଇ ଏଟିଏମ୍‌କୁ ମଧ୍ୟ ଦୁର୍ବୃତ୍ତ ଭାଙ୍ଗି ଲକ୍ଷାଧିକ ଟଙ୍କା ନେଇଯାଇଛନ୍ତି। ପୋଲିସ ସିସିଟିଭି ଆଧାରରେ ତଦନ୍ତ ଆରମ୍ଭ କରିଛି।

ସେନ୍‌ସେକ୍ସ: ୭୬,୭୨୪.୦୮
ସର୍ବାଧିକ: ୨୬.୦ ଡିଗ୍ରୀ
ସର୍ବନିମ୍ନ: ୧୬.୨ ଡିଗ୍ରୀ

### ୧୫।୧।୨୦୨୫ ର ମତାମତ

ପ୍ରୟାଗରାଜର ମହାକୁମ୍ଭ ମେଳା ଆର୍ଥିକ ଅଭିବୃଦ୍ଧିରେ ସହାୟକ ହେବ କି ?




### ଆଜିର ପ୍ରସଙ୍ଗ

ଜାତୀୟ ଶିକ୍ଷାନୀତି ଲାଗୁ ହେଲେ ଏହା ଛାତ୍ରଛାତ୍ରୀଙ୍କ ଶିକ୍ଷାର ବିକାଶ କରିବ କି ?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ www.odishabhaskar.com

## ପାକିସ୍ତାନକୁ ରାଜନାଥଙ୍କ ଚେତାବନୀ

# ପିଓକେ ବିନା ଜାମ୍ମୁକାଶ୍ମୀର ଅସମ୍ପୂର୍ଣ୍ଣ



ଶ୍ରୀନଗର, ୧୫।୧: ପାକ୍ ଅଧିକୃତ କାଶ୍ମୀରରେ ପାକିସ୍ତାନ ଆତଙ୍କବାଦୀ ଶିବିର ପରିଚାଳନା କରିବା ସହ ସେମାନଙ୍କୁ ତାଲିମ ଦେବା ଘଟଣାକୁ ନେଇ କେନ୍ଦ୍ର ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ କ୍ଷୋଭ ପ୍ରକାଶ କରିଛନ୍ତି। ଏ ନେଇ ସେ ପାକିସ୍ତାନକୁ ଚେତାବନୀ ମଧ୍ୟ ଦେଇଛନ୍ତି। ଶ୍ରୀ ସିଂହ କହିଛନ୍ତି ଯେ ପିଓକେ ବିନା ଜାମ୍ମୁକାଶ୍ମୀର ଅସମ୍ପୂର୍ଣ୍ଣ। ପିଓକେ ପାକିସ୍ତାନର ଏକ ବିଦେଶୀ ପରିସର ଛଡ଼ା ଅନ୍ୟ କିଛି ନୁହେଁ। କେବଳ ଆତଙ୍କବାଦୀ କାର୍ଯ୍ୟକଳାପ ପାଇଁ ପାକିସ୍ତାନ ପିଓକେ ମାଟିକୁ ବ୍ୟବହାର କରୁଛି। ସେଠାରେ ଆତଙ୍କବାଦୀଙ୍କ ତାଲିମ ଶିବିର ଚାଲିଛି। ସେ ପାକିସ୍ତାନକୁ ଚେତାବନୀ ଦେଇ କହିଥିଲେ ଯେ ଆତଙ୍କବାଦୀ ଶିବିରଗୁଡ଼ିକୁ ତୁରନ୍ତ ଧ୍ୱଂସ ନ କଲେ ଏହାର ପରିଣାମ ଭୋଗିବାକୁ ପଡ଼ିବ। ବୁଧବାର ଜାମ୍ମୁକାଶ୍ମୀରର ଅଖନୁରରେ ନବମ ସେନାବାହିନୀ ଭେଟେରାନ୍ସ ଡେ କାର୍ଯ୍ୟକ୍ରମରେ ଶ୍ରୀ ସିଂହ ଏହା କହିଛନ୍ତି । ରାଜନାଥ କହିଥିଲେ ଯେ ୧୯୬୫ରେ ସୀମାପାର ଆତଙ୍କବାଦ ପ୍ରକ୍ରିୟା ଶେଷ କରାଯାଇପାରିଥାନ୍ତା। କିନ୍ତୁ ତତ୍କାଳୀନ ସରକାର ଏହା କରିବାରେ ସକ୍ଷମ ହୋଇନଥିଲେ। ସେ ଆହୁରି କହିଥିଲେ ଯେ ଆମର ମୁସଲମାନ ଭାଇମାନେ ଆତଙ୍କବାଦ ବିରୋଧରେ ସେମାନଙ୍କ ଜୀବନ ଦେଇଥିଲେ। ବିଶେଷକରି ୮୦ ପ୍ରତିଶତରୁ ଅଧିକ ଆତଙ୍କବାଦୀ ପାକିସ୍ତାନପଟୁ ଭାରତ ଭିତରକୁ ପ୍ରବେଶ କରୁଛନ୍ତି । ବର୍ତ୍ତମାନ ଆମ ସରକାରଙ୍କ ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ହେଉଛି କାଶ୍ମୀର ଏବଂ ଦେଶର ଅନ୍ୟ ଅଂଶମଧ୍ୟରେ ଥିବା ଦୂରତାକୁ ହ୍ରାସ କରିବା। ଅନ୍ୟପକ୍ଷରେ ସୀମାରେ ଅଶାନ୍ତି ସୃଷ୍ଟି କରିବାରେ ପାକିସ୍ତାନର ହାତ ରହିଛି। ବିନା କାରଣରେ ଗୁଳିମାଡ଼ କରିବା ସହ ଭାରତୀୟ ସେନା ଉପରେ ଆକ୍ରମଣ ମଧ୍ୟ କରାଯାଉଛି। ତେବେ ପାକିସ୍ତାନକୁ ପାନେ ଦେବାପାଇଁ ବିଏସଏଫ ପକ୍ଷରୁ ରଣନୀତି ପ୍ରସ୍ତୁତ ହୋଇଛି। ଖୁବ୍‌ଶୀଘ୍ର ବିଏସ୍‌ଏଫକୁ ପର୍ଶୁରାମଙ୍କ ଅସ୍ତ୍ର ଭାର୍ଗବାସ୍ତ୍ର ପ୍ରଦାନ କରାଯିବ ବୋଲି ସୂଚନା ମିଳିଛି। ସୂଚନାଯୋଗ୍ୟ ଯେ ପାକ୍ ତାଲିମପ୍ରାପ୍ତ ଆତଙ୍କବାଦୀମାନେ ଲୁଚାଛପାରେ ସୀମା ପାର ହୋଇ ଜାମ୍ମୁକାଶ୍ମୀରରେ ପ୍ରବେଶ କରିବା ସହ ବହୁ ସମୟରେ ଜଘନ୍ୟ କାଣ୍ଡମାନ ଘଟାଉଛନ୍ତି। ଏହାର ମୁଖ୍ୟ ପେଣ୍ଠସ୍ଥଳ ପାକ୍ ଅଧିକୃତ କାଶ୍ମୀର ବୋଲି ଭାରତ ଅନୁଭବ କରୁଛି।

## ତୁଟିଲା ବିବାଦ, ସ୍ୱାଭାବିକ ହେଲା ନୀତିକାନ୍ତି

# ‘ଏଣିକି ବନ୍ଦ କଲେ କଡ଼ା କାର୍ଯ୍ୟାନୁଷ୍ଠାନ’





ଭୁବନେଶ୍ୱର, ୧୫।୧ (ଭାସ୍କର ନ୍ୟୁଜ): ଶ୍ରୀଲିଙ୍ଗରାଜ ମନ୍ଦିରରେ ସେବାୟତଙ୍କ ବିବାଦକୁ ନେଇ ମହାପ୍ରଭୁଙ୍କ ନୀତିକାନ୍ତି ବନ୍ଦ ରହିବା ଦୁର୍ଭାଗ୍ୟଜନକ ବୋଲି କହିଛନ୍ତି ରାଜ୍ୟ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ସେ କହିଛନ୍ତି, ଆଗାମୀ ଦିନରେ ଏପରି କରାଗଲେ ସରକାରଙ୍କ ପକ୍ଷରୁ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। କୌଣସି ସ୍ଥାନରେ ଠାକୁରଙ୍କ ନୀତିକାନ୍ତିରେ ବ୍ୟାଘାତ ଘଟିଲେ ସରକାର ଏହାକୁ ଗୁରୁତ୍ୱର ସହ ନେବେ। ଅଯୌକ୍ତିକ ଭାବେ ନୀତିକାନ୍ତି ବନ୍ଦ ହୋଇଥିଲେ ସଂପୃକ୍ତ ବ୍ୟକ୍ତିବିଶେଷଙ୍କ ବିରୁଦ୍ଧରେ ମଧ୍ୟ ପଦକ୍ଷେପ ଗ୍ରହଣ କରାଯିବ। ବୁଧବାର ଅପରାହ୍ନରେ ଆଇନମନ୍ତ୍ରୀ ଶ୍ରୀ ହରିଚନ୍ଦନଙ୍କ ବାସଭବନରେ ଶ୍ରୀଲିଙ୍ଗରାଜ ଟ୍ରଷ୍ଟବୋର୍ଡର ଏକ ଜରୁରିକାଳୀନ ବୈଠକ ବସି ବିବାଦର ସମାଧାନ ହୋଇଥିବା ସୂଚନା ଦିଆଯାଇଛି। ସମାଧାନ ପରେ ତୁରନ୍ତ ମହାପ୍ରଭୁଙ୍କ ନୀତିକାନ୍ତି ଆରମ୍ଭ ହୋଇଥିବା ସୂଚନା ଦିଆଯାଇଛି। ଟ୍ରଷ୍ଟବୋର୍ଡ ପକ୍ଷରୁ ସମସ୍ତ ସେବାୟତ ବନ୍ଧୁଙ୍କୁ ନୀତିକାନ୍ତି ବନ୍ଦ ନ ହେବା ପାଇଁ ଅନୁରୋଧ କରାଯିବ। କୌଣସି ସମୟରେ ଯେପରି ନୀତିକାନ୍ତି ବନ୍ଦପରି ଅଘଟଣ ନ ଘଟେ ସେଥିପାଇଁ ଟ୍ରଷ୍ଟବୋର୍ଡ ଏକ ଦୃଢ ନିଷ୍ପତ୍ତି ମଧ୍ୟ ନେବେ। ସେ କହିଥିଲେ, ସେବାପୂଜାର ସ୍ୱତ୍ତ୍ୱଲିପିର ଆଇନଗତ ଦିଗରେ ସମସ୍ୟା ରହିଛି। ଏଥିପାଇଁ ଖୁବ୍‌ଶୀଘ୍ର ଅବସରପ୍ରାପ୍ତ ହାଇକୋର୍ଟ ବିଚାରପତିଙ୍କ ଅଧ୍ୟକ୍ଷତାରେ ଏକକ ସଦସ୍ୟ ବିଶିଷ୍ଟ କମିଶନ ସ୍ଥାପନ କରାଯିବ। ଏହାପରେ କମିଶନ ବିଭିନ୍ନ ନିଯୋଗ ସହ କଥାହେବେ। ରେକର୍ଡ ଅଫ୍ ରାଇଟ୍ ଲାଗୁ କରିବା ପାଇଁ ଯେଉଁ ପ୍ରକ୍ରିୟା ତାହା ଦେବୋତ୍ତର ବିଭାଗ ପକ୍ଷରୁ କରାଯିବ। ଏହା ଲାଗୁ ହେବାପରେ ସ୍ୱତ୍ତ୍ୱଲିପି ନେଇ ସେବାୟତ ଗୋଷ୍ଠୀ ମଧ୍ୟରେ ଆଗାମୀ ଦିନରେ କୌଣସି ସମସ୍ୟା ରହିବ ନାହିଁ । ତେବେ ଗୋଟିଏ କଥା ସ୍ପଷ୍ଟ ଯେ ବୈଠକକୁ ଯେଉଁମାନେ ଆସିଥିଲେ ଓ ଯେଉଁମାନେ ନ ଆସିଥିଲେ ସେମାନଙ୍କୁ ଅନୁରୋଧ, ଯଦି କୌଣସି ସମସ୍ୟା ସୃଷ୍ଟି ହେଉଛି, ତେବେ ତୁରନ୍ତ ଟ୍ରଷ୍ଟବୋର୍ଡକୁ ଅବଗତ କରାଇବା ଜରୁରି। କିନ୍ତୁ ସେହି ଆଳରେ ସେବାପୂଜା ବନ୍ଦକୁ ସରକାର ଆଦୌ ଗ୍ରହଣ କରିବେ ନାହିଁ । ସ୍ୱତ୍ତ୍ୱଲିପିର ପୁନର୍ବିନ୍ୟାସ ନ ହେବା ପର୍ଯ୍ୟନ୍ତ ଲିଙ୍ଗରାଜଙ୍କ ସେବା ପୂଜାରେ ଯେପରି କୌଣସି ବ୍ୟାଘାତ ନ ଘଟେ ସେଥିନେଇ ଆଇନମନ୍ତ୍ରୀ ମଧ୍ୟ ଚେତାବନୀ ଦେଇଥିବା ସୂଚନା ମିଳିଛି।

## ତୀର୍ଯ୍ୟକ

ଅର୍ଚ୍ଚିତ ଅନିର୍ବାଣ



କଅଣ କହିଲେ ବିଶ୍ୱାଳ ଭାଇନା
ମୂଷା ଓ ଚୁଚୁନ୍ଦ୍ରା କିଏ ( ? )
ଏମିତିକା ଜନ୍ତୁ ଦଳରେ ରହିବା
ଅଡୁଆ ସୂତାରୁ ଖିଏ ।
ଯେଉଁ ଦଳ କଥା ଇଏ ( ? )
ଯିଏ ବି ଶୁଣୁଛି ସିଏ ବି କହୁଛି
ସତଟା ଶହେରୁ ଶହେ !!

## ଗଣଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି

# ଚଳିତବର୍ଷରୁ ଲାଗୁ ହେବ ଜାତୀୟ ଶିକ୍ଷାନୀତି

ଭୁବନେଶ୍ୱର, ୧୫।୧ (ଭାସ୍କର ନ୍ୟୁଜ): ଚଳିତ ଶିକ୍ଷାବର୍ଷରୁ ଲାଗୁ ହେବ ଜାତୀୟ ଶିକ୍ଷାନୀତି। ଜାତୀୟ ଶିକ୍ଷାନୀତି-୨୦୨୦ ଲାଗୁ ପାଇଁ ବୁଧବାର ରାଜ୍ୟ ଗଣଶିକ୍ଷା ବିଭାଗ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ କରିବା ପାଇଁ ଏହି ନିଷ୍ପତ୍ତି ନିଆଯାଇଥିବା ବିଭାଗ ପକ୍ଷରୁ କୁହାଯାଇଛି। ଆଞ୍ଚଳିକ ବିଷୟବସ୍ତୁକୁ ବିଚାରକୁ ନେଇ କରିକୁଲମ୍ ପ୍ରସ୍ତୁତ କରାଯିବ। ସମସ୍ତ ସରକାରୀ ବିଶ୍ୱବିଦ୍ୟାଳୟ ଓ ଅନୁବନ୍ଧିତ ମହାବିଦ୍ୟାଳୟଗୁଡ଼ିକରେ ଏହା ଲାଗୁ କରାଯିବ। ନୂତନ ଶିକ୍ଷାନୀତି-୨୦୨୦ ଅନୁଯାୟୀ ଓଡ଼ିଶାରେ ୪ବର୍ଷର ସ୍ନାତକ ବା ଗ୍ରାଜୁଏସନ କୋର୍ସ ଆରମ୍ଭ କରାଯିବ। ପ୍ରତି ଶିକ୍ଷାବର୍ଷ ପରେ ଯୋଗ୍ୟ ଛାତ୍ରଛାତ୍ରୀଙ୍କୁ ସାର୍ଟିଫିକେଟ, ଡିପ୍ଲୋମା, ଡିଗ୍ରୀ ଓ ଡିଗ୍ରୀ ଅନର୍ସ ପ୍ରଦାନ କରାଯିବ। କମ୍ୟୁନିଟି ସର୍ଭିସ ଓ ଅନ୍ୟାନ୍ୟ ପାଠ୍ୟକ୍ରମ ବହିର୍ଭୂତ କାର୍ଯ୍ୟକଳାପ, ଏନସିସି, ଏନଏସଏସ ପାଇଁ ମଧ୍ୟ କ୍ରେଡିଟ୍ ପ୍ରଦାନ କରାଯିବ। ଏହାଫଳରେ ଛାତ୍ରଛାତ୍ରୀ ନିଜ ଇଚ୍ଛାରେ ବିଷୟ ଚୟନ କରିପାରିବେ। ଏକାଧିକ ଥର ପାଇଁ ଉଚ୍ଚଶିକ୍ଷା ଅନୁଷ୍ଠାନରେ ପ୍ରବେଶ ଓ ପ୍ରସ୍ଥାନ କରିପାରିବେ। ଏହାସହିତ ୭ ବର୍ଷରେ ତାଙ୍କର ଡିଗ୍ରୀ କୋର୍ସ ସଂପୂର୍ଣ୍ଣ କରିପାରିବେ। ନୂଆ ଶିକ୍ଷାନୀତିରେ ଗବେଷଣା ଓ ପ୍ରାକ୍ଟିକାଲକୁ ମଧ୍ୟ ଗୁରୁତ୍ୱ ଦିଆଯାଇଛି। ନୂତନ ଶିକ୍ଷାନୀତି ଅନୁସାରେ ଓଡ଼ିଶାର ଉଚ୍ଚଶିକ୍ଷା ବ୍ୟବସ୍ଥାକୁ ଅଧିକ ଗୁଣାତ୍ମକ, ସ୍ୱାୟତ୍ତ ଏବଂ ସମାବେଶୀ କରିବାକୁ ପଦକ୍ଷେପ ନିଆଯାଇଛି। ପାଠ୍ୟକ୍ରମକୁ ଅଧିକ ରୋଜଗାର ଭିତ୍ତିକ ଏବଂ ଶିଳ୍ପ ଆବଶ୍ୟକତା ଅନୁଯାୟୀ କରାଯିବ। ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ବିଶ୍ୱବିଦ୍ୟାଳୟଗୁଡ଼ିକ ନୂତନ ସିଲାବସ୍ ଓ କ୍ରେଡିଟ୍ ଫ୍ରେମ୍‌ୱାର୍କ ଅନୁଯାୟୀ ଜାତୀୟ ଶିକ୍ଷାନୀତି ଲାଗୁ କରିପାରିବେ ବୋଲି ବିଜ୍ଞପ୍ତିରେ କୁହାଯାଇଛି।

## ଶିକାରୀଙ୍କ ଚରାଭୂଇଁ ପାଲଟିଛି ଶିମିଳିପାଳ

# ବିରଳ କଳାବାଘକୁ ବି ମାରିଦେଲେ



ବାରିପଦା, ୧୫।୧ (ଭାସ୍କର ନ୍ୟୁଜ): ଶିକାରୀଙ୍କ ଚରାଭୂଇଁ ପାଲଟିଛି ଶିମିଳିପାଳ। ମାସକ ମଧ୍ୟରେ ଶିମିଳିପାଳ ଅଭୟାରଣ୍ୟ ଅଞ୍ଚଳରୁ ଦୁଇ ଦୁଇଟି ମହାବଳ ଶିକାର ପରେ ବ୍ୟାଘ୍ର ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେବେ ସବୁଠାରୁ ବଡ଼କଥା ହେଉଛି ଶିକାରୀଙ୍କ ଟାର୍ଗେଟ ଏବେ ଶିମିଳିପାଳର ବିରଳ କଳାବାଘ। ଗୁଳିମାରି କଳାବାଘକୁ ମାରିଦେଲେ। ଛାଲ ବି ଉତାରି ନେଲେ। ଏହି ଘଟଣାରେ ୪ ଜଣଙ୍କୁ ଗିରଫ କରାଯାଇଛି। ଶିମିଳିପାଳରେ ବାଘବଂଶ ବଢାଇବା ପାଇଁ ଦୁଇଟି ବାଘୁଣୀ ଅଣାଯାଇଛି। ହେଲେ ମାସକ ଭିତରେ ଦୁଇ ଦୁଇଟି ମହାବଳ ବାଘର ଛାଲ ଜବତ କରାଯାଇଛି। ଗତବର୍ଷ ଡିସେମ୍ବର ୨୩ରେ ଶିମିଳିପାଳ ଅଭୟାରଣ୍ୟର ସୋର ଅଞ୍ଚଳରୁ ଏକ ପ୍ରାପ୍ତ ବୟସ୍କ ରୟାଲ ବେଙ୍ଗଲ ଟାଇଗରର ଛାଲ ଡିଲବେଳେ ଜବତ କରାଯାଇଥିଲା। ଏଥିରେ ବାଲେଶ୍ୱର ବନବିଭାଗ ୧୧ଜଣଙ୍କୁ ଗିରଫ କରିଥିଲା। ତେବେ ବାରିପଦାର ଆରସିସିଏଫ କହିଛନ୍ତି ଯେ ଶିମିଳିପାଳ ଦକ୍ଷିଣ ୱାଇଲଡ୍ ଲାଇଫ ଡିଭିଜନର ସ୍ୱତନ୍ତ୍ର ଏନଫୋର୍ସମେଣ୍ଟ ୱିଙ୍ଗ୍ ପକ୍ଷରୁ ଗତ ୧୨ ତାରିଖ ରାତିରେ ୪ଜଣଙ୍କୁ ଗିରଫ କରାଯିବା ସହ କଳାବାଘର ଛାଲକୁ ଜବତ କରାଯାଇଛି। ଏହାର ବୟସ ଦେଢବର୍ଷ ହେବ । ତେବେ ଏହା ଅଣ୍ଡିରା କି ମାଈ ସ୍ପଷ୍ଟ ହୋଇନାହିଁ । ତେବେ କଳାବାଘଟିକୁ କେବେ ଶିକାର କରାଯାଇଛି ସେ ନେଇ କିଛି ସ୍ପଷ୍ଟ ସୂଚନା ● ପୃଷ୍ଠା ୫ ଦେଖନ୍ତୁ

## ନିଆଁକୁ ବଳ ଦେଉଛି ପବନ

# ହଜାର ହଜାର ଘର ଜଳି ଛାରଖାର



ନୂଆଦିଲ୍ଲୀ, ୧୫।୧: କାଲିଫର୍ଣ୍ଣିଆ ଜଙ୍ଗଲରେ ଲାଗିଥିବା ନିଆଁ ଭୟଙ୍କର ରୂପ ଧାରଣ କରିଛି। ଏହି ନିଆଁକୁ ଲିଭାଇବା ପାଇଁ ଜୋରଦାର ପ୍ରୟାସ ଚାଲୁ ରହିଥିବାବେଳେ ଏହାକୁ ପବନ ବଳ ଦେଉଥିବା କୁହାଯାଉଛି। ଫଳରେ ହଜାର ହଜାର ଘର ଜଳି ପାଉଁଶ ହୋଇଯାଇଛି। ଆଗକୁ ପବନର ବେଗ ୭୦ କିମିରୁ ଅଧିକ ରହିବ ବୋଲି ପାଣିପାଗ ବିଭାଗ ସୂଚନା ଦେବାପରେ ଏହି ନିଆଁ ଅଧିକ ଅଞ୍ଚଳକୁ ବ୍ୟାପିବାର ସମ୍ଭାବନା ଦେଖାଦେଇଛି। ହଜାର ହଜାର ଆଲିଶାନ କୋଠା ପୋଡ଼ି ପାଉଁଶ ହୋଇଯାଇଛି। ହଲିଉଡ୍ ସ୍ଥିତିରେ ହାହାକାର ସ୍ଥିତି ସୃଷ୍ଟି ହୋଇଛି। ଏବେସୁଦ୍ଧା ଏହି ନିଆଁରେ ମୃତ୍ୟୁସଂଖ୍ୟା ୨୬ ପାର୍ କରିଯାଇଛି। ଲସଏଞ୍ଜେଲସ୍‌ର ଲୋକସଂଖ୍ୟା ୩୮ ଲକ୍ଷ ହୋଇଥିବାବେଳେ ୧୦ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କୁ ସୁରକ୍ଷିତ ● ପୃଷ୍ଠା ୫ ଦେଖନ୍ତୁ



ବାରିପଦା (ଭାସ୍କର ନ୍ୟୁଜ୍) : ବାରିପଦା ମୁନିସିପାଲିଟି ଅନ୍ତର୍ଗତ ୱାର୍ଡ ନଂ ୧୫ ପୂର୍ଣ୍ଣଚନ୍ଦ୍ରପୁର ଠାରେ ତ୍ରିରଙ୍ଗା କ୍ଲବ ଆନୁକୂଲ୍ୟରେ ୬ ଦିନିଆ ମକର ମହୋତ୍ସବ ଉଦଘାଟିତ ହୋଇଯାଇଛି। ଉଦଘାଟନୀ ଉତ୍ସବରେ ଅତିଥି ଭାବେ ଏମସିସି ବ୍ୟାଙ୍କ ସଭାପତି ସୁବ୍ରମନିୟମ ମହାନ୍ତି, ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା, ସ୍ଥାନୀୟ କାଉନସିଲର ନିରୁପମା ମହାନ୍ତି, ବରିଷ୍ଠ ଖେଳାଳି ବାପୁନ ବେହେରା ଓ ପ୍ରବୀର ବେହେରା ପ୍ରମୁଖ ଗ୍ରାମଦେବୀ ଲାଲପାଟ ସାଲପାଟ ମନ୍ଦିରରେ ଉପସ୍ଥିତ ରହିଥିଲେ। ଏହି କାର୍ଯ୍ୟକ୍ରମରେ କ୍ଲବର ସଭାପତି ଆଲୋକ କୁମାର ମହାନ୍ତି, ଉପ ସଭାପତି ରବୀନ୍ଦ୍ର କୁମାର ମହାନ୍ତି, ସମ୍ପାଦକ ବିଶ୍ୱରଂଜନ ବାଗ, ବରିଷ୍ଠ ସଦସ୍ୟ ସରୋଜ କୁମାର ମହାପାତ୍ର ପ୍ରମୁଖ ମଧ ଉପସ୍ଥିତ ଥିଲେ। ପରେ ପରେ ଏକ ମଶାଲ ରାଲି ବାହାରି ସହର ପରିକ୍ରମା କରିଥିଲା। ଏହି ଅବସରରେ ୧୫ ରୁ ୧୭ ପର୍ଯ୍ୟନ୍ତ ସ୍ପୋର୍ଟସ, ବ୍ୟାଡ଼ମିଣ୍ଟନ, କ୍ୟାରମ ଓ କବାଡି ଏବଂ ୧୮ ରୁ ୨୦ ପର୍ଯ୍ୟନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସଭାପତି ଆଲୋକ କୁମାର ମହାନ୍ତି ସୂଚନା ପ୍ରଦାନ କରିଛନ୍ତି।

# ତାଳଚେର-ବିମଳାଗଡ଼ ରେଳ ଲାଇନ ପ୍ରକଳ୍ପ ନିମନ୍ତେ ଟେଣ୍ଡର



ଭୁବନେଶ୍ୱର (ଭାସ୍କର ନ୍ୟୁଜ) : ବହୁ ପ୍ରତୀକ୍ଷିତ ତାଳଚେର-ବିମଳାଗଡ଼ ନୂତନ ବ୍ରଡଗେଜ୍ (BG) ରେଳ ଲାଇନ ପ୍ରକଳ୍ପକୁ ସମାପ୍ତ କରିବା ଲକ୍ଷ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ବିକାଶରେ, ରେଳ ମନ୍ତ୍ରଣାଳୟ ପ୍ରକଳ୍ପର ଅବଶିଷ୍ଟ ଅଂଶ ପାଇଁ ଟେଣ୍ଡର ଆମନ୍ତ୍ରଣ କରିଛି । ୧୪୯.୭୮ କିଲୋମିଟର ବ୍ୟାପୀ ଏହି ନୂତନ ରେଳ ଲାଇନ ଓଡ଼ିଶାର ତାଳଚେର ସହିତ ବିମଳାଗଡ଼କୁ ସଂଯୋଗ କରିବାକୁ ପ୍ରସ୍ତୁତ ଏବଂ ଟେଣ୍ଡର ଆମନ୍ତ୍ରଣରେ ମାଟି କାମ, ସେତୁ ନିର୍ମାଣ, ଷ୍ଟେସନ ସୁବିଧା, ଡ୍ରେନେଜ୍ ସିଷ୍ଟମ୍ ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଅନ୍ତର୍ଭୁକ୍ତ ଅଟେ। ଟେଣ୍ଡର ପାଇଁ ଆନୁମାନିକ ମୂଲ୍ୟ ?୭୨୬.୧୨୯ କୋଟି ଟଙ୍କା ବ୍ୟୟ ବରାଦ ରଖାଯାଇଅଛି। ତାଳଚେର-ବିମଳାଗଡ଼ ରେଳ ଲାଇନ ପ୍ରାରମ୍ଭିକ ଭାବରେ ୨୦୦୩-୦୪ ମସିହାରେ ମଞ୍ଜୁର କରାଯାଇଥିଲା କିନ୍ତୁ ଜମି ଅଧିଗ୍ରହଣ ସମସ୍ୟା, ଆଇନଗତ ବାଧା ଏବଂ ଅନ୍ୟାନ୍ୟ ଆହ୍ୱାନ ଯୋଗୁଁ ବର୍ଷ ବର୍ଷ ଧରି ଅନେକ ବିଳମ୍ବର ସମ୍ମୁଖୀନ ହୋଇଛି ।। ଏହି ବାଧା ସତ୍ତ୍ୱେ, ପ୍ରକଳ୍ପର ପ୍ରାୟ ୨୬% କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇସାରିଛି, ତାଳଚେର ଏବଂ ସୁନାଖେଣି ମଧ୍ୟରେ ୨୦ କିଲୋମିଟର ରେଳ ଲାଇନ ନିର୍ମାଣ କରାଯାଇଛି । ଏହା ସହିତ, ଚାଲୁଥିବା ନିର୍ମାଣ କାର୍ଯ୍ୟ ଅନୁଗୁଳ ଜିଲ୍ଲାର ଖମାର ଆଡକୁ ରେଳ ସଂଯୋଗକୁ ଆହୁରି ୩୦.୫ କିଲୋମିଟର ବିସ୍ତାର କରିଛି, ଯାହାର ଲକ୍ଷ୍ୟ ହେଉଛି ପ୍ରକଳ୍ପକୁ ଶୀଘ୍ର ସମାପ୍ତ କରିବା। ନିର୍ମାଣକୁ ତ୍ୱରାନ୍ୱିତ କରିବା ପାଇଁ, ରେଳ ଲାଇନର ଉଭୟ ପାର୍ଶ୍ୱ ଯଥା ତାଳଚେର ଏବଂ ବିମଳାଗଡ଼ ପାର୍ଶ୍ୱରୁ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଛି । ବିମଳାଗଡ଼-ମହୁଲଡିହା ସେକ୍ସନ ପୂର୍ବରୁ ନିର୍ମାଣାଧୀନ ଅଛି ଏବଂ ପାଲଲହଡ଼ା ଏବଂ ମହୁଲଡିହା ମଧ୍ୟରେ ଅବଶିଷ୍ଟ ୩୦.୬୨୫ କିଲୋମିଟର ରେଳ ମାର୍ଗ ପାଇଁ ସମ୍ପ୍ରତି ଏକ ଟେଣ୍ଡର ଆହ୍ୱାନ କରାଯାଇଅଛି ଯାହାକି ନିର୍ମାଣ କାର୍ଯ୍ୟ ପ୍ରକ୍ରିୟା ଅଗ୍ରଗତିକୁ ତ୍ୱରାନ୍ୱିତ କରିବ ବୋଲି ଆଶା କରାଯାଉଛି। ପୂର୍ବତଟ ରେଳପଥ ଇଞ୍ଜିନିୟରିଂ ଦଳ ସୁନାଖେଣି ଏବଂ ସମଲ ଷ୍ଟେସନ ମଧ୍ୟରେ ଅବସ୍ଥିତ ୮୪୦ ମିଟର ଲମ୍ବା ସୁଡ଼ଙ୍ଗରେ ଶେଷ ବିସ୍ଫୋରଣ ୨୦୨୧ ମସିହାରେ ସଫଳତାର ସହିତ ସମ୍ପାଦନ କରିବା ଦ୍ୱାରା ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହାସଲ ହୋଇଥିଲା । ଏହି ରେଳ ସଂଯୋଗ ଦ୍ୱାରା ଉକ୍ତ ଅଞ୍ଚଳର ଆର୍ଥିକ ଲାଭ ଯଥେଷ୍ଟ ବୃଦ୍ଧି ପାଇବ। ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ନେତୃତ୍ୱରେ ସ୍ଥାନୀୟ ସହଭାଗୀ ଏବଂ ଶିଳ୍ପମାନଙ୍କ ଲାଭ ପାଇଁ ଟ୍ରାଫିକ୍ ଗତିବିଧିକୁ ସୁଗମ କରିବା ଏବଂ ସୁବିଧାଗୁଡ଼ିକୁ ଉନ୍ନତ କରିବା ପାଇଁ ରେଳବାଇ ପକ୍ଷରୁ ପ୍ରୟାସ ଜାରି ରହିଛି ।

# ମନ୍ଦିର ପ୍ରତିଷ୍ଠା ନିମନ୍ତେ ଭୂମିପୂଜନ

ତାଳଚେର (ଭାସ୍କର ନ୍ୟୁଜ): ତାଳଚେର ପୌରପରିଷଦ ଅନ୍ତର୍ଗତ ନବମିଶ୍ର କଲୋନୀ ଠାରେ ୩ଟି ଭବ୍ୟମନ୍ଦିର ପ୍ରତିଷ୍ଠା ନିମନ୍ତେ ୨୪କୁଣ୍ଡୀୟ ଯଜ୍ଞର ଭୂମିପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଗାୟତ୍ରୀ ପରିବାର ଓ କଲୋନୀବାସୀଙ୍କ ସହାୟତାରେ ଭକ୍ତମାନେ ଶୁଦ୍ଧପୂତ ଭାବେ ସୂର୍ଯ୍ୟପୂଜା, କଳସ ସ୍ଥାପନ କରି ଘଟପୂଜା, ଭୂମିପୂଜନ ଓ ବିଧିବିଧାନ ଅନୁସାରେ ସର୍ବଦେବାଦେବୀଙ୍କ ଆହ୍ୱାନ ପରେ ଯଜ୍ଞକାର୍ଯ୍ୟ ଆରମ୍ଭ ହୋଇ ଧ୍ୱଜା ଉତୋଳନ କରାଯାଇଥିଲା । ଅନୁଷ୍ଠାନର କର୍ତ୍ତାଭାବେ ମନୋଜ ସାହୁ ଦମ୍ପତି ଓ ପଣ୍ଡିତ ଶ୍ରୀ ପ୍ରସନ୍ନ ପତିଙ୍କ ଉପସ୍ଥିତିରେ ଉକ୍ତ ଭୂମିପୂଜନ କାର୍ଯ୍ୟକ୍ରମ ସମାପନ ହୋଇଥିଲା । ଘଂଟ, ଘଂଟା, ହୁଳହୁଳି ଇତ୍ୟାଦିରେ ସ୍ଥାନଟି ପ୍ରକମ୍ପିତ ହେବା ସହିତ ଗାୟତ୍ରୀ ମନ୍ତ୍ରରେ ଏକ ଭକ୍ତିମୟ ପରିବେଶ ସୃଷ୍ଟି କରିଥିଲା । ଆଜି ଠାରୁ ୧୧ଦିନ ପରେ ଅର୍ଥାତ୍ ୨୭ତାରିଖ ଠାରୁ ୫ଦିନ ବ୍ୟାପି ନୂତନଭାବେ ନିର୍ମାଣ କରାଯାଉଥିବା ଭବ୍ୟମନ୍ଦିରର ଜଗତରନାଥ ଜଗନ୍ନାଥ, ମା' ଗାୟତ୍ରୀ ଦେବୀ ଓ ମହାକାଳେଶ୍ୱରଙ୍କ ବିଗ୍ରହ ପ୍ରତିଷ୍ଠା ହେବା ନେଇ କଲୋନୀବାସୀଙ୍କ ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତି ମାଧ୍ୟରେ ଜଣାଇଛନ୍ତି ।

# ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ

ଢେଙ୍କାନାଳ (ଭାସ୍କର ନ୍ୟୁଜ): ଢେଙ୍କାନାଳ ଜିଲ୍ଲା କଙ୍କଡ଼ାହାଡ଼ ଥାନା ମକୁଆକାଟେଣୀ ଗାଁ ଜୁଆଙ୍ଗ ସାହି ନିକଟରେ ଦୁଇ ବାଇକ ମୁହାଁ ମୁହିଁ ଧକ୍କା ହେବା ଫଳରେ ଜଣେ ମାଇନ୍ସ କର୍ମଚାରିଙ୍କ ମୃତ୍ୟୁ ଘଟିଛି। ଏବଂ ଜଣେ ବାଇକ ଆରୋହୀ ଗୁରୁତର ହୋଇଛନ୍ତି। ମୃତକ ଜଣଙ୍କ କଙ୍କଡ଼ାହାଡ଼ ଥାନା ଖଜୁରିଆ ଗାଁର ବୁବୁନା ବାରିକ। ଗୁରୁତର ଜଣଙ୍କ ସେହି ଗାଁର ଭୁବନା ମହାନ୍ତ। ବୁବୁନା ନିଜ ବାଇକ ଯୋଗେ ତାଳଚେର ଭୁବନେଶ୍ୱରୀ ମାଇନ୍ସରୁ କାର୍ଯ୍ୟ ସାରି ଘରକୁ ଫେରୁଥିବା ବେଳେ ମକୁଆକାଟେଣୀ ଗାଁ ଜୁଆଙ୍ଗ ସାହି ନିକଟରେ ବିପରୀତ ଦିଗରୁ ଆସୁଥିବା ଅନ୍ୟ ଏକ ବାଇକ ସହିତ ମୁହାଁ ମୁହିଁ ଧକ୍କା ହୋଇଥିଲେ। ଫଳରେ ଘଟଣା ସ୍ଥଳରେ ହିଁ ବୁବୁନାଙ୍କର ମୃତ୍ୟୁ ହୋଇଥିବା ବେଳେ ଭୁବନା ମହାନ୍ତ ଗୁରୁତର ଆହତ ହୋଇପଡିଥିଲେ।

# ଧାନମଣ୍ଡି ଉଦ୍‌ଘାଟିତ



ଟାଙ୍ଗି (ଭାସ୍କର ନ୍ୟୁଜ୍) : ଟାଙ୍ଗୀ ସୋସାଇଟିର ସମ୍ପାଦକ ଚନ୍ଦ୍ର ଶେଖର ସାହୁ ଓ ସଭାପତି ମହେନ୍ଦ୍ର କୁମାର ସାହୁଙ୍କ ଆବାହକତ୍ୱରେ ଆୟୋଜିତ ଏକ ବର୍ଣ୍ଣାଢ଼୍ୟ ପରିବେଶରେ ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ କିଶୋର କୁମାର ବେହେରା, ଆଇନଜୀବୀ ଭାସ୍କର ପ୍ରସାଦ ମହାନ୍ତି , ଟାଙ୍ଗୀ ସୋସାଇଟିର ପୂର୍ବତନ ସଭାପତି ମିଟନ କୁମାର ରାଉତ, ଜଗନ୍ନାଥ ରାଇସ୍ ମିଲରର ପ୍ରୋପ୍ରାଇଟର ଜୟରାମ ପାତ୍ର ଓ ଅଶ୍ୱିନୀ କୁମାର ପାତ୍ର, ରାଜସ୍ୱ ନିରୀକ୍ଷକ (ଟାଙ୍ଗୀ) ଦୀପକ କୁମାର ପରିଡ଼ା , ବଜାର ନିୟନ୍ତ୍ରିତ କମିଟି (ବାଲୁଗାଁ) ର ଅଧିକାରୀ, ଟାଙ୍ଗୀ ସୋସାଇଟିର ସୁପରଭାଇଜର ମନୋରଞ୍ଜନ ବିଶ୍ୱାଳ, କୃଷି ବିଭାଗର ଅଧିକାରୀ ସଞ୍ଜୀବ କୁମାର ରାଉତରାୟ, ଯୋଗାଣ ବିଭାଗର ଅଧିକାରୀ (ଟାଙ୍ଗୀ) ଶିବରାମ ବିଶ୍ୱାଳ, ଟାଙ୍ଗୀ ଚାଷୀ କମିଟିର ଧୃଶାସନ ବିଶ୍ୱାଳ, ପତିତପାବନ ପାଇକରାୟ, ପ୍ରତାପ କୁମାର ପ୍ରଧାନ, କୃଷ୍ଣଚନ୍ଦ୍ର ରାଉତ, ଘାଡୁ ମାଝୀ, ବିଜୟ ଶଣ୍ଢ, ରବି ନାରାୟଣ ମହାପାତ୍ର, ରଘୁନାଥ ମୁଦୁଲି, ବିନୟ କୁମାର ବେହେରାଙ୍କ ସମେତ ଶତାଧିକ ଯୁବଚାଷୀ ଉପସ୍ଥିତ ଥିଲେ ।

# ଓଳାଶୁଣୀ ମେଳା ପାଇଁ ପ୍ରସ୍ତୁତି ବୈଠକ



ବାଲିଚନ୍ଦ୍ରପୁର (ଭାସ୍କର ନ୍ୟୁଜ): ଯାଜପୁର ଜିଲ୍ଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ପଲେଇ ପଞ୍ଚାୟତସ୍ଥିତ ପ୍ରସିଦ୍ଧ ପର୍ଯ୍ୟଟନ କ୍ଷେତ୍ର ଓଳାଶୁଣୀ ଗୁମ୍ଫାମେଳା ପାଇଁ ବୁଧବାର ପ୍ରଶାସନିକ ପ୍ରସ୍ତୁତି ବୈଠକ ପାହାଡ଼ର ଶୀର୍ଷ ଦେଶରେ ଥିବା ଗଣେଶ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଦର୍ପଣ ତହସିଲଦାର ମାନସ ରଞ୍ଜନ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକକୁ ମଠର ମହନ୍ତ ଡ଼ଃ.ନାମାନନ୍ଦ ଦାସ ପ୍ରଦୀପ ପ୍ରଜ୍ଜ୍ୱଳନ କରି ଉଦଘାଟନ ପରେ ଉପସ୍ଥିତ ଜନସାଧାରଣଙ୍କୁ ଆଶ୍ରିବଚନ ପ୍ରଦାନ କରିଥିଲେ। ବଡ଼ଚଣା ବିଧାୟକ ଅମର କୁମାର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଚଳିତ ବର୍ଷ କିପରି ଗୁମ୍ଫାମେଳା ଅଧିକରୁ ଅଧିକ ସରସ ସୁନ୍ଦର ହୋଇପାରିବ ଏବଂ ବିଶେଷ କରି ପାନୀୟ ଜଳ, ଆଲୋକି କରଣ ଓ ଟ୍ରାଫିକ୍ ସମସ୍ୟା ଉପରେ ବିଶେଷ ଗୁରୁତ୍ୱ ଦେବା ପାଇଁ ଉପସ୍ଥିତ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେବା ସହ ସ୍ଥାନୀୟ ଜନସାଧାରଣଙ୍କ ସହଯୋଗ କାମନା କରିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଶୁଭେନ୍ଦ୍ର କୁମାର ସାମଲ ଯୋଗଦେଇ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ନିଜ ନିଜର କାର୍ଯ୍ୟ ମେଳା ପୂର୍ବରୁ ସାରିବା ପାଇଁ କହିବା ସହ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳଙ୍କ ପରାମର୍ଶ କ୍ରମେ ସମସ୍ତ ସହାୟତା ଯୋଗାଇ ଦିଆଯିବ ବୋଲି ପ୍ରତିଶୃତି ରଖିଥିଲେ। ଉକ୍ତ ବୈଠକରେ ବଡ଼ଚଣା ବିଡ଼ିଓ ରବିନ୍ଦ୍ର କୁମାର ପ୍ରଧାନ, ଯାଜପୁର ଏସଡ଼ିପିଓ ସଂଜୟ କୁମାର ପଟ୍ଟନାୟକ, ତହସିଲଦାର ମାନସ ରଞ୍ଜନ ତ୍ରିପାଠୀ, ବାଲିଚନ୍ଦ୍ରପୁର ଥାନାଧିକାରୀ ସୁକାନ୍ତ କୁମାର ନାୟକ, ବଡ଼ଚଣା ଥାନାଧିକାରୀ ଅସିତ୍ କୁମାର ବଳବନ୍ତରାୟ, ଚଣ୍ଡିଖୋଲ ଗ୍ରାମ୍ୟ ଉନ୍ନୟନ ବିଭାଗ, ଅଗ୍ନିସମ ବିଭାଗ, ପାନୀୟ ଜଳ ଓ ପରିମଳ ବିଭାଗ, ଜଙ୍ଗଲ ବିଭାଗ, ବାଲିଚନ୍ଦ୍ରପୁର ଶକ୍ତି ବିଭାଗ, ବଡ଼ଚଣା ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ ମାନେ ଯୋଗଦେଇଥିବା ବେଳେ ମାହାଙ୍ଗା ଥାନାଧିକାରୀ ତପନ କୁମାର ରାଉତ, ତହସିଲଦାର ସୁଶାନ୍ତ କୁମାର ମିଶ୍ର, ବିଡ଼ିଓ ସନ୍ତୋଷ କୁମାର ଜେନାଙ୍କ ସମେତ ଅନ୍ୟାନ୍ୟ ବିଭାଗର ଅଧିକାରୀ ମାନେ ଉପସ୍ଥିତ ଥିଲେ।


## B.I.T. SINDRI
## P.O.-SINDRI INSTITUTE
## DIST; DHANBAD (JHARKHAND) PIN: 828123

**e-tender Notice -**
**RE/BIT/Poly/10/2024-25/Ele1**

**Reference Number: RE/BIT/Poly/10/2024-25/Ele1**
**Dated :- 10-01-2025**
**Tender ID: 2025_DHTE_97452_1**

| | | |
|---|---|---|
| 1 | Name & address of office Inviting tender | Director, B.I.T., Sindri, P.O. Sindri Institute, Sindri, Dhanbad, Jharkhand - 828123 |
| 2 | Name or work | Supply of Electrical Engineering Lab Equipments for different Govt. Polytechnic 1 |
| 3 | Document download start date | 15-01-2025 |
| 4 | Document download end date | 27-01-2025 |
| 5 | Bid submission end date | 27-01-2025 |
| 6 | Bid opening date | 28-01-2025 |

Bidders must bid through e-tenders portal.
B.I.T. Sindri, Dhanbad wishes to purchase Laboratory Equipments for different Govt. Polytechnics in Jharkhand. Further details can be seen on website:- https://jharkhandtenders.gov.in

Sd/-
Director,
B.I.T., Sindri

**PR 344304 Higher Education,Technical Education and Skill Development Department(24-25).D**


# ଟିପିସିଓଡିଏଲ୍ ପକ୍ଷରୁ ରକ୍ତଦାନ ଶିବିର




ଢ଼େଙ୍କାନାଳ (ଭାସ୍କର ନ୍ୟୁଜ୍‌ : ଟିପିସିଓଡିଏଲ୍ ଏହାର 'ମିଶନ ଜୀବନ' କାର୍ଯ୍ୟକ୍ରମ ଅଧୀନରେ ଢେଙ୍କାନାଳରେ ଏକ ରକ୍ତଦାନ ଶିବିର ସଫଳତାର ସହ ଆୟୋଜନ କରିଛି। ଜିଲ୍ଲା ରକ୍ତଭଣ୍ଡାର, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଢେଙ୍କାନାଳ ସହିତ ମିଳିତ ସହଯୋଗରେ ଏହାକୁ ଆୟୋଜନ କରାଯାଇଛି । ନୂତନ ବର୍ଷର ଆରମ୍ଭରେ ଏହି କାର୍ଯ୍ୟକ୍ରମ କମ୍ପାନୀର ଏକ ମହାନ ଉଦ୍ଦେଶ୍ୟ ପ୍ରତି ଅଟଳ ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଛି। କର୍ମଚାରୀମାନେ ଉତ୍ସାହର ସହିତ ଏଥିରେ ଅଂଶଗ୍ରହଣ କରି ସମାଜ କଲ୍ୟାଣ ପ୍ରତି ସେମାନଙ୍କର ସମର୍ଥନ ଏବଂ ଦୃଢ଼ ଭାବନା ପ୍ରଦର୍ଶନ କରିଥିଲେ। ଦାନ କରାଯାଇଥିବା ରକ୍ତ ସ୍ଥାନୀୟ ଅଞ୍ଚଳରେ ସ୍ୱାସ୍ଥ୍ୟସେବା ପାଇଁ ଆବଶ୍ୟକତାକୁ ପୂରଣ କରିବ ଏବଂ ଜୀବନ ରକ୍ଷା କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଏହି ପଦକ୍ଷେପ ଟିପିସିଓଡିଏଲର ସେବା ପ୍ରଦାନ କରୁଥିବା ସମାଜ ସହ ସମ୍ପର୍କକୁ ସୁଦୃଢ଼ କରିବା ସହିତ ଅର୍ଥପୂର୍ଣ୍ଣ ପଦକ୍ଷେପ ନେବାରେ ଦଳଗତ କାର୍ଯ୍ୟ ଏବଂ ନେତୃତ୍ୱର ଶକ୍ତିକୁ ଆଲୋକିତ କରିଥିଲା। ଏହା ସଂଗଠନର ପ୍ରତିଦାନ ଏବଂ ଏକ ସକାରାତ୍ମକ ସାମାଜିକ ପ୍ରଭାବ ସୃଷ୍ଟି କରିବା ପ୍ରତି ସମର୍ପିତତାକୁ ପୁନଃନିର୍ଦ୍ଦେଶିତ କରେ। ଏହି ରକ୍ତଦାନ ଶିବିରରେ ପାଖାପାଖି ଶହେ ୟୁନିଟ ରକ୍ତ ସଂଗୃହିତ ହୋଇଥିବା ବେଳେ ଆଗକୁ ଢେଙ୍କାନାଳ ସର୍କଲର ଅନ୍ୟ ଡିଭିଜନ ଗୁଡିକରେ ମଧ ରକ୍ତଦାନ ଶିବିର ଆୟୋଜିତ ହେବ।


## B.I.T. SINDRI
## P.O.-SINDRI INSTITUTE
## DIST; DHANBAD (JHARKHAND) PIN: 828123

**e-tender Notice -**
**RE/BIT/Poly/16/2024-25/ECE2**
**Reference Number: RE/BIT/Poly/16/2024-25/ECE2**
**Dated :- 10-01-2025**
**Tender ID: 2025_DHTE_97477_1**

| | | |
|---|---|---|
| 1 | Name & address of office Inviting tender | Director, B.I.T., Sindri, P.O. Sindri Institute, Sindri, Dhanbad, Jharkhand -828123 |
| 2 | Name or work | Supply of ECE Lab Equipments for different Govt. Polytechnic 2 |
| 3 | Document download start date | 15-01-2025 |
| 4 | Document download end date | 27-01-2025 |
| 5 | Bid submission end date | 27-01-2025 |
| 6 | Bid opening date | 28-01-2025 |

Bidders must bid through e-tenders portal.
B.I.T. Sindri, Dhanbad wishes to purchase Laboratory Equipments for different Govt. Polytechnics in Jharkhand. Further details can be seen on website:- https://jharkhandtenders.gov.in

Sd/-
Director,
B.I.T., Sindri

**PR.NO.344302 Higher Education,Technical Education and Skill Development Department(24-25):D**


# ଇଏସ୍‌ଜି ପ୍ରତିବଦ୍ଧତା ଉପରେ ବେଦାନ୍ତର ଅଗ୍ରଗତି ହାସଲ



ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ବେଦାନ୍ତ ଆଲୁମିନିୟମ, ଏହାର ଆର୍ଥିକ ବର୍ଷ ୨୦୧୨ ମୂଳସୀମା ତୁଳନାରେ ୨୮.୫% ଦ୍ୱାରା ଏହାର ଗ୍ରୀନହାଉସ୍ ଗ୍ୟାସ (ଜିଏଚଜି) ନିର୍ଗମନ ତୀବ୍ରତା ହ୍ରାସ କରି ସ୍ଥାୟୀତ୍ୱ ଆଡକୁ ଯାତ୍ରାରେ ନୂତନ ମାନଦଣ୍ଡ ସ୍ଥାପନ କରିଛି। କମ୍ପାନୀର ସମ୍ପ୍ରଦାୟ ପ୍ରଭାବ ପ୍ରୟାସ ଦୃଢ଼ ରହିଛି, ବିଭିନ୍ନ ସାମୁଦାୟିକ ବିକାଶ ପ୍ରକଳ୍ପ ପାଇଁ ୧.୧ ବିଲିୟନ ଟଙ୍କା ଆବଣ୍ଟିତ ହୋଇଛି। ବେଦାନ୍ତର ଅଣ-କାର୍ଯ୍ୟକାରୀ ନିର୍ଦ୍ଦେଶକ ପ୍ରିୟା ଅଗ୍ରୱାଲ ହେବର କହିଛନ୍ତି, ବେଦାନ୍ତ ଆଲୁମିନିୟମରେ, ଆମେ ଆମର ପରିବର୍ତ୍ତନ ପାଇଁ ଭଲ ଦର୍ଶନକୁ ଗ୍ରହଣ କରିବାରେ ଗର୍ବ ଅନୁଭବ କରୁ, ଯାହା ସ୍ଥାୟୀତ୍ୱ, ଅନ୍ତର୍ଭୁକ୍ତି ଏବଂ ଅର୍ଥପୂର୍ଣ୍ଣ ସମ୍ପ୍ରଦାୟ ପ୍ରଭାବ ପ୍ରତି ଆମର ଅଟଳ ପ୍ରତିବଦ୍ଧତାକୁ ଗୁରୁତ୍ୱ ଦିଏ। କମ୍ପାନୀର ସ୍ଥାୟୀତ୍ୱ ଯାତ୍ରା ଉପରେ ମତାମତ ଦେଇ, ବେଦାନ୍ତ ଆଲୁମିନିୟମର ସିଓଓ ସୁନୀଲ ଗୁପ୍ତା କହିଛନ୍ତି, ବେଦାନ୍ତ ଆଲୁମିନିୟମରେ, ସ୍ଥାୟୀତ୍ୱ ଆମେ ଯାହା କରୁଛୁ ତାହାର ମୂଳରେ ରହିଛି। ଆମର ପ୍ରୟାସର ପ୍ରମାଣ ସ୍ୱରୂପ, ଆମେ ଏସଏଣ୍ଡପି ଗ୍ଲୋବାଲ୍ କର୍ପୋରେଟ୍ ସଷ୍ଟେନେବିଲିଟି ଆସେସମେଣ୍ଟ ୨୦୨୪ ରେ ଦ୍ୱିତୀୟ ସ୍ଥାନ ହାସଲ କରିଥିବାରୁ ଗର୍ବିତ। ୨୦୫୦ ସୁଦ୍ଧା ନେଟ୍ ଶୂନ୍ୟ ନିର୍ଗମନ ହାସଲ କରିବା ପାଇଁ ଆମର ପ୍ରତିବଦ୍ଧତା ଜିଏଚଜି ନିର୍ଗମନର ଯଥେଷ୍ଟ ହ୍ରାସ ଏବଂ ନବୀକରଣୀୟ ଶକ୍ତିର ଆମର ବର୍ଦ୍ଧିତ ଗ୍ରହଣରେ ପ୍ରତିଫଳିତ ହୁଏ।


## जिला परिषद कार्यालय,जामताड़ा
**Email Id:zilaparishad_jamtara@yahoo.com**

**अल्पकालीन ई0—आमंत्रण संख्या–ZILA/PARISHAD/JMT/11/2024-25**

**1.कार्य की विस्तृत विवरणी :–**

| क्र0 | ग्रुप सं0 | कार्य का नाम | प्राक्कलित राशि | अग्रधन की राशि | परिमाण विपत्र का मुल्य | कार्य समाप्ति की अवधि |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | 85 | मिहिजाम में पूर्व से निर्मित 20 दुकान के ऊपर 20 दुकान के निर्माण कार्य। | 93,02,500.00 | 187000.00 | 10,000.00 | 6 माह |
| 2 | 86 | निरीक्षण भवन पबिया में मार्केट कॉम्पलेक्स के निर्माण कार्य। | 2,46,84,000.00 | 494000.00 | 10,000.00 | 12 माह |
| 3 | 87 | जिला परिषद, जामताड़ा के सुभाष चौक स्थित बाजार में जमीन पर विवाह मंडप के निर्माण कार्य। | 2,47,85,100.00 | 496000.00 | 10,000.00 | 12 माह |

2. वेबसाईट में निविदा प्रकाशन की तिथि :– दिनांक–20.01.2025
3. ई0–निविदा प्राप्ति की तिथि एवं समय :– दिनांक–20.01.2025 से दिनांक–27.01.2025 (अपराह्न 5:00 बजे)
4. निविदा शुल्क एवं अग्रधन की राशि केवल Online Mode द्वारा की स्वीकार्य होगी। जो DDC-cum-CEO, Zila Parishad Jamtara के पदनाम से संधारित A/c No- 11048454969 IFSC Code No- SBIN0000213 में जमा किया जा सकता है।
5. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो सारी जबावदेही संबंधित निविदादाता की होगी।
6. निविदा खोलने का स्थान :– e-Procurement Cell, जिला अभियंता का कार्यालय जिला परिषद, जामताड़ा।
7. निविदा खुलने की तिथि एवं समय :– दिनांक–29.01.2025 (अपराह्न 2:00 बजे)
8. निविदा आमंत्रित करने वाले पदाधिकारी का नाम एवं पता :– जिला अभियंता, जिला परिषद, जामताड़ा।
9. ई0–निविदा प्रकोष्ठ का दुरभाष संख्या :– 9973957543
10. अधोहस्ताक्षरी/सक्षम पदाधिकारी को किसी भी निविदा को बिना कारण बताये रद्द करने का अधिकार सुरक्षित रहेंगा तथा निविदादाता को कारण पृच्छा का अधिकार मान्य नहीं होगा।
11. B.O.Q की राशि घट–बढ़ सकती है, तद्नुसार अग्रधन की राशि देय होगी।

विस्तृत जानकारी के लिए वेबसाईट www.jharkhandtenders.gov.in एवं कार्यालय के सूचना पट्ट पर देखा जा सकता है।

ह0/–
जिला अभियंता
जिला परिषद, जामताड़ा

**PR 344337 Rural Development(24-25).D**



## जिला अभियंता का कार्यालय
### जिला परिषद, रामगढ़
### अति अल्पकालीन निविदा आमंत्रण सूचना
**ई–निविदा सं० :– *ZP/RAMGARH/14/2024-25***

कार्य की विस्तृत विवरणी :–

| क्र० सं० | प्रखण्ड | पंचायत /ग्राम | योजना का नाम | प्राक्कलित राशि | अग्रधन की राशि | परिमाण विपत्र का मुल्य (रु०) | कार्य पुर्ण करने की अवधि |
|---|---|---|---|---|---|---|---|
| 1 | माण्डू | पुण्डी | पुण्ड्री पंचायत में पुण्डी–माण्डु डोड़ से के. के. बसौदी होते हुए टोला डगडगिया तक किलोमीटर 1.5 KM पक्की पथ निर्माण। PHASE- II | 9496000 | 190000 | 10000 | 06 (छ:) माह |
| 2 | माण्डू | पुण्डी | पुण्ड्री पंचायत में पुण्डी–माण्डु डोड़ से के. के. बसौदी होते हुए टोला डगडगिया तक किलोमीटर 1.5 KM पक्की पथ निर्माण। PHASE- III | 8835900 | 177000 | 10000 | 06 (छ:) माह |
| 3 | चितरपुर | मायल | प्रखण्ड चितरपुर, पंचायत मायल शमशाट घाट में चाहरदीवारी एवं शेड निर्माण। | 8538700 | 171000 | 10000 | 06 (छ:) माह |
| 4 | पतरातू | बारीडीह | बारीडीह पंचायत के ग्राम जोबो करमाटोला अर्जुन गड्नु के घर से बजरंग बली मंदिर तक पथ निर्माण। PHASE- II | 9496000 | 190000 | 10000 | 06 (छ:) माह |
| 5 | पतरातू | बारीडीह | बारीडीह पंचायत के ग्राम जोबो करमाटोला अर्जुन गड्नु के घर से बजरंग बली मंदिर तक पथ निर्माण। PHASE- III | 9496000 | 190000 | 10000 | 06 (छ:) माह |
| 6 | पतरातू | बारीडीह | बारीडीह पंचायत के ग्राम जोबो करमाटोला अर्जुन गड्नु के घर से बजरंग बली मंदिर तक पथ निर्माण। PHASE- IV | 8644200 | 173000 | 10000 | 06 (छ:) माह |
| 7 | माण्डू | मंझला चुम्बा | पंचायत मंझला चुम्बा, ग्राम–छोटका चुम्बा में मुकेश साव के घर से हीरक रोड तक पी०सी०सी० पथ निर्माण। PHASE - II | 7706900 | 155000 | 10000 | 06 (छ:) माह |
| 8 | माण्डू | बड़गाँव | ग्राम बड़गाँव के दुब देव से मदन ठाकुर के खेत तक गार्डवाल एवं पी०सी०सी० पथ निर्माण। PHASE - II | 9266200 | 186000 | 10000 | 06 (छ:) माह |
| 9 | माण्डू | बड़गाँव | ग्राम बड़गाँव के दुब देव से मदन ठाकुर के खेत तक गार्डवाल एवं पी०सी०सी० पथ निर्माण। PHASE - III | 7211800 | 145000 | 10000 | 06 (छ:) माह |
| 10 | चितरपुर | मारंगमरचा | ग्राम पंचायत मारंगमरचा में नरेश महतो के जमीन से लेकर श्मशान घाट तक पी०सी०सी० पथ निर्माण । PHASE- II | 7274000 | 146000 | 10000 | 06 (छ:) माह |
| 11 | पतरातू | बलकुदरा | बलकुदरा प्राचीन शिव मंदिर के पास बडा पुल का निर्माण करवाना। | 9068200 | 182000 | 10000 | 06 (छ:) माह |
| 12 | पतरातू | बारीडीह | पंचायत बारीडीह ग्राम–जोबो से लोवाडीह करमा टोला राजेश बेदिया के घर तक पी. सी.सी. पथ निर्माण। PHASE - II | 9826200 | 197000 | 10000 | 06 (छ:) माह |
| 13 | पतरातू | बारीडीह | पंचायत बारीडीह ग्राम–जोबो से लोवाडीह करमा टोला राजेश बेदिया के घर तक पी. सी.सी. पथ निर्माण। PHASE - III | 9826200 | 197000 | 10000 | 06 (छ:) माह |
| 14 | रामगढ़ | वार्ड नं0 21 | रामगढ़ वार्ड नं0–21 सिरका दामोदर पुल से बेगामोड़ तक पी.सी.सी पथ निर्माण। PHASE - II | 9711000 | 195000 | 10000 | 06 (छ:) माह |
| 15 | रामगढ़ | वार्ड नं0 21 | रामगढ़ वार्ड नं0–21 सिरका दामोदर पुल से बेगामोड़ तक पी.सी.सी पथ निर्माण। PHASE - III | 9885100 | 198000 | 10000 | 06 (छ:) माह |
| 16 | रामगढ़ | वार्ड नं0 21 | रामगढ़ वार्ड नं0–21 सिरका दामोदर पुल से बेगामोड़ तक पी.सी.सी पथ निर्माण। PHASE - IV | 9719400 | 195000 | 10000 | 06 (छ:) माह |
| 17 | रामगढ़ | अपर पोचरा | रामगढ़, अपर पोचरा राजू साव के घर से सरना पार विक्रम यादव के घर तक पी. सी.सी पथ निर्माण । PHASE - II | 9702700 | 195000 | 10000 | 06 (छ:) माह |
| 18 | रामगढ़ | WARD NO-10 | बजरंग बली मंदिर NH–33 से पंचायत भवन मरार होते हुए देवी मंडप से रेलवे फाटक एवं करमाली टोला, गोसाई टोला होते हुए मिसरा टोला तक पी०सी०सी० पथ निर्माण। PHASE - II | 9702700 | 195000 | 10000 | 06 (छ:) माह |
| 19 | रामगढ़ | कुन्दरू कलां | रामगढ़, पंचायत– कुन्दरूकलां, के नवाडीह हनुमान मंदिर से लेकर दामोदर नदी सरैया तक पी.सी.सी पथ निर्माण। PHASE - II | 5158500 | 104000 | 10000 | 06 (छ:) माह |
| 20 | दुलमी | प्रियातु | पी.डब्लू. डी. पथ भालू से पोटमदगा तक पी.सी.सी. पथ निर्माण। PHASE - II | 6467200 | 130000 | 10000 | 06 (छ:) माह |
| 21 | दुलमी | जरियो | ग्राम जरियो में जरियों सरकारी तालाब से इमाली टोला होते हुए रजरप्पा नाला तक मॉडल नाली निर्माण तक । | 8307100 | 167000 | 10000 | 06 (छ:) माह |
| 22 | दुलमी | जरियो | ग्राम जरियो में जरियों सरकारी तालाब से लेकर रजरप्पा नाला तक गार्डवाल निर्माण। | 6337900 | 127000 | 10000 | 06 (छ:) माह |
| 23 | गोला | चोकाद | ग्राम चोपाहारू के NH–23 से महतो टोला के पानी टंकी के सामने तक PCC एवं नाली निर्माण। | 6243500 | 125000 | 10000 | 06 (छ:) माह |
| 24 | गोला | सरगडीह | प्रखण्ड गोला, पंचायत सरगडीह के ग्राम– उलादाका के परनु महतो के घर से ग्राम– सरगडीह के शंकर महतो के घर तक पी. सी. सी पथ एवं सरना स्थल के सामने पुलिया निर्माण। Phase-1 | 9989600 | 200000 | 10000 | 06 (छ:) माह |
| 25 | गोला | सरगडीह | प्रखण्ड गोला, पंचायत सरगडीह, ग्राम सरगडीह के शमशान पथ पर मथुर महतो के जमीन पर गार्डवाल एवं पुलिया निर्माण। | 8748780 | 175000 | 10000 | 06 (छ:) माह |

1. वेबसाईट में निविदा प्रकाशन की तिथि– दिनांक 21.01.2025
2. ई–निविदा डालने/प्राप्ति की तिथि एवं समय– दिनांक 21.01.2025 से दिनांक 27.01.2025 अपराह्न 3:00 बजे तक।
3. निविदा खोलने की तिथि एवं समय– दिनांक – 28.01.2025 को अपराह्न 3:00 बजे।
4. निविदा आमंत्रित करने वाले पदाधिकारी का पदनाम एवं पता– जिला अभियंता, जिला परिशद, रामगढ़।
5. ई–निविदा प्रकोष्ट का दुरभाष नं०– 9801557645
6. निविदा शुल्क एवं अग्रधन की राशि केवल *Online mode* द्वारा स्वीकार्य होगी।
7. निविदा शुल्क एवं अग्रधन की राशि का ई– भुगतान संवेदक द्वारा जिस बैंक खाता से किया जायेगा, उसी खाते मे अग्रधन की राशि वापस होगी। अगर बैंक खाता को बंद कर दिया जाता है। तो उसकी सारी जवाबदेही संवेदक की होगी।
8. निविदा Double Bid पद्धति से होगा।
9. इस निविदा में जिला परिशद, रामगढ़ के अंतर्गत पंजीकृत समुचित श्रेणी के संवेदक भाग ले सकेंगे।

विस्तृत जानकारी के लिए वेबसाईट *Jharkhandtenders.gov.in* एवं कार्यालय के सूचनापट्ट पर देखा जा सकता है।

जिला अभियंता,
जिला परिषद, रामगढ़।

**PR 344294 District(24-25)D**



## GOVERNMENT OF JHARKHAND
## O/o THE EXECUTIVE ENGINEER,
## NATIONAL HIGHWAY DIVISION
## Din Dayal Nagar, Booty Road, Ranchi-834008 (Jharkhand)

**Short Term Maintenance Contracts**
**NOTICE INVITING TENDER**
**NIT No. - NH/RANCHI/STMC/2024-25/08 Dated: 13.01.2025**

Application in the prescribed format form eligible contractors for Request for Proposal Short Term Maintenance Contracts (STMC) mode are invited for following project in two bid systems, (Technical & Financial)

| Sl. No. | Name of Work | State | Length | Approximate Cost (Rs. In Lakh) | Cost of RFP document in Rs | Bid Security (Rs. In Lakh) | Contract Duration* (Month) |
|---|---|---|---|---|---|---|---|
| 1 | Short Term Maintenance Contract (STMC) work for the stretch from Km 39.10 to Km 85.56 of NH-143AG in the state of Jharkhand for the year 2024-25 | Jharkhand | 45.46 Km | 483.49442 | 10,000/- (RFP) 1,800/- (GST) | 4.84 | 12 (Twelve) |

**Important Dates.**

| | | |
|---|---|---|
| 1. | Date of Issue of Notice Inviting RFP | **13.01.2025** |
| 2. | Last Date For Receiving Queries | **03.02.2025** |
| 3. | Pre-BID Meeting At Venue (as mentioned in RFP) | 04.02.2025 at 12:30 Hrs |
| 4. | Authority Response To Queries Latest by | 05.02.2025 |
| 5. | Period of Sale of Bid Document | From 21.01.2025 12:00 HRS to 20.02.2025 up to 15:00 HRS Through official portal of : [https:// eprocure.gov.in] |
| 6 | BID Due Date | Date 20.02.2025 Up to 15:00 HRS Through official portal of : [https:// eprocure.gov.in] |
| 7. | Last date of physical submission of bid security, POA and other documents in original | 24.02.2025, up to 12.00 HRS |
| 8. | Time and Date of Opening Technical Bid (RFP) | Date 24.02.2025 15:00 HRS Through official portal of : [https:// eprocure.gov.in] |
| 9. | Time and Date Opening Financial Bid | To be notified. Through official portal of : [https:// eprocure.gov.in] |
| 10. | Place of Opening of Bids | Office of the Chief Engineer, NH Wing, Jharkhand, Ranchi Through official portal of: [https:// eprocure.gov.in/] |
| 11. | Bid Validity | 120 Days From the Bid Due Date. |
| 12. | Officer Inviting Bids | Executive Engineer N.H Division, Ranchi, Jharkhand. |

(a). Copy of online receipt paid through BHARATHKOSH portal towards payment of cost of bid document of Rs.10,000/- (Rupees ten thousand only) (PAO: 034756 in "Regional Pay Accounts Officer [RPAO (NH), Kolkata code No. 034756 and DDO Code No. 202122 Purpose: Sale of Tender Documents]. Rs.1800/- (Rs. One Thousand Eight Hundred only) applicable on the sale of tender document shall be submitted in the form of Demand Draft favoring "Regional Pay & Account Officer (NH) MORTH, Kolkata", Payable at Kolkata or Net Banking towards cost of Tender Document of 10,000/- (Rupees ten thousand only) and GST of Rs. 1800/- (Rs. One Thousand Eight Hundred only).

**Executive Engineer**
**NH Division, Ranchi**

**PR.NO.344293 Road(24-25):D**

ଓଡ଼ିଶା ଭାସ୍କର
ODISHA BHASKAR

# ମହାନଗର



କଟକ(ଭାସ୍କର ନ୍ୟୁଜ୍): ବହୁ ଚର୍ଚ୍ଚିତ ଗୁଣପୁର ଟ୍ରିପିଲ୍ ମର୍ଡର ଘଟଣାରେ ୯ ଆସାମୀଙ୍କୁ ନିମ୍ନ ଅଦାଲତ ପ୍ରଦାନ କରିଥିବା ମୃତ୍ୟୁ ଦଣ୍ଡାଦେଶ ମାମଲାରେ ହାଇକୋର୍ଟ ରାୟ ପ୍ରକାଶ କରି ଦଣ୍ଡାଦେଶକୁ କୋହଳ କରିଛନ୍ତି । ୯ ଆସାମୀଙ୍କୁ ହାଇକୋର୍ଟ ମ୍ୟତ୍ୟୁ ଦଣ୍ଡାଦେଶ ପରିବର୍ତ୍ତେ ଆଜୀବନ ଦଣ୍ଡାଦେଶ ପ୍ରଦାନ କରିଛନ୍ତି । ହାଇକୋର୍ଟର ବିଚାରପତି ସଙ୍ଗମ କୁମାର ସାହୁ ଓ ବିଚାରପତି ରାଧାକୃଷ୍ଣ ପଟ୍ଟନାୟକଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ରାୟ ପ୍ରକାଶ କରିବା ରାୟଗଡ଼ା ଅତିରିକ୍ତ ସେସନ୍ସ ଜଜ୍‌କୋର୍ଟ ଦେଇଥିବା ରାୟକୁ ପରିବର୍ତ୍ତିତ କରିଛନ୍ତି। ତେବେ ଏହି ମାମଲାରେ ଆଜୀବନ ଅର୍ଥ ଜୀବନର ଶେଷ ପର୍ଯ୍ୟନ୍ତ ଆସାମୀମାନେ ଜେଲ କୋଠରୀରେ ବନ୍ଦୀ ଜୀବନ ବିତାଇବେ ବୋଲି ହାଇକୋର୍ଟ ମାମଲାର ରାୟ ପ୍ରକାଶ କରି ସ୍ପଷ୍ଟ କରିଛନ୍ତି । ଏଥିସହ ପ୍ରତି ମୃତକଙ୍କ ନିମନ୍ତେ ସେମାନଙ୍କ ପରିବାରକୁ ୧୦ ଲକ୍ଷ ଲେଖାଏ ମୋଟ ୩୦ ଲକ୍ଷ ଟଙ୍କା କ୍ଷତିପୂରଣ ୪ ସପ୍ତାହ ମଧ୍ୟରେ ପ୍ରଦାନ କରିବାକୁ ହାଇକୋର୍ଟ ଜିଲ୍ଲା ଆଇନସେବା ପ୍ରାଧିକରଣକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି । ସୂଚନା ଥାଉକି ଗତ ୨୦୧୬ ସେପ୍ଟେମ୍ବର ୯ ତାରିଖରେ ଗୁଣି ଗାରେଡି ସନ୍ଦେହରେ ରାୟଗଡା ଜିଲ୍ଲାର ପୁଟା ସିଂ ଥାନା ଅଧିନସ୍ଥ କିଟୁଙ୍ଗୁ ଅଂଚଳରେ ଗୋଟିଏ ପରିବାରର ତିନି ଜଣଙ୍କୁ ଅତି ନିର୍ମମ ଭାବେ ହତ୍ୟା କରାଯାଇଥିଲା ।



### ୪୮ ଘଣ୍ଟା ମଧ୍ୟରେ ଚାଷୀଙ୍କୁ ଦିଆଯାଉଛି ଧାନବିକ୍ରୟ ଟଙ୍କା

# ୨୭ ଜିଲ୍ଲାରେ ଧାନକିଣା ଜାରି ରହିଛି



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଚଳିତ ଖରିଫ ଋତୁରେ ରାଜ୍ୟରେ ଧାନକିଣା ପ୍ରକ୍ରିୟା ବ୍ୟାପକ ହୋଇଛି । ପଞ୍ଜୀକୃତ ଚାଷୀମାନେ ଯେଭଳି ଏଥିରୁ ବାଦ ନ ପଡ଼ନ୍ତି, ଏଥି ନିମନ୍ତେ ସରକାରୀସ୍ତରରେ ବିହିତ ପଦକ୍ଷେପ ଗ୍ରହଣ କରାଯାଇଛି । ପ୍ରତ୍ୟେକ ମଣ୍ଡିରେ ଚାଷୀମାନଙ୍କ ହିତ ପାଇଁ ଅଧିକାରୀମାନେ ନିଯୁକ୍ତ ହୋଇ ଧାନକିଣା ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି । ଧାନ ବିକ୍ରୟର ୪୮ ଘଣ୍ଟା ମଧ୍ୟରେ ଚାଷୀମାନଙ୍କ ଆକାଉଣ୍ଟକୁ ସେମାନଙ୍କ ଧାନକିଣା ରାଶି ପ୍ରଦାନ କରାଯାଉଛି । ବର୍ତ୍ତମାନ ୨୭ଟି ଜିଲ୍ଲାରେ ଧାନକିଣା ଜାରି ରହିଛି । ଆଜି ସୁଦ୍ଧା ଅନୁଗୋଳ, ବାଲେଶ୍ୱର, ବରଗଡ଼, ଭଦ୍ରକ, ବଲାଙ୍ଗିର, ବୌଦ୍ଧ, କଟକ, ଦେବଗଡ଼, ଗଜପତି, ଗଞ୍ଜାମ, ଯାଜପୁର, ଝାରସୁଗୁଡ଼ା, କଳାହାଣ୍ଡି, କନ୍ଧମାଳ, କେଉଁଝର, ଖୋର୍ଦ୍ଧା, କୋରାପୁଟ, ମାଲକାନଗିରି, ମୟୂରଭଞ୍ଜ, ନବରଙ୍ଗପୁର, ନୂଆପଡ଼ା, ପୁରୀ, ରାୟଗଡ଼ା, ସମ୍ବଲପୁର, ସୁବର୍ଣ୍ଣପୁର ଓ ସୁନ୍ଦରଗଡ଼ ଆଦି ଜିଲ୍ଲାର ୫ ଲକ୍ଷ ୩୪ ହଜାର ୪୧୦ ଜଣ ଚାଷୀଙ୍କ ଆକାଉଂଟକୁ ସର୍ବନିମ୍ନ ସହାୟକ ମୂଲ୍ୟ ସହ ଇନ୍‌ପୁଟ ସହାୟତା ପ୍ରଦାନ କରାଯାଇଛି । ଏହି ମର୍ମରେ ସର୍ବନିମ୍ନ ସହାୟକ ମୂଲ୍ୟ ବାବଦକୁ ପ୍ରାୟ ୫୮୬୨ କୋଟି ଏବଂ ଇନ୍ ?ପୁଟ ସହାୟତା ବାବଦକୁ ପ୍ରାୟ ୨୦୩୯ କୋଟି ଟଙ୍କା ଏ ପର୍ଯ୍ୟନ୍ତ ପ୍ରଦାନ କରାଯାଇଛି । ସୂଚନାଯୋଗ୍ୟ, ବିଭିନ୍ନ ସରକାରୀ ଛୁଟି ଓ ରବିବାର ଗୁଡିକରେ ମଧ ଏହି ରାଶି ପ୍ରଦାନ ନିମନ୍ତେ ପ୍ରକ୍ରିୟା ଜାରି ରହୁଛି । ୪୮ ଘଣ୍ଟା ମଧ୍ୟରେ ଚାଷୀ ମାନଙ୍କୁ ସେମାନଙ୍କ ପ୍ରାପ୍ୟ ସର୍ବନିମ୍ନ ସହାୟତା ମୂଲ୍ୟ ଏବଂ ଇନପୁଟ୍ ସହାୟତା ପ୍ରଦାନ ପାଇଁ ଏକ ତ୍ରିସ୍ତରୀୟ ପ୍ରକ୍ରିୟା କାର୍ଯ୍ୟକ୍ଷମ କରାଯାଇଛି । ସରକାରଙ୍କ ପକ୍ଷରୁ ଏ ସଂକ୍ରାନ୍ତରେ ମାର୍ଗଦର୍ଶିକା ଜାରି କରାଯାଇଛି ଯେଉଁଥିରେ ସରକାରଙ୍କ ବୈଷୟିକ ବିଶେଷଜ୍ଞ ଏବଂ ଅଧିକାରୀଙ୍କ ଏକ ଟିମ୍ ୨୪ ଘଣ୍ଟା ଭିତ୍ତିରେ ନିରନ୍ତର କାର୍ଯ୍ୟ କରୁଛନ୍ତି । ସରକାର ନିର୍ଦ୍ଧାରିତ ସମୟ ମଧ୍ୟରେ ଚାଷୀଙ୍କଠାରୁ ଧାନ କିଣିବା ପାଇଁ ଏକ ୧୫ ଜଣିଆ ବୈଷୟିକ ଟିମ ନିୟୋଜିତ ହୋଇଛନ୍ତି। ସେମାନେ ଦୁଇଟି ଦଫାରେ କାର୍ଯ୍ୟ କରି ଧାନ କିଣା ଉପରେ ନଜର ରଖୁଛନ୍ତି । ବୈଷୟିକ ଦଳ ଦ୍ୱାରା ଧାନ କ୍ରୟ ପୂର୍ବରୁ ପବ୍ଲିକ ଫାଇନାନ୍ସିଆଲ ମ୍ୟାନେଜମେଣ୍ଟ ସିଷ୍ଟମ (ପିଏଫଏମଏସ) ପ୍ଲାଟଫର୍ମ ଜରିଆରେ ବ୍ୟାଙ୍କ ଖାତା ପଞ୍ଜୀକରଣ ସୁନିଶ୍ଚିତ କରିବା ସହ ଏହାକୁ ଯାଞ୍ଚ କରାଯାଉଛି । ଏଥିପାଇଁ ସରକାର ବ୍ୟାଙ୍କଗୁଡ଼ିକ ସହ ସମନ୍ୱୟ ରକ୍ଷା କରି ଦୈନିକ ଦେୟ ପ୍ରଦାନ କରିବା ପାଇଁ ଏକ ସୁରକ୍ଷିତ ପ୍ଲାଟଫର୍ମ ପ୍ରସ୍ତୁତ କରିଛନ୍ତି । ରାଜ୍ୟ କଲ୍ ସେଣ୍ଟର ଜରିଆରେ ପଞ୍ଜିକୃତ ପ୍ରତ୍ୟେକ ଚାଷୀଙ୍କୁ ଦେୟ ପ୍ରଦାନ ସଂପର୍କିତ ଚାଷୀ ମାନଙ୍କ ମତାମତ ଉପରେ ମଧ ନଜର ରଖାଯାଉଛି ।

## ଏୟାରପୋର୍ଟରୁ ୪ କୋଟିର ନିଶାଦ୍ରବ୍ୟ ଜବତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଏୟାରପୋର୍ଟରୁ ଧରାହେଲା ୪ କୋଟିର ଦାମୀ ନିଶାଦ୍ରବ୍ୟ । ବ୍ୟାଙ୍ଗକରୁ ଆସୁଥିଲା ଏହି ଦାମୀ ନିଶା ଦ୍ରବ୍ୟ । ଏୟାରପୋର୍ଟରୁ ଧରିଲା କଷ୍ଟମ ବିଭାଗ ଓ ଡିଆରଆଇ । ଖାଦ୍ୟ ପୁଡ଼ିଆ ଭିତରେ ଆଣୁଥିଲେ ନିଶାଦ୍ରବ୍ୟ । ନିଶାଦ୍ରବ୍ୟ ଚୋରା କାରବାରରେ ଜଣେ ଭାରତୀୟ ନାଗରିକ ଗିରଫ । ଗିରଫ ବ୍ୟକ୍ତିଙ୍କ ଘର କେରଳର ବୋଲି ସୂଚନା ମିଳିଛି । ନିଶା କାରବାର ପାଇଁ ଧରାପଡ଼ିଥିବା ବ୍ୟକ୍ତି କମିଶନ ନେଇ ଚାଲାଣ କରୁଥିଲେ ବୋଲି ସୂଚନା ଦେଲେ ଡିଆରଆଇ ।



ରାଜଭବନରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପତିଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି ଡ. ଆର୍ ଗୁପ୍ତା ଏବଂ ବି. କୁମାର ନାୟକ

## ଫେରାର ଅଭିଯୁକ୍ତ ଗିରଫ

କଟକ(ଭାସ୍କର ନ୍ୟୁଜ୍): କଂସେଇଖାନା ଗୋ-ହତ୍ୟା, ଗୋ ମାଂସ ଚାଲାଣ ଓ ଗୋରୁ ଚୋରା ଚାଲାଣ ଅଭିଯୋଗରେ ଜଣେ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ହେଲେ ତିଗିରିଆ ଥାନା ଅନ୍ତର୍ଗତ କରଡ଼ାପଲ୍ଲୀ କବୀର ଖାଁ (୫୦)ବୋଲି ଜଣାପଡ଼ିଛି । ଅଭିଯୁକ୍ତଙ୍କୁ ତିଗିରିଆ ମହାବୀର ବଜାର ଠାରୁ ଗିରଫ କରାଯାଇ ପରେ କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ ସମରେନ୍ଦ୍ର ପାଇକରାୟ ସୂଚନା ଦେଇଛନ୍ତି । ପୋଲିସ ସୂତ୍ରରୁ ପ୍ରକାଶ ଯେ, ଗତ ଡିସେମ୍ବର ୧୦ ତାରିଖ ଦିନ ବିଶେଷ ସୂତ୍ରରୁ ଖବର ପାଇ ନିଜେ ଜିଲ୍ଲା ଆରକ୍ଷୀ ଅଧକ୍ଷ ପ୍ରତୀକ ସିଂ ତତ୍ତ୍ୱାବଧାନରେ ସ୍ୱତନ୍ତ୍ର ପୋଲିସ ଫୋର୍ସ ତିଗିରିଆ ଥାନା ଅନ୍ତର୍ଗତ କରଡ଼ାପଲ୍ଲୀ ନିକଟ ବାରମାଣ ସଂରକ୍ଷିତ ଜଙ୍ଗଲରେ ଚଢାଉ କରାଯାଇଥିଲା । ଜଙ୍ଗଲର ବିଭିନ୍ନ ସ୍ଥାନରେ କଂସେଇଖାନା କରି ଅତି ଅସହାୟ ଓ ଦୟନୀୟ ଅବସ୍ଥାରେ ବନ୍ଧା ହୋଇ ରହିଥିବା ୫୦୦ରୁ ଉର୍ଦ୍ଧ୍ୱ ଗାଈ, ଷଣ୍ଢ, ବଳଦ ଓ ବାଛୁରୀ ମାନଙ୍କୁ ମୃତ୍ୟୁ ମୁଖରୁ ଉଦ୍ଧାର କରାଯାଇଥିବା ବେଳେ ମାଫିଆମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଏହି ଘଟଣାରେ ପୁଲିସ ୨୯୪/୨୪ ନମ୍ବରରେ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ ଜାରି ରଖି ଅଭିଯୁକ୍ତ ମାନଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖିଥିବା ପୋଲିସ ଠାରୁ ପ୍ରକାଶ।

### ଏଚ୍‌ଏମ୍‌ପିଭି ସଂପର୍କିତ ସମୀକ୍ଷା ବୈଠକ

## ରାଜ୍ୟ ଓ କେନ୍ଦ୍ର ସରକାର ସଂପୂର୍ଣ୍ଣ ସଜାଗ ଅଛନ୍ତି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ହ୍ୟୁମାନ ମେଟାନ୍ୟୁମୋ ଭାଇରସ୍ (ଏଚ୍‌ଏମ୍‌ପିଭି) ସଂପର୍କିତ ଏକ ସମୀକ୍ଷା ବୈଠକ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ କମିଶନର ତଥା ଶାସନ ସଚିବ ଅଶ୍ୱତୀ ଏସ୍‌ଙ୍କ ଅଧ୍ୟକ୍ଷତାରେ ଆଜି ବିଭାଗୀୟ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶାର ଜନସାଧାରଣ ଏଚ୍‌ଏମ୍‌ପିଭି ଭୂତାଣୁ ନେଇ ବିଚଳିତ କିମ୍ବା ଆତଙ୍କିତ ହେବାର କିଛି କାରଣ ନାହିଁ ବୋଲି ବୈଠକରେ ମତପ୍ରକାଶ ପାଇଛି । ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଏବଂ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଏହାକୁ ନେଇ ସଂପୂର୍ଣ୍ଣ ସଜାଗ ରହିଛନ୍ତି । ଅଦ୍ୟାବଧି ଏଚ୍‌ଏମ୍‌ପିଭିର କୌଣସି ପ୍ରଭାବ ଓଡ଼ିଶାରେ ପରିଲକ୍ଷିତ ହୋଇନାହିଁ । ତା' ସତ୍ତ୍ୱେ ଓଡ଼ିଶା ସରକାର ସମସ୍ତ ପରିସ୍ଥିତି ପାଇଁ ସଂପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି । ଆଇଡିଏସ୍‌ପି, ଏନ୍‌ସିଡିସି ଠାରୁ ଆରମ୍ଭ କରି ରାଜ୍ୟ ସରକାରଙ୍କ ସମସ୍ତ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟ, ଏମସ୍, ଭୁବନେଶ୍ୱର, ଆର୍‌ଏମ୍‌ଆରସି ଭୁବନେଶ୍ୱର, ଆଇଏଲଏସ୍, ଭୁବନେଶ୍ୱର ପ୍ରମୁଖ ଅନୁଷ୍ଠାନ ଏହା ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି । ତେଣୁ ଜନସାଧାରଣ ତଥା ଗଣମାଧ୍ୟମ ଅଯଥା ବ୍ୟସ୍ତବିବ୍ରତ କିମ୍ବା ବିଚଳିତ ହେବାର କୌଣସି କାରଣ ନାହିଁ । ବ୍ୟାପକ ଜନସଚେତନତା ଓ ସତର୍କତା ଦ୍ୱାରା ସଂକ୍ରମଣକୁ ସହଜରେ ପ୍ରତିହତ କରାଯାଇପାରେ । ତେଣୁ, ସଦାସର୍ବଦା ବ୍ୟକ୍ତିଗତ ତଥା ପରିବେଶର ପରିଷ୍କାରପରିଚ୍ଛନ୍ନତା ପ୍ରତି ବିଶେଷ ଧ୍ୟାନଦେବା ପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଜନସାଧାରଣଙ୍କୁ ଅନୁରୋଧ କରୁଛନ୍ତି । ସଚେତନ ହେଲେ ସୁରକ୍ଷିତ ରହିବା । ଏହି ବୈଠକରେ ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଡ. ବିଜୟ କୁମାର ମହାପାତ୍ର, ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଡ. ନୀଳକଣ୍ଠ ମିଶ୍ର, ଡିଏମ୍‌ଇଟି ଡ. ସନ୍ତୋଷ କୁମାର ମିଶ୍ର, ଭାରତ ସରକାରଙ୍କ ଆଂଚଳିକ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ନିର୍ଦ୍ଦେଶାଳୟର ନିର୍ଦ୍ଦେଶିକା ଡ. ସୁମିତ୍ରା ସାସମଲ, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଟିମ୍ ଲିଡ୍ ଡ. ନିହାର ରାୟ, ଆର୍‌ଏମ୍‌ଆର୍‌ସିର ଡ. ଶୁଭ୍ର ସୁଭଦ୍ରା, ଡ. ଇରା ପ୍ରହରାଜ, ଅତିରିକ୍ତ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶିକା ଡ. ପ୍ରମିଳା ବରାଳ, ଏପିଏଚ୍‌ଓ ଡ. ବିଶ୍ୱରଞ୍ଜନ ଦାସ, ଉପଶାସନ ସଚିବ ଅରୁଣା ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ଦୁଇ ତିନି ବର୍ଷ ଭିତରେ ବନ୍ଦ ହେବ ବେଆଇନ ମଦ କାରବାର

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଦୁଇ ତିନି ବର୍ଷ ଭିତରେ ବେଆଇନ ମଦ ଓ ଡ୍ରଗ୍ସ କାରବାର ହେବ ବନ୍ଦ । ନୂଆ ବର୍ଷରେ ସ୍ପେଶାଲ ଡ୍ରାଇଭରେ ବିଭାଗକୁ ମିଳିଛି ବଡ଼ ସଫଳତା । ସ୍ପେଶାଲ ଡ୍ରାଇଭରେ ବହୁ ପରିମାଣରେ ବେଆଇନ ମଦ ଓ ଡ୍ରଗ୍ସ ଜବତ କରିଛି ବିଭାଗ । ୧୨ ଦିନରେ ସ୍ପେଶାଲ ଡ୍ରାଇଭରେ ୧୯ କୋଟି ଟଙ୍କାର ବେଆଇନ ମାଦକ ଦ୍ରବ୍ୟ ଜବତ କରିଛି ବିଭାଗ । ନୂଆବର୍ଷକୁ ଆଖି ଆଗରେ ରଖି ୧୫ ଦିନ ପାଇଁ ସ୍ପେଶାଲ ଡ୍ରାଇଭ କରିବାକୁ କହିଥିଲି। ବିଭାଗକୁ ବହୁ ସଫଳତା ମିଳିଛି ବୋଲି କହିଛନ୍ତି ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ୨୮ ତାରିଖରୁ ୧୨ ତାରିଖ ପର୍ଯ୍ୟନ୍ତ ଏହି ଡ୍ରାଇଭ ଚାଲିଥିଲା । ବିଭାଗକୁ ଏଥିରେ ବହୁ ସଫଳତା ମିଳିଛି ଏବଂ ସେହି ସ୍ପେଶାଲ ଡ୍ରାଇଭରେ ବହୁ ଗୁଡାଏ ବେଆଇନ ମଦ ଓ ଡ୍ରଗ୍ସ ଜବତ ହୋଇଛି। ଏବଂ ଏହାକୁ କ୍ରମାଗତ ଭାବରେ ଆମେ କରିବୁ । ଓଡିଶାରୁ ଦୁଇ ତିନି ବର୍ଷ ଭିତରେ ବେଆଇନ ମଦ ଓ ଡ୍ରଗ୍ସ କାରବାର ରୋକିବା ପାଇଁ ଯାହା ପଦକ୍ଷେପ ନେବାକଥା ସରକାର ପକ୍ଷରୁ ନେବୁ। ମିଳିଥିବା ସୂଚନା ଅନୁସାରେ ସ୍ପେଶାଲ ଡ୍ରାଇଭରେ ୧୯ କୋଟି ଟଂକାର ବେଆଇନ ମାଦକ ଦ୍ରବ୍ୟ ଜବତ କରିଛି ବିଭାଗ । ସେହିପରି ୧୫ ଦିନରେ ୪୦୧୩ ଟି ମକଦମା ରୁଜୁ ହୋଇଥିବା ବେଳେ ୨ ହଜାର ୧୭୬ ଜଣ ଗିରଫ ହୋଇଛନ୍ତି।

## ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ହିତାଧିକାରୀଙ୍କୁ ବର୍ଦ୍ଧିତ ଭତ୍ତା ବିତରଣ

କଟକ(ଭାସ୍କର ନ୍ୟୁଜ୍): କଟକରେ ଜନସେବା ଦିବସ ଉପଲକ୍ଷେ କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ କାର୍ଯ୍ୟାଳୟ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଜିଲ୍ଲା ସମ୍ମିଳନୀ କକ୍ଷରେ ଆୟୋଜିତ ଜିଲ୍ଲାସ୍ତରୀୟ ବର୍ଦ୍ଧିତ ଭତ୍ତା ରାଶି ବିତରଣ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବର୍ଦ୍ଧିତ ଭତା ୮୦ ବର୍ଷରୁ ଉର୍ଦ୍ଧ୍ୱ ଏବଂ ୮୦ ପ୍ରତିଶତ ବା ତଦୁର୍ଦ୍ଧ ଭିନ୍ନକ୍ଷମ ହିତାଧିକାରୀଙ୍କୁ ୩ ହଜାର ୫ ଶହ ଟଙ୍କା ଲେଖାଏ ଭତା ପ୍ରଦାନ କରାଯାଇଛି । କାର୍ଯ୍ୟକ୍ରମରେ କଟକ ସଦର ବିଧାୟକ ଇଂ ପ୍ରକାଶ ଚନ୍ଦ୍ର ସେଠୀ ଏବଂ ଜିଲ୍ଲାପାଳ ଦତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଉପସ୍ଥିତରେ ବର୍ଦ୍ଧିତ ଭତା ବିତରଣ କରାଯାଇଛି । ଏହି ଅବସରରେ ସଦର ବିଧାୟକ ଇଂ ଶ୍ରୀ ସେଠୀ କହିଲେ ଯେ ବିଭିନ୍ନ ସାମାଜିକ ସୁରକ୍ଷା ଭତାକୁ ଟ ୩୫୦୦/- ଙ୍କାକୁ ବୃଦ୍ଧି କରିବା ରାଜ୍ୟ ସରକାରଙ୍କ ବୟସ୍କ ନାଗରିକ ତଥା ଦିବ୍ୟାଙ୍ଗ ବ୍ୟକ୍ତି ନାଗରିକ ମାନଙ୍କ ପ୍ରତି ଏକ ସମ୍ମାନଜନକ ପଦକ୍ଷେପ । କଟକ ଜିଲ୍ଲାରେ ଏହି ବର୍ଗରେ ଚିହ୍ନଟ ହୋଇଥିବା ୨୯୭୩୮ ଜଣ ନାଗରିକଙ୍କୁ ଏହି ସମ୍ମାନଜନକ ଭତା ପ୍ରଦାନ କରାଯିବାକୁ ଥିବାବେଳେ, ଆଜି ମୋଟ ୧୫୦ ଜଣ ବୟସ୍କ ଓ ଭିନ୍ନକ୍ଷମ ବ୍ୟକ୍ତି ଏବଂ ହିତାଧିକାରୀଙ୍କୁ ବର୍ଦ୍ଧିତ ଭତା ପ୍ରଦାନ ଯାଇଥିଲା। ଜିଲ୍ଲାପାଳ ଶ୍ରୀ ଶିନ୍ଦେ ଏହି ଅବସରରେ କହିଲେ ଯେ ଜିଲ୍ଲାରେ ସମସ୍ତ ବ୍ଲକ ମାନଙ୍କରେ ଯୋଗ୍ୟ ହିତାଧିକାରୀମାନଙ୍କୁ ଚିହ୍ନଟ କରାଯିବା ସହ ଯଥା ସମୟ ମଧ୍ୟରେ ସେମାନଙ୍କୁ ଭତା ପ୍ରଦାନ କରାଯିବାର କାର୍ଯ୍ୟକ୍ରମକୁ ତ୍ୱରାନିତ କରାଯିବ, ଏଥିପାଇଁ ପ୍ରଶାସନିକ ସ୍ତରରେ ଆବଶ୍ୟକ ପଦକ୍ଷେପ ମଧ ଗ୍ରହଣ କରାଯିବ।

## ରାଜ୍ୟସ୍ତରୀୟ ବୀମା କମିଟିର ପ୍ରଥମ ବୈଠକ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟସ୍ତରୀୟ ବୀମା କମିଟି ର ପ୍ରଥମ ସମ୍ମିଳନୀ ୧୫ ଜାନୁଆରୀ ୨୦୨୫ ତାରିଖରେ ଭୁବନେଶ୍ୱରରେ ସଫଳତାର ସହିତ ଆୟୋଜିତ ହୋଇଯାଇଛି । ଏହି ସମ୍ମିଳନୀ ଅନୁ ଗର୍ଗ, ଉନ୍ନୟନ କମିଶନର୍ ଓ ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ସମ୍ପାଦିତ ହୋଇଥିଲା । ସେ ତାଙ୍କ ଉଦବୋଧନରେ ରାଜ୍ୟ ସ୍ତରୀୟ ବୀମା କମିଟିକୁ ଆଇଆରଡିଏଆଇ, ରାଜ୍ୟ ସରକାର ଓ ବୀମା କମ୍ପାନୀମାନଙ୍କର ଏକ ତ୍ରିପାକ୍ଷିକ ସଂସ୍ଥାଗତ ବ୍ୟବସ୍ଥା ଭାବେ କାମ କରିବା ପାଇଁ ଉତ୍ସାହିତ କରିଥିଲେ । ବ୍ୟାଙ୍କିଂ କ୍ଷେତ୍ରରେ ଏସଏଲବିସି ପରି ବୀମା କ୍ଷେତ୍ରରେ ଏସଏଲବିସି କୁ ସର୍ବୋତ୍ତମ ମାନଦଣ୍ଡ ସ୍ଥାପନ କରିବାର ଆବଶ୍ୟକତା ରହିଛି । ଏହି କମିଟି ରାଜ୍ୟର ବୀମା କଭରେଜ୍ ର ଅବସ୍ଥା ମୂଲ୍ୟାଙ୍କନ କରି ୨୦୩୬ ସୁଧା ସମସ୍ତଙ୍କ ପାଇଁ ବୀମା ସୁବିଧା ଲକ୍ଷ୍ୟ ହାସଲ ପାଇଁ ବିହିତ ପଦକ୍ଷେପ ନେବ। ଏହି ବୈଠକରେ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଅଧୀନରେ ନିମ୍ନ ହାରରେ ଦାବି ସମାଧାନ ପ୍ରସଙ୍ଗ ଉପରେ ଧ୍ୟାନ ଆକର୍ଷଣ କରାଯାଇଥିଲା। କମିଟି ଏହାକୁ ଗମ୍ଭୀରତାର ସହିତ ଆଲୋଚନା କରିଥିଲେ ଓ ସମ୍ପୃକ୍ତ ବୀମା କମ୍ପାନୀଗୁଡିକୁ ସମସ୍ତ ଦାବି ପ୍ରାଥମିକତା ସହିତ ସମାଧାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ସାଧାରଣ ଜନତାଙ୍କ ପାଇଁ ସୁଲଭ ଓ ସହଜ ବୀମା ସୁବିଧା, ବୀମାକାରୀ ଏବଂ ବୀମା ଗ୍ରହୀତାଙ୍କ ମଧ୍ୟରେ ବିଶ୍ୱାସର ନିବିଡ଼ତାକୁ ବଢାଇବା, ଟେକ୍ନୋଲୋଜି ପରିଚାଳିତ ପ୍ଲାଟଫର୍ମ ବ୍ୟବହାର କରି ପ୍ରକ୍ରିୟାକୁ ସରଳୀକରଣ କରିବା, ଦାବି ସମାଧାନକୁ ତ୍ୱରାନ୍ୱିତ କରିବା ପାଇଁ କୃତିମ ବୁଦ୍ଧିମତା ଆଧାରିତ ବ୍ୟବସ୍ଥା ଏବଂ ସୁଦୃଢ ଅଭିଯୋଗ ସମାଧାନ ବ୍ୟବସ୍ଥା କରିବା ପାଇଁ ଶ୍ରୀମତୀ ଅନୁ ଗର୍ଗ ସମସ୍ତ ବୀମା କମ୍ପାନୀମାନଙ୍କୁ ପରାମର୍ଶ ଦେଇଥିଲେ । ଏହି ବୈଠକରେ ଆଇଆରଡିଏଆଇର ସଦସ୍ୟ ସଚିବ ସତ୍ୟଜିତ ତ୍ରିପାଠୀ; ଏଲଆଇସିର ଅଧ୍ୟକ୍ଷ ସିଦ୍ଧାର୍ଥ ମହାନ୍ତି; ଆରବିଆଇର ଆଞ୍ଚଳିକ ନିର୍ଦ୍ଦେଶକ ଏସ. ପି. ମହାନ୍ତି; ୪ଟି ଅଗ୍ରଣୀ ବୀମା କମ୍ପାନୀର ଏମ୍. ଡି. ତଥା ସି. ଇ. ଓ., ଏମ୍. ଜଗନ୍ନାଥ, ଏଲ୍. ଆଇ. ସି.; ପରାଗ ରାଜା, ଭାରତୀ ଆକ୍ସା ଲାଇଫ୍ ଲିମିଟେଡ୍; ଅନିଲ କୁମାର ଅଗ୍ରୱାଲ, ଶ୍ରୀରାମ ଜେନେରାଲ୍ ଇନସୁରାନ୍ସ ଲିମିଟେଡ୍; ଆଲୋକ କୁମାର ଅଗ୍ରୱାଲ, ଜୁରିଚ୍ କୋଟାକ୍ ଜେନେରାଲ୍ ଇନସୁରାନ୍ସ ଲିମିଟେଡ୍; ଶାଶ୍ୱତ ମିଶ୍ର , ପ୍ରମୁଖ ଶାସନ ସଚିବ, ଅର୍ଥ ବିଭାଗ, ଡ଼ ଅରବିନ୍ଦ କୁମାର ପାଢୀ, ପ୍ରମୁଖ ଶାସନ ସଚିବ କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଗୁହା ପୁନମ ତାପସ କୁମାର, କମିଶନର ତଥା ଶାସନ ସଚିବ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ; ବୀମା କମ୍ପାନୀମାନଙ୍କର ଉଚ୍ଚ ପଦସ୍ତ ଅଧିକାରୀ; ରାଜ୍ୟ ସରକାରଙ୍କ ସଚିବ ଏବଂ ବରିଷ୍ଠ ଅଧିକାରୀଗଣ ତଥା ଅନୁଷ୍ଠାନିକ ଅର୍ଥ ବିଭାଗର ନିର୍ଦ୍ଦେଶକ ଡ. ପ୍ରଜ୍ଞାସ୍ମିତା ସାହୁ ଉପସ୍ଥିତ ଥିଲେ।

### ମନନର ଜନ୍ମ ବାର୍ଷିକୀ ନାଟକ ମହୋତ୍ସବର ୩ୟ ସନ୍ଧ୍ୟା

## ନାଟକ 'ଦେବଦାସୀ' ମଞ୍ଚସ୍ଥ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ମନନର ୪୬ତମ ଜନ୍ମ ବାର୍ଷିକୀ ନାଟକ ମହୋତ୍ସବର ୩ୟ ସଂନ୍ଧ୍ୟାରେ ନାଟକ 'ଦେବଦାସୀ' ରବୀନ୍ଦ୍ର ମଣ୍ଡପ ପରିସରରେ ମଞ୍ଚସ୍ଥ ହୋଇଯାଇଛି । ଅଲଟରନେଟିଭ୍ ରିଦିମ୍ ଥିଏଟର, ଢେଙ୍କାନାଳ ଜଗନ୍ନାଥ ସଂସ୍କୃତି, ପରମ୍ପରା ଓ ମାନବୀୟ ଲୀଳା ଭିତରେ ଏକ ଅନନ୍ୟ ପରମ୍ପରା ହେଉଛି ଦେବଦାସୀ ପରମ୍ପରା। ଠାକୁରଙ୍କୁ ସ୍ୱାମୀ ରୂପେ ବରଣ କରି ଅନୁଢ଼ା ମାନବୀ କନ୍ୟା, ସାରା ଜୀବନ ତାଙ୍କ ପାଇଁ ଶଙ୍ଖା, ସିନ୍ଦୂର, ପାଉଁଜି, ଝୁଣ୍ଟିଆ ନାଇ ନୃତ୍ୟ ସଙ୍ଗୀତ ପରିବେଷଣ କରି ସେ ପାଏ ସ୍ୱର୍ଗୀୟ ପ୍ରେମ। ଈଶ୍ୱରୀୟ ସତ୍ତାକୁ ଅନୁଭବରେ ମୂର୍ତ୍ତିମନ୍ତ କରିପାରେ ଦେବଦାସୀ । ତା'ରି ଭାବନାରେ ସେ ପାଏ ତା'ର ସ୍ପର୍ଶ, ପ୍ରେମ, ସାନିଧ ସାହଚର୍ଯ୍ୟ... ସବୁ କିଛି ସେଥିପାଇଁ ତ ନିଜକୁ ଆୟ ଅଳଙ୍କାରରେ ସଜେଇ ଜଗତ ଠାକୁରଙ୍କ ସମ୍ମୁଖରେ ନୃତ୍ୟ କରୁ କରୁ, ସତେ ଯେମିତି ସେ ପାଇଯାଏ ସ୍ୱର୍ଗୀୟ ସୁଖ। ଜଗନ୍ନାଥ ସେବାଦାସୀ-ଦେବଦାସୀର ଆବେଗ ଓ ସମର୍ପଣ ଭାବକୁ ନେଇ ପରିପୁଷ୍ଟ ନାଟକ 'ଦେବଦାସୀ' । ଦ୍ୱାପରରୁ କଳି ପର୍ଯ୍ୟନ୍ତ ଅପେକ୍ଷମାଣ ଆତୁରତାର ଅନନ୍ୟ ରୂପାୟନ 'ଦେବଦାସୀ' । କେଉଁ ସ୍ୱାର୍ଥରେ ନିଜକୁ ସମର୍ପିଥି ଦିଏ ସାରା ଜୀବନ ପାଇଁ କେଉଁ ବିଶ୍ୱାସରେ ନିଇତି ସଜେଇ ହୋଇ ଧାଇଁଯାଏ କଳାଠାକୁରଙ୍କ ପାଖକୁ ତେବେ, କ'ଣ ପାଏ...କ'ଣ ଭୋଗେ ସେ ? ଏସବୁ ପ୍ରଶ୍ନର ଉତ୍ତର ଆଡ଼କୁ ହାତ ବଢ଼େଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ପ୍ରାକ୍ତନ ଆୟକର ଆୟୁକ୍ତ ମନୋରଞ୍ଜନ ପାଣିଗ୍ରାହୀ ଯୋଗଦେଇଥିବା ବେଳେ ସିନେ ଅଭିନେତା ତଥା ପୂର୍ବତନ ଏସ୍‌ବିଆଇ କର୍ପୋରେଟ ସାମାଜିକ ଦାୟିତ୍ୱବୋଧ ଅତିରିକ୍ତ ମହାପ୍ରବନ୍ଧକ ନାଟ୍ୟ ନିର୍ଦ୍ଦେଶକ ଲାଲା ବୀରନେ ରାୟ, ବିଶିଷ୍ଟ ସାମ୍ବାଦିକ ଅଶୋକ କୁମାର ପାଲିତ, ସମ୍ପାଦକ ନିରଞ୍ଜନ ସାହୁ, ଉପ ସଭାପତି ବଙ୍କୀମି ଚରଣ ନାୟକ, ମନନ ନାଟ୍ୟ ସଭାପତି ନିର୍ଦ୍ଦେଶକ ମନୋଜ ପଟ୍ଟନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ ।

## କଂଗ୍ରେସ ପକ୍ଷରୁ ସିଏମ୍‌ସି କମିସନରଙ୍କୁ ଦାବିପତ୍ର



କଟକ(ଭାସ୍କର ନ୍ୟୁଜ୍): ବିଧାୟିକା ସୋଫିଆ ଫିରଦୋଷଙ୍କ ଆହ୍ୱାନ କ୍ରମେ ପୂର୍ବତନ ସଭାପତି ଗିରିବାଳା ବେହେରାଙ୍କ ନେତୃତ୍ୱରେ ଆଜି ନଗର କଂଗ୍ରେସର ଏକ ପ୍ରତିନିଧି ମଣ୍ଡଳୀ ସିଏମସି କମିସନରଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି । କଟକ ସହରର ବିଭିନ୍ନ ପ୍ରକଳ୍ପ କାର୍ଯ୍ୟର ଉନ୍ନତିକରଣ କାମ ବର୍ଷ ବର୍ଷ ବିତି ଯାଉଥିଲେ ମଧ କାମ ଶେଷ ହେଉନାହିଁ । ଐତିହାସିକ ନେତାଜୀ ସ୍ମାରକୀ ପୀଠ ଏବଂ ସିଡିଏ ସେକ୍ଟର-୧୧ ସ୍ଥିତ ବିଜୁ ପଟ୍ଟନାୟକ ପାର୍କର ଉନ୍ନତି ଓ ନବୀକରଣ କାର୍ଯ୍ୟର ଅହେତୁକ ବିଳମ୍ବ ସାଧାରଣରେ ଘୋର ଅସନ୍ତୋଷ ସୃଷ୍ଟି କରୁଛି । କୋଟି କୋଟି ଟଙ୍କା ବ୍ୟୟରେ ଉପରୋକ୍ତ ଦୁଇ ପ୍ରକଳ୍ପର ସୌନ୍ଦର୍ଯ୍ୟକରଣ ଓ ନବୀକରଣ କାର୍ଯ୍ୟ ହେଉଥିଲେ ମଧ ଜନସାଧାରଣଙ୍କ ବା ସର୍ବସାଧାରଣଙ୍କ ପ୍ରବେଶ ନିମନ୍ତେ ବାଧକ ରହିବା ଦୁର୍ଭାଗ୍ୟଜନକ । ଦୁଇ ପ୍ରକଳ୍ପର କାର୍ଯ୍ୟ ଅନ୍ତିମ ପର୍ଯ୍ୟାୟରେ ଥିଲେ ମଧ ପ୍ରଶାସନିକ ଇଚ୍ଛା ଶକ୍ତିର ଅଭାବରୁ ପୂର୍ଣାଙ୍ଗ ହୋଇ ପାରୁନାହିଁ କିମ୍ବା ଏହାର ରକ୍ଷଣା ବେକ୍ଷଣା ପାଇଁ କୌଣସି ଠୋସ ପଦକ୍ଷେପ ନିଆଯାଉନାହିଁ । ଏ ଦିଗରେ ବାରବାଟୀ-କଟକର ମାନ୍ୟବର ବିଧାୟିକା ସଂପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କ ସହିତ ଏକାଧିକବାର ଆଲୋଚନା କରି ତୁରନ୍ତ ଟେଣ୍ଡର ଜରିଆରେ ସମସ୍ୟା ସମାଧାନ ପାଇଁ ପ୍ରସ୍ତାବ ଦେଇଥିଲେ ମଧ କାହିଁକି କର୍ତ୍ତୃପକ୍ଷ କାଳ କ୍ଷେପଣ ନୀତି ଅବଲମ୍ବନ କରି ଚାଲିଛନ୍ତି ଜଣାଯାଉନାହିଁ । ଦୁଇ ପ୍ରକଳ୍ପ ନେତାଜୀ ସ୍ମାରକୀ ପୀଠ ଏବଂ ବିଜୁ ପଟ୍ଟନାୟକ ପାର୍କର ରକ୍ଷଣାବେକ୍ଷଣା ଓ ପରିଚାଳନାରେ ସ୍ୱଚ୍ଛତା ଆଣିବା ପାଇଁ ମନମାନୀରେ ନିଯୁକ୍ତି କିମ୍ବା ପଦକ୍ଷେପ ନେବା ଅପେକ୍ଷା ଟେଣ୍ଡର ଜରିଆରେ ଦାୟିତ୍ୱ ନିର୍ବାହ କରିବା ଅତ୍ୟନ୍ତ ସ୍ୱାଗତଯୋଗ୍ୟ ପଦକ୍ଷେପ ହେବ ବୋଲି ଶ୍ରୀମତୀ ବେହେରା କହିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଶୈଳବାଳା ଜେନା, କର୍ପୋରେଟର ସନ୍ତୋଷ ଭୋଳ, ଲିଜା ରାଉତ, ଜେ କାମେଷ ରାଓ, ବଟକୃଷ୍ଣ ସାହୁ, ଜନାର୍ଦ୍ଦନ ପରିଡ଼ା, ବରିଷ୍ଠ କଂଗ୍ରେସ ନେତା କେଦାର ପୃଷ୍ଟି, ଅଜିତ ବେହେରା, ଚନ୍ଦନ ଦାସ, ବିକି ଚକ୍ରବର୍ତ୍ତୀ, ସନ୍ତୋଷ ପାତ୍ର, ସୁରଜିତ ସାହୁ, ଅଜୟ ଗୋଛାୟତ, ଦିଲ୍ଲୀପ ନାୟକ, ସେକ ଗୁଲାମ ମୋଇଦ୍ଦିନ, ସେକ ବାବାଯାନୀ, ଅବଦୁଲ ନସିମ, ଅଫତାବ ନୁର, ଦିଲ୍ଲୀପ ମହାନ୍ତି, ଅନିତା ବେହେରା, ସନ୍ତୋଷ ଲେଙ୍କା, ଦେବେନ୍ଦ୍ର ପ୍ରସାଦ ଶେଠୀ ପ୍ରମୁଖ ଉପସ୍ଥିତ ଥିଲେ।

SERAJUDDIN
Responsible Mining

Head Office:
19/A, 1st Floor, Abdul Hamid Street
Kolkata - 700 069
Phone: 033 22315653
Fax: 033 22315652

Regd. Office:
72, 1st Floor, Bentick Street,
Kolkata - 700 001
Phone : 033 - 22258262

Mines Office:
Balda Block iron ore Mines :
At/Po- Balda, Ps- Town Police Station
Keonjhar Park Line
Dist - keonjhar, Odisha - 758034

ଓଡ଼ିଶା ଭାସ୍କର
ସମ୍ପାଦକୀୟ



ନିଜେ ବିତରି ନ ଜାଣେ କୃପଣ,
ଖଣ୍ଡେ ନିଅନ୍ତି ବଳେ ତାର ଧନ।
ଖଣ୍ଡ ହେଲେ ହେଁ ପରକୁ ପ୍ରଦାନ
କରି ଜାଣେ ଯେ ସେ ଲୋକ ପ୍ରଧାନ।
-ସ୍ୱଭାବକବି ଗଙ୍ଗାଧର ମେହେର



ମହତ ନିଧନେ ସେ ମହତ ସ୍ଥାନେ
ପଡ଼ିଥିଲେ କ୍ଷୁଦ୍ର ଧୂଳିକଣିକା
ଭକତି ଆଦର କରେ ଯେ ତାହାର
ସେ ଦିଏ ମହତ ହୃଦୟ-ଶିକ୍ଷା।
- ଉତ୍କଳମଣି ଗୋପବନ୍ଧୁ ଦାସ



# ଭାରତୀୟ 'ଟଙ୍କା'ର ମୂଲ୍ୟ ହ୍ରାସ
## ଅର୍ଥନୀତି ପ୍ରଭାବିତ ହେବା ଆଶଙ୍କା

ଗୋଟିଏ ପଟେ ଆମେରିକୀୟ ମୁଦ୍ରା 'ଡଲାର' ତୁଳନାରେ ଭାରତୀୟ ଟଙ୍କାର ମୂଲ୍ୟ କ୍ରମାଗତ ହ୍ରାସ ପାଇ ସର୍ବନିମ୍ନ ସ୍ତରରେ ପହଞ୍ଚିଥିବା ବେଳେ ଅନ୍ୟପଟେ ଭାରତୀୟ ସେୟାର ବଜାରରେ ବଡ଼ଧରଣର ହ୍ରାସ ଘଟିବା ଯୋଗୁଁ ଅର୍ଥନୀତିରେ କମ୍ପନ ସୃଷ୍ଟି ହୋଇଛି। ବିଦେଶୀ ନିବେଶକମାନେ ଭାରତୀୟ ସେୟାର ବଜାରରୁ ପୁଞ୍ଜି ପ୍ରତ୍ୟାହାର କରି ଚାଲିଥିବାରୁ ଜଟିଳ ସମସ୍ୟା ଦେଖାଦେଇଛି। ଆଜିକୁ ପ୍ରାୟ ଶହେ ଦିନ ପୂର୍ବେ ଷ୍ଟକ୍ ବଜାର ରେକର୍ଡ ସ୍ତରରେ ପହଞ୍ଚିଥିଲା। ମାତ୍ର ଏଥିରେ ବଡ଼ଧରଣର ହ୍ରାସ ଘଟି ବର୍ତ୍ତମାନ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ ଏବଂ ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜ୍ ଦଶ ପ୍ରତିଶତ ନିମ୍ନସ୍ତରରେ ରହିଛି। ଏହି ଶହେ ଦିନର ଷ୍ଟକ୍ ବଜାର ନିବେଶକ ପ୍ରାୟ ୬୦ଲକ୍ଷ କୋଟି ଟଙ୍କାର କ୍ଷତି ସହିଥିବାର ଜଣାପଡିଛି। ଏହି ସମୟ ମଧ୍ୟରେ ସେନ୍‌ସେକ୍ସ ୯ ହଜାର ୬୦୦ ପଏଣ୍ଟ ଖସି ମୁଣ୍ଡବ୍ୟଥାର କାରଣ ପାଲଟିଛି। ଗତ କିଛିଦିନ ଧରି ଭାରତୀୟ ମୁଦ୍ରା 'ଟଙ୍କା' ଅତ୍ୟଧିକ ଦୁର୍ବଳ ସ୍ଥିତିରେ ପହଞ୍ଚିଛି ଏବଂ ଡଲାର ତୁଳନାରେ ଏହାର ମୂଲ୍ୟ ୮୬ରୁ ୮୭ ଟଙ୍କା ହୋଇଛି। ଜାତୀୟ ଅର୍ଥନୀତି ପାଇଁ ଏହା ଏକ ଆହ୍ୱାନ ସୃଷ୍ଟି କରିଥିଲା ଭଳି ମନେ ହେଉଛି। ଅର୍ଥନୀତି ବିଶାରଦମାନଙ୍କ ଆକଳନ ଅନୁଯାୟୀ ମହାମାରୀ କରୋନା ଏବଂ ରୁଷ୍-ୟୁକ୍ରେନ୍ ଯୁଦ୍ଧ ପରେ ଆମ ଦେଶରେ ଯେଉଁ ବଡ଼ଧରଣର ଦରବୃଦ୍ଧି ଘଟିଥିଲା, ତାହାକୁ ନିୟନ୍ତ୍ରଣ କରିବାକୁ ଉଭୟେ କେନ୍ଦ୍ର ସରକାର ଓ ରିଜର୍ଭ ବ୍ୟାଙ୍କ ପ୍ରାଣମୂର୍ଚ୍ଛା ଉଦ୍ୟମ ଜାରି ରଖିଛନ୍ତି। ମାତ୍ର ଏଥିରୁ ସୁଫଳ ମିଳିବାକୁ ଯାଉଥିବା ସମୟରେ ଟଙ୍କାର ଦୁର୍ବଳ ସ୍ଥିତି ପୁନର୍ବାର ଅଙ୍କକୁ ବିଗାଡ଼ି ଦେଇଛି। ଦେଶର ଖୁଚୁରା ମୁଦ୍ରାସ୍ଫୀତି ହାର ୨୦୨୪ ଡିସେମ୍ବର ମାସରେ ୫.୨୨ ପ୍ରତିଶତ ହ୍ରାସ ପାଇବା ପରେ କେନ୍ଦ୍ର ସରକାର କିଛିଟା ଉତ୍ସାହିତ ହୋଇଥିଲା ବେଳେ ଟଙ୍କାର ମୂଲ୍ୟ ରେକର୍ଡସ୍ତରକୁ ଖସି ଆସିବା ଯୋଗୁଁ ଉତ୍ସାହରେ ଭଟ୍ଟା ପଡ଼ିଯାଇଛି। ଡଲାର ତୁଳନାରେ ଟଙ୍କାର ମୂଲ୍ୟ ହ୍ରାସର ସୁଦୂର ପ୍ରସାରୀ ପ୍ରଭାବ ଜନଜୀବନ ଉପରେ ପଡିବାର ସମ୍ଭାବନା ରହିଛି। ସୁଦୂର ଗ୍ରାମାଞ୍ଚଳରେ ବସବାସ କରୁଥିବା ଗରିବ ଲୋକର ଭାତହାଣ୍ଡି ଉପରେ ଏହା ଚଡ଼କ ପକାଇବାର ଆଶଙ୍କା ରହିଥିବା ବେଳେ ସହରାଞ୍ଚଳର ଜନଜୀବନକୁ ମଧ୍ୟ ଏହା ପ୍ରଭାବିତ କରିବ। ଭାରତ ବିଶ୍ୱର ଦ୍ୱିତୀୟ ଜନବହୁଳ ରାଷ୍ଟ୍ର ହୋଇଥିବାରୁ ଖାଦ୍ୟ ସାମଗ୍ରୀ ଠାରୁ ଆରମ୍ଭ କରି ଅଶୋଧିତ ତୈଳ ଓ ବିଭିନ୍ନ ପ୍ରକାର ଯନ୍ତ୍ରାଂଶ ପାଇଁ ଅନ୍ୟ ଦେଶ ଉପରେ ନିର୍ଭର କରିବାକୁ ପଡିଥାଏ। ସେହିସବୁ ସାମଗ୍ରୀ ଆମଦାନୀ କରିବା ଲାଗି ଆମେରିକୀୟ ଡଲାର ଆବଶ୍ୟକ ପଡୁଥିବାରୁ 'ଟଙ୍କା'ର ଏଭଳି ଦୁର୍ବଳ ସ୍ଥିତି ଆଗକୁ ଗୁରୁତର ସମସ୍ୟା ସୃଷ୍ଟି କରିବ। ସେହିସବୁ ସାମଗ୍ରୀ କ୍ରୟ କରିବାକୁ ଯଥେଷ୍ଟ ଅଧିକ ଟଙ୍କା ଗଣିବାକୁ ପଡୁଥିବା ଦୃଷ୍ଟିରୁ ଉପଭୋକ୍ତାମାନଙ୍କ ଉପରେ ତାହାର ଚାପ ପଡିବ ଏବଂ ଏସବୁ ଦର ବୃଦ୍ଧି ଘଟିବା ସୁନିଶ୍ଚିତ। ଭାରତୀୟ ଟଙ୍କାର ମୂଲ୍ୟହ୍ରାସ ଯୋଗୁଁ ଦେଶର ଅର୍ଥନୈତିକ କାର୍ଯ୍ୟକଳାପ ମନ୍ଥର ହେବା ସହିତ ବିକାଶ ପ୍ରକ୍ରିୟା ବ୍ୟାହତ ହେବାର ମଧ୍ୟ ଆଶଙ୍କା କରାଯାଉଛି। ସବୁଠାରୁ ବଡ଼କଥା ହେଉଛି ଆଉ ଅଳ୍ପଦିନ ମଧ୍ୟରେ କେନ୍ଦ୍ର ବଜେଟ ସଂସଦରେ ଉପସ୍ଥାପିତ ହେବାକୁ ଯାଉଛି। ଠିକ୍ ସେହି ସମୟରେ ଅର୍ଥନୀତି କ୍ଷେତ୍ରରେ ଏଭଳି ଜଟିଳ ସ୍ଥିତି କେନ୍ଦ୍ର ସରକାରଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ଭାରତୀୟ ଟଙ୍କାକୁ ସୁଦୃଢ଼ ଓ ସବଳ କରିବାର ଦାୟିତ୍ୱ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଉପରେ ନ୍ୟସ୍ତ କରାଯାଇଛି। ମାତ୍ର ଆର୍‌ବିଆଇ ଏ କ୍ଷେତ୍ରରେ କିଛିଟା ଅସହାୟ ଥିଲାଭଳି ମନେ ହେଉଛି। ତେଣୁ ଆଗାମୀ ଦିନରେ ଭାରତୀୟ ଅର୍ଥନୀତିର ଏହି ନିମ୍ନମୁଖୀ ଧାରାକୁ ରୋକିବା ଦିଗରେ ସମନ୍ୱିତ ପ୍ରୟାସର ଯେ ଜରୁରି ଆବଶ୍ୟକତା ରହିଛି ଏଥିରେ ସନ୍ଦେହର ଅବକାଶ ନାହିଁ।

# ପରିବର୍ତ୍ତନର ବାର୍ତ୍ତାବହଙ୍କ ସ୍ୱପ୍ନର ସମାଧି



ପୁଷ୍ପମିତ୍ର ମହାପାତ୍ର
ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ
ମୋ: ୯୪୩୭୨୨୫୬୮୯

ଜୀବନର ଅର୍ଥ କ'ଣ? କହିବାକୁଗଲେ ଜୀବନ କ'ଣ ଅର୍ଥପୂର୍ଣ୍ଣ ନା ଅର୍ଥହୀନ। ଏହିପରି ଅନେକ ପ୍ରଶ୍ନ ସ୍ୱାଭାବିକ ଭାବରେ ଆମ୍ଭମାନଙ୍କର ଜୀବନରେ ଅନୁଚରିତ ଭାବେ ଆସିଥାଏ। ବିଶାଳ ଭାରତ ବର୍ଷରେ ବଡ଼ ସଂଖ୍ୟା ହେଉଛନ୍ତି ନିମ୍ନ ମଧ୍ୟବିତ୍ତ ବର୍ଗ ଯେଉଁମାନେ ନିଜର ଉପାର୍ଜନକୁ ଯେତେ ଚାହିଁଲେ ବି ପ୍ରାୟତଃ ସେପରି ନା ସଞ୍ଚୟ କରିପାରନ୍ତି ନା ଜୀବନରେ ସେମାନଙ୍କର ସ୍ୱପ୍ନ କିଛି ସାକାର ହୋଇଥାଏ। ପ୍ରାୟତଃ ନିମ୍ନ ମଧ୍ୟବିତ୍ତଙ୍କ ସଂଖ୍ୟା ଜନସଂଖ୍ୟାର ଏକ ବଡ଼ ସଂଖ୍ୟାରେ ଥିବା ଭିତରେ ସେମାନଙ୍କ ସ୍ୱପ୍ନ ଅନେକ ସମୟରେ ସମାଧି ପାଇଯାଏ। ପ୍ରାୟତଃ ଦୁଇଟି ପିଲାଙ୍କୁ ନେଇ ଛୋଟିଆ ପରିବାର କଥା ଉଠିଲେ ସେମାନଙ୍କୁ ଯୋଗ୍ୟ କରିବା ନିମିତ୍ତ ଆଉ ଅଭିଳାଷ ପୂରଣ ପାଇଁ କେତେ ଖର୍ଚ୍ଚ କରିବାକୁ ପଡ଼ିଥାଏ ତାହା ଅନେକ ଜାଣିଥିଲେ ମଧ୍ୟ ହିସାବ ରଖି ନଥାନ୍ତି। ସରକାରୀ ଶିକ୍ଷାନୁଷ୍ଠାନ ଠାରୁ ପିଲାମାନଙ୍କୁ ଉଚ୍ଚଶିକ୍ଷା ଓ ସେମାନଙ୍କ ସ୍ୱପ୍ନକୁ ସାକାର କରିବା ନିମିତ୍ତ ବ୍ୟୟବହୁଳ ପବ୍ଲିକ ସ୍କୁଲରେ ପଢ଼ାଇବା ପାଇଁ ପ୍ରାୟତଃ ଭାରତୀୟ ପିତାମାତାମାନେ ବାଧ୍ୟ ହୋଇଥାନ୍ତି। ଏପଟେ ମେଧାବୀ ପିଲା ପାଇଁ ଉଚ୍ଚଶିକ୍ଷାର ସୁଯୋଗ ପ୍ରଦାନ କେବଳ ଯେ ଷ୍ଟଡିଲୋନ୍ ଉପରେ ନିର୍ଭରଶୀଳ ଏହାକୁ ଚିନ୍ତା କରି ଅଭିଭାବକମାନେ ହାତ ବାନ୍ଧି ବସି ପାରିନଥାନ୍ତି। କହିବାକୁଗଲେ ମୁଣ୍ଡ ଉପରେ ଗୋଟିଏ ଛାତର ସ୍ୱପ୍ନ, ସମ୍ଭାବନା, ଆକାଂକ୍ଷା ପୂରଣ କରିବା ମଧ୍ୟ ଢ଼େର କଷ୍ଟ ସାଧ୍ୟ ହୋଇପଡ଼ିଥାଏ। ଏପରି ଦୋଛକି ସମୟରେ ସ୍ୱାଭାବିକ ଭାବେ ପ୍ରଶ୍ନ ଉଠେ ସ୍ୱପ୍ନ ଭଙ୍ଗ ମଣିଷଟି ରାଷ୍ଟ୍ର ଗଠନ ଭଳି ଦାୟିତ୍ୱରେ କିପରି ସାମିଲ ହୋଇପାରିବ? ତା' ସାମ୍ନାରେ ସେ ଭଲ ଭାବେ ଦେଖୁଛି ତା'ର ତଳ ପାହାଚରେ ଥିବା ସଂଖ୍ୟା ବା ବର୍ଗ ତା' ଠାରୁ ଢ଼େର ସକ୍ଷମ, ଢ଼େର ସ୍ୱଚ୍ଛଳ ଆଉ କହିବାକୁଗଲେ ସାମାଜିକ ଭାବେ ଢ଼େର ଆଗୁଆ। ସରକାରଙ୍କ ସମସ୍ତ ସୁବିଧା ସୁଯୋଗ, ପ୍ରୋତ୍ସାହନ ସବୁ କିଛି ମୁଣ୍ଡ ଉପରେ ଅଜାଡ଼ି ହେଉଥିବାବେଳେ ପରିବାରର ଅଗ୍ରାଧିକାର ବ୍ୟୟ ଭାର ନିକଟରେ ସ୍ୱାସ୍ଥ୍ୟ ବୀମା ହାସଲ କରିବା ମଧ୍ୟ ଏତେଟା ସହଜ ନୁହେଁ। ସରକାରୀ ହସ୍ପିଟାଲ ଉପରେ ସ୍ୱାସ୍ଥ୍ୟ ସୁବିଧା ହାସଲ ପାଇଁ ନିର୍ଭର କରିବାକୁ ପଡୁଥିବାବେଳେ ଗରିବ ପରିବାର ହାତରେ ରହିଛି ସରକାରଙ୍କ ଠାରୁ ପାଇଥିବା ସ୍ୱାସ୍ଥ୍ୟବୀମା କାର୍ଡ଼ ଯାହା ତାଙ୍କୁ କର୍ପୋରେଟ ହସ୍ପିଟାଲ ହେଉ କି ଘରୋଇ ନର୍ସିଂହୋମ୍।

ନିକଟରେ କେନ୍ଦ୍ର ପରିସଂଖ୍ୟାନ ମନ୍ତ୍ରାଳୟ ଓ ଏସବିଆଇ ରିସର୍ଚ୍ଚ ଟିମ୍‌ର ବିଶ୍ଳେଷଣ ଓ ତଥ୍ୟ ଅନୁଶୀଳନ ସାପେକ୍ଷ। ଦେଶରେ ଦାରିଦ୍ର୍ୟ ହାର ସାଢ଼େ ୪ରୁ ୫ ପ୍ରତିଶତ ମଧ୍ୟରେ ସୀମିତ। ଏପରିକି ଉତ୍କଟ ଦାରିଦ୍ର୍ୟ ନଗଣ୍ୟ ସ୍ଥିତିରେ ରହିଛି। ସହର ଓ ଗ୍ରାମାଞ୍ଚଳରେ କ୍ରମାଗତ ଦାରିଦ୍ର୍ୟ ହ୍ରାସ ପାଉଛି। ଏହାକୁ ସରକାରଙ୍କ ଉପଯୋଗିତା ବ୍ୟୟ ସର୍ବେକ୍ଷଣ ତଥା ସମର୍ଥନ ଦେଇଛି। ସରକାରୀ ପରିସଂଖ୍ୟାନ ଦାବି କରେ ଯେ ୨୦୧୧-୧୨ରେ ଗ୍ରାମାଞ୍ଚଳରେ ଦରିଦ୍ର୍ୟ ହାର ୨୫.୭ ପ୍ରତିଶତ ଥିବାବେଳେ ତାହା ଏବେ ୪.୮୬ ପ୍ରତିଶତକୁ ହ୍ରାସ ପାଇଛି। ସହରାଞ୍ଚଳରେ ଏହି ହାର ୧୩.୭ରୁ ୪.୦୯ ପ୍ରତିଶତକୁ କମିଛି। ଏଥିରୁ ମନେ ହେଉଛି ଗତ ୧୨ ବର୍ଷ ମଧ୍ୟରେ ଦେଶରୁ ଦାରିଦ୍ର୍ୟ ଏକପ୍ରକାର ନିଶୁନ ହେବାକୁ ବସିଲାଣି। ଏହି ସମୟ ଅବଧିର ଆଉ ଏକ ପରିସଂଖ୍ୟାନ କୁହେ ଯେ ଗ୍ରାମାଞ୍ଚଳରେ ମାସିକ ମୁଣ୍ଡପିଛା ଖର୍ଚ୍ଚ ହାର ୧୪୩୦ ଟଙ୍କାରୁ ବୃଦ୍ଧି ପାଇ ୪୧୨୨ ଟଙ୍କା ଏବଂ ସହରାଞ୍ଚଳରେ ଏହି ହାର ୨୬୩୦ ଟଙ୍କାରୁ ୬୯୯୬ ଟଙ୍କାକୁ ବଢ଼ିଛି। ବର୍ଦ୍ଧିତ ମୁଦ୍ରାସ୍ଫୀତି ଓ ଖର୍ଚ୍ଚ ପରିସର ଏହି ସମୟ ମଧ୍ୟରେ ଯେଉଁ ଅନୁପାତରେ ବଢ଼ିଛି, ତାହାର ତୁଳନାତ୍ମକ ବିଚାର କଲେ ଯେଉଁ ଖର୍ଚ୍ଚ ହାର ବୃଦ୍ଧି ଦର୍ଶାଯାଇଛି ତାହା କ'ଣ ସତରେ ପର୍ଯ୍ୟାପ୍ତ ଏବଂ ସରକାର ଆତ୍ମସନ୍ତୋଷ ଲାଭ କରିବା ସକାଶେ ଯଥେଷ୍ଟ? ଏହି ପ୍ରଶ୍ନର ଉତ୍ତର କେବଳ ବର୍ଦ୍ଧିତ ବ୍ୟୟହାରରେ ଭାରାକ୍ରାନ୍ତ ହୋଇପଡ଼ିଥିବା ନିମ୍ନ ମଧ୍ୟବିତ୍ତ ବର୍ଗ ଦେଇପାରିବ। ଏସବୁ ସତ୍ତ୍ୱେ ସରକାର ଦେଶର ୮୧.୩ କୋଟି ଲୋକଙ୍କୁ ବିନା ମୂଲ୍ୟରେ ଖାଦ୍ୟଶସ୍ୟ ଯୋଗାଇ ଚାଲିଛନ୍ତି।

ଆପଣ ଟିକିଏ ଭଲ ଭାବେ ମୋ ଆଲୋଚନାର ଭିତରକୁ ଆସନ୍ତୁ। ଭାରତର ସବୁଠାରୁ ବିଶାଳ ଅଂଶ କୁହାଯାଉଥିବା ନିମ୍ନ ମଧ୍ୟବିତ୍ତ ବର୍ଗଟି କେବେ ଚାହିଁନଥାଏ ସେ କୋଟିପତି ହୋଇଯିବ। ଆଉ ଯେଉଁମାନେ ବି ଉପରୋକ୍ତ ଘାତ ପ୍ରତିଘାତକୁ ଡେଇଁ ଟିକିଏ ଉପରକୁ ଉଠିଛନ୍ତି ସେମାନଙ୍କର ଅର୍ଥରାଶି ଘର ହେଉ ବା ଗାଡ଼ି ନିର୍ଦ୍ଦିଷ୍ଟ ଇଏମ୍‌ଆଇ ପରିଶୋଧରେ ଦେଲାବେଳକୁ ଘରେ ପୁରାପୁରି ଟଣାଟଣି ଅବସ୍ଥା। ବର୍ଦ୍ଧିତ ମୁଦ୍ରାସ୍ଫୀତି ଓ ଅପରିବର୍ତ୍ତିତ ସୁଧ ହାରର କଷଣରେ ଦିନକୁ ଦିନ ପରିବାରର ଖର୍ଚ୍ଚ ଭାର ଆହୁରି ବଢ଼ିଯାଉଛି। ଗୋଟିଏ ଛୋଟିଆ ଆର୍ଥିକ ସ୍ଥିତିର ବିଶ୍ଳେଷଣଟି ରଖୁଛି। ୨୦୦୮-୦୯ ବେଳକୁ ଯେଉଁ ବ୍ୟକ୍ତି ଜଣଙ୍କ ମାସିକ ବେତନ ୧ଲକ୍ଷ ଟଙ୍କା ପାଉଥିଲେ ବର୍ତ୍ତମାନର ମୂଲ୍ୟସୂଚୀରେ ତାହା ୪୦ ହଜାର ଭିତରରେ ରହିଯାଇଛି। ବାସ୍ତବରେ ତା ବେତନର ହାର କ'ଣ ସେଇ ଅନୁପାତରେ କ'ଣ ବଢ଼ି ପାରିଛି ନା ପରିସ୍ଥିତିକୁ ସାମ୍ନା କରିବା ପାଇଁ ବ୍ୟୟ ସଙ୍କୋଚନ କରିବାକୁ ସେ ବାଧ୍ୟ ହୋଇପାରିଥାନ୍ତି।

ଭାରତର ବିଶାଳ ଜନସଂଖ୍ୟାର ତଥାକଥିତ ସଂଖ୍ୟା ଗଣିତରେ ଏହି ନିମ୍ନ ମଧ୍ୟବିତ୍ତ ବର୍ଗଙ୍କ ସଂଖ୍ୟା ଢ଼େର ଥିଲେ ମଧ୍ୟ ବାସ୍ତବରେ ନିଜ ଅଭାବ, ପରିବାରର ଟଣାଟଣି ପରିସ୍ଥିତିର ଦୁଃଖକୁ ହଜମ କରିବାର କଳା ସେମାନେ ଜାଣିଛନ୍ତି। ନିଜ ଅକୁହା ଦୁଃଖଟିକୁ ନିଜ ଜ୍ଞାତି ପରିଜନ, ବନ୍ଧୁବର୍ଗ ଏପରିକି ପଡ଼ୋଶୀ ଜଣଙ୍କୁ ମଧ୍ୟ କହିପାରି ନଥାନ୍ତି। କହିଦେଲେ ଯେ ସମସ୍ତେ ସାହାଯ୍ୟର ହାତ ବଢ଼ାଇ ଦେବେ ତାହା ବଡ଼କଥା ନୁହେଁ ତେବେ ସେମାନଙ୍କର ବି ପୁଣି ଅଭାବ, ଦାୟିତ୍ୱ ଓ ପରିବାରର ଚିନ୍ତା ରହିଛି। ଏହି ଭାବନା କୋହବ୍ୟକ୍ତ କଥାଟିକୁ ପଛେଇ ନେଇଯାଏ। ଏହିପରି କ୍ଷେତ୍ରରେ ଅନେକ ସମୟରେ ଦେଖାଯାଏ ପରିବାରର ରୋଜଗାରକ୍ଷମ ମୁରବୀଟି ଯିଏ ଦିନେ ଚଳଚଞ୍ଚଳ ହୋଇ ପରିବାରକୁ ଚଳାଉଥିଲା ସେ ବାଧ୍ୟ ହୋଇଥାଏ ଏ ଦୁନିଆ ଛାଡ଼ି ଚାଲିଯିବା ପାଇଁ। ଆତ୍ମହତ୍ୟା ପ୍ରବଣତା ତା'ସାମ୍ନାରେ ଏକ ନିରୁତ୍ତା ଉତ୍ତର ହିଁ ପାଲଟିଥାଏ। ସେହିପରି ଉଚ୍ଚଶିକ୍ଷା ପାଇଁ ପ୍ରସ୍ତୁତ ହେଉଥିବା ପିଲାଟି ନିଜ ବିଫଳତାକୁ ହଜମ କରିନପାରି ଆତ୍ମହତ୍ୟା କରିବା ପଛରେ ଥାଏ ପରିବାରର ଆର୍ଥିକ ଅନଟନ ଓ ଟଣାଟଣି ପରିସ୍ଥିତି। ପରିସଂଖ୍ୟାନର ଚିତ୍ର ଯାହା ଜଣାଯାଏ ଅଧିକାଂଶ ନିମ୍ନ ମଧ୍ୟବିତ୍ତ ପରିବାରର ସଦସ୍ୟ ସେହି ରାସ୍ତା ହିଁ ଆପଣାଇ ଥାନ୍ତି। ମନେପକାନ୍ତୁ ଭାରତର ଏହି ବର୍ଗଙ୍କୁ ବେଶ ଆଡ଼ମ୍ବର ଓ ବଡ଼କଥାର ଭାଷାରେ 'ଓପିନିୟନ ମେକର' ବା ପରିବର୍ତ୍ତନର ବାର୍ତ୍ତାବହ କୁହାଯାଏ। ଭାବନ୍ତୁ ଏହି ପରିବର୍ତ୍ତନର ବାର୍ତ୍ତାବହମାନଙ୍କୁ ସ୍ୱତନ୍ତ୍ର ସାମାଜିକ ମର୍ଯ୍ୟାଦା ନିଶ୍ଚିନ୍ତ ଦରକାର ପଡୁଥିଲେ ବି ସେମାନଙ୍କ କୋହ ଓ କଥା ସବୁବେଳେ ଅବହେଳିତ। ସମାଜରେ କର୍ପୋରେଟ ଲବି ଓ ବଡ଼ ବାବୁମାନଙ୍କ ପ୍ରାଧାନ୍ୟ ଭିତରେ ଏବେ ବି ଅଶିକ୍ଷାର ଅମା ଅନ୍ଧାର ଭିତରେ ଅନେକ ଭାରତୀୟ ରହିଛନ୍ତି। ନିର୍ବାଚନ ସମୟରେ ଏହି ବର୍ଗଙ୍କୁ ହିଁ ଖୋଜା ପଡ଼ିଥାଏ। ନିମ୍ନ ମଧ୍ୟବିତ୍ତ ବର୍ଗ କେବଳ ସମାଜରେ ସାମାନ୍ୟ ଭାବେ ମୁଣ୍ଡ ଟେକି ଚାଲିବା ପାଇଁ ଅହର୍ନିଶ ସଂଗ୍ରାମ କରୁଛନ୍ତି, ଲଢ଼ୁଛନ୍ତି ଜୀବନ ସହ ଆଉ ସେମାନଙ୍କ ହାତରେ ଏହି ରାଜନୀତି ପାଇଁ ସମୟ ହିଁ ନଥାଏ।

# ଗ୍ରାମର ଉନ୍ନତି ହିଁ ଦେଶର ଉନ୍ନତି



ଡ. ଲକ୍ଷ୍ମୀନାରାୟଣ କର
ପୂର୍ବତନ ନିର୍ଦ୍ଦେଶକ, କୃଷି ବିଶ୍ୱବିଦ୍ୟାଳୟ
ସୂର୍ଯ୍ୟନଗର, ଭୁବନେଶ୍ୱର
ମୋ: ୯୪୩୭୧୮୫୬୦୭

ଆମ ଦେଶକୁ ଇଂରେଜମାନେ ପ୍ରାୟ ଦୁଇଶହ ବର୍ଷ ଧରି ଶାସନ କରିଥିଲେ। ୧୯୪୭ ଅଗଷ୍ଟ ୧୫ ତାରିଖରେ ଇଂରେଜମାନେ ଆମ ଦେଶ ଛାଡ଼ିଦେଇ ଚାଲିଗଲେ ଓ ଆମ ଦେଶକୁ ଏକ ଅନୁନ୍ନତ ଦରିଦ୍ର ଦେଶ ଭାବରେ ପରିଗଣିତ କରାଇଦେଇ ଗଲେ। ସେମାନଙ୍କ ଶାସନ କାଳରେ ସେମାନେ ନିଜର ସୁବିଧା ପାଇଁ କେତୋଟି ରେଲୱେ ଲାଇନ୍, ଡାକ ସୁବିଧା, ପୋଲିସ ଇତ୍ୟାଦିର ବ୍ୟବସ୍ଥା ସହିତ ନିଜ ସୁବିଧା ପାଇଁ ଅନ୍ୟ କିଛି ବ୍ୟବସ୍ଥା କରିଥିଲେ। ତେଣୁ ସେହି ସମୟରୁ କୃଷି, ଶିକ୍ଷା, ଶିଳ୍ପ, ସ୍ୱାସ୍ଥ୍ୟ, ଗମନାଗମନ ପୁରା ଅବହେଳିତ ହୋଇଯାଇଥିଲା। କୁହାଯାଏ ଯେ ଲଣ୍ଡନରେ ଉତ୍ସବ ପାଳନ ହେଉଥିଲେ ଭାରତରୁ ଜାହାଜରେ ବୁହାହୋଇ ଅନେକ ମୂଲ୍ୟବାନ ଦ୍ରବ୍ୟ ଯାଉଥିଲା। ଫଳରେ ସ୍ୱାଧୀନତା ପରବର୍ତ୍ତୀ ସମୟରେ ଖାଦ୍ୟାଭାବ ଦୂର କରିବାକୁ ଆମେରିକାରୁ ଗହମ ଆଣିବାକୁ ପଡୁଥିଲା। ସ୍ୱାଧୀନତା ପରେ ଯେଉଁ ଇଂରାଜୀ ଅଧିକାରୀମାନଙ୍କୁ ଦେଶ ଶାସନ କରିବାକୁ ରଖାଯାଇଥିଲା ସେମାନେ ଲୋକମାନଙ୍କ ଉନ୍ନତି ପାଇଁ କିଛି କରୁ ନଥିଲେ। ଫଳରେ ଆମ ଦେଶ ଏକ ଅନୁନ୍ନତ ଦେଶରେ ପରିଣତ ହେଲା ଓ ଗ୍ରାମଗୁଡ଼ିକର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇଗଲା। ଯଦିଓ ଆମର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁ ଦେଶର ଉନ୍ନତି ପାଇଁ ଅନେକ ଗୁଡ଼ିଏ ଯୋଜନା ଆରମ୍ଭ କରିଥିଲେ କିନ୍ତୁ ତାହା ବିକାଶ ଦିଗରେ କୌଣସି ପ୍ରଭାବ ପକାଇପାରି ନଥିଲା। ଏହାର ଏକମାତ୍ର କାରଣ ଥିଲା ଯେଉଁ ଅଧିକାରୀମାନେ ଇଂରେଜ ଶାସନ କାଳରେ କାମ କରୁଥିଲେ ସେମାନେ ପୁଣି ଦେଶ ସ୍ୱାଧୀନତା ପରେ ଦେଶ ଶାସନ କରିବାକୁ ରହିଲେ, ଯେଉଁମାନଙ୍କର ସେବା ମନୋବୃତ୍ତି କେବେ ବି ନଥିଲା। ଯାହାଫଳରେ ଲୋକମାନେ ଅନେକ ସୁବିଧାରୁ ବଞ୍ଚିତ ହେଉଥିଲେ। ସେଥି ମଧ୍ୟରୁ ମୁଖ୍ୟ ଭାବରେ କୃଷି ଉତ୍ପାଦନ ବୃଦ୍ଧି ପାଇଁ କୌଣସି ଉଦ୍ୟମ କରି ନଥିଲେ। ଦେଶର ଏପ୍ରକାର ଅବସ୍ଥା ଦେଖି ଜଣେ ଆମେରିକୀୟ ସମାଜସେବୀ ଆଲବର୍ଟ ମୟର ପଣ୍ଡିତ ନେହେରୁଙ୍କୁ ଦେଖାକରି ଆମ ଦେଶର ଗ୍ରାମାଞ୍ଚଳର ବିକାଶ ପାଇଁ କିଛି କରିବାକୁ ଆଗ୍ରହ ପ୍ରକାଶ କରି କହିଲେ ଯେ ଯଦି ପ୍ରଶାସନ ଗ୍ରାମାଭିମୁଖୀ ହେବ ତେବେ ଦେଶର ଉନ୍ନତି ହୋଇପାରିବ। ଯାହାକି ପରିବର୍ତ୍ତୀ ସମୟରେ ମହାତ୍ମା ଗାନ୍ଧିଜୀ କହିଥିଲେ ଯେ, "ଗ୍ରାମର ଉନ୍ନତି ହିଁ ଦେଶର ଉନ୍ନତି।" ପଣ୍ଡିତ ନେହେରୁ ସେହି ଆମେରିକୀୟ ସମାଜସେବୀଙ୍କୁ ଉତ୍ତରପ୍ରଦେଶର ମୁଖ୍ୟମନ୍ତ୍ରୀ ଗୋବିନ୍ଦ ବଲ୍ଲଭ ପନ୍ତଙ୍କୁ ଦେଖା କରିବାକୁ କହିଥିଲେ ଓ ପନ୍ତଜୀଙ୍କ ନିର୍ଦ୍ଦେଶରେ ସେ ପ୍ରଥମେ ଉତ୍ତରପ୍ରଦେଶର ଇଟୱା ଜିଲ୍ଲାରେ କାମ କରିବା ପାଇଁ ଅନୁରୋଧ କରିଥିଲେ। ଆଲବର୍ଟ ସାହେବ ପ୍ରଥମେ ତାଙ୍କର ଯୋଜନା ଆରମ୍ଭରେ କିପରି ପ୍ରଶାସନକୁ ଗ୍ରାମାଭିମୁଖୀ କରାଯାଇପାରିବ ତାହା ଚେଷ୍ଟା କଲେ। କାରଣ ସ୍ୱାଧୀନତାର ପରବର୍ତ୍ତୀ ସମୟରେ ଯାହାକିଛି ସରକାରୀ କାର୍ଯ୍ୟାଳୟ ଥିଲା ତାହାସବୁ ପ୍ରାୟ ଗ୍ରାମାଞ୍ଚଳ ଠାରୁ ଅନେକ ଦୂରରେ ଥିଲା ଓ ଏହାର ସୁଫଳ ଗ୍ରାମବାସୀ ପାଇପାରୁ ନଥିଲେ, ଯାହାଫଳରେ ଗ୍ରାମୀଣ ବିକାଶରେ ବାଧା ସୃଷ୍ଟି ହେଉଥିଲା। ମୟର ସାହେବ ପ୍ରତି ଜିଲ୍ଲାଗୁଡ଼ିକୁ କେତେକ ବ୍ଲକ୍‌ରେ ବିଭକ୍ତ କରିବାକୁ ପରାମର୍ଶ ଦେଲେ ଓ ପ୍ରତି ବ୍ଲକ୍‌କୁ କେତେକ ପଞ୍ଚାୟତରେ ବିଭକ୍ତ କରିଦେଲେ। ପ୍ରତି ବ୍ଲକ୍ ପ୍ରଶାସନ ପାଇଁ ଜଣେ ବ୍ଲକ୍ ଡେଭେଲପମେଣ୍ଟ ଅଫିସରଙ୍କ ସହିତ କେତେଜଣ ସମ୍ପ୍ରସାରଣ ଅଧିକାରୀମାନଙ୍କୁ ନିଯୁକ୍ତି ଦିଆଗଲା। ଯେଉଁମାନେ କି ତାଙ୍କ ବ୍ଲକ୍ ଅଧିନରେ ଥିବା ଗ୍ରାମଗୁଡ଼ିକର ସ୍ୱାସ୍ଥ୍ୟସେବା, ଶିକ୍ଷା, ଗମନାଗମନ, ସାମାଜିକ ଉନ୍ନତି, କୃଷିର ଉନ୍ନତି ପାଇଁ ପ୍ରତ୍ୟକ୍ଷ ଭାବରେ ଲୋକଙ୍କ ସହିତ ଜଡ଼ିତ ହେବେ। ପୁନଶ୍ଚ ପ୍ରତି ପଞ୍ଚାୟତରେ ଜଣେ ଲେଖାଏଁ ତାଲିମପ୍ରାପ୍ତ ଗ୍ରାମସେବକମାନଙ୍କୁ ନିଯୁକ୍ତି ଦିଆଯାଇ ସେମାନେ ଚାଷୀମାନଙ୍କ ସହିତ ମିଶି ସେମାନଙ୍କୁ ମାଛଚାଷ, ପଶୁ ପାଳନ, ମହୁ ଚାଷ ଇତ୍ୟାଦି ଅନେକ ବିଷୟରେ ଶିକ୍ଷା ଦେଇ ଗ୍ରାମବାସୀଙ୍କ ଉନ୍ନତି ପାଇଁ ପଦକ୍ଷେପ ନେଉଥିଲେ ଓ ତାହାର ଫଳସ୍ୱରୂପ ଗ୍ରାମାଞ୍ଚଳ ଗୁଡ଼ିକର ବିକାଶ ଅନେକାଂଶରେ ହୋଇଥିଲା। ଇଟୱେରେ ଏହି ସଫଳତା ଦେଖି ଭାରତ ସରକାର ୧୯୫୨ ଅକ୍ଟୋବର ୨ ତାରିଖରେ comunity development କାର୍ଯ୍ୟକ୍ରମ ସାରା ଦେଶରେ ଆରମ୍ଭ କରିଥିଲେ। ଆମ ରାଜ୍ୟର ଜୁନାଗଡ଼ ଓ ଭଦ୍ରକରେ ଏହା ପ୍ରଥମ କରି ଆରମ୍ଭ ହୋଇଥିଲା। ପରେ ସାରା ଦେଶରେ ପ୍ରତି ରାଜ୍ୟରେ ବ୍ଲକ୍ ପ୍ରତିଷ୍ଠା କରାଯାଇ ଗ୍ରାମାଞ୍ଚଳର ବିକାଶ ପାଇଁ ଯୋଜନା ଆରମ୍ଭ ହେଲା। ପ୍ରଥମେ ଏହି ଯୋଜନା ଦ୍ୱାରା ଗ୍ରାମାଞ୍ଚଳର ଅନେକ ବିକାଶ ହୋଇ ପାରିଥିଲା। କିନ୍ତୁ ପଞ୍ଚାୟତିରାଜ ଆଇନ ପ୍ରଚଳିତ ହେବାରୁ ରାଜନୈତିକ ଲୋକମାନଙ୍କ ବ୍ଲକ୍ ଓ ପଞ୍ଚାୟତରେ ଅବାଧ ପ୍ରବେଶ ଦ୍ୱାରା ଏହି ଯୋଜନା ଅନେକ ବାଧାଗ୍ରସ୍ତ ହୋଇଗଲା। ବଡ଼ ଦୁଃଖର କଥା ଏହି ଯେ ଆମ ପ୍ରଶାସନ ଯେଉଁମାନଙ୍କ ଉପରେ ଦେଶ ତଥା ରାଜ୍ୟର ବିକାଶ ନିର୍ଭର କରେ ଯଥା- ଜିଲ୍ଲାପାଳ, ଏଡିଏମ୍, ବିଡ଼ିଓ, ତହସିଲଦାର ଓ ଅନ୍ୟାନ୍ୟ ବିଭାଗର ଉଚ୍ଚପଦସ୍ଥ ଅଧିକାରୀମାନେ ଗ୍ରାମସ୍ତରକୁ ଯିବାକୁ କୁଣ୍ଠାବୋଧ କରୁଛନ୍ତି ଓ ଗ୍ରାମାଞ୍ଚଳ ରହିଥିବା ଗ୍ରାମବାସୀଙ୍କ ସମସ୍ୟାକୁ ପୁରା ମାତ୍ରାରେ ଅଣଦେଖା କରୁଛନ୍ତି। ଯଦି ଏହି ପଦସ୍ଥ ଅଧିକାରୀମାନେ ପ୍ରକୃତ ଆନ୍ତରିକତା ଦେଖାଇ ଲୋକଙ୍କ ପାଖରେ ପହଞ୍ଚି ଯଦି ତାଙ୍କ ସମସ୍ୟା ସୁଧାରିବା ପାଇଁ ଚେଷ୍ଟ କରିଥାନ୍ତେ ତେବେ ଆଦିବାସୀମାନେ ବାରମ୍ବାର ଅଖାଦ୍ୟ ଖାଉ ନଥାନ୍ତେ ବା ଦାଦନ ଖଟିବାକୁ ନିରୀହ ଗରିବ ଲୋକମାନେ ଯାଉନଥାନ୍ତେ ବା ମୃତ୍ୟୁମୁଖରେ ପଡୁନଥାନ୍ତେ। ତେଣୁ ଏସବୁ ସମସ୍ୟାର ସମାଧାନ ପାଇଁ ତଥା ଗ୍ରାମଗୁଡ଼ିକର ବିକାଶ କରିବା ସହିତ ଦେଶର ଉନ୍ନତି ପାଇଁ ବିଭିନ୍ନ ବିଭାଗରେ ଥିବା ଉଚ୍ଚ ଅଧିକାରୀମାନେ ପ୍ରତି ମାସ ଅନ୍ତରାଳରେ କେବଳ ନିଜ କାର୍ଯ୍ୟାଳୟରେ ମିଟିଂ ନକରି ପ୍ରତି ବ୍ଲକ୍ ଓ ପଞ୍ଚାୟତକୁ ଗସ୍ତ କରି ଲୋକଙ୍କ ସହିତ ଓତପ୍ରୋତ ଭାବରେ ଜଡ଼ିତ ହେଲେ ଅନେକ ସମସ୍ୟା ଦୂର ହୋଇପାରିବ ଓ ଗ୍ରାମଗୁଡ଼ିକର ମଧ୍ୟ ବିକାଶ ହୋଇପାରିବ। ସ୍ୱାଧୀନତାର ୭୮ ବର୍ଷ ପରେ ମଧ୍ୟ ଆମ ଦେଶରେ ଏପରି ଅନେକ ଗାଁ ଅଛି ଯେଉଁଠାରେ ମୌଳିକ ସୁବିଧା ଯଥା ପାଣି, ରାସ୍ତା, ସ୍କୁଲ, ସ୍ୱାସ୍ଥ୍ୟ, ଖାଦ୍ୟ ପାଇଁ ଲୋକମାନେ ଡହଳବିକଳ ହେଉଛନ୍ତି କିନ୍ତୁ ପ୍ରଶାସନ ସେଠାରେ ପହଞ୍ଚି ପାରୁନାହିଁ। ରାଜନୈତିକ ଦଳର ଲୋକମାନେ କେବଳ ୫ ବର୍ଷରେ ଥରେ ନିଜ ଭୋଟ ହାତେଇବା ପାଇଁ ଯାଆନ୍ତି ଓ ସବୁ ପ୍ରତିଶ୍ରୁତି ଦେଇ ଭୁଲି ଯାଆନ୍ତି ଏହିପରିକି ଗ୍ରାମାଞ୍ଚଳ ଲୋକମାନେ ଦୁଇଆଡ଼ୁ ଅସୁବିଧାରେ ପଡୁଛନ୍ତି। ତେଣୁ ଦେଶରେ ବା ରାଜ୍ୟରେ ଯେ କୌଣସି ସରକାର ରହନ୍ତୁ ନା କାହିଁକି ସେମାନେ କେବଳ ଭାଷଣ ବାଜି ନକରି ପ୍ରଶାସନକୁ ଗ୍ରାମାଭିମୁଖୀ କରିବାକୁ ଯଥେଷ୍ଟ ପରିମାଣରେ ଚେଷ୍ଟା କରିବା ନିହାତି ଆବଶ୍ୟକ। ଗ୍ରାମର ଉନ୍ନତି ହିଁ ଦେଶର ଉନ୍ନତି।

# 'ଗୀତାଶାସ୍ତ୍ର ମିଦଂ ପୁଣ୍ୟଂ...'



ଡ. ସୁରେଶ କୁମାର ନାୟକ
ଅଧ୍ୟକ୍ଷ, ଏସେଲ୍ସ ପବ୍ଲିକ ସ୍କୁଲ
ସେକ୍ଟର-୯, ସିଡିଏ, କଟକ

ଶ୍ରୀମଦ୍ ଗୀତାର ବିଷୟ ବିଭିନ୍ନ ଯୋଗଃ ଭାବରେ ବର୍ଣ୍ଣିତ ହୋଇଛି। ସେଗୁଡ଼ିକ ହେଉଛି ଅର୍ଜୁନ ବିଷାଦ ଯୋଗଃ, ସାଂଖ୍ୟ ଯୋଗଃ, କର୍ମ ଯୋଗଃ, ଜ୍ଞାନ ଯୋଗଃ, କର୍ମ ସନ୍ନ୍ୟାସ ଯୋଗଃ, ଧ୍ୟାନ ଯୋଗଃ, ଜ୍ଞାନ ବିଜ୍ଞାନ ଯୋଗଃ, ତାରକ ବା ଅକ୍ଷର ବ୍ରହ୍ମ ଯୋଗଃ, ରାଜବିଦ୍ୟା ରାଜଗୁହ୍ୟ ଯୋଗଃ, ବିଭୁତି ଯୋଗଃ, ବିଶ୍ୱରୂପ ଦର୍ଶନ ଯୋଗଃ, ଭକ୍ତି ଯୋଗଃ, କ୍ଷେତ୍ରକ୍ଷେତ୍ରଜ୍ଞ ବିଭାଗ ଯୋଗଃ, ଗୁଣତ୍ରୟ ବିଭାଗା ଯୋଗଃ, ପୁରୁଷୋତ୍ତମ ଯୋଗଃ, ଦୈବାସୁର ସଂପଦ୍ ବିଭାଗ ଯୋଗଃ, ଶ୍ରଦ୍ଧାତ୍ରୟ ବିଭାଗ ଯୋଗଃ, ମୋକ୍ଷ ସନ୍ନ୍ୟାସୀ ଯୋଗଃ। ଓଡ଼ିଆ ଜନଜୀବନର ଏହି ଲୋକପ୍ରିୟ ଆଧ୍ୟାତ୍ମିକ ମାର୍ଗଦର୍ଶକ ପୁସ୍ତକଟିର ପ୍ରଥମ ଅଧ୍ୟାୟରେ ଅର୍ଜୁନ ବିଷାଦଯୋଗଃରୁ ଆରମ୍ଭ ହୋଇଛି। ଧୃତରାଷ୍ଟ୍ର ଉବାଚ ଭାବରେ 'ଧର୍ମକ୍ଷେତତ୍ରେ କୁରୁକ୍ଷେତ୍ରେ ସମବେତା ଯୁଯୁସ୍ତବଃ। ମାମକାଃ ପାଣ୍ଡବାଶ୍ଚୈବ କିମକୁର୍ବତ ସଞ୍ଜୟ।।' ଅର୍ଥ ଧୃତରାଷ୍ଟ୍ର ଯୁଦ୍ଧକ୍ଷେତ୍ରର ତମାମ ବିବରଣୀ ଶୁଣୁଥିବା ସଞ୍ଜୟଙ୍କୁ ପଚାରିଥିଲେ ଯେ, ଧର୍ମଭୂମି କୁରୁକ୍ଷେତ୍ରରେ ଯୁଦ୍ଧ ଅବ୍ୟସମ୍ଭାବି ହୋଇଥିବା ବେଳେ ଆମ ପୁଅ ଓ ପାଣ୍ଡୁପୁତ୍ର ମାନେ ସମବେତ ହୋଇ କ'ଣ କରୁଛନ୍ତି। ଶ୍ରୀମଦ୍ ଭଗବତ ଗୀତାର ମାହାତ୍ମ୍ୟର ସଂକ୍ଷିପ୍ତ ଲେଖନୀ ହେଉଛି - 'ଗୀତାଶାସ୍ତ୍ର ମିଦଂ ପୁଣ୍ୟଂ ଯଃ ପଠେତ୍ ପ୍ରୟତଃ ପୁମାନ୍। ବିଷ୍ଣୋଃପଦ ମବାପ୍ନୋତି ଭୟ ଶୋକାଦି ବର୍ଜ୍ଜିତଃ।। ଗୀତା ଧ୍ୟୟନଶୀଳସ୍ୟ ପ୍ରାଣାୟାମପରସ୍ୟଚ। ନୈବ ସନ୍ତି ହି ପାପାନି ପୂର୍ବଜନ୍ମକୃତାନି ଚ।। ମଳ ନିର୍ମୋଚନଂ ପୁଂସାଂ ଜଳସ୍ନାନଂ ଦିନେ ଦିନେ। ସକୃଦ୍‌ଗୀତ ମ୍ଭସି ସ୍ନାନଂ ସଂସାରମଳ ନାଶନଂ।।' ଯାହାର ଓଡ଼ିଆ ଭାବାର୍ଥ ହେଉଛି ପ୍ରତ୍ୟହ ଏହି ପବିତ୍ର ଗୀତାକୁ ଯେ ପାଠ କରନ୍ତି ସେ ସମସ୍ତ ସାଂସାରିକ ଭୟ ଓ ଦୁଃଖ ତଥା ଶୋକରୁ ମୁକ୍ତ ହୋଇ ବିଷ୍ଣୁପଦ ବା ଭଗବାନଙ୍କର ପାଦପଦ୍ମରେ ଲୀନ ହୋଇଥାନ୍ତି। ଏହାସହ ପୂର୍ବ ଜନ୍ମର ସମସ୍ତ ପାପରାଶି ଏହି ପଠନ ଦ୍ୱାରା ଧ୍ୱଂସ ହୋଇଯାଇଥାଏ। ଗୀତା ପରି ଆଧ୍ୟାତ୍ମିକ ଚେତନାକୁ ସ୍ୱଚ୍ଛ କରୁଥିବା ମହାନ୍ ଶାସ୍ତ୍ର ପାଠ ଦ୍ୱାରା ଏହାର ଶ୍ରଦ୍ଧାଳୁମାନେ ଅମୃତ୍ୱଲାଭ କରିବେ। ଭଗବାନ ଶ୍ରୀକୃଷ୍ଣ କହିଛନ୍ତି - 'ପ୍ରାରବ୍ଧଂ ଭୁଞ୍ଜମାନୋହି ଗୀତାଭ୍ୟାସରତଃ ସଦା। ସମୁକ୍ତାଃ ସ ସୁଖୀ ଲୋକେ କର୍ମଣା ନୋପଲିପ୍ୟତେ।।' ଭଗବାନ ପଦ୍ମନାଭ ବା ଶ୍ରୀବିଷ୍ଣୁଙ୍କ ମୁଖ ପଦ୍ମରୁ ନିଃସୃତ ଗୀତା ପାଠଦ୍ୱାରା ପୁର୍ନଜନ୍ମ ଆଉ ସମ୍ଭବ ହୋଇ ନଥାଏ। ଶ୍ରୀମଦ୍ ଭାଗବତ ଗୀତାରେ ବର୍ଣ୍ଣିତ - 'ଭାରତାମୃତସର୍ବସ୍ୱଂ ବିଷ୍ଣୋର୍ବକ୍ତ୍ରା ଦ୍ୱିନିଃସୃତମ୍। ଗୀତା ଗଙ୍ଗୋଦକଂ-ପୀତ୍ୱା ପୁନର୍ଜନ୍ମ ନ ବିଦ୍ୟତେ।।' ଗୀତାର ବର୍ଣ୍ଣନା ଅନୁଯାୟୀ ଯେଉଁ ସ୍ଥାନରେ ଶ୍ରୀବିଷ୍ଣୁଙ୍କ ମୁଖ ନିର୍ଗତ ଶ୍ରୀମଦ୍ ଗୀତା ପାଠ କରାଯାଏ ସେଠାରେ ପ୍ରୟାଗ ପରି ସମସ୍ତ ତୀର୍ଥ ସ୍ୱୟଂ ବିଦ୍ୟମାନ ହୋଇଥାନ୍ତି ଯାହାଦ୍ୱାରା ଗୀତା ରସ





ପାନ କରୁଥିବା ଶ୍ରଦ୍ଧାଳୁମାନେ ତୀର୍ଥଫଳ ଲାଭ କରିଥାନ୍ତି। ଯାହା ଶ୍ରୀମଦ୍ ଗୀତାରେ ବର୍ଣ୍ଣିତ ହୋଇଛି - 'ଗୀତାୟାଃ ପୁସ୍ତକଂ ଯତ୍ର ଯତ୍ର ପାଠଃ ପ୍ରବର୍ତ୍ତତେ। ତତ୍ର ସର୍ବାଣି ତୀର୍ଥାନୀ ପ୍ରୟାଗାଦୀନି ତତ୍ର ବୈ।।' ସଚ୍ଚିଦାନନ୍ଦ ଶ୍ରୀକୃଷ୍ଣ ମୁଖ ନିର୍ଗତ ଗୀତା ଦୈନିକ ପାଠ କଲେ ତାହା ଦିବ୍ୟଜ୍ଞାନ ଓ ସିଦ୍ଧି ଲାଭର ମାର୍ଗ ଦେଖାଇଥାଏ। ଯଦିବା କେହି ପ୍ରତ୍ୟୋହ ସଂପୂର୍ଣ୍ଣ ଗୀତା ପାଠ ନକରି ଅଧାଭାଗ ପାଠ କରନ୍ତି ତେବେ ସେମାନେ ଗୋଦାନ ପରି ଅନ୍ୟତମ ଶ୍ରେଷ୍ଠଦାନର ପୁଣ୍ୟଫଳ ଲାଭ କରିଥାନ୍ତି। କିନ୍ତୁ ଯେ ପ୍ରତ୍ୟହ ଅତ୍ୟନ୍ତ ଏକାଗ୍ରତାର ସହିତ ହୃଦୟ ଭିତରେ ବିଷ୍ଣୁଙ୍କ ନାମ ସ୍ମରଣ ସହକାରେ ଏକ ଅଧ୍ୟାୟ ଗୀତା ପାଠ କରେ ସେ ରୁଦ୍ରଲୋକ ପ୍ରାପ୍ତ ହୋଇ ଶିବଲୋକରେ ବାସ କରିଥାଏ। ଶ୍ରୀମଦ୍ ଗୀତାର ସେହି ବିଲକ୍ଷଣ ପଂକ୍ତି ହେଉଛି- 'ଯୋଽଷ୍ଟାଦଶ ଜପୋ ନିତ୍ୟଂ ନରୋ ନିଶ୍ଚଳମାନସଃ। ଜ୍ଞାନସିଦ୍ଧିଂ ସ ଲଭତେ ତତୋ ଯାତି ପରଂପଦମ୍।। ପାଠେଽସମର୍ଥ ସମ୍ପୂର୍ଣ୍ଣେ ତତୋଽର୍ଦ୍ଧଂ ପାଠମାଚରେତ୍। ତଦା ଗୋଦାନଜଂ ପୁଣ୍ୟଂ ଲଭତେ ନାତ୍ର ସଂଶୟଃ।। ଅଧ୍ୟାୟଂ ଶ୍ଳୋକପାଦଂ ବା ନିତ୍ୟଂ ଯଃ ପଠତେ ନରଃ। ସ ଯାତି ନର ତାଂ ଯାବନ୍ମନ୍ୱନ୍ତରଂ ବସୁନ୍ଧରେ।।'

ଭାରତୀୟ ଆଧ୍ୟାତ୍ମିକ ଅନୁଚିନ୍ତନରେ ଶ୍ରୀମଦ୍ ଗୀତାର ସ୍ଥାନ ସ୍ୱତନ୍ତ୍ର। ଆଜି ବି ନିପଟ ମଫସଲ ଗ୍ରାମର ଭାଗବତ ଗାଦି ଘର ହେଉ ବା ଠାକୁରଙ୍କ ମଣ୍ଡପ। ସଂଧ୍ୟା ବେଳେ ଦିନ ତମାମର ନିଜ ନିଜ କାମଦାମ ସାରି ଅବସର ସମୟ ଭଗବତ୍ ଚିନ୍ତନରେ ବିତାଉଥିବା ଲୋକମାନେ ଗୀତା ପାଠ କରନ୍ତି ବା ଗୀତା ଶ୍ରବଣ କରନ୍ତି। ବିଶ୍ୱାସ ରହିଛି ଯେ, ଗୀତାର ଭାବଗତ ଅର୍ଥକୁ ଜଣେ ନ ବୁଝିଲେ ବି ଯଦି ଗୀତାଟି ପଠନ କରେ ବା ଶ୍ରବଣ କରେ ତାହାର ଆଧ୍ୟାତ୍ମିକ ଶକ୍ତି ଯଥେଷ୍ଟ। ମହାଭାରତ ଯୁଦ୍ଧର ସବୁଠାରୁ ସ୍ମରଣୀୟ ଓ ଅତ୍ୟନ୍ତ ମୂଲ୍ୟବାନ ମୁହୂର୍ତ୍ତ ଯୁଦ୍ଧକ୍ଷେତ୍ରରେ ପରମପ୍ରେମମୟ ଶ୍ରୀକୃଷ୍ଣ ଶଖା ଅର୍ଜୁନଙ୍କୁ ତାଙ୍କ ମାନସିକ ଶାନ୍ତି ଓ ତାଙ୍କ ଭିତରେ ରହିଥିବା ଅନେକ ଜିଜ୍ଞାସାବୋଧର ପ୍ରଶ୍ନର ଉତ୍ତର ମାଧ୍ୟମରେ ଭଗବତ ଗୀତାକୁ କହିଥିଲେ। ଆଜିର ବିଜ୍ଞାନ ଯୁଗରେ ବି ଭାଗବତ ଗୀତାର ପ୍ରାସଙ୍ଗିକତା ନିଶ୍ଚିନ୍ତ ଭାବରେ ଅତୀବ ଗୁରୁତ୍ୱପୂର୍ଣ୍ଣ। ଆମ ସାଧାରଣ ଜୀବନ ଭିତରେ ଅନେକ ଜଟିଳ ପ୍ରଶ୍ନ ହେଉ ବା ସଂସାର ବନ୍ଧନୀର ଚଳଣି ଭିତରେ ଗୀତାରେ ଶ୍ରୀକୃଷ୍ଣଙ୍କ ମାର୍ଗଦର୍ଶିତ ସମସ୍ତ ବାଣୀ ସେ ସବୁର ଯଥାର୍ଥ ଉତ୍ତର ପ୍ରତିଲେପନ କରିଛି। ଦିନକୁ ଦିନ ଶ୍ରୀମଦ୍ ଗୀତାର ସ୍ୱତନ୍ତ୍ରତା ଓ ଲୋକପ୍ରିୟତା ବରଂ ବୃଦ୍ଧି ପାଇବାରେ ଲାଗିଛି। କେବଳ ଭାରତୀୟ ନୁହଁନ୍ତି ବିଦେଶୀମାନେ ବି ଗୀତାର ଇଂରାଜୀ ଭାଷାନ୍ତରକୁ ପଢ଼ି ସେମାନଙ୍କ ଜୀବନର ଅନେକ ଅସମାହିତ ପ୍ରଶ୍ନର ଉତ୍ତର ପାଇବାକୁ ସମର୍ଥ ହେଉଛନ୍ତି। ଆଜିପରି କର୍ମବ୍ୟସ୍ତ ଓ ସଂସାରରେ ମାନବୀୟ ମୂଲ୍ୟବୋଧ ଅପଶ୍ରୟମାଣ ସମୟରେ ଶ୍ରୀମଦ୍ ଗୀତା ପାଠ ନିଶ୍ଚିନ୍ତ ଭାବରେ ଆମ ସମସ୍ତଙ୍କର ବିଭିନ୍ନ ଜିଜ୍ଞାସାର ଯଥାର୍ଥ ଅମୂଲ୍ୟ ଦାନ। ଆସନ୍ତୁ ପରମପ୍ରେମମୟ ଶ୍ରୀକୃଷ୍ଣଙ୍କ ଦିବ୍ୟ ନାମସ୍ମରଣ କରି ସମାଜରେ ଆଧ୍ୟାତ୍ମିକତାର ମହକକୁ ପରିବ୍ୟାପ୍ତ କରିବା ପାଇଁ ଦିବ୍ୟ ପଥ ପାଇଁ ନିଜକୁ ପ୍ରସ୍ତୁତ କରିବା।

# ସମ୍ମାନରୁ ସଂସ୍କାର



ରବିନାରାୟଣ ପଟ୍ଟନାୟକ
ପଟିଆ, ଭୁବନେଶ୍ୱର
ମୋ: ୯୯୩୮୧୧୩୨୨୬

ମ ସଂସ୍କାର ଏମିତି ଏକ ଜିନିଷ ଯାହା ଜଣେ ଘରୁ ଶିକ୍ଷା ପାଇଥାଏ। କୁହାଯାଇଥାଏ, ଗୋଟେ ପିଲାକୁ ଦେଖିଲେ ଜାଣିହୁଏ ତା' ବାପା-ମା' କେମିତି ହୋଇଥିବେ, କାରଣ ବାପା-ମା' ଯାହା ସଂସ୍କାର ଦେଇଥିବେ ପିଲାଟି କେବଳ ବାହାରେ ସେଇ ପ୍ରକାର ବ୍ୟବହାର କରିଥାଏ। ଛୋଟବେଳୁ ବାପା-ମା'ଙ୍କ ଛାତ୍ରଛାୟା ତଳେ ରହି ଗୋଟେ ପିଲା ମଣିଷ ହୁଏ। କିନ୍ତୁ ଦୁଃଖର ବିଷୟ ସେଇ ପିଲାଟି ବଡ଼ହେବା ପରେ ବାପା-ମା' ଯେତେବେଳେ ଆବଶ୍ୟକତା କରନ୍ତି ସେତେବେଳେ ସେ ବିଭିନ୍ନ ପ୍ରକାର ବାହାନା ଦେଖାଏ। ଯଦି ଗୋଟେ ପିଲା ପ୍ରକୃତ ମନରେ ବାପା-ମା'ଙ୍କ ସେବା କରିବ ତେବେ ତାକୁ କୌଣସି ମନ୍ଦିର ଯିବା ଦରକାର ହୁଏନି।

ଯେତେବେଳେ ଛୋଟ ପିଲାଟିକୁ ନେଇକି ବାପା ମନ୍ଦିର ଯାଆନ୍ତି ଆଉ ପିଲାଟିକୁ ଠାକୁର ଦେଖା ଯାଇନଥାନ୍ତି ସେତେବେଳେ ବାପା ପିଲାଟିକୁ କାନ୍ଧରେ ବସେଇକି ଠାକୁର ଦେଖାନ୍ତି କିନ୍ତୁ ଯିଏ ଆମକୁ କାନ୍ଧରେ ବସେଇଥାନ୍ତି ତାଙ୍କୁ ଯେ ଠାକୁର ଆମକୁ ଭଗବାନ ରୂପରେ ପଠେଇଛନ୍ତି ସେଇଟା ବୁଝିବା ସମ୍ଭବ ହୁଏନି।

ଗୋଟେ ଗାଁରେ ବାପା-ମା' ଆଉ ପୁଅଟିଏ ରହୁଥିଲେ। ଯେତେବେଳେ ପିଲାଟିର ପାଠପଢା ସରିଲା ସେ ସହରରେ ଚାକିରି ପାଇଲା। ପୁଅ ଯେତେ ଚାହିଁଲା ବାପା-ମା'ଙ୍କୁ ସହରକୁ ନେଇ ଆସିବାକୁ କିନ୍ତୁ ସେମାନେ ରାଜି ହେଲେ ନାହିଁ। ତେଣୁ ବାପା-ମା' ଗାଁରେ ରହୁଥିଲେ ଆଉ ପୁଅ ସହରରେ ଚାକିରି କରୁଥିଲା। ଗୋଟେ ଦିନ ପୁଅର ବହୁତ୍ ଅନୁରୋଧ ପରେ ବାପା-ମା' ସହରକୁ ବୁଲିବାକୁ ଆସିଲେ। ପୁଅର ଖୁସି ନକହିଲେ ଚଳେ। ପୁଅ ସାରାଦିନ ସହରର ସବୁ ଜାଗା ବାପା-ମା'ଙ୍କୁ ବୁଲେଇବା ପରେ ଗୋଟେ ଦାମୀ ହୋଟେଲକୁ ନେଇକି ଗଲା ଖାଇବାକୁ। କିନ୍ତୁ ବୁଢା ବାପା-ମା'ଙ୍କ ପାଇଁ ଏମିତି ହୋଟେଲ ଆସିବା ଥିଲା ପ୍ରଥମ ଅନୁଭୂତି।

କିଛି ସମୟ ପରେ ୱେଟର ଯେତେବେଳେ ଖାଇବା ଅର୍ଡର୍ ନେବା ପାଇଁ ଆସିଲା ବାପା-ମା' କିଛି କହିପାରୁ ନଥାନ୍ତି କେବଳ ପୁଅକୁ ଅନାଉଥାନ୍ତି। ପୁଅ କିନ୍ତୁ ସ୍ୱାଭାବିକ ଭାବରେ ସବୁ ଜିନିଷ କରୁଥାନ୍ତି ଯେପରି ବାପା-ମା'ଙ୍କୁ କୌଣସି ଜିନିଷ ଖରାପ ନଲାଗିବ। ବାପା-ମା' ଯେତେବେଳେ ଖାଇଲେ ତାଙ୍କ ଉପରେ କିଛିଖାଦ୍ୟ ପଡ଼ିଗଲା। ପାଖ ଟେବୁଲରେ ବସିଥିବା ଅନ୍ୟଲୋକମାନେ ଅଳ୍ପ ଅଳ୍ପ ହସୁଥାନ୍ତି। ପୁଅଟି ନିଜ ଖାଇବା ପାଖରୁ ଉଠି ବୃଦ୍ଧ ବାପା-ମା'ଙ୍କୁ ଆଗେ ଖୁଆଇଲା ତା'ପରେ ନିଜେ ବସି ଖାଇଲା। ଖାଇସାରିବା ପରେ ଯେତେବେଳେ ପଇସା ଦେଇକି ବାହାରକୁ ବାହାରିଲା ବେଳେ ଜଣେ ମଉସା ପଛରୁ ଡାକିଲେ ପୁଅ ତମେ ଏଇଠି ଦୁଇଟା ଭଲ ଜିନିଷ ଛାଡ଼ିକି ଗଲ। ପୁଅ ପଚାରିଲା- କ'ଣ ? ମଉସା କହିଲେ- ଗୋଟେ ଆମ ପରି ବୁଢ଼ା ଲୋକଙ୍କ ପାଇଁ ଆଶା ଦେଇକି ଗଲ ଯେ ଏମିତି ବି ପିଲା ଅଛନ୍ତି। ଆଉ ସବୁ ପିଲାଙ୍କୁ ଏୟା ଶିକ୍ଷା ପାଇବେ। ସବୁ ପିଲା ବାପା-ମା'ଙ୍କ ସେବା କରିବା ଉଚିତ୍। ବାପା-ମା' ସବୁ କଷ୍ଟ ସହିକି ପିଲାକୁ ମଣିଷ କରିଥାନ୍ତି। ଯେତେବେଳେ ସେଇ ପାକଲା ବାପା-ମା'ଙ୍କୁ ପିଲାଟି ପଚାରେ ତମେ ମୋ ପାଇଁ କରିଛ କ'ଣ ? ତା' ଠୁ ବଡ଼ କଷ୍ଟ ବାପା-ମା'ଙ୍କ ପାଇଁ କିଛି ନହୋଇପାରେ। ଗୋଟେ ପିଲା ଯଦି ଜୀବନରେ କିଛି ବି କରେ ତାହା କେବଳ ବାପା-ମା'ଙ୍କ ଆଶୀର୍ବାଦରୁ । ସେମାନଙ୍କ ବିନା ଆଶୀର୍ବାଦରେ କୌଣସି ପିଲା ଜୀବନରେ କିଛି ବି କରିପାରେନି। ତେଣୁ ବାପା-ମା'ଙ୍କ ସେବା ପିଲାର ପ୍ରଥମ ପ୍ରାଥମିକତା ହେବା ଉଚିତ୍।



ନିମାପଡ଼ା (ଭାସ୍କର ନ୍ୟୁଜ): ନିମାପଡ଼ା ସ୍ଥାନୀୟ ବ୍ଲକ୍ ଚଇଁରପଦା ପଞ୍ଚାୟତ ଭାଟବନ୍ଧ ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ବିଦ୍ୟାଳୟର ୧୯୮୨ ମସିହାର ଛାତ୍ରଛାତ୍ରୀ ମାନଙ୍କର ପ୍ରଥମ ବନ୍ଧୁ ମିଳନ ଉତ୍ସବ ବିଦ୍ୟାଳୟର ବର୍ତ୍ତମାନ କାର୍ଯ୍ୟରତ ପ୍ରଧାନ ଶିକ୍ଷକ ବ୍ରଜ କିଶୋର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ପ୍ରାକ୍ତନ ଶିକ୍ଷକ ହରେକୃଷ୍ଣ ରଥ ମୁଖ୍ୟ ଅତିଥି ରୂପେ ଯୋଗଦାନ କରି ଛାତ୍ରଛାତ୍ରୀମାନଙ୍କର ଆଗ୍ରହ ଓ ଆତିଥେୟତାରେ ଅତ୍ୟନ୍ତ ଆନନ୍ଦ ପ୍ରକାଶ କରିଥିଲେ । ତାଙ୍କର ଭାଷଣରେ ସେ ଅତୀତର ସ୍ମୃତି ଚାରଣ କରିବା ସହିତ ଅନେକ ମୂଲ୍ୟବାନ ହିତୋପଦେଶ ପ୍ରଦାନ କରିଥିଲେ । ପ୍ରାକ୍ତନ ଶିକ୍ଷକ ସଦର ଅଲ୍ଲୀ ଖାନ ମୁଖ୍ୟବକ୍ତା ରୂପେ ଯୋଗଦାନ କରି ଛାତ୍ରଛାତ୍ରୀମାନଙ୍କୁ ଜଣେ ଜଣେ ସୁମାନବ ହେବା ପାଇଁ ଉପଦେଶ ପ୍ରଦାନ କରିଥିଲେ । ପ୍ରାକ୍ତନ ଶିକ୍ଷକ କ୍ଷେତ୍ରମୋହନ ଦୀକ୍ଷିତ ଏବଂ ଲକ୍ଷ୍ମୀଧର ସାହୁ ସମ୍ମାନିତ ଅତିଥି ରୂପେ ଯୋଗଦାନ କରି ସେମାନଙ୍କ ଆର୍ଶୀବଚନ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରାକ୍ତନ କର୍ମଚାରୀ ଘନଶ୍ୟାମ ବାରିକ ଏବଂ ଅରୁଣ କୁମାର ମିଶ୍ର ତଥା ବିଦ୍ୟାଳୟରେ କାର୍ଯ୍ୟରତ ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ଯୋଗଦାନ କରି ସେମାନଙ୍କର ବକ୍ତବ୍ୟ ପ୍ରଦାନ କରିଥିଲେ । ଛାତ୍ରଛାତ୍ରୀମାନଙ୍କ ତରଫରୁ ସମସ୍ତ ପ୍ରାକ୍ତନ ଶିକ୍ଷକ ଓ ଶିକ୍ଷୟିତ୍ରୀ ତଥା ଅନ୍ୟ କର୍ମଚାରୀମାନଙ୍କୁ ଉପଢ଼ୌକନ ଏବଂ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା ।

### ମିଲରଙ୍କ ମନମାନି ବିରୁଦ୍ଧରେ ତେଜିଲେ ଚାଷୀ

## ପଡ଼ିରହିଛି ୫୦୦ ବସ୍ତା ଧାନ, ରାସ୍ତାରୋକ୍ ଚେତାବନୀ



ତିହିଡ଼ି (ଭାସ୍କର ନ୍ୟୁଜ): ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ ଅଧୀନ ବାମନବିନ୍ଧା ସେବା ସମବାୟ ସମିତିରେ ଚାଷୀଙ୍କ ଧାନ କିଣା ଯାଉନାହିଁ। ଧାନ କିଣିବା ପାଇଁ ନିଯୁକ୍ତ ମିଲରଙ୍କ ମନମାନି ବିରୁଦ୍ଧରେ ଚାଷୀ ତେଜିଛନ୍ତି। ସମିତିରେ ୫୦୦ ବସ୍ତା ଧାନ ପଡ଼ିରହିଛି। ଯାହା ଫଳରେ ଚାଷୀମାନେ ଅସନ୍ତୋଷ ପ୍ରକାଶ କରି ରାସ୍ତାରୋକ କରିବାକୁ ଚେତାବନୀ ଦେଇଛନ୍ତି। ବୁଧବାର ଏ ସମ୍ପର୍କରେ ସଭାପତି ରାଜେନ୍ଦ୍ର ଦାସ, କୃଷ୍ଣଚନ୍ଦ୍ର ମହାନ୍ତି, ସଂଗ୍ରାମ କେଶରୀ ମହାନ୍ତି, ଗଙ୍ଗାଧର ପାଣ୍ଡବ, ସନ୍ଧ୍ୟାରାଣୀ ଦାସ, ପୀତବାସ ବାରିକ, ଜଗନ୍ନାଥ ନାୟକ, କମଳାକାନ୍ତ ସେଠୀ, ଅକ୍ଷୟ କୁମାର ସେଠୀ ପ୍ରମୁଖଙ୍କ ସହିତ ଶତାଧିକ ଚାଷୀ ଜିଲ୍ଲାପାଳ, ଜିଲ୍ଲା ଯୋଗାଣ ଅଧିକାରୀ, ତହସିଲଦାର ପ୍ରମୁଖଙ୍କୁ ଦାବି ଜଣାଇଛନ୍ତି। ଗତ ୬ତାରିଖରୁ ଖୋଲିଲାଣି ମଣ୍ଡି। ହେଲେ ଏଯାଏଁ ଧାନ କିଣାଯାଉନାହିଁ। ତିହିଡ଼ି ବ୍ଲକ ଅଧୀନ ବାମନବିନ୍ଧା ସମବାୟ ସମିତିରେ ଏପ୍ରକାର ଅଚଳାବସ୍ଥା ଦେଖାଦେଇଛି। ଯାହାଫଳରେ ମଣ୍ଡି ସାମ୍ନାରେ ୫ଶହରୁ ଉର୍ଦ୍ଧ୍ୱ ଧାନ ବସ୍ତା ପଡ଼ିରହିଛି। ମିଲରଙ୍କ ମନମାନି ପାଇଁ ଏପ୍ରକାର ପରିସ୍ଥିତି ଉପୁଜିଥିବା ପଞ୍ଜିକୃତ ଚାଷୀମାନେ ଅଭିଯୋଗ କରିଛନ୍ତି। ଆସନ୍ତା ୧୭ ତାରିଖ ମଧ୍ୟରେ ବିନା କଟଣିରେ ମିଲର ଯଦି ଧାନ ନ ନିଅନ୍ତି ତେବେ ସେମାନେ ରାସ୍ତାରୋକୋ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଧାନ ନେବା ଦାୟିତ୍ୱରେ ଥିବା ମିଲର ୧୦ପ୍ରତିଶତ କଟଣି କରି ଧାନ ଦେବାକୁ ଚାଷୀମାନଙ୍କୁ ବାଧ କରୁଛନ୍ତି। ସରକାରଙ୍କ ପକ୍ଷରୁ କଟଣିର ବ୍ୟବସ୍ଥା ନଥିବାବେଳେ ମିଲରଙ୍କ ଏପ୍ରକାର ମନମାନିକୁ ଚାଷୀମାନେ ବିରୋଧ କରିଛନ୍ତି। ଯାହାଫଳରେ ଧାନ କିଣାଯାଇପାରୁନାହିଁ। ଚାଷୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ତୁରନ୍ତ ପଦକ୍ଷେପ ନେବାକୁ ଚାଷୀମାନେ ଦାବୀ କରିଛନ୍ତି।

## କଣିହାଁ ପଞ୍ଚାୟତ ସମିତିର ପଞ୍ଚମ ବୈଠକ

କଣିହାଁ (ଭାସ୍କର ନ୍ୟୁଜ): ଅନୁଗୋଳ ଜିଲା କଣିହାଁ ପଞ୍ଚାୟତ ସମିତିର ୫ମ ବୈଠକ ପବିତ୍ର ମୋହନ ସଭାଗୃହରେ ପଞ୍ଚାୟତ ସମିତିର ଅଧକ୍ଷ ରାମକୃଷ୍ଣ ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୁଧବାର ଆୟୋଜିତ ବୈଠକରେ ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି, ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ପାଲଲହଡା ବିଧାୟକ ଆଶୋକ ମହାନ୍ତି, ସମିତି ଉପାଧକ୍ଷା ଜୟନ୍ତୀ ପ୍ରଧାନ, ଜିଲା ପରିଷଦ ସଦସ୍ୟ ରଞ୍ଜନ ସାହୁ ପ୍ରମୁଖ ଯୋଗଦେଇଥିଲେ । ବୈଠକ ପ୍ରାରମ୍ଭରେ ସାଂସଦ, ଉଭୟ ବିଧାୟକ ଓ ଅଧକ୍ଷ ଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ଜ୍ୱଳନ, ସ୍ୱାଧୀନତା ସଂଗ୍ରାମୀ ତଥା ଓଡ଼ିଶାର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ପବିତ୍ର ମୋହନ ପ୍ରଧାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶୁଭାରମ୍ଭ କରିବା ସହ ସମନ୍ୱୟ ରକ୍ଷାକରି ବିକାଶକୁ ଆଗକୁ ନେବା ପାଇଁ ଅନୁରୋଧ କରିଥିଲେ । ପରେ ପୂର୍ବ ବୈଠକର ବିବରଣୀ ପଠନ କରାଯାଇଥିଲା । ବୁରୁକୁନା ସମିତି ସଭ୍ୟ ଯୁଗଳ କିଶୋର ସାହୁ, ଗଦଶିଳା ସମିତି ସଭ୍ୟ ଦିବ୍ୟଜ୍ୟୋତି ପ୍ରଧାନ ପ୍ରମୁଖ କଣିହାଁ ଅଞ୍ଚଳରେ ରାସ୍ତାର ଦୂରବସ୍ଥା, ସଦା ସର୍ବଦା ଭାରିଯାନ ଚଳାଚଳ ଯୋଗୁଁ ରାସ୍ତା ଜାମ ହେଉଥିବା ଯାତାୟତରେ ଅସୁବିଧା ହେଉଥିବା ସ୍ଥଳେ ଭାରିଯାନ ଚଳାଚଳ ବନ୍ଦ କରିବା ପାଇଁ ପଦକ୍ଷେପ ନେବା ପାଇଁ ଗୃହର ଦୃଷ୍ଟି ଆକର୍ଷଣ କରିଥିଲେ । ଏନଆରଜିଇଏସ କାମରେ କଣିହାଁ ବ୍ଲକରେ ସମିତି ସଭ୍ୟ ମାନେ ସିଧାସଳଖ ଫାଇଲ ଖୋଲିବା ପାଇଁ ଅଡି ବସିଥିଲେ । ଅନ୍ୟାନ୍ୟ ସଭ୍ୟସଭ୍ୟା ମୁଖ୍ୟତଃ ବିଦ୍ୟୁତ୍ ବିଭ୍ରାଟ, ବିଦ୍ୟାଳୟରେ ଆବଶ୍ୟକୀୟ ଶିକ୍ଷକ ଓ ଶ୍ରେଣୀଗୃହ ଅଭାବ, କୃଷିର ଉନ୍ନତି ଦିଗରେ ପଦକ୍ଷେପ ନେବା, ପାନୀୟଜଳ ଯୋଗାଇବା, ଡାକ୍ତର ଯୋଗାଇଦେବା, ସମନ୍ୱିତ ଶିଶୁ ବିଭାଗ ଓ ଖାଦ୍ୟ ଓ ଯୋଗାଣ ବିଭାଗର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଉପରେ ଆଲୋଚନା କରାଯାଇଥିଲା । ବୈଠକରେ କଣିହାଁ ବିଡ଼ିଓ ଦେବଦତ୍ତ ପ୍ରଧାନ, ଜପିଓ ବିଜୟ ସାହୁ ପ୍ରମୁଖ ଗୃହ କାର୍ଯ୍ୟରେ ସହଯୋଗ କରିଥିଲେ । ବୈଠକରେ କଣିହାଁ ବ୍ଲକର ୨୭ଟି ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ,ସଭ୍ୟା ଓ ବିଭିନ୍ନ ବିଭାଗର ଅଧିକାରୀ ଯୋଗଦେଇଥିଲେ ।

## ଚୌଦ୍ୱାର ସାହିତ୍ୟ ସଂସଦର ପ୍ରତିଷ୍ଠା ଦିବସ

ଟାଙ୍ଗୀ-ଚୌଦ୍ୱାର (ଭାସ୍କର ନ୍ୟୁଜ): ଚୌଦ୍ୱାର ସାହିତ୍ୟ ସଂସଦ ର ୪୮ତମ ପ୍ରତିଷ୍ଠା ଦିବସ ଅନୁଷ୍ଠିତ ହୋଇଯାଇଛି । କପାଳେଶ୍ୱର ଶ୍ରୀସାଇ ବିହାରସ୍ଥିତ ରୋଟାରୀ ଭବନଠାରେ ଆୟୋଜିତ ଉତ୍ସବରେ କବିତା ପାଠ ଓ ବ୍ୟାସକବି ଫକୀରମୋହନଙ୍କ ସାରସ୍ୱତ କୃତିତ୍ୱ ସଂପର୍କରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ସଂସଦର ସଭାପତି ବିଶ୍ୱକଲ୍ୟାଣ ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର ପ୍ରାପ୍ତ ସାରସ୍ୱତ ସାଧକ ପ୍ରଫେସର ବୈଷ୍ଣବ ଚରଣ ସାମଲ ମୁଖ୍ୟଅତିଥି ଭାବରେ ଯୋଗ ଦେଇ କହିଥିଲେ ଫକୀରମୋହନ ସାହିତ୍ୟ ଜଗତର ବିସ୍ମୟ । ଓଡ଼ିଆ ଭାଷା ସାହିତ୍ୟ ଆନ୍ଦୋଳନର ସମର୍ଥ ସାରଥୀ । ମୁଖ୍ୟବକ୍ତା ରାଷ୍ଟ୍ରଦୀପର ପ୍ରାକ୍ତନ ସଂପାଦକ ଜଗବନ୍ଧୁ ମିଶ୍ର କହିଥିଲେ ଚିରନ୍ତନ ମୂଲ୍ୟବୋଧଭିତ୍ତିକ ସାହିତ୍ୟ ହିଁ ବାସ୍ତବ ସାହିତ୍ୟ । ଏହି ଅବସରରେ ନାଟ୍ୟକାର ଡ. ବୈଜୟନ୍ତୀ ମିଶ୍ରଙ୍କୁ 'ଚୌଦ୍ୱାର ସାହିତ୍ୟ ସଂସଦ ସମ୍ମାନ' ଓ ଅନୁବାଦିକା ସବିତା ବାରିକ ରାଉତଙ୍କୁ 'ବନମାଳୀ ଦାସ ସାରସ୍ୱତ ସମ୍ମାନ' ପ୍ରଦାନ କରାଯାଇଥିଲା । ଏହି ଅବସରରେ ଗାଳ୍ପିକା ଜ୍ୟୋସ୍ନାବାଳା ଦେବୀଙ୍କ ରଚିତ ଗଳ୍ପ ସଂକଳନ 'ନାୟିକାର ନାଁ କଇଁ' ଉନ୍ମୋଚିତ ହୋଇଥିଲା । ସଂସଦର ଉପ ସଭାପତି ଶ୍ରୀନିବାସ ଶରତ କୁମାର ଖୁଣ୍ଟିଆଙ୍କ ପୌରୋହିତ୍ୟ ଓ କାର୍ଯ୍ୟକାରୀ ସଭାପତି ତଥା କବି ଶ୍ରୀନିବାସ ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ ୩୦ରୁ ଉର୍ଦ୍ଧ୍ୱ କବି ସ୍ୱରଚିତ କବିତା ପାଠ କରିଥିଲେ ।

## ଭତ୍ତା ବଣ୍ଟନ କଲେ ମନ୍ତ୍ରୀ ସୂର୍ଯ୍ୟବଂଶୀ



ତିହିଡ଼ି (ଭାସ୍କର ନ୍ୟୁଜ): ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକର ବିଭିନ୍ନ ପଞ୍ଚାୟତର ୮୫୦ଜଣ ହିତାଧିକାରୀଙ୍କୁ ବୁଧବାର ଜନସେବା ଦିବସରେ ଉଚ୍ଚଶିକ୍ଷା, ସାହିତ୍ୟ ସଂସ୍କୃତି ଓ ଯୁବବିକାଶ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ବର୍ଦ୍ଧିତ ଭତ୍ତା ବଣ୍ଟନ କରିଛନ୍ତି। ଅନୁଷ୍ଠିତ ସମାରୋହରେ ମୁଖ୍ୟଅତିଥି ଭାବେ ମନ୍ତ୍ରୀ ଶ୍ରୀ ସୂରଜ ଯୋଗଦେଇ ଭତ୍ତା ବଣ୍ଟନ କରିଥିଲେ। ୮୦ ବର୍ଷରୁ ଉର୍ଦ୍ଧ୍ୱ ୭୮୦ଜଣ ହିତାଧିକାରୀ ଏବଂ ୮୦ପ୍ରତିଶତ ବା ତଦୁର୍ଦ୍ଧ ୭୦ଜଣ ଦିବ୍ୟାଙ୍ଗଙ୍କୁ ବର୍ଦ୍ଧିତ ଭତ୍ତା ୩,୫୦୦ ଟଙ୍କା ଲେଖାଏଁ ପ୍ରଦାନ କରିଥିଲେ। ଏହି ସମାରୋହରେ ବିଡିଓ ଜ୍ୟୋତିର୍ମୟ କର ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ମନ୍ତ୍ରୀ ଶ୍ରୀ ସୂରଜ ଏଥିରେ ଯୋଗଦେଇ ଭତ୍ତା ବୃଦ୍ଧି ନେଇ ରାଜ୍ୟ ସରକାର ଦେଇଥିବା ପ୍ରତିଶ୍ରୁତି ପୂରଣ କରିଛନ୍ତି ଯାହାର ସୁଫଳ ଆଜି ହିତାଧିକାରୀଙ୍କୁ ମିଳିଛି ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଅଧକ୍ଷା ଅବନ୍ତୀ ଦାସ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବ୍ଲକ ଅଧକ୍ଷ ଶୁକଦେବ ମଲ୍ଲିକ, ସରପଞ୍ଚ କୁନ୍ତଳା ମଳିକ, ପ୍ରଦୀପ ବଳ, ଚକ୍ରଧର ଦାସ, ନିହାରିକା ବିଶ୍ୱାଳ, ଶୁଭ୍ର ନାରାୟଣ ସେଠୀ, ଧାମନଗର ବିଜେପି ପ୍ରଭାରୀ ବୁଦ୍ଧଦେବ ଜେନା, ବରିଷ୍ଠ ଭାଜପା ନେତା ରଘୁନାଥ ପାତ୍ର, ପ୍ରମୋଦ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏବିଡିଓ ମାନସ କୁମାର ଜେନା, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ନିହାର ରଞ୍ଜନ ରାଉତ, ଏମଆଇ ପ୍ରାତିଶ ସାମଲ, ଜିପିଓ ପ୍ଲାବନ ପଣ୍ଡା, କନିଷ୍ଠ ଯନ୍ତ୍ରୀ ସମୀର ରଞ୍ଜନ ରାଉତ, ପିଇଓ ଶାରଦା ବଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଆକ୍ରମଣ କରି ୧୫ ଲକ୍ଷ ଟଙ୍କା ଲୁଟ୍

ରାଇଘର (ଭାସ୍କର ନ୍ୟୁଜ): ନବରଙ୍ଗପୁର ଜିଲ୍ଲାରେ ଥମୁନି ଲୁଟେରାଙ୍କ ଆତଙ୍କରାଜ । ପୁଣି ଜଣେ ବ୍ୟବସାୟୀଙ୍କୁ ଆକ୍ରମଣ କରି ୧୫ ଲକ୍ଷ ଟଙ୍କା ଲୁଟି ନେଇଛନ୍ତି ଦୁର୍ବୃତ୍ତ । ନବରଙ୍ଗପୁର ଜିଲ୍ଲା ଅନ୍ତର୍ଗତ ରାଇଘର ବ୍ଲକରେ ଏହି ଘଟଣା ଘଟିଛି । ଲୁଟର ଶିକାର ହୋଇଛନ୍ତି ବ୍ୟବସାୟୀ ଅବଦୁଲ ଆନସାରି। ରାଇଘର ବ୍ଲକରେ ବ୍ୟବସାୟୀଙ୍କୁ ମରଣାନ୍ତକ ଆକ୍ରମଣ କରି ୧୫ ଲକ୍ଷ ଲୁଟ ଘଟଣା ପୋଲିସ ବିଭାଗ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି । ଖବର ନେବାରେ ଜଣାଯାଇଛି ଯେ, ରାଇଘର ବ୍ଲକର ପଠାଣ ସାହିରେ ରହୁଥିବା ବ୍ୟବସାୟୀ ଅବଦୁଲ ଆନସାରି ଦୁଇ ଜଣ କର୍ମଚାରୀ ଗୁଡ୍ଡୁ ଧୋବା ଓ ଯୁନୁଷ ଲାଠିଆ ସହ ପାରୁଆ ପଞ୍ଚାୟତର ଛତାବେଡାଠାରେ ସାପ୍ତାହିକ ହାଟକୁ ବାଇକରେ ଯାଉଥିଲେ । ଏହି ସମୟରେ ଗ୍ରାମ ନିକଟରେ ମୁଖା ପିନ୍ଧା ୬ ଜଣ ବ୍ୟକ୍ତି ସେମାନଙ୍କୁ ଅଟକାଇ ଥିଲେ । ଏହା ପରେ ଦୁର୍ବୃତ୍ତମାନେ ଅତର୍କିତ ଭାବେ ବାଇକ ଚାଳକଙ୍କୁ ଠେଙ୍ଗାରେ ଆକ୍ରମଣ କରିଥିଲେ । ଗୁଡ୍ଡୁ ଓ ଯୁନୁଷଙ୍କୁ ଆକ୍ରମଣ କରିବା ପରେ ଟଙ୍କା ବ୍ୟାଗ ଧରିଥିବା ଅବଦୁଲଙ୍କୁ ମରଣାନ୍ତକ ଆକ୍ରମଣ କରି ଟଙ୍କା ବ୍ୟାଗ ଧରି ଚମ୍ପଟ ମାରିଥିଲେ । ଗୁରୁତର ଅବସ୍ଥାରେ ଅବଦୁଲ ଅନସାରିଙ୍କୁ ରାଇଘର ମେଡିକାଲରେ ଭର୍ତ୍ତି କରାଯାଇଛି । ଘଟଣାସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ କରୁଛି ।

## ଅଶୀ ବର୍ଷରୁ ଉର୍ଦ୍ଧ ହିତାଧିକାରୀଙ୍କୁ ଭତ୍ତା ବିତରଣ

ଲକ୍ଷ୍ମୀପୁର (ଭାସ୍କର ନ୍ୟୁଜ): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ ପଞ୍ଚାୟତ ସଦର କାର୍ଯ୍ୟାଳୟ ଠାରେ ଅଶସି ବର୍ଷରୁ ଉର୍ଦ୍ଧ ହିତାଧିକାରୀଙ୍କ ବାର୍ଦ୍ଧକ ଭତ୍ତା ବିତରଣ ସମାରୋହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଉଛି। ସରପଞ୍ଚ ଶ୍ୟାମ ସୁନ୍ଦର ତାଡିଙ୍ଗିଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୮୦ବର୍ଷରୁ ଉର୍ଦ୍ଧ ୭୧୬ ଜଣ ହିତାଧିକାରୀଙ୍କ ସମେତ ଅସି ପ୍ରତିଶତ ୨୯୬ ଜଣ ବିକଳାଙ୍ଗଙ୍କୁ ୧୨ ସହ ଟଙ୍କା ପରିବର୍ତ୍ତେ ତିନି ହଜାର ପାଞ୍ଚ ଶହ ଟଙ୍କା ଲେଖା ଭତ୍ତା ପ୍ରଦାନ କରାଯାଇଥିଲା। ଏହି ସମାରୋହରେ ପଞ୍ଚାୟତ ସମିତି ଅଧକ୍ଷା ଶୁଆଇ



କୁଲେସିକା, ଉପାଧକ୍ଷ୍ୟା ଆରତୀ କୁଲଦୀପ, ବିଧାୟକ ପବିତ୍ର ସାଉନ୍ତା, ବିଡ଼ିଓ ଗୁରେଶ୍ୱର ଭୋଇ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଅଂଶୁମାନ ବେହେରା, ଡାଟା ଅପରେଟର ତ୍ରିନାଥ ସାହୁ, ଜିଲ୍ଲା ପରିଷଦଅଧକ୍ଷା ପିଙ୍କି ହିମେରିକା, ବୁର୍ଜା ସରପଞ୍ଚ ଜୋଲି ମିଣିଆକା ଉପସ୍ଥିତ ଥିବା ବେଳେ ଲକ୍ଷ୍ମୀପୁର ପଞ୍ଚାୟତ ନିର୍ବାହୀ ଅଧିକାରୀ ରମେଶ ସାହୁ ସହଯୋଗ କରିଥିଲେ।

## ଚାଷୀଙ୍କୁ ଅଶ୍ଳୀଳ ଆଚରଣ କରି ନିଲମ୍ବିତ ହେଲେ ଆର୍ଆଇ

ଗୋପ (ଭାସ୍କର ନ୍ୟୁଜ): ଜଣେ ଚାଷୀଙ୍କୁ ଅଶ୍ଳିଳ ଆଚରଣ କରି ନିଲମ୍ବିତ ହୋଇଛନ୍ତି ରାଜସ୍ୱ ନୀରିକ୍ଷକ । ଗତ ମାସରେ ଅଦିନିଆ ଲଘୁଚାପ ବର୍ଷାରେ ହୋଇଥିବା ଫସଲ କ୍ଷୟକ୍ଷତିର କ୍ଷତି ପୁରଣ ରାଶି ପାଇଁ ଫର୍ମ ପକାଇବାକୁ ୧୩ ତାରିଖ ଶେଷ ତାରିଖ ଭାବେ ସରକାର ଘୋଷଣା କରିଥିବା ବେଳେ ଏହି ଆବେଦନ କରିବା ପାଇଁ ୧୩ ତାରିଖ ଦିନ ଶତାଧିକ ଚାଷୀ ଗୋପ ତହସିଲ ଅଧିନ ବଉଲାଙ୍ଗ ରାଜସ୍ୱ ନୀରିକ୍ଷକଙ୍କ କାର୍ଯ୍ୟାଳୟକୁ ଆସିଥିଲେ । ମାତ୍ର ଉକ୍ତ କାର୍ଯ୍ୟାଳୟର ରାଜସ୍ୱ ନୀରିକ୍ଷକ ମାର୍ଶଲ ପ୍ରଧାନ କାର୍ଯ୍ୟାଳୟ ଖୋଲାକରି ଅପରାହ୍ନ ପ୍ରାୟ ୧୧ଟାରୁ ଯାଇ ପୂର୍ବାହ୍ନ ୧ ଟା ବେଳକୁ ମଦ୍ୟପାନ କରି ନିଶାଶକ୍ତ ଅବସ୍ଥାରେ ଅଫିସକୁ ଫେରିଥିଲେ । ତାଙ୍କୁ ଏତେବେଳ ଯାଏଁ କୁଆଡେ ଯାଇଥିଲେ ବୋଲି ପ୍ରଶ୍ନ କରିବାରେ ଆରଆଇ ମାର୍ଶାଲ ପ୍ରଧାନ ସେମାନଙ୍କୁ ଅଶ୍ଳିଳ ଆଚରଣ କରିଥିଲେ । ଏହି ଘଟଣାର ଭିଡିଓ ଭାଇରାଲ ହେବା ସହ ଗଣମାଧ୍ୟମରେ ପ୍ରକାସ ପାଇବା ପରେ ଏହାକୁ ଗୁରୁତର ସହ ନେଇ ଆଜି ଗୋପ ତହସିଲ ବଉଲାଙ୍ଗ ରାଜସ୍ୱ ଇନ୍ସିପେକ୍ଟର ମାର୍ଶାଲ ପ୍ରଧାନଙ୍କୁ ଆଜି ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ନିଲମ୍ବିତ କରିଛନ୍ତି । ଉପ-ଜିଲ୍ଲାପାଳଙ୍କ ତଦନ୍ତ ରିପୋର୍ଟ ଆଧାରରେ ଜିଲ୍ଲାପାଳ ମାର୍ଶାଲ ପ୍ରଧାନଙ୍କୁ ନିଲମ୍ବିତ କରିବା ସହ ନିଲମ୍ବନ ସମୟରେ ତାଙ୍କ ହେଡ କ୍ୱାର୍ଟର କୃଷ୍ଣ ପ୍ରସାଦ ତହସିଲକୁ ଧାର୍ଯ୍ୟ କରାଯାଇଛି । ତହସିଲଦାର କୃଷ୍ଣପ୍ରସାଦଙ୍କ ବିନା ଅନୁମତିରେ ହେର୍ଡ କ୍ୱାର୍ଟର ନଛାଡିବାକୁ ମାର୍ଶାଲଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

## ଅସୁସ୍ଥ ଧଳାବାଘ ଶାବକର ମୃତ୍ୟୁ

ବାରଙ୍ଗ (ଭାସ୍କର ନ୍ୟୁଜ): ନନ୍ଦନକାନନ ପ୍ରାଣୀଉଦ୍ୟାନର ଶିଶୁ ଲାଳନପାଳନ କେନ୍ଦ୍ରରେ ରହୁଥିବା ମାଈ ଧଳାବାଘ ଶାବକ ବୁଧବାର ସକାଳେ ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ ହୋଇଛି। ବାଘ ଶାବକଟି ଗତ ୧୨ତାରିଖରୁ ତାର ଶରୀରର ତାପମାତ୍ରା ବୃଦ୍ଧି ସାଙ୍ଗକୁ ଜ୍ୱର ଜନିତ ସମସ୍ୟା ଦେଖାଦେବାରୁ କର୍ତ୍ତୃପକ୍ଷ ତାକୁ ତାର ମା'ଠାରୁ ଅଲଗା କରି ବନ୍ୟପ୍ରାଣୀ ଚିକିତ୍ସାଳୟର ଶିଶୁ ଲାଳନପାଳନ କେନ୍ଦ୍ରରେ ରଖି ନନ୍ଦନକାନନ ବନ୍ୟପ୍ରାଣୀ ଚିକିତ୍ସକଙ୍କ ଦ୍ୱାରା ଚିକିତ୍ସା ହେଉଥିଲା।ଏପରିକି ବାଘ ଶାବକର ରକ୍ତ ଏବଂ ଫେକାଲ ନମୁନା ସଂଗ୍ରହ କରାଯାଇ ପରୀକ୍ଷା କରାଯାଇଥିଲା। କେନ୍ଦ୍ରୀୟ ୱାଇଲ୍ଡ ଲାଇଫ୍ ହେଲଥ୍ (ସିଡବ୍ଲ୍ୟୁଏଚ୍)ର ବିଶେଷଜ୍ଞଙ୍କ ପରାମର୍ଶକ୍ରମେ ତାକୁ ଆଇଭି ଫ୍ଲୁଇଡ୍, ପ୍ଲାଜ୍ମା ବିସ୍ତାରକ, ଆଣ୍ଟିବାୟୋଟିକ, ଆଣ୍ଟାସିଡ୍ ଓ ଆଣ୍ଟିକୋନଭୁଲ୍ସାଣ୍ଟ ସମେତ ଗଭୀର ଯତ୍ନ ନିଆଯାଉଥିଲା। ଏସବୁ ସତ୍ତ୍ୱେ ବାଘ ଶାବକଟି ଖାଦ୍ୟ ଖାଉନଥିଲା। ଫଳରେ ଆଜି ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ ଘଟିଛି ବୋଲି ନନ୍ଦନକାନନ ଉପନିର୍ଦ୍ଦେଶକ ସନଥ କୁମାର ନାରାୟଣ କହିଛନ୍ତି ।

## ବର୍ଦ୍ଧିତ ଭତ୍ତା ବିତରଣ ଓ ଜନ ସେବା ଦିବସ ପାଳିତ

ନବରଙ୍ଗପୁର (ଭାସ୍କର ନ୍ୟୁଜ): ନବରଙ୍ଗପୁର ସହରସ୍ଥିତ ସାଇ କଲ୍ୟାଣ ମଣ୍ଡପ ଠାରେ ଜିଲ୍ଲାପାଳ ଡ. ଶୁଭଙ୍କର ମହାପାତ୍ରଙ୍କ ଅଧକ୍ଷତାରେ ବର୍ଦ୍ଧିତ ଭତ୍ତା ବିତରଣ ଓ ଜନ ସେବା ଦିବସ ପାଳିତ ହୋଇ ଯାଇଛି । ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଓଡିଶା ଆନୁକୂଲ୍ୟରେ ଆଜି ୮୦ ବର୍ଷରୁ ଉର୍ଦ୍ଧ ବୟସ୍କ ଏବଂ ୮୦ ପ୍ରତିଶତ ଏବଂ ତଦୂର୍ଦ୍ଧ ଭିନ୍ନକ୍ଷମ ହିତାଧିକାରୀଙ୍କୁ ବର୍ଦ୍ଧିତ ଭତ୍ତା ପ୍ରଦାନ କରାଯାଇଛି । ରାଜ୍ୟ ସରକାରଙ୍କ ପୂର୍ବ ଘୋଷଣା ଅନୁଯାୟୀ ୮୦ ବର୍ଷରୁ ଉର୍ଦ୍ଧ ବୟସ୍କ ଏବଂ ୮୦ ପ୍ରତିଶତ ବା ତାଠାରୁ ଅଧିକ ଭିନ୍ନକ୍ଷମ ବ୍ୟକ୍ତି ପାଉଥିବା ମାସିକ ୧୨୦୦ ଟଙ୍କାରୁ ଭତ୍ତା କୁ ୩୫୦୦ ଟଙ୍କା କୁ ବୃଦ୍ଧି କରାଯାଇଛି । ଏହି ଅବସରରେ କେଉଁଝର ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଏହି ବର୍ଦ୍ଧିତ ଭତ୍ତା ର ଶୁଭାରମ୍ଭ କରାଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗ ଦେଇଥିଲେ । ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ, ବିଧାୟକ ଗୌରୀ ଶଙ୍କର ମାଝୀ, ମନୋହର ରନ୍ଧାରୀ, ପୌରପାଳିକା ଅଧକ୍ଷ କୁନୁ ନାୟକ ଉପସ୍ଥିତ ଥିଲେ । ଅତିଥି ଗଣ ନିଜ ବକ୍ତବ୍ୟରେ ସାମାଜିକ ସୁରକ୍ଷା ଦିଗରେ ସରକାରଙ୍କ ବର୍ଦ୍ଧିତ ଭତ୍ତା ଏକ ବଳିଷ୍ଠ ପଦକ୍ଷେପ କହିବା ସହ ଜିଲ୍ଲାର ସର୍ବାଙ୍ଗିନ ଉନ୍ନତି ପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି ମତ ରଖିଥିଲେ । ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ସଭାରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ କୁମାର ବେହେରା ସ୍ୱାଗତ ଭାଷଣ ସହ ସଭା ସଂଯୋଜନା କରିଥିଲେ । ଆଶାକିରଣ ଅଧକ୍ଷ ଜଗନ୍ନାଥ ବେହେରା ଧନ୍ୟବାଦ୍ ଦେଇଥିଲେ ।

## ୨୦ରେ ଉଦ୍‌ଘାଟନ ହେବ ସାନପଦର ପାସେଞ୍ଜର ହଲ୍ଟ

ବୋଲଗଡ଼ (ଭାସ୍କର ନ୍ୟୁଜ): ବୋଲଗଡ ବ୍ଲକର ବହୁ ପ୍ରତିକ୍ଷିତ ସାନପଦର ରେଳ ପାସେଞ୍ଜର ହଲ୍ଟ ଚଳିତ ମାସ ୨୦ତାରିଖ ଉଦଘାଟନ ହେଉଛି। ଏନେଇ ପୂର୍ବତଟ ରେଳବିଭାଗ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ଯୁଦ୍ଧକାଳୀନ ଭିତିରେ ନିର୍ମାଣ କାର୍ଯ୍ୟ ସହ ବୁଧବାର ସାନପଦର ଗ୍ରାମ ପଞ୍ଚାୟତର ପୂର୍ବତନ ସରପଞ୍ଚ କିଶୋର କୁମାର ସାହୁଙ୍କୁ ରେଳବିଭାଗ ପକ୍ଷରୁ ଟିକେଟ କାଉଣ୍ଟର ଦାୟିତ୍ୱ ମିଳିଛି। ଯାତ୍ରୀ ମାନଙ୍କ ସୁବିଧା ପାଇଁ ପାନୀୟ ଜଳ ସହ ଅପେକ୍ଷା ଗୃହ ନିର୍ମାଣ ସରିଛି। ପ୍ରକାଶ ଥାଉକି ୨୦୧୭ ମସିହା ଠାରୁ ସାନପଦର ରେଳ କ୍ରିୟାନୁଷ୍ଠାନ କମିଟି ପକ୍ଷ ଆନ୍ଦୋଳନ ସହ ଦାବିପତ୍ର ଜାରି ରଖିଥିଲେ। ଏନେଇ ମଧ୍ୟ ରେଳମନ୍ତ୍ରୀ ଅଚାନକ ସାନପଦର ଠାରେ ରେଳ ଗାଡ଼ିକୁ ରଖି ଦାବିପତ୍ର ଗ୍ରହଣ କରି ଖୁବ୍ ଶୀଘ୍ର ସାନପଦର ରେଳ ରହିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପରେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କ ଏହି କାର୍ଯ୍ୟକୁ ହାତକୁ ନେଇ ସଂପୂର୍ଣ୍ଣ ରୂପ ଦେଇଥିବା ସୂଚନା ରହିଛି। ଏନେଇ ଅଞ୍ଚଳରେ ଖୁସିର ଲହର ଖେଳିଯାଇଛି।

## କରଞ୍ଜିଆରେ ମହୁମାଛି ଆତଙ୍କ

କରଞ୍ଜିଆ (ଭାସ୍କର ନ୍ୟୁଜ): କରଞ୍ଜିଆରେ ବାରମ୍ବାର ମହୁମାଛି ଆକ୍ରମଣ ହେଉଛି। ଏହି ମହୁମାଛି କାମୁଡ଼ାରେ ଅବସରପ୍ରାପ୍ତ ଡାକ କର୍ମଚାରୀଙ୍କ ଦେହାନ୍ତ ମଧ୍ୟ ହେବାର ଖବର ଅଛି । ଆଜି ଅପରାହ୍ନ ପ୍ରାୟ ସାଢ଼େ ତିନିଟା ସମୟରେ ମହୁମାଛି ଆକ୍ରମଣରେ ଦୁଇ ବ୍ୟାଙ୍କ ଅଧିକାରୀଙ୍କ ସହ ୧୨ ରୁ ଉର୍ଦ୍ଧ୍ୱ ବାଟୋଇ ଆହତ ହୋଇ ଉପଖଣ୍ଡ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। କରଞ୍ଜିଆ ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ ନିକଟରେ ଥିବା ଏକ ଅଶ୍ୱତ୍ଥ ଗଛରେ ବହୁଦିନ ହେଲା ମହୁମାଛି ବସା ବାନ୍ଧିଛନ୍ତି । ଆଜି ଏହି ମହୁମଛି ମାନେ ଏଣେତେଣେ ଉଡୁଥିବା ଜାଣି ନପାରି ସେହି ରାସ୍ତାରେ ଯାଉଥିବା କରଞ୍ଜିଆ ଆଇଡିବିଆଇ ବ୍ୟାଙ୍କ ଶାଖା ପରିଚାଳକ ବିଭୁ ପ୍ରଶନ୍ନ ତ୍ରିପାଠୀ ଓ ଅନ୍ୟ ଜଣେ ଅଧିକାରୀ ପ୍ରିତିରଞ୍ଜନ ସେଠୀ, କରଞ୍ଜିଆ ବଜାରର ରୋହିତ ଶର୍ମା,ବଳା ଗାଁର ସପ୍ନା ମହାନ୍ତ,କରଡିଆର ଶିବାନୀ ସାହୁ,ମଣ୍ଡୁଆ ଗାଁର ଏସକେ ଆଲାମ ତଥା ଆହୁରି କିଛି ବାଟୋଇଙ୍କୁ ମହୁମାଛି ଆକ୍ରମଣ କରିଥିଲେ।

## ବ୍ୟାପୁଛି ଝାଡାବାନ୍ତି, ଗ୍ରାମରେ ପହଞ୍ଚିଲେ ଚିକିତ୍ସକ ଦଳ



କଣାସ (ଭାସ୍କର ନ୍ୟୁଜ): କଣାସ ବ୍ଲକ ଗଡିଶାଗୋଦା ଗ୍ରାମ ପଞ୍ଚାୟତର ନୂଆଗାଁ ଗ୍ରାମରେ ଦୀର୍ଘ ୧୪ଦିନ ହେଲା ଝାଡାବାନ୍ତି ଲାଗିରହିବା ସହିତ ଦୁଇ ଜଣଙ୍କର ମୃତ୍ୟୁ ହୋଇଯାଇଛି । ୧୨ଦିନ ହେଲା ଉକ୍ତ ଗ୍ରାମର ଆଶା ଦିଦି ରୋଗୀମାନଙ୍କୁ ଔଷଧ ବିତରଣ କରୁଥିଲେ। ଦୁଇଦିନ ତଳେ ବିଭିନ୍ନ ଗଣମାଧରେ ଖବର ପ୍ରଚାର ହେବାପରେ ଗତକାଲି କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀ ଉକ୍ତ ଗ୍ରାମକୁ ଯାଇ ବୁଲି ଫେରିଆସିଥିଲେ। ଉକ୍ତ ଗ୍ରାମରେ ୨୫ରୁ ଉର୍ଦ୍ଧ ଆକ୍ରାନ୍ତ ହୋଇଥିବା ବେଳେ ନିକଟସ୍ଥ ଜାଗୁଳେଇପଦର ଗ୍ରାମରେ ୧୫ରୁ ଉର୍ଦ୍ଧ ଝାଡାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି । ସେହିପରି ଗଡିଶାଗୋଦା ଗ୍ରାମରେ ୫ଜଣ, ହରିପୁର ଗ୍ରାମରେ ୨ଜଣ ଆକ୍ରାନ୍ତ ହୋଇଥିବା ଜଣାପଡିଛି । ଆଜି ପୁରୀରୁ ଡିପିଏଚ୍‌ଓ ବ୍ରଜ ଶଙ୍କର ରଥ ଇପିଡେମୋଲୋଜିଷ୍ଟି ଡାକ୍ତର ସିଲ୍ପି ଦାସ, କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଭାରପ୍ରାପ୍ତ ଅଧିକାରୀ ସମ୍ବିଦ୍ ରଂଜନ ଜେନା, ଡାକ୍ତର ଜଗନ୍ନାଥ ବେହେରା, ଡାକ୍ତର ଅବନିରଂଜନ ପାତ୍ର, ସ୍ୱର୍ଣ୍ଣଲତା ରଥ, ପି.ଏଚ୍.ଇ.ଓ ଦେବର୍ଦର୍ଶିନୀ ମହାନ୍ତି, ପ୍ରଭୃତି ନୂଆଗାଁ, ଜାଗୁଳେଇପଦର, ଗଡିଶାଗୋଦା, ହରିପୁର ଗ୍ରାମକୁ ଯାଇ ଝାଡାବାନ୍ତିରେ ଆକ୍ରାନ୍ତ ହେଉଥିବା ଲୋକମାନଙ୍କୁ ଔଷଧ ବିତରଣ କରିଥିଲେ। ଦୟାନଦୀର ଦୂଷିତ ଜଳ ବ୍ୟବହାର ଯୋଗୁଁ ଝାଡାବାନ୍ତି ବ୍ୟାପୁଥିବା ଡାକ୍ତରମାନେ ସୂଚନା ଦେବାସହ ଦୟାନଦୀର ଜଳକୁ ବ୍ୟବହାର ନ କରିବାପାଇଁ ଡାକ୍ତରମାନେ ଗ୍ରାମବାସୀମାନଙ୍କୁ ସଚେତନ କରାଇଥିଲେ। ୭ଦିନ ଧରି ଅସ୍ଥାୟୀ ସ୍ୱାସ୍ଥ୍ୟ କ୍ୟାମ୍ପ ନୂଆଗାଁ ଠାରେ ଖୋଲାଯିବ ବୋଲି ଡିପିଏଚଓ, ଡାକ୍ତର ବ୍ରଜ ଶଙ୍କର ରଥ ସୂଚନା ଦେଇଥିଲେ।

## ବରିଷ୍ଠ ନାଗରିକଙ୍କ ସମ୍ମିଳନୀ

ଟାଙ୍ଗୀ-ଚୌଦ୍ୱାର (ଭାସ୍କର ନ୍ୟୁଜ୍) : ଚୌଦ୍ୱାର ପୌରପାଳିକା ଅନ୍ତର୍ଗତ ଓଟିଏମ୍ କଲୋନୀ ସ୍ଥିତ୧୨ନଂ. ୱାର୍ଡ଼ର ବରିଷ୍ଠ ନାଗରିକମାନଙ୍କୁ ନେଇ ଏକ ବରିଷ୍ଠ ନାଗରିକ ସମ୍ମିଳନୀ ସଭା ସ୍ଥାନୀୟ ଚନ୍ଦନେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ୱାର୍ଡ଼ର ପ୍ରାୟ ୬୨ରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକମାନେ ଯୋଗ ଦେବା ସହ ପୁରୁଣା ଦିନର ସ୍ମୃତି ସାଉଁଟି ଥିଲେ । ପ୍ରାରମ୍ଭରେ ଯେଉଁ ବରିଷ୍ଠ ନାଗରିକମାନେ ମୃତ୍ୟୁବରଣ କରିଛନ୍ତି ସେମାନଙ୍କ ଅମର ଆତ୍ମା ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯିବା ପରେ ପ୍ରତ୍ୟେକ ବର୍ଷ ଏହିଭଳି ସମ୍ମିଳନୀ କରି ନିଜ ନିଜ ଭିତରେ ଭାଇଚାରା ସମ୍ପର୍କକୁ ଦୃଢ଼ତର କରିବା ପାଇଁ ସମସ୍ତେ ସଂକଳ୍ପବଦ୍ଧ ହୋଇଥିଲେ । ବରିଷ୍ଠ ନାଗରିକଙ୍କ ପକ୍ଷରୁ ବୈଦ୍ୟନାଥ ସାମଲ, ଜୟଦେବ ଖୁଣ୍ଟିଆ, ଅଜୟ କୁମାର ସ୍ୱାଇଁ, ନଟବର ସାହୁ, ରବିନ୍ଦ୍ର କୁମାର ମହାରଣା ଓ ଯଦୁମଣି ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ନବଜାତ ମୃତ ଶିଶୁ ଉଦ୍ଧାର

କରଞ୍ଜିଆ (ଭାସ୍କର ନ୍ୟୁଜ): କରଞ୍ଜିଆ ଏନଏସି ଅନ୍ତର୍ଗତ ଖଜୁରୀ ସାଗର ପୋଖରୀ କୂଳ ବୁଦା ଭିତରୁ ଆଜି ଏକ ନବଜାତ ମୃତ ଶିଶୁପୁତ୍ର ଉଦ୍ଧାର ହୋଇଛି । ଅପରାହ୍ନ ପ୍ରାୟ ୪.୩୦ ରେ ମୃତ ଶିଶୁପୁତ୍ର ପଡିଥିବା ନେଇ ସାହିର କେତେକ ଲୋକ ଦେଖି ଏନଏସି ଉପାଧକ୍ଷଙ୍କୁ ଜଣାଇଥିଲେ । ଉପାଧକ୍ଷ ସ୍ୱରୂପ କୁମାର ପରିଜା ଘଟଣାସ୍ଥଳକୁ ଆସି ଦେଖିବାପରେ ପୋଲିସକୁ ଖବର ଦେଇଥିଲେ । ପୋଲିସ ଘଟଣାସ୍ଥଳକୁ ଆସି ମୃତକକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ । ଉଦ୍ଧାର ସମୟରେ ଶିଶୁଟିର ଆଖି ଖୋଲି ନଥିବା ଏବଂ ସମୟ ପୂର୍ବରୁ ବେଆଇନ ଭାବେ ଗର୍ଭପାତ କରିଥିବା ଅନୁମାନ କରାଯାଇଥିଲା । ନିଷ୍ପାପ ଶିଶୁଟିକୁ କିଏ ଓ କାହିଁକି ଫୋପାଡିଥିଲା ତାହା ତଦନ୍ତ ସାପେକ୍ଷ ହୋଇପଡିଛି ।

## ସମ୍ବର୍ଦ୍ଧନା ସଭାରେ ହଟହଟା ହେଲେ ବିଧାୟକ ପ୍ରାର୍ଥୀ



ଆନନ୍ଦପୁର (ଭାସ୍କର ନ୍ୟୁଜ): ଘଷିପୁରା ନିର୍ବାଚ଼ନ ମଣ୍ଡଳୀର କୋଲିମାଟିଠାରେ ସଦ୍ୟ ନବ ନିର୍ବାଚ଼ିତ ମଣ୍ଡଳ ସଭାପତି ମାନଙ୍କର ଏକସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଯାଇଛି। ଏହି ସମ୍ବର୍ଦ୍ଧନା ସଭା ୨୦୨୪ ସାଧାରଣ ନିର୍ବାଚ଼ନରେ ବିଜେପିରୁ ବିଧାୟକ ପ୍ରାର୍ଥୀ ହୋଇଥିବା ଡକ୍ଟର ଶମ୍ଭୁନାଥ ରାଉତଙ୍କ ଆହ୍ୱାନରେ ଅନୁଷ୍ଠିତ ହୋଇଥିଲା । ଗତ ପାଞ୍ଚ ଦିନ ପୂର୍ବେ ଏହି ସମ୍ବର୍ଦ୍ଧନା ସଭାକୁ ବ୍ୟାପକ ଭାବେ ସଫଳ କରିବା ପାଇଁ ଶ୍ରୀ ରାଉତ ଲାଗି ପଡ଼ିଥିଲେ। ୫୫ ଗୋଟି ପଞ୍ଚାୟତର ପଞ୍ଚାୟତ ପ୍ରମୁଖ, ସମସ୍ତ ବୁଥ୍‌ର ସଭାପତି ଏବଂ ନିର୍ବାଚ଼ନ ମଣ୍ଡଳୀର ପ୍ରମୁଖ ନେତା ମାନଙ୍କୁ ଏହି ସଭାକୁ ଡକାଯାଇଥିଲା । ତେବେ ସଭା ଆରମ୍ଭ ହେବା ବେଳେ କେବଳ ବୈତରଣୀ ମଣ୍ଡଳ ସଭାପତିଙ୍କୁ ଛାଡି ଦେଲେ ଅନ୍ୟ କୌଣସି ନବ ନିର୍ବାଚ଼ିତ ମଣ୍ଡଳ ସଭାପତିଙ୍କ ଦେଖା ଦର୍ଶନ ମିଳି ନଥିଲା । ନିଜର ପତିଆରା ବୃଦ୍ଧିକରିବା ପାଇଁ ବୁଥ ସଭାପତି ଏବଂ ପ୍ରମୁଖ ନେତା ମାନଙ୍କୁ ବିଧାୟକ ପ୍ରାର୍ଥୀ ଯେତେ ଅନୁରୋଧ କଲେ ମଧ ମଣ୍ଡଳ ସଭାପତି ଏବଂ ପ୍ରମୁଖ ନେତା ମାନଙ୍କୁ ସମ୍ବର୍ଦ୍ଧନା ସଭାରେ ଦେଖିବାକୁ ମିଳିନଥିଲା । ଏହି ସଭାରେ କେବଳ ଜୟ ବଜରଙ୍ଗବାଲୀ ଟିମ୍ବର ଆସୋସିଏସ, ଜିଲ୍ଲା ବିଜେପି ସମ୍ପାଦକ ଦୀପକ ଜେନା ଯୋଗ ଦେଇଥିଲେ। କେବଳ କୋଲିମାଟି ଓ ଧକୋଟା ପଞ୍ଚାୟତର କେତେକ ହାତ ଗଣତି ଲୋକଙ୍କୁ ଛାଡି ଦେଲା ପରେ ଏହି ସଭାରେ ଆଉ କାହାକୁ ଦେଖିବାକୁ ମିଳିନଥିଲା । ରାଜ୍ୟରେ ବିଜେପି ସରକାର ଥାଇ ମଧ ଘଷିପୁରା ନିର୍ବାଚ଼ନ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ଡାକିଥିବା ବୈଠକକୁ ଲୋକ ନଆସିବା ବିଧାୟକଙ୍କ ପାରିବା ପଣିଆକୁ ପଦାରେ ପକାଇଛି । ଏହି ବୈଠକରେ ଦେଓଗାଁ ମଣ୍ଡଳ ସଭାପତି ବାଇଧର ଚିନ୍ଦ୍ରା, ଖାଳିଆମେଣ୍ଟା ମଣ୍ଡଳ ସଭାପତି ଯୋଗେନ୍ଦ୍ର ଦାସ, ରାମଚନ୍ଦ୍ରପୁର ମଣ୍ଡଳ ସଭାପତି ଅଜୟ ବାରିକ, ପଣ୍ଡାପଡ଼ା ମଣ୍ଡଳ ସଭାପତି ଶାନ୍ତନୁ ଖିଲାର ଓ ଘଟଗାଁ ମଣ୍ଡଳ ସଭାପତି ରବୀନ୍ଦ୍ର ଦେହୁରୀ ଯୋଗ ନ ଦେବା ଫଳରେ ସମ୍ବର୍ଦ୍ଧନା ସଭାରେ ବିଧାୟକ ପ୍ରାର୍ଥୀଙ୍କୁ ହଟହଟା ହେବାକୁ ପଡ଼ିଥିଲା ।

## ନିମାପଡ଼ାରେ ଗାଡ଼ ଭାଲୁ ଆତଙ୍କ

ନିମାପଡ଼ା (ଭାସ୍କର ନ୍ୟୁଜ): ନିମାପଡ଼ାରେ ଅଜଣା ଜନ୍ତୁ ଭୟରେ ଲୋକେ ଆତଙ୍କିତ ହୋଇପଡ଼ିଥିବା ବେଳେ ଗାଡ଼ ଭାଲୁ ମଣିଷ ମାନଙ୍କୁ କାମୁଡ଼ିବାକୁ ଗୋଡ଼ାଉ ଥିବାରୁ ଏହି ଅଞ୍ଚଳରେ ଆତଙ୍କ ଖେଳି ଯାଇଛି । ରାତ୍ର ସମୟରେ ଜନସାଧାରଣ ନିମାପଡ଼ା-ବଳଙ୍ଗା ରାସ୍ତାରେ ଯାତାୟତ କରିବା ପାଇଁ ଭୟ କରୁଛନ୍ତି । ବନ ବିଭାଗ ନୀରବ ସାଜିଥିବା ବେଳେ ବେଳକୁ ବେଳ ଜନ୍ତୁ ଆତଙ୍କ ବଢ଼ିବାରେ ଲାଗିଛି । ମିଳିଥିବା ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ନିମାପଡ଼ା-ବଳଙ୍ଗା ରାସ୍ତା ନୁହାରକିରି ଛକରେ ଗତ ଦୁଇଦିନ ତଳେ ଗାଡ଼ ଭାଲୁ ଜଣେ ବ୍ୟକ୍ତିଙ୍କୁ ଆକ୍ରମଣ କରିବାକୁ ଗୋଡ଼ାଇଥିବା ବେଳେ ହାଇୱା ଧକ୍କାରେ ମୃତ୍ୟୁବରଣ କରିଥିଲା । ବନ ବିଭାଗ ପହଞ୍ଚି ଗାଡ଼ ଭାଲୁକୁ ଉଦ୍ଧାର କରି ଶବ ବ୍ୟବଚ୍ଛେଦ କରିବା ସହ ପୋତି ଦେଇଥିଲେ । ବର୍ତ୍ତମାନ ଆହୁରି ଦୁଇଟିରୁ ଉର୍ଦ୍ଧ୍ୱ ଗାଡ଼ ଭାଲୁ ଆତଙ୍କ ଖେଳାଇଛନ୍ତି । ଡ଼ିଏଭି ସ୍କୁଲ ନିକଟରୁ ବାହାରି ରାସ୍ତାରେ ମଣିଷଙ୍କୁ କାମୁଡ଼ିବାକୁ ଗୋଡ଼ାଉ ଥିବା ବେଳେ ଲୋକମାନେ ଆତଙ୍କିତ ହୋଇପଡ଼ିଛନ୍ତି । ଲୋକମାନେ ବିକଳରେ ବାଇକ୍‌ରେ ଯାଉଥିବା ବେଳେ ଦୁର୍ଘଟଣାର ଶୀକାର ହେଉଛନ୍ତି । ବନ ବିଭାଗ ଅତି ହାଲ୍‌କା ଭାବେ ଏହି ଘଟଣାକୁ ଗ୍ରହଣ କରି ଘଟଣାକୁ ଏଡ଼ାଇ ଯାଉଛି । ବିରଳ ତଥା ଦୁର୍ଲଭ ପ୍ରଜାତିର ବନ୍ୟ ଜନ୍ତୁ ନିମାପଡ଼ା ଅଞ୍ଚଳରେ ଦୁର୍ଘଟଣାରେ ମୃତ୍ୟୁବରଣ କରିବା ଘଟଣାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏହି ଗାଡ଼ ଭାଲୁଟିର ନଖ ତୀକ୍ଷ୍ଣ ହୋଇଥିବା ବେଳେ ମଣିଷକୁ ଆକ୍ରମଣ କଲେ ମଣିଷର ବହୁତ କିଛି କ୍ଷତି ହୋଇଯିବାର ଆଶଙ୍କା ରହିଛି । ଆହୁରି ଅଧିକ ସଂଖ୍ୟକ ଗାଡ଼ ଭାଲୁ ଆତଙ୍କ ଚଳାଇଛନ୍ତି । ଡ଼ିଏଭି ସ୍କୁଲ ପାଖରେ ଏଭଳି ଜନ୍ତୁ ଗହୀର ଭିତରେ ଡ଼ିଆଁ ମାରିବା ସହ ରାସ୍ତା ଉପରକୁ ଉଠି ଆସି ମଣିଷକୁ ଗୋଡ଼ାଉଛନ୍ତି। ଏହି ଜନ୍ତୁଙ୍କୁ ଉଦ୍ଧାର କରି ଅଭୟାରଣ୍ୟରେ ଛାଡ଼ିବା ପାଇଁ ଦାବି ହୋଇଛି।



କୁଜଙ୍ଗ, (ଭାସ୍କର ନ୍ୟୁଜ୍): ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକ ଅନ୍ତର୍ଗତ ପଙ୍କପାଳ ସରକାରୀ ଉଚ୍ଚ ବିଦ୍ୟାଳୟର ୧୯୯୪ ବ୍ୟାଚର ବନ୍ଧୁ ମିଳନ 'ଆସ ଫେରିଯିବା ୧୯୯୪' କାର୍ଯ୍ୟକ୍ରମ ମହାସମାରୋହରେ ପଙ୍କପାଳର ଚୌଧୁରୀ ଡେଷ୍ଟିନେସନ ପଏଣ୍ଟରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ରାକ୍ତନ ଛାତ୍ର ତଥା ସମାଜ ସୁଧାରକ ଡ଼ ଅରୁଣ କୁମାର ପାଣିଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷକ ମୁରାରୀ ମୋହନ ମିଶ୍ର, ବାନାମ୍ବର ଶତପଥୀ, କୁଳମଣି ସାହୁ, ଗୋବିନ୍ଦ ଚନ୍ଦ୍ର ସାହୁ, ଚୌଧୁରୀ ପଦ୍ମନାଭ ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗଦାନ କରି ଶିକ୍ଷା, ଶିକ୍ଷକ, ଭାରତୀୟ ସଂସ୍କୃତିରେ ପିତାମାତାଙ୍କ ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରାକ୍ତନ ଛାତ୍ର ଶତ୍ରୁଘ୍ନ ମଲ୍ଲ, ଜ୍ୟୋତିପ୍ରକାଶ କଣ୍ଠ, ନାରାୟଣ ବେହେରା, ଗଗନ ବିହାରୀ ଦାଶ, ପ୍ରଦୀପ ସାହୁ, ନାରାୟଣ ମିଶ୍ର, ରଶ୍ମିରଂଜନ ପଣ୍ଡା, ଜ୍ୟୋତିପ୍ରକାଶ ଖଟୁଆ, ସୁଧୀର ମିଶ୍ର , କେଦାର ବେହେରା, ଉମେଶ ପ୍ରଧାନ, ମନୋଜ ପ୍ରଧାନ,ବିପିନ ସାମଲ, ଲହରିକା ଚୌଧୁରୀ, ଶୁଭ୍ରା ମିଶ୍ର, ରାଜଶ୍ରୀ ସିଂ, ସୁବ୍ରତ ମଲ୍ଲ, ସନ୍ତୋଷ ବେହେରା, ସୁଦାମ ମଲିକ, ଗୀତାଞ୍ଜଳି ରାୟ, ଚାରୁଲତା ସେଠି ପ୍ରମୁଖ ଉପସ୍ଥିତ ଥିଲେ। ବିଶିଷ୍ଟ ଶିଶୁକଣ୍ଠଶିଳ୍ପୀ ସାଇରତ୍ନପର୍ଣ୍ଣା ପ୍ରାରମ୍ଭରେ ସଂଗୀତ ପରିବେଷଣ କରିଥିଲେ। ଶେଷରେ ବିଦ୍ୟାଳୟର ପ୍ରାକ୍ତନ ଛାତ୍ରଙ୍କୁ ଭେଟି କିଛି ସାମାଜିକ କାର୍ଯ୍ୟକ୍ରମ କରିବାକୁ ସମସ୍ତେ ନିଷ୍ପତି ନେଇଥିଲେ।

# ମକର ମେଳା ପାଇଁ ଚଳଚଞ୍ଚଳ କାଳୀଜାଈ ପୀଠ



କୃଷ୍ଣପ୍ରସାଦ, (ଭାସ୍କର ନ୍ୟୁଜ୍) : ଚିଲିକାର ଅଧିଷ୍ଠାତ୍ରୀ ଦେବୀ ମା କାଳୀଜାଈ ପୀଠରେ ମକର ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ମକର ମେଳାରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ମରାଳ ମାଳିନୀ ନୀଳାମ୍ବୁ ଚିଲିକା ଜଳରାଶିର ପାହାଡ଼ ଉପକଣ୍ଠରେ ଅବସ୍ଥିତ କାଳୀଜାଈ ପୀଠ। ପ୍ରତିବର୍ଷ କେବଳ ମକର ସଂକ୍ରାନ୍ତି ଦିନ ମାଙ୍କ ଜନ୍ମ ଉତ୍ସବ ମହାସମାରୋହରେ ପାଳନ କରାଯାଏ। ମଙ୍ଗଳ ବାର ଦିନ ସକାଳୁ ସକାଳୁ ପୂଜାର୍ଚ୍ଚନା କରାଯାଇ ପାରିକୁଦ ଗଡ ରାଜ ନହର ସ୍ଥିତ ଏମ୍ଏଏ କନକ ଦୁର୍ଗାଙ୍କ ପୀଠରୁ ଆସିଥିବା ଆଜ୍ଞାମାଳ ଦେଇ ମା' କାଳୀଜାଈଙ୍କୁ ନିମନ୍ତ୍ରଣ କରାଯାଇଥିଲା। ପରେ ପାରମ୍ପାରିକ ଆର୍ଆଇଟିଆଇ ନୀତି ଅନୁଯାୟୀ ମକର ମେଳା ଆରମ୍ଭ କରାଯାଇଥିଲା। ଚଳିତବର୍ଷ ଏହି ମେଳାକୁ ଦେଖିବା ପାଇଁ ଜିଲ୍ଲା ତଥା ପଡୋଶୀ ଜିଲ୍ଲା ଗଞ୍ଜାମ, ଖୋର୍ଦ୍ଧା, ନୟାଗଡ଼, ଭୁବନେଶ୍ୱର, କଟକ ଓ କେନ୍ଦ୍ରାପଡାରୁ ହଜାର ହଜାର ଭକ୍ତଙ୍କ ଭିଡ ପରିଲିକ୍ଷିତ ହୋଇଥିଲା । ମା କାଳୀଜାଈଙ୍କ ମୁଖ୍ୟ ସେବକ ମାର୍ଫତ ରାଜା ସନ୍ତୋଷ କୁମାର ଦେଓ ଏକ ସୁସଜ୍ଜିତ ଲଞ୍ଚରେ ପାଟ ପଟୁଆର ସହ ପହଞ୍ଚି ମଧ୍ୟାହ୍ନର ରୀତିନୀତି ଆନୁଯାୟୀ ଦର୍ଶନ କରିଥିଲେ । ଭକ୍ତଙ୍କ ଯାତାୟତ ନିମନ୍ତେ ସରକାରୀ ଓ ବେସରକାରୀ ଡଙ୍ଗା ଓ ଲଞ୍ଚ ଆସୋସିଏସନ ତରଫରୁ ସୁବ୍ୟବସ୍ଥା କରାଯାଇଥିବା ସୂଚନା ମିଳିଛି । ଭକ୍ତଙ୍କ ଭିଡକୁ ନିୟନ୍ତ୍ରଣ କରିବା ଓ ଶୃଙ୍ଖଳା ନିମନ୍ତେ ପୁରୀ ଜିଲ୍ଲା ପ୍ରଶାସନ ଓ କୃଷ୍ଣପ୍ରସାଦ ପ୍ରଶାସନ ପକ୍ଷରୁ ତହସିଲଦାର ସୁନୀଲ କୁମାର ପ୍ରଧାନ ଥାନା ଆଇଆଇସି ବସନ୍ତ କୁମାର ସାହୁ ଜିଲ୍ଲା ଏସ୍ଡିପିଓ ରବି ନାରାୟଣ ଭଞ୍ଜ ସମେତ ୨ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ଚିଲିକାରେ କୌଣସି ଅଘଟଣ ମୁକାବିଲା ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ଓଡ୍ରାଫ ଟିମ୍ ଓ ମାଲୁଡ ଅଗ୍ନିଶମ ଅଧିକାରୀ ପ୍ରଦୀପ କୁମାର ବେହେରା ସମେତ ସମସ୍ତ କର୍ମଚାରୀ ସଜାଗ ରହି ଦିନ ତମାମ ଚିଲିକାରେ ପଇଁତରା ମାରୁଥିବା ଦେଖିବାକୁ ମିଳିଥିଲା । ଚିଲିକା ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରି ଅମ୍ଲାନ କୁମାର ନାୟକ ରମ୍ଭା ରେଞ୍ଜର ରଶ୍ମିତା ଜେନା ଚିଲିକା ନୂଆପଡା ରେଞ୍ଜର କାଶୀନାଥ ହେମ୍ବ୍ରମ ପ୍ରମୁଖ ଉପସ୍ଥିତ ଥିଲେ । କନ୍ଦାଖାଇ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସ୍କାଉଟ ଗାଇଡ ଛାତ୍ରଛାତ୍ରୀ ମାନେ ପ୍ରାକ୍ତନ ଅଧକ୍ଷ ନୀଳକଣ୍ଠ ତ୍ରିପାଠୀଙ୍କ ନେତୃତ୍ୱରେ ଯାତ୍ରୀଙ୍କ ଧାଡି ଶୃଙ୍ଖଳା ପାନୀୟ ଜଳ ଯୋଗାଣ ସେବା ସୂଚନା ପ୍ରସାରଣ ଅନାନ୍ୟ ସହାୟତା କରିଥିଲେ। ଓଏସ୍ ଦେବାଶିଷ ପାତ୍ରଙ୍କ ସହାୟତାରେ ସାଂସ୍କୃତିକ କାର୍ଯ୍ୟକ୍ରମ ବଡକୁଳର କୁନି କୁନି କଳାକାରଙ୍କ ଦ୍ୱାରା ଆହୋରାତ୍ର ନୃତ୍ୟ ପ୍ରଦର୍ଶନ କରିଥିଲେ।

# ବନ୍ଧୁମିଳନ ଓ ତ୍ରିନାଥ ମନ୍ଦିରର ବାର୍ଷିକ ଉତ୍ସବ



କେନ୍ଦୁଝର, (ଭାସ୍କର ନ୍ୟୁଜ୍ ) : ଉତ୍କଳ ବ୍ରାହ୍ମଣ ପୂଜକ ସଂଘ କେନ୍ଦୁଝର ଓ ଧୂରପଦା ନିକଟସ୍ଥ ପାହାଡ ଉପରେ ଅବସ୍ଥିତ ଆଖଣ୍ଡଳେଶ୍ୱର୍ ମନ୍ଦିର କମିଟି ଆନୁକୁଲ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଅଛି। ଏଥିରେ ବନ୍ଧୁମିଳନ କାର୍ଯ୍ୟକ୍ରମ ହେବା ସହିତ ତ୍ରିନାଥ ପ୍ରଭୁଙ୍କର ବାର୍ଷିକ ଉତ୍ସବ ମହା ଆଡ଼ମ୍ବରରେ ପାଳିତ ହୋଇ ଯାଇଛି। ଏହି ବାର୍ଷିକ ଉତ୍ସବରେ ରୁଦ୍ରାଭିଶେକ ହେବା ସହିତ ପ୍ରାୟ ଶତାଧିକ ଭକ୍ତ ମାନଙ୍କ ମଧ୍ୟରେ ପ୍ରସାଦ ବଣ୍ଟନ ହୋଇଥିଲା। ମକର ଉପଲକ୍ଷେ ୫୦୦ରୁ ଅଧିକ ଲୋକ ସନ୍ଧ୍ୟା ସମୟରେ ମେଳା ପରିଦର୍ଶନ କରିଥିଲେ। ବ୍ରାହ୍ମଣ ପରିବାରରେ ଏକତା, ଶୃଙ୍ଖଳା ଓ ସହଯୋଗ ରକ୍ଷା କରିବା ସହିତ ଆଗାମୀ ଦିନରେ ଅନେକ ସାମାଜିକ କାର୍ଯ୍ୟକ୍ରମ ଯଥା ରକ୍ତଦାନ ଶିବିର, ଦରିଦ୍ର ନାରାୟଣଙ୍କୁ ବସ୍ତ୍ର ବଣ୍ଟନ, ପାରମ୍ପରିକ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ କରିବା ଆବଶ୍ୟକ ବୋଲି ନିଷ୍ପତି ନିଆଯାଇଥିଲା। ଅନୁଷ୍ଠାନ ର ଏକ ସ୍ଥାୟୀ କାର୍ଯ୍ୟାଳୟ ଓ ସଭା ଗୃହ ନିର୍ମାଣ ପାଇଁ ଜାଗା ଓ ଆର୍ଥିକ ଅନୁଦାନ ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ ଙ୍କୁ ଯୋଗକ୍ଷଯୋଗ କରିବା ପାଇଁ ମତ ପ୍ରକାଶ କରିଥିଲେ ଅନୁଷ୍ଠାନ ର ସଭାପତି ବ୍ରଜ କିଶୋର ମହାପାତ୍ର। ସମ୍ପାଦକ ଶ୍ରୀକାନ୍ତ କୁମାର ପଣ୍ଡା, ଆବାହକ ସୁକୁମାର ପାଣିଗ୍ରାହୀ ଓ ପୂଜକ ଯୁଧିଷ୍ଠିର ପଣ୍ଡା ସମ୍ପୂର୍ଣ କାର୍ଯ୍ୟ ପରିଚାଳନା କରିଥିଲେ। ଅନୁଷ୍ଠାନ ର ଅନ୍ୟତମ ସଦସ୍ୟ ଅନ୍ତର୍ଯ୍ୟାମୀ ମିଶ୍ର, ଜଗବନ୍ଧୁ ପାଣିଗ୍ରାହୀ ସହଯୋଗ କରିଥିଲେ।

# ନବଗ୍ରହ ବିଗ୍ରହ ପ୍ରତିଷ୍ଠା ପାଇଁ କଳସ ଯାତ୍ରା

ବ୍ରଜରାଜନଗର, (ଭାସ୍କର ନ୍ୟୁଜ୍) : ୪୯ ନମ୍ବର ଜାତୀୟ ରାଜପଥର ଗାନ୍ଧୀଛକ ଠାରେ ଥିବା ତ୍ରିନାଥ ମଣ୍ଡପ ଠାରେ ନବଗ୍ରହ ବିଗ୍ରହ ପ୍ରତିଷ୍ଠା ପାଇଁ କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି ନବଗ୍ରହ ବିଗ୍ରହ ପ୍ରତିଷ୍ଠା ତିନିଦିନ ଧରି ଆୟୋଜିତ ହେବ। କର୍ତ୍ତାକର୍ତ୍ତି ଭାବରେ ତପନ କୁମାର ସ୍ୱାଇଁ ଓ ତାଙ୍କର ଧର୍ମପତ୍ନୀ ଲକ୍ଷ୍ମୀପ୍ରିୟା ସ୍ୱାଇଁ ଯୋଗ ଦେଇଥିଲେ। ମୁଖ୍ୟ ପଣ୍ଡିତ ପୁରୁଷୋତ୍ତମ ରଥ ମଣ୍ଡପ ଠାରେ ପାଞ୍ଚଟି କଳସ ସଜାଡି ଗାନ୍ଧୀଛକ ନିତାଇବନ୍ଧକୁ ଯାଇ ବିଧିବଦ୍ଧ ଭାବେ ପୂଜାର୍ଚ୍ଚନା କରି ଖମନରୁ କୀର୍ତ୍ତନ ମଣ୍ଡଳୀ ଆସି କଳସ ଯାତ୍ରା କରିଥିଲେ। ଏହି କଳସ ଯାତ୍ରାରେ ମଣ୍ଡପ ସଭାପତି ଜୟ ନାରାୟଣ ପ୍ରଧାନ, ସୁଶାନ୍ତ କୁମାର ସ୍ୱାଇଁ, ବିଜୟ ସାହୁ, ଜଗପତି ପଣ୍ଡିତ, ପ୍ରଶାନ୍ତ ସ୍ୱାଇଁ, ଜିତେନ୍ଦ୍ର ସେନାପତି ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

# ବିପଦ ସୃଷ୍ଟି କରୁଛି ୧୧କେଭି ବିଦ୍ୟୁତ ଖୁଣ୍ଟ

ରଘୁନାଥପୁର, (ଭାସ୍କରନ୍ୟୁଜ୍) : ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ ଅନ୍ତର୍ଗତ ରାଢଙ୍ଗ ଗ୍ରାମ ଦେଇ ଯାଇଥିବା ୮ ନମ୍ବର ମାଇନର କେନାଲ ବନ୍ଧ ରାସ୍ତା ଉପରେ ଦୁଇଟି ୧୧କେଭି ବିଦ୍ୟୁତ୍ ଲାଇନ୍ ଖୁଣ୍ଟ ବିପଦ ସଙ୍କୁଳ ଅବସ୍ଥାରେ ରହିଛି। ଲାଇନ୍ ଖୁଣ୍ଟକୁ ଏଭଳି ଖାମଖିଆଲି ଭାବେ ପୋତା ଯାଇଛି ଯାହାର ଶୀର୍ଷଭାଗ ରାସ୍ତାର ମଧ୍ୟସ୍ଥଳ ପର୍ଯ୍ୟନ୍ତ ଢଳି ରହି ବିପଦ ସୃଷ୍ଟି କରୁଛି । ଏହି କେନାଲ ବନ୍ଧ ରାସ୍ତାଟି ରାଢ଼ଙ୍ଗ ପଞ୍ଚାୟତରୁ ରେଢୁଆ ପଞ୍ଚାୟତକୁ ସଂଯୋଗ କରୁଛି। ପ୍ରତ୍ୟେକ ଦିନ ଶହଶହ ସଂଖ୍ୟାରେ ଯାନବାହାନ ଏହି ରାସ୍ତାରେ ଯାତାୟାତ କରୁଛନ୍ତି। ବିଶେଷ କରି କଲେଜ ଛାତ୍ରଛାତ୍ରୀ ଏବଂ ଚାଷୀ ମାନଙ୍କ ପାଇଁ ଏହି ରାସ୍ତାଟି ଅତ୍ୟନ୍ତ ଆବଶ୍ୟକତା ରହିଛି। ଏହି ରାସ୍ତା ଉପରେ ୧୧ କେଭି ବିଦ୍ୟୁତ୍ ଖୁଣ୍ଟ ପୋତା ଯାଇଥିବାରୁ ଅନ୍ଧାର ରାତିରେ ଦୁର୍ଘଟଣା ଘଟିବାର ଅନେକ ଆଶଙ୍କା ରହିଛି। ବର୍ତ୍ତମାନ ଏହି ରାସ୍ତାଟିରେ ପିଚୁ କାମ ଚାଲୁ ରହିଥିବାରୁ ଖୁଣ୍ଟ ଦୁଇଟି ରାସ୍ତା ନିର୍ମାଣ କାର୍ଯ୍ୟରେ ପ୍ରତିବନ୍ଧକ ସୃଷ୍ଟି କରୁଛି କିନ୍ତୁ ପ୍ରଶାସନର ନଜର ପଡୁନାହିଁ। ତେବେ ବିପଦ ସଙ୍କୁଳ ଅବସ୍ଥାରେ ଥିବା ଏହି ଦୁଇଟି ବିଦ୍ୟୁତ୍ ଖୁଣ୍ଟକୁ ରାସ୍ତାରୁ ତୁରନ୍ତ ହଟାଇବା ପାଇଁ ସାଧାରଣରେ ଦାବି ହେଉଛି। ଏହା କରାନଗଲେ ଜନସାଧାରଣ ଆନ୍ଦୋଳନ ପନ୍ଥା ଗ୍ରହଣ କରିବେ ବୋଲି ଚେତାବନୀ ଦେଇଛନ୍ତି।

# ଗଳ୍ପ ସଂକଳନ 'ଧୂସର ଆକାଶ' ଓ ନାଟକ ପୁସ୍ତକ 'ସୁବର୍ଣ୍ଣ ସମୁଦ୍ର' ଉନ୍ମୋଚିତ

ତିହିଡ଼ି, (ଭାସ୍କର ନ୍ୟୁଜ୍ ): ଭଦ୍ରକ ଜିଲ୍ଲା ତିହିଡ଼ି ସ୍ଥିତ ଟାଉନ ହଲ ପରିସରରେ କଥାକାର ଡ. ଲକ୍ଷ୍ମୀଧର ତ୍ରିପାଠୀଙ୍କର ଗଳ୍ପ ସଂକଳନ 'ଧୂସର ଆକାଶ' ଓ ନାଟ୍ୟକାର ଚନ୍ଦ୍ରକାନ୍ତ ମହାନ୍ତିଙ୍କ ନାଟକ ପୁସ୍ତକ 'ସୁବର୍ଣ୍ଣ ସମୁଦ୍ର' ମକର ସଂକ୍ରାନ୍ତି ଅବସରରେ ଶୁଭ ଉନ୍ମୋଚିତ ହୋଇଯାଇଛି। ଏହି ଅବସରରେ ତିହିଡ଼ି ମା' ପବ୍ଲିଶର୍ସ ପକ୍ଷରୁ ଶିକ୍ଷାବିତ ସୋମନାଥ ପାଢ଼ୀଙ୍କ ପୌରୋହିତ୍ୟ ଓ କବି ବିପ୍ଳବ ରଂଜନ ପତିଙ୍କ ସଂଯୋଜନାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ କଥାକାର ଡ. ପଦ୍ମକାନ୍ତ ଧଳ ଯୋଗ ଦେଇ ଗଳ୍ପ ଓ ନାଟକ ସମାଜର ପରିବର୍ତ୍ତନ ଆଣିବାରେ ସହାୟକ ହୋଇଥାଏ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଆଧାପକ ପ୍ରାବନ୍ଧିକ ଡ. ବିଶ୍ୱରଂଜନ ଦାସ ଯୋଗ ଦେଇ ଗପ ଓ ନାଟକ ସାଧାରଣ ମଣିଷର କଥା କହିବା ଆବଶ୍ୟକ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଅଧାପକ ଡ. ରାଜେନ୍ଦ୍ର କୁମାର ଯୋଗ ଦେଇ ବକ୍ତବ୍ୟ ଦେଇଥିବା ବେଳେ ଲେଖିକା ଆହ୍ଲାଦିନୀ ମହାନ୍ତି, ରାଜଶ୍ରୀ ଆଚାର୍ଯ୍ୟ, ବିନ୍ଦୁ ମହାନ୍ତି, ପ୍ରକାଶିକା ସାବିତ୍ରୀ ଦ୍ୱିବେଦୀ, ମୁଦ୍ରାକାର ବିକାଶ ରଂଜନ ସେନାପତି ପ୍ରମୁଖ ଯୋଗଦେଇ ବକ୍ତବ୍ୟ ଦେଇଥିଲେ। କଥାକାର ଡ. ତ୍ରିପାଠୀ ଓ ନାଟ୍ୟକାର ଶ୍ରୀ ମହାନ୍ତି ସେମାନଙ୍କ ପୁସ୍ତକ ସମ୍ପର୍କରେ ସୂଚନା ଦେଇଥିଲେ। କଣ୍ଠଶିଳ୍ପୀ ପଞ୍ଚାନନ ଦତ୍ତ ଓ ତାଙ୍କ ସହଯୋଗୀମାନେ ବନ୍ଦେ ଉତ୍କଳ ଜନନୀ ପରିବେଷଣ କରିଥିବା ବେଳେ ସାହିତ୍ୟିକ ବିଭୂତି ଭୂଷଣ ସେନାପତି ବେଦ ପାଠ କରିଥିଲେ। କବି ନୀଳମାଧବ ସେନାପତି ସ୍ୱାଗତ ଭାଷଣ ଓ କବି ଡ. ଅମୂଲ୍ୟ ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ। ଅତିଥି, ପ୍ରକାଶିକା ଓ ମୁଦ୍ରାକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ସଭାରେ କବି ଭଗବାନ ଚନ୍ଦ୍ର ନାୟକ, ଦୀନବନ୍ଧୁ ପତି, ବସନ୍ତ ନାୟକ, ନାରାୟଣ ପୃଷ୍ଟି, ପି. ହୃଷିକେଶ, ନାରାୟଣ ବାରିକ, ଭଗବାନ ପାଣିଗ୍ରାହୀ, ଗୋଲକ ପ୍ରସାଦ ବୈୟାରୀ, ବିଶ୍ୱମୈତ୍ରୀ ନାୟକ, ସନ୍ନ୍ୟାସୀ ବ୍ରହ୍ମ, ସଂଯୁକ୍ତା ଭାରତୀ, ତିହିଡ଼ି କଲେଜ ଅଧକ୍ଷ ଦୀନବନ୍ଧୁ ଗାହାଣ, ଡିଗ୍ରୀ କଲେଜ ଅଧକ୍ଷ ଦେବେନ୍ଦ୍ର ସାମଲ, ଅଧାପକ ବିଜୟ ପଣ୍ଡା, ସମାଜସେବୀ ଶରତ ଦାସ, ଚିନ୍ତାମଣିଦାସ ପ୍ରମୁଖଙ୍କ ସହିତ ବହୁ କବି ଓ ସାହିତ୍ୟିକ ଯୋଗ ଦେଇଥିଲେ। ସମାଜସେବୀ ଧୀରେନ୍ଦ୍ର ସାହୁ, ମନୋଜ ସେନାପତି, ନାରାୟଣ ପାଢ଼ୀ କବି ମନୋଜ ପାଣିଗ୍ରାହୀ, ବିସ୍ମୟ ବିହାରୀ ସାହୁ, ନିରଂଜନ ବାରିକ, ଯଯାତିକେଶରୀ ଦାସ, ଭବେଶ ତ୍ରିପାଠୀ, କଳ୍ପିତା ତ୍ରିପାଠୀ, ରାଜକିଶୋର ମିଶ୍ର, ମକରଧର ମିଶ୍ର, ମୃତ୍ୟୁଞ୍ଜୟ ତ୍ରିପାଠୀ, ରବିନ୍ଦ୍ର ତ୍ରିପାଠୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# କଳିଙ୍ଗ ବୈଶ୍ୟ ସଂଘ ପକ୍ଷରୁ ପୋଙ୍ଗଲ ପାଳିତ



ଗୁଣପୁର, (ଭାସ୍କର ନ୍ୟୁଜ୍ ) : ଗୁଣପୁର କଳିଙ୍ଗ ବୈଶ୍ୟ ସଂଘର ମକର ସଂକ୍ରାନ୍ତି (ପୋଙ୍ଗଲ) ପର୍ବ ପାଳିତ ହୋଇଯାଇଛି। ସ୍ଥାନୀୟ କାନ୍ୟକା ପରମେଶ୍ୱରୀ ମନ୍ଦିରରେ ଅନୁଷ୍ଠିତ ଏହି ଉତ୍ସବରେ ସହରର ତେଲୁଗୁ ସମ୍ପ୍ରଦାୟର ହଜାର ହଜାର ଲୋକ ଅଂଶଗ୍ରହଣ କରିଥିଲେ । ସଂଘର ସଭାପତି ଏସ୍ ବାବା ପ୍ରସାଦଙ୍କ ନେତୃତ୍ୱରେ ଉପ ସଭାପତି ପି. ନାଗାରାଜୁ, ସମ୍ପାଦକ ପି ସାଇ କ୍ରିଷ୍ଣା, ଏ ଭେଙ୍କଟାରାଭାନା, କୋଷାଧ୍ୟକ୍ଷ ହରିନାଥ ରାଓ ଓ ସମସ୍ତ ସଦସ୍ୟଙ୍କ ସହଯୋଗରେ ଏହା ସାତଦିନ ଧରି ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ମହିଳା ମାନଙ୍କ ପାଇଁ ଝୋଟି, ଚିତ୍ର, ରୋଷେଇ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବା ବେଳେ ଛୋଟପିଲାଙ୍କୁ ନେଇ କଉତୁକିଆ ପୋଷାକ ପ୍ରତିଯୋଗିତା, ଫନି କ୍ରୀଡା ପ୍ରତିଯୋଗିତା ଓ ପୁରୁଷ ମାନଙ୍କ ପାଇଁ ପାରମ୍ପାରିକ ପୋଷାକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତି ଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଉତ୍ସବର ଶେଷ ଦିନରେ ସଂଘର ସଭାପତି ଏସ୍ ବାବା ପ୍ରସାଦଙ୍କ ଅଧ୍ୟକ୍ଷତାରେ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ମଞ୍ଚ ଉପରେ ପୁରସ୍କୃତ କରାଯାଇଥିଲା । ଏହି ଅବସରରେ ସଂଘର ସଭ୍ୟ ଅବସର ପ୍ରାପ୍ତ ଇଞ୍ଜିନିୟର ବି କଣ୍ଡାଲ ରାଓଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସହରର ବହୁ ସଭ୍ୟ ସଭ୍ୟା ଯୋଗ ଦେଇଥିଲେ । ଏହା ଦ୍ୱାରା ସଂଘରେ ଭାଇଚାରା ଭାବ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଥିଲା ।

# ବାଳିକା ଆତ୍ମସୁରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର



ଚଣ୍ଡିଖୋଲ, (ଭାସ୍କର ନ୍ୟୁଜ୍) : ବାବା ଭୈରବକ୍ଷ ନନ୍ଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ବାଳିକା ଆତ୍ମସୁରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଅଧକ୍ଷ ଡକ୍ଟର ପ୍ରସନ୍ନ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନୀୟ ଅତିଥି ଭାବେ ବଡ଼ଚଣା ଥାନାଧିକାରୀ ଅସିତ୍ କୁମାର ବଳବନ୍ତରାୟ ଯୋଗଦେଇ ମହିଳା ମାନଙ୍କ ପ୍ରତି ହୋଉଥିବା ଅତ୍ୟାଚାର, ଆକ୍ରମଣ, ଲୁଟ୍ ଓ ଅସଦ ଆଚରଣକୁ ରୋକିବା ପାଇଁ ବାଳିକା ମାନେ ବିଭିନ୍ନ ଆତ୍ମସୁରକ୍ଷା କୌଶଳ ଶିଖିପାରିଲେ ନିଜକୁ ବଞ୍ଚାଇବା ସହିତ ଅନ୍ୟମାନଙ୍କୁ ସୁରକ୍ଷା ଦେଇପାରିବେ ବୋଲି କହିଥିଲେ। ଅଧ୍ୟାପକ ମେଜର୍ ଦିଲ୍ଲୀପ କୁମାର ନାୟକ ସ୍ୱାଗତ ଭାଷଣ ଦେଇଥିବା ବେଳେ ଛାତ୍ରୀ ଅର୍ପିତା ଭୂୟାଁ ଧନ୍ୟବାଦ ଦେଇଥିଲେ। ଅଧ୍ୟାପକ ବିଜୟକେତନ ସାମଲ, ପ୍ରଶିକ୍ଷକ କୁସୁମାଞ୍ଜଳି ବିଶ୍ୱାଳ, ଅଲିଭା ସେଠୀ ବାଳିକା ମାନଙ୍କୁ ବିଭିନ୍ନ ଆତ୍ମସୁରକ୍ଷା କୌଶଳ ଶିଖାଇଥିଲେ। ଏହି ପ୍ରଶିକ୍ଷଣ ଶିବିର ଆସନ୍ତା ୨୧ ତାରିଖରେ ଉଦ୍‌ଯାପିତ ହେବ।

# ମକର ପର୍ବ ପାଳିତ



ଶୁଳିଆପଦା, (ଭାସ୍କର ନ୍ୟୁଜ୍) : ଶୁଳିଆପଦା ବ୍ଲକ ଅନ୍ତର୍ଗତ ଝାଲିଆମାରା। ପାଞ୍ଚାୟତ ସ୍ଥିତ ଶଇଖିଆ ହଟପଡ଼ିଆ ଠାରେ ଧୁମଧାମରେ ମକରପର୍ବ ଅନୁଷ୍ଠିତ ହୋଇଯାଇଛି । ବିଭିନ୍ନ ପ୍ରକାରର ଦୋକାନବଜାର ବସିଥିଲା ।ଏହା ସହିତ ବହୁଜନ ସମାଗମ ହୋଇଥିଲା । ଶେଷରେ ସଂଧ୍ୟା ସମୟରେ ରାବଣ ଦେହରେ ଅଗ୍ନି ସଂଯୋଗ ହେଇଥିଲା । ଯାହା ଖୁବ୍ ଚିତାକର୍ଷକ ଥିଲା ।ଅନ୍ତର୍ଯ୍ୟାମୀ କାନୁନ୍ ?ଗୋ, ମନୋଜ ରାଜ, ସୁପ୍ରକାଶ ଧଳ,ଭାବଗ୍ରାହୀ କାନୁନ୍ ?ଗୋ, ମିହିର ରାଜ, ଅର୍ଜ୍ଜନ ସିଂ,/ସଲିମଖାନ, ଉତ୍ତମସାହୁ, ସୁକୁମାର ଧଳ ପ୍ରମୁଖଙ୍କ ସହକାମରେ ସମସ୍ତ କାର୍ଯ୍ୟ ସୁରଗୁରୂପେ ସଂପାଦନ ହୋଇଥିଲା।

# ମେଧାବୃତ୍ତି ପରୀକ୍ଷାରେ ଛାତ୍ରୀଙ୍କ ସଫଳତା



ଭଣ୍ଡାରିପୋଖରୀ,(ଭାସ୍କର ନ୍ୟୁଜ୍ ) : ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ରହଣିଆ ଉଚ୍ଚ ବିଦ୍ୟାଳୟ ନବମ ଶ୍ରେଣୀ ଛାତ୍ରୀ ଦେବସ୍ମିତା ଦାସ ଜାତୀୟ ଗ୍ରାମାଞ୍ଚଳ ମେଧାବୃତ୍ତି ପରୀକ୍ଷାରେ ସଫଳତା ଅର୍ଜ୍ଜନ କରିଛନ୍ତି। ଏଥିପୂର୍ବରୁ ସେ ଜାତୀୟ ଆୟ ଭିତ୍ତିକ ମେଧାବୃତ୍ତି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ବିଦ୍ୟାଳୟ ପାଇଁ ଗୌରବ ଆଣିଥିଲେ। ଧନେଶ୍ୱର ଦାସ ଓ ଲକ୍ଷ୍ମୀପ୍ରିୟାଙ୍କ କନ୍ୟା ଏହି ସଫଳତାର ଶ୍ରେୟ ପ୍ରଧାନଶିକ୍ଷକ ଦେବଦତ୍ତ ଜେନା ଓ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ଦେଇଛନ୍ତି। ବିଦ୍ୟାଳୟ ମୋ ସ୍କୁଲ ଅଭିଯାନ ସଭାପତି ରଞ୍ଜନ କୁମାର ବେହୁରିଆ, ସରପଞ୍ଚ ରଞ୍ଜନ କୁମାର ପରିଡା, ପୂର୍ବତନ ସରପଞ୍ଚ ବିରେନ୍ଦ୍ର ନାୟକ ଦେବସ୍ମୀତାଙ୍କୁ ଶୁଭେଚ୍ଛା ଜ୍ଞାପନ କରିଛନ୍ତି।

# ମିଳନୀରେ ବ୍ୟାସକବି ଫକୀରମୋହନ ଜୟନ୍ତୀ ପାଳିତ

କେନ୍ଦୁଝର, (ଭାସ୍କର ନ୍ୟୁଜ୍ ): ସାରସ୍ୱତ ପ୍ରତିଷ୍ଠାନ ମିଳନୀ ସାହିତ୍ୟ ସଂସଦ ପକ୍ଷରୁ ବ୍ୟାସକବି ଫକୀରମୋହନ ଜୟନ୍ତୀ ଅନୁଷ୍ଠାନର ସଭାପତି କବି ଦେବାଶିଷ ଚକ୍ରବର୍ତ୍ତୀଙ୍କ ସଭାପତିତ୍ୱରେ ମିଳନୀ ଭବନରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ମିଳନୀର ପ୍ରତିଷ୍ଠାତା ସମ୍ପାଦକ ତଥା ପୂର୍ବତନ ସଭାପତି କବି ଦିବାକର ସାହୁଙ୍କ ଦିବଂଗତ ଆତ୍ମାର ସଦଗତି ପାଇଁ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ସଂପାଦକ କବି ଡକ୍ଟର୍ ଚିତ୍ତରଞ୍ଜନ ମିଶ୍ର ପ୍ରାରମ୍ଭିକ ସୂଚନା ଦେଇଥିଲେ। କବୟିତ୍ରୀ ଇନ୍ଦୁମତି ପାତ୍ର ଅତିଥି ବକ୍ତା ଭାବରେ ଯୋଗ ଦେଇ ବ୍ୟାସକବିଙ୍କ ସୃଷ୍ଟିକୁ ଚରିତ୍ରର ମନୋଜ୍ଞ ଚିତ୍ରଶାଳା ଭାବରେ ଅବିହିତ କରିଥିଲେ। ସଭାପତି କବି ଦେବାଶିଷ ଚକ୍ରବର୍ତ୍ତୀ ତାଙ୍କର ସଭାପତୀୟ ଅଭିଭାଷଣରେ ବ୍ୟାସକବି ଫକୀରମୋହନ ସେନାପତିଙ୍କୁ ଓଡ଼ିଆ ଭାଷା ସାହିତ୍ୟର ଯଥାର୍ଥ ସେନାପତି ବୋଲି ପ୍ରକାଶ କରିଥିଲେ। ବିଶିଷ୍ଟ କବି ଚିନ୍ତାମଣି ମହାଳିକ ଓ ବୀଣାପାଣି ଜେନା ଦିବଂଗତ କବି ଦିବାକର ସାହୁଙ୍କ ସପର୍କରେ ସ୍ମୃତି ଚାରଣ କରି ତାଙ୍କ ବିୟୋଗ ଆମ ସାରସ୍ୱତ ପରିମଣ୍ଡଳ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ପ୍ରକାଶ କରିଥିଲେ। କବି ଦେବଦତ୍ତ ଦେହୁରୀଙ୍କ ସଂଯୋଜନାରେ ଉମାକାନ୍ତ ବେହେରା, ପିନାକୀ ମିଶ୍ର, ମମତା ରାଣୀ ଦାସ, ଶୋଭନା ଜେନା, ବିରଞ୍ଚି ସାମନ୍ତରାୟ, ସୁଜିତ ମିଶ୍ର, ସୌଦାମିନୀ ଆଚାର୍ଯ୍ୟ, ଜ୍ୟୋତ୍ସ୍ନା ପାଢ଼ୀ, ରନ୍ ମଞ୍ଜରୀ ରାଉତ, ସୁରେଶ ଜେନା, ଧ୍ରୁବାନନ୍ଦ ରାଉତ, ହରେକୃଷ୍ଣ ବେଜ୍, ଦେବଦର୍ଶନ ଦାଶପ୍ରମୁଖ କବିତା ଆବୃତ୍ତି କରିଥିଲେ। ପରିଶେଷରେ ଯୁଗ୍ମ ସମ୍ପାଦକ କବି ହରିହର ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଗ୍ରେଡ୍ ସୈନିକ ସ୍କୁଲର ବାର୍ଷିକ ଉତ୍ସବ



କୁଜଙ୍ଗ, (ଭାସ୍କର ନ୍ୟୁଜ୍ ) : ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକ ଅନ୍ତର୍ଗତ ପାରାଦ୍ୱୀପ ଗଡ ଗ୍ରାମ ପଞ୍ଚାୟତ, ନିମୀଡି ସ୍ଥିତ ବିଗ୍ରେଡ୍ ସୈନିକ ସ୍କୁଲର ୨୪ତମ ବାର୍ଷିକ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି ଆୟୋଜିତ କାର୍ଯ୍ୟକ୍ରମରେ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ମମତା ରଥଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ପୂର୍ବତନ ସାଂସଦ ଡାକ୍ତର କୁଳମଣି ସାମଲ, ମୁଖ୍ୟବକ୍ତା ଭାବରେ ଡାକ୍ତର ଦେବଦତ୍ତ ସାମନ୍ତରାୟ, ସମ୍ମାନୀତ ଅତିଥି ଭାବରେ ବରିଷ୍ଟ ଆଇନଜୀବୀ ସଞ୍ଜୟ କୁମାର ବେହେରା ଓ ସମାଜସେବୀ କୁନିଲତା ବିଶ୍ୱାଳ ପ୍ରମୁଖ ଯୋଗଦେଇ ବିଭିନ୍ନ ପ୍ରତିଯୋଗୀତାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରିଥିଲେ। କୁନି କୁନି ପିଲାମାନଙ୍କ ଦ୍ୱାରା ନାଚ ଗୀତର କାର୍ଯକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ଶିକ୍ଷୟତ୍ରୀ ସସ୍ମିତା କର, ବେବିନା ସ୍ୱାଇଁ, ସସ୍ମିତା ମହାପାତ୍ର, ଝିଲିପ୍ରଭା ମହାପାତ୍ର, ମନୋଜ ଦାସ ପ୍ରମୁଖ ପରିଚାଳନା କରିଥିଲେ। ଶେଷରେ ଭବାନୀ କାନ୍ତ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

# ପୌରପାଳିକାରେ ନୂତନ ନିର୍ବାହୀ ଅଧିକାରୀଙ୍କ ଯୋଗଦାନ



କେନ୍ଦୁଝର, (ଭାସ୍କର ନ୍ୟୁଜ୍) : କେନ୍ଦୁଝରଗଡ ପୌରପାଳିକାର ନୂତନ ନିର୍ବାହୀ ଅଧିକାରୀ ଭାବେ ଲଳିତ କୁମାର ନାୟକ କାର୍ଯ୍ୟରେ ଯୋଗ ଦେଇଛନ୍ତି। ବିଦାୟୀ ପୌରନିର୍ବାହୀ ଅଧିକାରୀ ବସନ୍ତ କୁମାର ସେଠୀଙ୍କ ଠାରୁ ଦାୟିତ୍ୱ ଗ୍ରହଣ କରିବା ପରେ କର୍ମଚାରୀମାନେ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଶ୍ରୀ ନାୟକ ଏଥିପୂର୍ବରୁ ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ଏନ୍ଏସିରେ ନିର୍ବାହୀ ଅଧିକାରୀ ଭାବେ ସୂଚାରୁ ରୂପେ ଦାୟିତ୍ୱ ସମ୍ପାଦନ କରିଛନ୍ତି। କାର୍ଯ୍ୟରେ ଯୋଗ ଦେବା ପରେ କେନ୍ଦୁଝର ସହରକୁ ସବୁଜ ସୁନ୍ଦର କରିବା, ଟ୍ରାଫିକ ସମସ୍ୟା ଦୂର କରିବା ନେଇ ପଦକ୍ଷେପ ଏବଂ ସ୍ୱଚ୍ଛତା ପ୍ରତି ଅଧିକ ଗୁରୁତ୍ୱ ଦିଆଯିବ ବୋଲି ନିଜ ପ୍ରତିକ୍ରିୟାରେ କହିଛନ୍ତି। ସରକାରଙ୍କ ଦ୍ୱାରା ପ୍ରଚଳିତ ବିଭିନ୍ନ ଯୋଜନାର କିପରି ସଫଳ ରୂପାୟନ ହୋଇପାରିବ ଏବଂ ଜନସାଧାରଣ କିପରି ବିଭିନ୍ନ ଯୋଜନାର ସୁଫଳ ପାଇପାରିବେ ସେ ଦିଗରେ ନିଷ୍ଠାର ସହ କାର୍ଯ୍ୟ କରିବେ ବୋଲି ପ୍ରକାଶ କରିଛନ୍ତି। ବିଶେଷତଃ ପରିମଳ ବ୍ୟବସ୍ଥା, ଉନ୍ନୟନ ମୂଳକ ଓ ଜନହିତକର କାର୍ଯ୍ୟ ସହ ବିଭିନ୍ନ ଯୋଜନାର କାର୍ଯ୍ୟକାରିତାକୁ ଅଧିକ କ୍ରିୟାଶୀଳ କରିବା ପାଇଁ ସେ ସ୍ୱତନ୍ତ୍ର ଦୃଷ୍ଟି ଦେବେ ବୋଲି ଶ୍ରୀ ନାୟକ କହିଛନ୍ତି। ୨୦୧୮ ବ୍ୟାଚର ଓଆରଏସ୍ ଅଧିକାରୀ ଲଳିତ କୁମାର ନାୟକ ପ୍ରଥମେ ବାରିପଦା ଅତିରିକ୍ତ ତହସିଲଦାର ପରେ ବଡବିଲ ଅତିରିକ୍ତ ତହସିଲଦାର, ଚମ୍ପୁଆ ତହସିଲଦାର, ଆନନ୍ଦପୁର ପୌରପାଳିକାର ନିର୍ବାହୀ ଅଧିକାରୀ, ଦେବଗଡ ସହକାରୀ ଜିଲ୍ଲାପାଳ, କରଞ୍ଜିଆ ଏନ୍ଏସି ନିର୍ବାହୀ ଅଧିକାରୀ ଭାବେ ଦକ୍ଷତାର ସହ କାର୍ଯ୍ୟ କରିଛନ୍ତି।

# ମା' ବନ୍ଧ ନାୟକାଣୀଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ



ତିହିଡ଼ି, (ଭାସ୍କର ନ୍ୟୁଜ୍) : ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ ବୋଡକ ପଞ୍ଚାୟତ ଅଧୀନ ଅଣ୍ଡରାଇ ଗ୍ରାମର ମା' ବନ୍ଧ ନାୟକାଣୀଙ୍କ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଛି। ଏହି ଉତ୍ସବ ମକର ସଂକ୍ରାନ୍ତି ଠାରୁ ଆରମ୍ଭ ହୋଇ ୧୬ ତାରିଖ ପର୍ଯ୍ୟନ୍ତ ତିନିଦିନ ଧରି ଅନୁଷ୍ଠିତ ହେବ। ମକର ସଂକ୍ରାନ୍ତି ଦିନ ଯଜ୍ଞ ଆରମ୍ଭ ହୋଇଥିବା ବେଳେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପ୍ରଥମ ଆହୂତି ଦେଇଥିଲେ। ଏହା ପୂର୍ବରୁ ଅଧିବାସ ଓ ଅଙ୍କୁରାରୋପଣ କରାଯାଇଥିଲା। ମକର ସଂକ୍ରାନ୍ତିରେ ୨୦୧ ମହିଳା ଶୋଭାଯାତ୍ରାରେ ଯାଇ କଳସ ବୁଡ଼ାଇ ଯଜ୍ଞସ୍ଥଳକୁ ଆଣିଥିଲେ। ପରେ ସୂର୍ଯ୍ୟପୂଜା ଓ ଯଜ୍ଞରେ ଅଗ୍ନିସ୍ଥାପନ ହୋଇଥିଲା। ବୁଧବାର ମନ୍ଦିର ପ୍ରତିଷ୍ଠା ସହିତ ଦେବୀଙ୍କ ମୂର୍ତ୍ତି ପ୍ରତିଷ୍ଠା ହୋଇଛି। ଗୁରୁବାର ଚଣ୍ଡିପାଠ କରାଯାଇ ଯଜ୍ଞର ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ମକର ସଂକ୍ରାନ୍ତିରେ ହଜାର ହଜାର ଶ୍ରଦ୍ଧାଳୁ ପ୍ରସାଦ ସେବନ କରିଥିଲେ। ଦୀର୍ଘଦିନ ହେବ ଅଣ୍ଡରାଇ ଗ୍ରାମରେ ମା' ବନ୍ଧ ନାୟକାଣୀ ଏକ ଚାଳ ଘରେ ପୂଜା ପାଉଥିଲେ। ଏବେ ନୂତନ ମନ୍ଦିର ପ୍ରତିଷ୍ଠା କରାଯାଇ ମା'ଙ୍କୁ ସ୍ଥାପନ କରାଯାଇଛି। କର୍ତ୍ତା ଭାବେ ବୀରେନ୍ଦ୍ର ମଳିକ, ଶ୍ରୀକାନ୍ତ ମଳିକ, ଗଦାଧର ମହାଳିକ, ରାମେଶ୍ୱର ରମେଶ ମଳିକ, ପଞ୍ଚାନନ ଜେନା, ଇନ୍ଦ୍ରମଣି ମଳିକ କାର୍ଯ୍ୟ ତୁଲାଉଥିବା ବେଳେ ମୁଖ୍ୟ ପୂଜକ ଦୀପକ ଦାଶ, ଗୟାଧର ପଣ୍ଡା, ଶତ୍ରୁଘ୍ନ ପତି, ଦିଗ୍‌ବିଜୟ ଦାସ, ଜ୍ୟୋତିପ୍ରକାଶ ପତି, ପ୍ରକାଶ ପାଢୀ ପ୍ରମୁଖ ପୂଜାକାର୍ଯ୍ୟ ତୁଲାଉଛନ୍ତି। ମନ୍ଦିର କମିଟିର ସଭାପତି ରାମଚନ୍ଦ୍ର ମହାଳିକ, ସମ୍ପାଦକ ଅଭୟ ମଳିକ, ରଂଜନ ମଳିକ, ଶ୍ରୀକାନ୍ତ ମଳିକ, ପରମେଶ୍ୱର ମଳିକ, କରୁଣାକର ମଳିକ, ଶଶିକାନ୍ତ ଜେନା, ନଟବର ଜେନା, ଜଗନ୍ନାଥ ମଳିକ ପ୍ରମୁଖ ପ୍ରତିଷ୍ଠା କାର୍ଯ୍ୟ ପରିଚାଳନାରେ ସହଯୋଗ କରିଛନ୍ତି। ମନ୍ତ୍ରୀଙ୍କ ସହିତ ପ୍ରମୋଦ ଦାସ, କ୍ଷୀରସିନ୍ଧୁ ବାରିକ, ଜୟନ୍ତ ନାୟକ, ଦେବେନ୍ଦ୍ର ପୁହାଣ, ସାଇଶରଣ ବେହେରା, ସଂଜୀବ ବେହେରା, ସୀତାକାନ୍ତ ନାୟକ, ରଘୁନାଥ ପାତ୍ର, କେଶବ ବେହେରା, ଯଜ୍ଞଦତ୍ତ ପତି, ତପନ ପାଢ଼ୀ, ସରୋଜ ନାୟକ ପ୍ରମୁଖ ବହୁ ଶ୍ରଦ୍ଧାଳୁଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ।

# ଅସହାୟଙ୍କୁ ସେବା ସଂସ୍ଥାନର ସହଯୋଗ



ଚିକିଟି, (ଭାସ୍କର ନ୍ୟୁଜ୍ ) : ଚିକିଟି ବ୍ଲକ ପିତାତଳି ପଞ୍ଚାୟତ ଜଗନ୍ନାଥପୁର ଗ୍ରାମର ଲୋକନାଥ ଗୌଡ଼ ନାମକ ଜଣେ ବ୍ୟକ୍ତି କ୍ୟାନ୍ସର ରୋଗରେ ପୀଡିତ ହୋଇଥିଲେ। ଏବେ ଆଠ ଦିନ ତଳେ ତାଙ୍କର ମୃତ୍ୟୁ ହୋଇଗଲା, ସେ ତାଙ୍କ ପରିବାରର ଏକ ମାତ୍ର ରୋଜଗାରିଆ ପୁଅ ଥିଲେ। ଲୋକନାଥଙ୍କ ପରିବାର କହିଲେ ତିନୋଟି ପିଲା ଏବଂ ତାଙ୍କ ସ୍ତ୍ରୀ। ତାଙ୍କ ପରିବାରର ପରିସ୍ଥିତି ଏତେ ଖରାପ କହିଲେ ନସରେ। ଏମିତିକି ତାଙ୍କ ସ୍ତ୍ରୀ ନିଜେ ତାଙ୍କ ସ୍ୱାମୀର ଶୁଦ୍ଧକାର୍ଯ୍ୟ କରିବା ପାଇଁ ମଧ୍ୟ ସକ୍ଷମ ନ ଥିଲେ। ଏହି ଖବର ଶୁଣି ସେବା ସଂସ୍ଥାନର ସଭ୍ୟ ମାନେ ଓ ଜଗନ୍ନାଥପୁର ଗ୍ରାମର ଯୁବ ଭାଇ ମାନେ ତାଙ୍କ ଘର ନିକଟକୁ ଯାଇ ଶୁଦ୍ଧକାର୍ଯ୍ୟ ନିମନ୍ତେ ୮୫୦୦ ଟଙ୍କା ଓ ଗୋଟେ ଚାଉଳ ପ୍ୟାକେଟ୍ ପ୍ରଦାନ କରିଥିଲେ। ଉକ୍ତ ଜଗନ୍ନାଥପୁର ଗ୍ରାମର ଲୋକମାନେ ସେବା ସଂସ୍ଥାନକୁ ପ୍ରଶଂସା କରିଥିଲେ। ସେବା ସଂସ୍ଥାନର ସଭ୍ୟ ମାନେ କିଛି କିଛି ଟଙ୍କା ବାହାର କରି ଅସୁବିଧାରେ ପଡିଥିବା ପରିବାରକୁ ସହଯୋଗ କରିବା, ରକ୍ତ ଦାନ କରିବା ବୃକ୍ଷ ରୋପଣ କରିବା ଆଦି ସମାଜ ମଙ୍ଗଳ କାମ କରୁଛନ୍ତି।

ଓଡିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର



ଶୁଳିଆପଦା (ଭାସ୍କର ନ୍ୟୁଜ) ଚକ ଶୁଳିଆପଦାର ଉତ୍କଳ ବନାନୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆଠଦିନ ବ୍ୟାପି ଚାଲିଥିବା ଛାତ୍ରୀ ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିର ଉଦଯାପିତ ହୋଇଯାଇଛି। ଉକ୍ତ ପ୍ରଶିକ୍ଷଣ ଶିବିରରେ ମାଷ୍ଟର ଟ୍ରେନର ପ୍ରୀତିରେଖା ରାଜ୍ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ତର୍କଶାସ୍ତ୍ର ର ଅଧ୍ୟାପକ ଜନ୍ମେଜୟ ଦାଶଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବ ରେ ମୁଖ୍ୟ ଅତିଥି ଥିଲେ ଉତ୍କଳ ବନାନୀ ମହାବିଦ୍ୟାଳୟ ର ଇଂରାଜୀ ଅଧ୍ୟାପକ ଜଗନ୍ନାଥ ମଣ୍ଡଳ । ସଭାପତି ଓ ମୁଖ୍ୟ ଅତିଥି ଛାତ୍ରୀ ଆତ୍ମ ସୁରକ୍ଷା, ମହିଳା ସୁରକ୍ଷା, ବାସ୍ତବ ଜୀବନ ଲକ୍ଷ୍ୟ ଉପରେ ଅଭିଭାଷଣ ଦେଇ ଛାତ୍ରୀ ମାନଙ୍କୁ ପ୍ରୋତ୍ସାହନ ଯୋଗାଇଥିଲେ । ଆଠ ଦିନର ପ୍ରଶିକ୍ଷଣ ଶିବିରର ଅନୁଭୂତି ବିଷୟରେ ଛାତ୍ରୀମାନେ ମତ ପୋଷଣ କରିବା ସହିତ ଆସି ସୁରକ୍ଷା କୌଶଳ ମାନ ପ୍ରଦର୍ଶନ କରିଥିଲେ । ଶେଷରେ ଛାତ୍ରୀ ମାନଙ୍କୁ ଆତ୍ମ ସୁରକ୍ଷା ପ୍ରଶିକ୍ଷଣ ଶିବିର ର ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା ।ଏହି କାର୍ଯ୍ୟକ୍ରମରେ ସ୍ନାତକୋତ୍ତର ଶିକ୍ଷୟିତ୍ରୀ କବିତା ସିଂ ମଞ୍ଚ ପରିଚାଳନା କରିଥିଲା ବେଳେ ଅତିଥି ଅଧ୍ୟାପକ ଶାନ୍ତନୁ କୁମାର ସି, ଅତିଥି ଅଧ୍ୟାପିକା ସସ୍ମିତା ସିଂ , ପୂର୍ଣ୍ଣିମା ସିଂ , ସୁପ୍ରିତି ପଣ୍ଡା ,ଗଣ୍ଡା ଗାରିକ କମଳଲୋଚନ ସେନାପତି ସହଯୋଗ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନା କରିବାରେ ଚତୁର୍ଥ ଶ୍ରେଣୀ କର୍ମଚାରୀ ଅରଣୀ ସେଠୀ, ଲକ୍ଷ୍ମଣ ହାଁସଦା,ସଚିନ ସାର ପ୍ରମୁଖ ସହଯୋଗ କରିଥିଲେ।



# ଥମୁନି ହାତୀ ଉପଦ୍ରବ

## ଜଙ୍ଗଲରେ ଉତ୍ପାତ କରୁଛି ସିଙ୍ଗିଲ ଦନ୍ତାହାତୀ



ଶୁଳିଆପଦା(ଭାସ୍କର ନ୍ୟୁଜ୍) : ଶୁଳିଆପଦା ଅଞ୍ଚଳରେ ହାତୀ ଉପଦ୍ରବ ଥମିବାର ନାଁ ଧରୁନି। କିଛିଦିନ ତଳେ ଶୁଳିଆପଦା ଅଞ୍ଚଳ ଦେଇ ୩୦ ଟିକିଆ ହାତୀ ପଲ ପଶ୍ଚିମବଙ୍ଗ କୁ ପ୍ରତ୍ୟାବର୍ତ୍ତନ କରିଥିବା ବେଳେ ଗତରାତିରେ ଉଫାଲଗଡିଆ ପଞ୍ଚାୟତ ଅଧିନ ସୀମାନ୍ତବର୍ତ୍ତୀ ଗାଁ ବିଶୁଶୋଳ ଦେଇ ପୁଣି ଗୋଠ ଛଡା ଦନ୍ତା ଶୁଳିଆପଦା ଅଞ୍ଚଳକୁ ପ୍ରବେଶ କରିଛି ।ମକର ପର୍ବ ପାଇଁ ମଉଜ ମଜଲିସରେ ସମସ୍ତେ ବ୍ୟସ୍ତ ଥିବା ବେଳେ ଏହି ଗୋଠଛଡା ଦନ୍ତା ପ୍ରବେଶ କରି ପର୍ବ ପାଳନକୁ ପାଣିଚିଆ କରିଦେଇଛି। ସୂଚନା ମୁତାବକ ଏହି ହାତୀଟି ବିଶୁଶୋଳ ଜଙ୍ଗଲରେ ପ୍ରବେଶ କରି ନଧାକୁଣ୍ଡିଆ, ଧାନଶୋଳା ଦେଇ ମଧ୍ୟ ରାତ୍ରରେ ଶୁଳିଆପଦା ମୁଖ୍ୟାଳୟସ୍ଥିତ ବଡଶୋଳ ଗ୍ରାମରେ ପ୍ରବେଶ କରି ବର୍ତ୍ତମାନ ବନ୍ଦ ଥିବା ବଡଶୋଳ ପ୍ରାଥମିକ ବିଦ୍ୟାଳୟ ପାଚେରୀ ଭାଙ୍ଗୁଥିବା ବେଳେ ହାତୀ ଘଉଡା ଟିମ୍ ସେଠାରେ ପହଞ୍ଚିବାରୁ ହାତୀଟି ସେଠାରୁ ଟିମ୍ କୁ ଚକମା ଦେଇ ଉକ୍ତ ଗ୍ରାମର ନାରାୟଣ ମହାନ୍ତଙ୍କ ଘର ଆଜବେଷ୍ଟସ୍ ଭାଙ୍ଗି ଧାନ ଖାଇବା ପରେ କଣ୍ଟିସାହି ଗ୍ରାମର ଅଜିତ ତୁଙ୍ଗଙ୍କ ଘର ପିଣ୍ଡାରେ ଆଣ୍ଠୁମାଡ଼ି ବସିବା ସହିତ ଶୁଣ୍ଢ ସାହାଯ୍ୟରେ କବାଟକୁ ଆଘାତ କରିଥିଲା। ଫଳରେ ଭିତର ପଟୁ କବାଟ ବାଡା ଭାଙ୍ଗିଯାଇ କବାଟ ଖୋଲିଯାଇଥିବା ବେଳେ ପରିବାର ଲୋକ ଭୟଭୀତ ହୋଇ ଭିତର ଘରକୁ ପଳାଇ ଯାଇଥିଲେ। ଏହି ସୁଯୋଗରେ ହାତୀଟି ଗୋଟିଏ ଧାନବୁରା ଖାଇବା ସହିତ ଗୋଟିଏ ଧାନବୁରାକୁ ବୋହି ନେଇ ଯାଇଥିଲା ।ହାତୀଟି ବନ ବିଭାଗକୁ ଚକମା ଦେଇ ନାକେଦମ୍ କରିବା ପରେ ପୁଣି ଜଙ୍ଗଲକୁ ପ୍ରବେଶ କରିଥିଲା ।ବନ ବିଭାଗ ପକ୍ଷରୁ ଡାକବାଜୀ ଯନ୍ତ୍ର ସାହାଯ୍ୟରେ ଜଙ୍ଗଲ କୁ ଲାଗି ରହିଥିବା ଗାଁ ମାନଙ୍କରେ ପ୍ରଚାର କରି ଜଙ୍ଗଲକୁ ଯିବାକୁ ବାରଣ କରାଯାଇଛି।

# ୧୧ ମାନସିକ ଭିନ୍ନକ୍ଷମଙ୍କୁ ଥଇଥାନ କଲା ବ୍ୟାସ ଫାଉଣ୍ଡେସନ




ପାରାଦୀପ (ଭାସ୍କର ନ୍ୟୁଜ୍) : ମକର ସଂକ୍ରାନ୍ତିର ପବିତ୍ର ମୁହୂର୍ତ୍ତକୁ ଅଧିକ ସ୍ମରଣୀୟ କରିବା ପାଇଁ ବ୍ୟାସ ଫାଉଣ୍ଡେସନର କର୍ମକର୍ତ୍ତାମାନେ ସେମାନଙ୍କର ମାନବ ସେବା ହି ମାଧବ ସେବା ମନବୃତ୍ତିକୁ ସଫଳ କରି ପାରିଛନ୍ତି। ଫାଉଣ୍ଡେସନର ଅଧକ୍ଷା ସ୍ନେହମୟୀ ଆଚାର୍ଯ୍ୟ,ସଭାପତି ପଣ୍ଡିତ ଡ଼ଃ.ସିଦ୍ଧେଶ୍ୱର ପଣ୍ଡା, ଉପସଭାନେତ୍ରୀ ରଶ୍ମିତା ନାୟକ,ସଭ୍ୟ ବିପିନ ମାଝୀ,ସଭ୍ୟ ସେବକ ସଂଗ୍ରାମ ନାୟକ ଙ୍କର ସମ୍ମିଳିତ ଉଦ୍ୟମରେ ପାରାଦୀପ କୁଜଙ୍ଗ ଅଞ୍ଚଳରୁ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରିଣୀ ମମତା ନାୟକଙ୍କର ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ୫୮ ଆଧାରରେ ୧୧ ଜଣ ମାନସିକ ଭିନ୍ନକ୍ଷମ ବ୍ୟକ୍ତି ବିଶେଷଙ୍କୁ ଉଦ୍ଧାର କରି ନୀଳାଚଳ ସେବା ପ୍ରତିଷ୍ଠାନ କଣାସ ପୁରୀ ଠାରେ ଅବସ୍ଥାପିତ କରି ପାରିଛନ୍ତି । ଏଠାରେ ସୂଚନାଥାଉକି ଯେ ବ୍ୟାସ ଫାଉଣ୍ଡେସନ ମାନସିକ ଭିନ୍ନକ୍ଷମ ବ୍ୟକ୍ତି ବିଶେଷଙ୍କୁ କେବଳ ଥଇଥାନ କରେ ନାହିଁ , ଅପର ପକ୍ଷରେ ସେମାନଙ୍କ ସ୍ୱାସ୍ଥ୍ୟବସ୍ଥାରେ ଉନ୍ନତି ପରେ ଅନେକ ବ୍ୟକ୍ତିଙ୍କୁ ସୁସ୍ଥ କରାଇ ତାଙ୍କ ପରିବାର ପାଖରେ ଛାଡ଼ିପାରିଛନ୍ତି । ଗଣ୍ଡକିପୁର ଅଞ୍ଚଳ ର ୨ ଜଣ ଏବଂ ବାଲିତୁଠ ଅଞ୍ଚଳ ର ୨ ଜଣ ଙ୍କୁ ସମ୍ପୂର୍ଣ୍ଣ ସୁସ୍ଥ ହେବା ପରେ ନୀଳାଚଳ ସେବା ପ୍ରତିଷ୍ଠାନରୁ ସେମାନଙ୍କୁ ଆଣି ତାଙ୍କ ପରିବାରରେ ଛାଡି ପରିବାରରେ ହସ ଖୁସିର ବାତାବରଣ ସୃଷ୍ଟି କରିପାରିଛନ୍ତି ଏହି ଅନୁଷ୍ଠାନ । ବ୍ୟାସ ଫାଉଣ୍ଡେସନ ର ଏଭଳି ଉତ୍ସର୍ଗୀକୃତ ସେବା ମନବୃତ୍ତି ପାଇଁ ପାରାଦୀପ ପୌରାଧକ୍ଷ ବସନ୍ତ କୁମାର ବିଶ୍ୱାଳ, ଶ୍ରମିକ ନେତା ପ୍ରକାଶ ତ୍ରିପାଠି,ରାକେଶ ପଟ୍ଟନାୟକ ଏବଂ ପାରାଦୀପର କାର୍ଯ୍ୟରତ ସାମ୍ବାଦିକ ମାନେ ଉଚ୍ଚ ପ୍ରଶଂସା କରିଛନ୍ତି । ବ୍ୟାସ ଫାଉଣ୍ଡେସନ ପକ୍ଷରୁ ମଧ ନୀଳାଚଳ ସେବା ପ୍ରତିଷ୍ଠାନର କର୍ମକର୍ତ୍ତାଙ୍କର ଏପରି ଉତ୍ସର୍ଗୀକୃତ ସେବା ପାଇଁ ପ୍ରଶଂସା କରିବା ସହ ପ୍ରତିଷ୍ଠାନର ଉତ୍ତରୋତ୍ତର ଉନ୍ନତି କାମନା କରିଛନ୍ତି। ଫାଉଣ୍ଡେସନ ର ଅଧକ୍ଷା ଶ୍ରୀମତୀ ଆଚାର୍ଯ୍ୟ ଜିଲ୍ଲାକୁ ଅଳ୍ପ ଦିନ ହେବ ବଦଳି ହୋଇ ଆସିଥିବା ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରିଣୀ ଶ୍ରୀମତୀ ନାୟକଙ୍କୁ ବ୍ୟାସ ଫାଉଣ୍ଡେସନର ସେବା କାର୍ଯ୍ୟ ଉପରେ ଆସ୍ଥା ପ୍ରକଟ କରିଥିବାରୁ ଫାଉଣ୍ଡେସନ ର କର୍ମକର୍ତ୍ତା ମାନେ ତାଙ୍କର ସାମଗ୍ରିକ ଉନ୍ନତି କାମନା କରିଛନ୍ତି।

## ବାର୍ଷିକ ପୁରସ୍କାର ବିତରଣ ଉତ୍ସବ



ପରଜଙ୍ଗ(ଭାସ୍କର ନ୍ୟୁଜ୍) :ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଶିକ୍ଷାଧିନ ଅଂଚଳ ସରକାରୀ ଉଚ୍ଚ ବିଦ୍ୟାଳୟ ମୁକ୍ତାପଶି ପରିସରରେ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ବୁଧବାର ପାଳିତ ହୋଇଅଛି । ଏହି ଉତ୍ସବ ମୁଖ୍ୟତଃ ବିଦ୍ୟାଳୟର ବାର୍ଷିକ ଉତ୍ସବ, ବାର୍ଷିକ କ୍ରୀଡା ଉତ୍ସବ ଓ ସୋସିଆଲ ସର୍ଭେ ରେ ଭାଗ ନେଇଥବା ଏବଂ ଉତୀର୍ଣ୍ଣ ହୋଇଥିବା ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କାର ବିତରଣର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଥିଲା । ଏହି କାର୍ଯ୍ୟକ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଆରତୀ ମିଶ୍ରଙ୍କ ସଭାପତିତ୍ୱ, ପରିଚୟ ପ୍ରଦାନ ଦାୟିତ୍ୱରେ, ମୁଖ୍ୟ ଅତିଥିଭାବେ ଗୋଷ୍ଠୀ ଶିକ୍ଷାଧିକାରୀ ହରିହର ଦେହୁରୀ, ମୁଖ୍ୟ ବକ୍ତାଭାବେ ସୁଦୂର ପୁରୀ ଗୋବର୍ଦ୍ଧନ ମଠରୁ ଆସିଥିବା ପଣ୍ଡିତ ମାତୃଦତ୍ତ ମିଶ୍ର, ସମ୍ମାନିତ ଅତିଥିଭାବେ ବିଦ୍ୟାଳୟ ର ପୁରାତନ ଛାତ୍ର ଆଇନଜୀବୀ ପ୍ରେମାନନ୍ଦ ସାହୁ, ପୁରାତନ ଛାତ୍ର ତଥା ସୋସିଆଲ ସର୍ଭେର ଉଦ୍ୟୋକ୍ତା ହେମାନନ୍ଦ ଚିନାରା, ବିଦ୍ୟାଳୟ ର ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ଗଗନ ବିହାରୀ ମିଶ୍ର ଓ ମୁକ୍ତାପଶି ପଂଚାୟତ ସରପଞ୍ଚ ସସ୍ମିତା ସାହୁ ମଂଚାସୀନ ହୋଇ ଆନୁଷ୍ଠାନିକ ଭାବେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ । ଏହି ଉତ୍ସବ ରେ ବିଭିନ୍ନ ଇଭେଣ୍ଟ ରେ ୯୭ଜଣ ଛାତ୍ର ଛାତ୍ରୀ ଭାଗ ନେଇଥିବା ବେଳେ,ଉତୀର୍ଣ୍ଣ ହୋଇଥିବା ୭୦ଜଣ ଛାତ୍ରଛାତ୍ରୀଙ୍କୁ ଅତିଥି ମାନେ ପୁରସ୍କାର ପ୍ରଦାନ କରିଥିଲେ । ମଞ୍ଚ ସଂଚାଳନ ଦାୟିତ୍ୱ ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ସ୍ୱାଇଁ ନିର୍ବାହ କରିଥିବା ବେଳେ,ଅଂଚଳର ବହୁ ଶିକ୍ଷାବିତ, ଅବକାଶ ପ୍ରାପ୍ତ ଶିକ୍ଷକ ବୃନ୍ଦ ଉପସ୍ଥିତ ଥିଲେ। ପରିଶେଷରେ ଶିକ୍ଷୟିତ୍ରୀ ସୁଜାତା ସାହୁ ଅତିଥିମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ମାଲୁଦ ବଜାରରେ ଶୌଚାଳୟ ଓ ପ୍ରତୀକ୍ଷାଳୟ ନିର୍ମାଣ ଦାବି

କୃଷ୍ଣପ୍ରସାଦ (ଭାସ୍କର ନ୍ୟୁଜ୍): ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକର ପ୍ରମୁଖ ବ୍ୟବସାୟିକ ପେଣ୍ଠସ୍ଥଳୀ ମାଲୁଦ ବଜାର । ଏହି ବଜାର ଉପରେ ନିର୍ଭର କରନ୍ତି ରମଲେଙ୍କା ବଜ୍ରକୋଟ ମାଲୁଦ ବୁଦ୍ଧିବର ଶିଆଳ ସିଆଣ୍ଡି ବଡ ଅଇ କୃଷ୍ଣପ୍ରସାଦ ଓ ଅଲଣ୍ଡା ୯ ଗୋଟି ପଞ୍ଚାୟତର ୫୦ ହଜାରରୁ ଅଧିକ ଜନସାଧାରଣ । ଏହି ବଜାରର ମୁଖ୍ୟ ସଡକ ମଧ ଭାଗରେ ଗଞ୍ଜାମ ଠାରୁ ପୁରୀକୁ ସଂଯୋଗ କରୁଥିବା ମଧସ୍ଥଳୀ ମାଲୁଦ ବଜାରରୁ ପ୍ରତିଦିନ ଭୁବନେଶ୍ୱର ପୁରୀ ବ୍ରହ୍ମପୁରକୁ ୧୨ ଖଣ୍ଡ ଯାତ୍ରୀବାହୀ ବସ ଯାତାୟାତ କରୁଥିଲେ ମଧ ବ୍ୟବସାୟୀ ଗ୍ରାହକ ଓ ଯାତ୍ରୀଙ୍କ ନିମନ୍ତେ ଏକ ଶୌଚାଳୟ କି ପ୍ରତୀକ୍ଷାଳୟ ନ ଥିବାରୁ ନାହି ନ ଥିବାର ଅସୁବିଧା ହେଉଛି । ଏଠାରେ ଏକ ଶୌଚାଳୟ ଓ ଯାତ୍ରୀ ପ୍ରତିକ୍ଷାଳୟ ନିର୍ମାଣ ନିମନ୍ତେ ବଜାର କମିଟି ସଭାପତି ଜଗବନ୍ଧୁ ସେନାପତି ସମ୍ପାଦକ ସତିଶ ପଟନାୟକ ସମାଜସେବୀ ଦୀପକ କୁମାର ଜେନା ସମେତ ସମସ୍ତ ଜାନସାଧାରଣ ଦାବି କରିଛନ୍ତି ।

## ଢିଙ୍କିଆରେ ତୃତୀୟ ବାର୍ଷିକ କଳା ଦିବସ ପାଳିତ




ପାରାଦ୍ୱୀପ/କୁଜଙ୍ଗ/ଏରସମା(ଭାସ୍କର ନ୍ୟୁଜ) ସଂସ୍କୃତିପୂର୍ଣ୍ଣ ପୁରାତନ କୁଜଙ୍ଗ ରାଜ୍ୟର ଐତିହ୍ୟ ବହନ କରୁଥିବା ଢ଼ିଙ୍କିଆ ଚାରିଦେଶ ଅଞ୍ଚଳରେ ୨୦୨୨ମସିହା ଜାନୁୟାରୀ ୧୪ତାରିଖ ମକର ସଂକ୍ରାନ୍ତି ଦିନ ଜେଏସଡବ୍ଲୁ କମ୍ପାନୀର ସ୍ୱାର୍ଥ ପାଇଁ ପୋଲିସ ଦ୍ୱାରା ସାଧାରଣ ଜନତାଙ୍କ ପ୍ରତି ଦୁର୍ବ୍ୟବହାର ସହିତ ଲାଠିମାଡ଼ କରାଇଥିଲା । ଯାହାକି ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ଶୋଭା ପାଏନାହିଁ ବୋଲି ସାଧାରଣରେ ଆଲୋଚ୍ୟ ପ୍ରସଙ୍ଗ ହୋଇଥିଲା । ଉକ୍ତ ଦିବସଟିକୁ କଳା ଦିବସ ଭାବେ ପ୍ରତିବର୍ଷ ପରି ଚଳିତ ବର୍ଷ ନାରାୟଣ ବୀରବର ସାମନ୍ତ ଚାରିଟେବୁଲ ଟ୍ରଷ୍ଟ ଓ ପୋସ୍କୋ-ଜିନ୍ଦଲ ପ୍ରତିରୋଧ ସଂଗ୍ରାମ ସମିତି, ଢ଼ିଙ୍କିଆ ଚାରିଦେଶର ମିଳିତ ସହଯୋଗରେ ଢ଼ିଙ୍କିଆ ଠାରେ ପାଳିତ ହୋଇଯାଇଛି । ଗ୍ରାମର ଯେଉଁ ସ୍ଥାନରେ ବିଗତ ଦିନରେ ପୋଲିସ ଲାଠିମାଡ଼ କରିଥିଲା, ଗତ ୧୪ ତାରିଖ ଦିନ ଏକ ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରାରେ ଅଞ୍ଚଳବାସୀମାନେ ମିଳିତ ହୋଇ କଳାଦିବସ ପାଳନ କରିଥିଲେ । ସମାଜସେବୀ ସୁଶାନ୍ତ ଶେଖର ସ୍ୱାଇଁ, ସଂଗ୍ରାମୀ ପ୍ରଦୀପ ଶତପଥୀ, ଗୌତମ ଦାସ, ମାନସ ବର୍ଦ୍ଧନ, କୈଳାସ ମନ୍ତ୍ରୀ, ଶାନ୍ତି ଦାସ ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରି ଆଞ୍ଚଳିକ ପରିବେଶ ସୁରକ୍ଷା ପାଇଁ ଜେଏସଡବ୍ଲୁ ଭଳି ଏକ ମାରାତ୍ମକ କମ୍ପାନୀକୁ ଅଞ୍ଚଳ ଛାଡିବାକୁ ସରକାରଙ୍କ ଠାରେ ଦାବୀ କରିଛନ୍ତି।

# ମକର ପର୍ବକୁ ନେଇ ସମଗ୍ର କେନ୍ଦୁଝର ଜିଲ୍ଲା ଚଳଚଞ୍ଚଳ

## ବିଭିନ୍ନ ସ୍ଥାନରେ ମକରବୁଡ଼ ଦେଲେ ଶ୍ରଦ୍ଧାଳୁ



କେନ୍ଦୁଝର(ଭାସ୍କର ନ୍ୟୁଜ) :କେନ୍ଦୁଝର ଜିଲ୍ଲାର ପ୍ରମୁଖ ପର୍ବ ଭାବେ ଜଣାଶୁଣା ମକର ପର୍ବକୁ ନେଇ ସାରା ଜିଲ୍ଲା ଚଳଚଞ୍ଚଳ ହୋଇ ଉଠିଥିବାବେଳେ ମଙ୍ଗଳବାର ମକର ସଂକ୍ରାନ୍ତୀ ଅବସରରେ ବିଭିନ୍ନ ସ୍ଥାନରେ ହଜାର ହଜାର ଶ୍ରଦ୍ଧାଳୁ ମକରବୁଡ ଦେଇଛନ୍ତି। ବିଶେଷ କରି କେନ୍ଦୁଝର ଜିଲ୍ଲା ସୀମାନ୍ତରେ ଥିବା କେଶରୀକୁଣ୍ଡ, ଭୀମକୁଣ୍ଡ, ରାମତୀର୍ଥ ସାଙ୍ଗକୁ ବୈତରଣୀ ନଦୀ ଅବବାହିକାରେ ଥିବା ବିଭିନ୍ନ ପୀଠଗୁଡିକରେ ପବିତ୍ର ମକରସଂକ୍ରାନ୍ତି ଅବସରରେ ଶ୍ରଦ୍ଧାଳୁମାନେ ବୁଡ ପକାଇଥିବା ଜଣାପଡିଛି । ମକରକୁ ନେଇ ବିଭିନ୍ନ ପୀଠଗୁଡିକ ଚଳଚଞ୍ଚଳ ହୋଇଥିବା ବେଳେ ରାଜ୍ୟ ତଥା ରାଜ୍ୟ ବାହାରର ପର୍ଯ୍ୟଟକଙ୍କ ଗହଣରେ ଦେବାଦେବୀ ପୀଠ ସାଙ୍ଗକୁ ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳ ଗୁଡିକରେ ଭିଡ ପରିଲକ୍ଷିତ ହୋଇଛି । କେନ୍ଦୁଝରର ରାଷ୍ଟ୍ରଦେବତା ଶ୍ରୀ ଶ୍ରୀ ବଳଦେବଜୀଉଙ୍କ ମନ୍ଦିରରେ ମକର ଉପଲକ୍ଷେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇଛି । କେନ୍ଦୁଝର-ମୟୁରଭଞ୍ଜ ସୀମାନ୍ତ ଯଯାତିକେଶରୀ ରାଜାଙ୍କ ଅମଳର ଶୈବ ପୀଠ କେଶରୀକୁଣ୍ଡଠାରେ ମକର ସଂକ୍ରାନ୍ତୀ ଅବସରରେ ଅନୁଷ୍ଠିତ ହୋଇଥିବା ମକରମେଳାରେ ବ୍ୟାପକ ଜନ ସମାଗମ ପରିଲକ୍ଷିତ ହୋଇଥିଲା । ଏଠାରେ ୩୦ ହଜାରରୁ ଅଧିକ ଜନସାଧାରଣ ମେଳାରେ ଯୋଗ ଦେଇଥିବାବେଳେ ଅନେକ ଶ୍ରଦ୍ଧାଳୁ ବୁଡ ପକାଇଥିବା ଜଣାପଡିଛି । ଏଥିସହ ଘଟଗାଁ ବ୍ଲକ ଅନ୍ତର୍ଗତ ବାରାହାଟିପୁରା ଠାରେ ଥିବା ନୀଳକଣ୍ଠେଶ୍ୱର ମହେଶଙ୍କର ମକର ମେଳା ଆରମ୍ଭ ହୋଇଛି । ଏଠାରେ ପ୍ରାୟ ୧୫ ଦିନ ବ୍ୟାପୀ ମେଳା ଅନୁଷ୍ଠିତ ହେଉଥିବା ବେଳେ ୧୫୨ ପାହାଚ ଚଢି ଭକ୍ତମାନେ ଭଗବାନ ଶିବଙ୍କୁ ଦର୍ଶନ କରିଥାନ୍ତି । ଏଠାରେ ପ୍ରତ୍ୟେକ ଦିନ ଧାର୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବାବେଳେ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହେଉଥିବା ଜଣାପଡିଛି । ବାଂଶପାଳ ବ୍ଲକର ଗୋନାସିକା ଠାରେ ଥିବା ବ୍ରହ୍ମକୁଣ୍ଡ, ପାଟଣା ଓ ଠାକୁରମୁଣ୍ଡା ବ୍ଲକ ସୀମାନ୍ତରେ ଥିବା ଭୀମକୁଣ୍ଡଠାରେ ମକର ବୁଡ ପାଇଁ ଶ୍ରଦ୍ଧାଳୁଙ୍କ ପ୍ରବଳ ସମାଗମ ହୋଇଥିଲା । ତେଲକୋଇ ବ୍ଲକର ଖୁଣ୍ଟାପଡା, ହରିଚନ୍ଦନପୁର ବ୍ଲକର ଧାନବେଣୀ ଶିବ ମନ୍ଦିର, ଭାଲୁଘର ମଠ, ମଥୁରାମଣ୍ଡଳୀ, ଚିଲିଦା, ଟାଙ୍ଗରବନ୍ତଳା, ରାମତୀର୍ଥ, ଚକ୍ରତୀର୍ଥ,ରାଇକଳା ଶୈବପୀଠ, ବିସ୍ତାପାଳ, ମିରିଗିସିଙ୍ଗା ଆଦି ସ୍ଥାନରେ ମକର ମେଳା ଆରମ୍ଭ ହୋଇଛି । ଗଡଜାତ ଅଞ୍ଚଳ ଭାବେ ସୁପରିଚିତ କେନ୍ଦୁଝର ଓ ମୟୁରଭଞ୍ଜ ଜିଲ୍ଲାର ପ୍ରଧାନ ପର୍ବ ଭାବେ ମକର ପର୍ବ ପରିଗଣିତ ହୋଇଥାଏ । କେନ୍ଦୁଝର ଓ ମୟୁରଭଞ୍ଜ ଜିଲ୍ଲାର ଜନସାଧାରଣ ଏହି ପର୍ବ ସହ ଅଙ୍ଗାଅଙ୍ଗୀ ଭାବେ ଜଡିତ ଥିବାବେଳେ ମଙ୍ଗଳବାର ଠାରୁ ଆରମ୍ଭ ହୋଇଥିବା ମକରପର୍ବ ଓ ଯାତ୍ରାକୁ ନେଇ ଲୋକମାନଙ୍କ ମନରେ ନାହିଁ ନଥିବା ଆନନ୍ଦ ପରିଲକ୍ଷିତ ହୋଇଛି। ଏହି ପର୍ବରେ ମହାନ୍ତ ସଂପ୍ରଦାୟର ମହିଳାମାନେ ଟୁସୁଦେବୀଙ୍କୁ ପାରମ୍ପରିକ ରୀତିର ପୂଜାର୍ଚ୍ଚନା କରିଥାନ୍ତି । ମକର ପର୍ବ ଅବସରରେ ପରସ୍ପରକୁ ଶୁଭମନାସି ଚାଉଳର ଆଦାନ ପ୍ରଦାନ କରାଯାଇଥାଏ ଯାହାକୁ ମକର ଚାଉଳ କୁହାଯାଇଥାଏ। ଏହି ଚାଉଳକୁ ଆଦିବାସୀମାନେ ପରସ୍ପର ମଧ୍ୟରେ ଆଦାନ ପ୍ରଦାନ କରି ସଇ, ସଙ୍ଗାତ ବସିଥାନ୍ତି । ଏହା ଆଦିବାସୀମାନଙ୍କର ଏକ ମୁଖ୍ୟ ପର୍ବ ଅଟେ । ଏହି ପର୍ବରେ ଦୈନନ୍ଦିନ କାର୍ଯ୍ୟରୁ ସାଧାରଣ ଲୋକଟିଏ କ୍ଷାନ୍ତ ହୋଇ ବଣପାହାଡର ଏକ ନିର୍ଦ୍ଦିଷ୍ଟ ପୂଜାସ୍ଥଳୀରେ ଏକଜୁଟ ହୋଇ ଭୋଜିଭାତ, ନାଚଗୀତ କରି ଉତ୍ସବ ପାଳନ କରିଥାନ୍ତି । ମକର ସଂକ୍ରାନ୍ତିଠାରୁ ସୂର୍ଯ୍ୟଙ୍କର ଉତ୍ତରାୟଣ ଗତି ଆରମ୍ଭ ହେଉଥିବାବେଳେ ଏହି ଦିନ ସୂର୍ଯ୍ୟ ମକର ରାଶିକୁ ଆସି ବିଷୁବରେଖା ଆଡକୁ ସଂକ୍ରମଣ ବା ଗତି କରୁଥିବାରୁ ଏହାର ନାମ ମକର ସଂକ୍ରାନ୍ତି ବୋଲି କୁହାଯାଏ । ମକର ସଂକ୍ରାନ୍ତି ଅବସରରେ ଉପରୋକ୍ତ ମେଳାସ୍ଥଳ ଏବଂ ପୀଠଗୁଡିକ ସମେତ ବୈତରଣୀରେ ବହୁ ସଂଖ୍ୟାରେ ଭକ୍ତ ବିଭିନ୍ନ ଘାଟମାନଙ୍କରେ ବୁଡ ପକାଇଥିବା ପରିଲକ୍ଷିତ ହୋଇଛି । ଜିଲ୍ଲାର ବିଭିନ୍ନ ସ୍ଥାନରେ ମକର ଉପଲକ୍ଷେ ପୀଠମାନଙ୍କରେ ପ୍ରବଳ ଭିଡ ପରିଲକ୍ଷିତ ହୋଇଥିଲା । ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହେଉଥିବା ମେଳାରେ ସନ୍ଧ୍ୟା ସମୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଆଇନଶୃଙ୍ଖଳା ପରିସ୍ଥିତିକୁ ଆଖି ଆଗରେ ରଖି ମକରମେଳା ସ୍ଥଳ, ବୁଡ ପକାଇବା ସ୍ଥାନରେ ପୋଲିସ ପ୍ରଶାସନ ତରଫରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି ।

## ସଡ଼କ ସୁରକ୍ଷା ସଚେତନତା ଅଭିଯାନ




ଏରସମା(ଭାସ୍କର ନ୍ୟୁଜ୍) : ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ ଅନ୍ତର୍ଗତ ଚଟୁଆ ପଞ୍ଚାୟତର ଚଟୁଆ ଖେଳ ପଡିଆରେ ସଡ଼କ ସଚେତନତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ସମାଜସେବୀ ତଥା ମଦର ଟେରେସା ଫାଉଣ୍ଡେସନର ଅଧ୍ୟକ୍ଷ ଡ଼. ସୁନାକର ବେହେରାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବରେ ଜଗତସିଂହପୁର ଜିଲ୍ଲା ପରିବହନ ଅଧିକାରୀ ନିର୍ମଳ ଚନ୍ଦ୍ର ମହାନ୍ତି, ସମ୍ମାନୀତ ଅତିଥି ଭାବେ କୁଜଙ୍ଗ ଥାନା ଆଇଆଇସି ରଶ୍ମିରଞ୍ଜନ ଦାଶ ଯୋଗଦେଇ ଜନସାଧାରଣ ମାନଙ୍କୁ ହେଲମେଟ୍ ପିନ୍ଧି ଗାଡି ଚଲାଇବା, ନିଶା ଦବ୍ୟରୁ ଦୁରେଇ ରହିବା, ଗାଡି ଚଲାଇବା ସମୟରେ ମୋବାଇଲ କାନରେ ଦେଇ କଥା ନ ହେବା ସମ୍ବନ୍ଧରେ ସଚେତନତା କରାଇଥିଲେ ଏବଂ ୧୮ ବର୍ଷରୁ କମ ବୟସର ଛୋଟ ପିଲାମାନଙ୍କୁ ଗାଡ଼ି ନ ଚଲାଇବାକୁ କହିଥିଲେ। ସେମାନେ ଗାଡ଼ି ଦୁର୍ଘଟଣା କଲେ ଗାଡ଼ିର ମାଲିକ ୨୫ ହଜାର ଟଙ୍କା ଜୋରିମାନା ଦେବାକୁ ପଡିବ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଆଇନଜୀବୀ କିଶୋର ସତପଥି, ଚଟୁଆ ପଞ୍ଚାୟତ ସରପଞ୍ଚ ପ୍ରକାଶ ଚନ୍ଦ୍ର ସୁନ୍ଦରାୟ, ଚଟୁଆ ଅଞ୍ଚଳର ଯୁବ ସମାଜସେବୀ ଗଣେଷ ରାଉତ ଓ ଅଭୟ କୁମାର ପାଳ ପ୍ରମୁଖ ଯୋଗଦେଇ ଜନସାଧାରଣଙ୍କୁ ସଡକ ସୁରକ୍ଷା ବିଷୟରେ ବକ୍ତବ୍ୟ ରଖିଥିଲେ। ଉପସ୍ଥିତ ଜନସାଧାରଣଙ୍କୁ ନିତି ନିୟମ ମାନି ଗାଡି ଚଲାଇବା ପାଇଁ ଶପଥ ପାଠ କରିଥିଲେ। କୁଜଙ୍ଗ ଥାନା ଏଏସ୍‌ଆଇ ରେଣୁବାଳା ମହାପାତ୍ର, କନେଷ୍ଟବଳ ନିରଞ୍ଜନ ଜେନା ପ୍ରମୁଖ ଉପସ୍ଥିତି ଥିଲେ। ଏହି କାର୍ଯ୍ୟକ୍ରମକୁ ସାମ୍ବାଦିକ ପବିତ୍ର ମୋହନ ମଙ୍ଗରାଜ ପରିଚାଳନା କରିଥିଲେ।

## ରାଶିଫଳ

ଗୁରୁବାର, ୧୬ ଜାନୁଆରୀ ୨୦୨୫



**ମେଷ:** ସୃଜନଶୀଳ କାର୍ଯ୍ୟ ସଫଳ ହେବ । ଆପଣ ଯେ କୌଣସି ଉତ୍ସବରେ ଅଂଶଗ୍ରହଣ କରିବାର ସୁଯୋଗ ପାଇବେ । ବ୍ୟବସାୟ ଲାଭଦାୟକ ହେବ । ଭାଇମାନଙ୍କଠାରୁ ସମର୍ଥନ ପାଇବ । ଦୁର୍ଦ୍ଦଶା ଯୋଗୁଁ କ୍ଷତି ହେବ । ଚାକିରିରେ ତୁମେ ପ୍ରଶଂସା ପାଇବ ।



**ବୃଷ:** ଟଙ୍କା ଅଭାବରୁ ନିରାଶ ହେବେ । ଥଟ୍ଟା ଠାରୁ ଦୂରେଇ ରୁହନ୍ତୁ। ଅଧିକାରୀମାନେ ଚାକିରିରେ ଅଧିକ ଆଶା କରିବେ । ବସଙ୍କ ସମର୍ଥିତ ହେବେ ନାହିଁ । କ୍ଲାନ୍ତ ହୋଇଯିବ। ବ୍ୟବସାୟ ଲାଭଦାୟକ ହେବ । କଠିନ ପରିଶ୍ରମ ଅଧିକ ହେବ ।



**ମିଥୁନ:** ଜମି କ୍ରୟ ଏବଂ ବିକ୍ରୟ ଲାଭଦାୟକ ହେବ । ପ୍ରଗତିର ରାସ୍ତା ପକ୍କା ହେବ। ବିପଦରୁ ଦୂରେଇ ରୁହନ୍ତୁ । ବ୍ୟବସାୟ ବୃଦ୍ଧି ପାଇବ । ଘର ବାହାରେ ସୁଖ ମିଳିବ । ବିପଦ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ । କିଛି ବଡ କାମ କରିବାକୁ ସମର୍ଥ ହେବେ।



**କର୍କଟ:** ରାଜ୍ୟ ସହାୟତାରେ କାର୍ଯ୍ୟ ସମାପ୍ତ ହେବ । ବ୍ୟବସାୟ ଅନୁକୂଳ ଲାଭ ଦେବ । ବିବାହ ପ୍ରସ୍ତାବ ମିଳିପାରିବ । ଯଦି ଜରୁରୀ ଜିନିଷ ଠିକ୍ ସମୟରେ ଉପଲବ୍ଧ ନହୁଏ ତେବେ ଅକ୍ଷମତା ସେଠାରେ ରହିବ ନାହିଁ । ବିନିଯୋଗ ଶୁଭ ହେବ । ଏହାର ପ୍ରଭାବ ଚାକିରିରେ ବୃଦ୍ଧି ପାଇବ । ଘରେ ଶାନ୍ତି ଏବଂ ସୁଖ ରହିବ । ଉପକୃତ ହେବ ।



**ସିଂହ:** ଯୋଜନା ଫଳପ୍ରଦ ହେବ । କଠିନ ପରିଶ୍ରମ ସଫଳ ହେବ। ଲାଭ ସୁଯୋଗ ଆସିବ । ସମ୍ମାନ ପାଇବେ। ବ୍ୟବସାୟ ଇଚ୍ଛାକୃତ ଲାଭ ପ୍ରଦାନ କରିବ । ଭାଗ୍ୟ ଆପଣଙ୍କୁ ସମର୍ଥନ କରିବ। ବରିଷ୍ଠ ବ୍ୟକ୍ତିମାନେ ମାର୍ଗଦର୍ଶନ ପାଇବେ।



**କନ୍ୟା:** ଆଧ୍ୟାତ୍ମିକତା ପାଇଁ ଆଗ୍ରହୀ ହେବ । କୌଣସି ଧାର୍ମିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବାର ସୁଯୋଗ ଆସିବ । ସୁଖ ଏବଂ ଶାନ୍ତି ରହିବ । ବ୍ୟବସାୟ ସୁରୁଖୁରୁରେ ଚାଲିବ। ସାଙ୍ଗମାନଙ୍କ ସହଯୋଗ ଲାଭ ବୃଦ୍ଧି କରିବ । ବିଚାରାଧୀନ କାର୍ଯ୍ୟ ସମାପ୍ତ ହେବ। ବିପଦ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ ।



**ତୁଳା:** ପୁରୁଣା ସହକର୍ମୀ ଏବଂ ସମ୍ପର୍କୀୟଙ୍କୁ ଭେଟିବା ଆନନ୍ଦଦାୟକ ହେବ । ଭଲ ଖବର ଗ୍ରହଣ କରାଯିବ । ଏକ ନୂତନ ଉଦ୍ୟମ ଆରମ୍ଭ କରିବାକୁ ଚିନ୍ତା କରିପାରନ୍ତି। ବ୍ୟବସାୟ ଲାଭଦାୟକ ହେବ । ବିପଦ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ ।



**ବିଛା:** ସାମାଜିକ ପ୍ରତିଷ୍ଠା ବୃଦ୍ଧି ପାଇବ । ଘର ବାହାରେ ପଚରାଉଚରା କରାଯିବ। ବ୍ୟବସାୟ ଅନୁକୂଳ ଲାଭ ଦେବ । ଟଙ୍କା ମିଳିବା ସହଜ ହେବ । ଲାଭ ସୁଯୋଗ ଆସିବ । ଚାକିରିରେ ଠିକ୍ ସମୟରେ ପ୍ରଶଂସା ପାଇବେ । ସମୟ ସୁସଙ୍ଗତତାର ସୁଯୋଗ ନିଅନ୍ତୁ। ପାରିବାରିକ ଚିନ୍ତା ହ୍ରାସ ପାଇବ ।



**ଧନୁ:** ବୁଡିଯାଇଥିବା ଟଙ୍କା ଗ୍ରହଣ କରାଯାଇପାରେ । ଯାତ୍ରା ଅନୁକୂଳ ହେବ । ନୂତନ କାର୍ଯ୍ୟଗୁଡ଼ିକ ଆସିବ । ବ୍ୟବସାୟ ଅଭିବୃଦ୍ଧିରେ ଖୁସି ହେବେ । ସମୟ ସୁସଙ୍ଗତତାର ଲାଭ ନିଅ । ଅଧସ୍ତନମାନଙ୍କ ସହଯୋଗ ମିଳିବ । ଲାଭ ସୁଯୋଗ ଆସିବ । ଅଜ୍ଞାତ ଭୟ ରହିବ । ପାରିବାରିକ ସହଯୋଗରେ ଖୁସି ହେବେ। ତତ୍ପରତା ନାହିଁ ।



**ମକର:** ନୂତନ ପୋଷାକ ପାଇଁ ଖର୍ଚ୍ଚ ହେବ । ଆପଣ ପରୀକ୍ଷା ଏବଂ ସାକ୍ଷାତକାର ଇତ୍ୟାଦିରେ ସଫଳତା ପାଇବେ । ଯାତ୍ରା ଅନୁକୂଳ ଲାଭ ଦେବ । ନୂତନ ଚାକିରି ମିଳିପାରିବ। ସେଠାରେ ସୁଖ ଏବଂ ଉତ୍ସାହର ପରିବେଶ ରହିବ । ବ୍ୟବସାୟ ଲାଭଦାୟକ ହେବ । ବିନିଯୋଗ ଏବଂ ଚାକିରି ଅନୁକୂଳ ଲାଭ ଦେବ । ଶୀଘ୍ର କୌଣସି ନିଷ୍ପତ୍ତି ନିଅନ୍ତୁ ନାହିଁ । ଉପହାସରୁ ଦୂରେଇ ରୁହନ୍ତୁ।



**କୁମ୍ଭ:** ଯାନ, ଯନ୍ତ୍ରପାତି ଏବଂ ଅଗ୍ନି ଇତ୍ୟାଦି ବ୍ୟବହାରରେ ସତର୍କତା ବ୍ୟବହାର କରନ୍ତୁ । ବକ୍ତବ୍ୟରେ ହାଲୁକା ଶବ୍ଦ ବ୍ୟବହାର କରିବା ଠାରୁ ଦୂରେଇ ରୁହନ୍ତୁ । କୌଣସି ବ୍ୟକ୍ତିଙ୍କ ଉତ୍ତେଜନାରେ ଆସନ୍ତୁ ନାହିଁ । ବ୍ୟବସାୟରୁ ଲାଭବାନ ହେବ। ବିନିଯୋଗରେ ତତ୍ପର ହୁଅନ୍ତୁ ନାହିଁ । ଆୟ ରହିବ । ଥକ୍କା ଏବଂ ଦୁର୍ବଳତା ହୋଇପାରେ । ଅଜ୍ଞାତ ଭୟ ରହିବ। ଅପ୍ରତ୍ୟାଶିତ ଘଟଣାର ସମ୍ଭାବନା ରହିବ ।



**ମୀନ:** କାର୍ଯ୍ୟରେ ମନ ରହିବ ନାହିଁ । ବ୍ୟବସାୟ ଲାଭଦାୟକ ହେବ । ଆୟରେ ନିଶ୍ଚିତତା ରହିବ । ପରିବାରରେ ଶାନ୍ତି ରହିବ। ଇଚ୍ଛାଶକ୍ତି ବୃଦ୍ଧି ପାଇବ। ଶତ୍ରୁମାନଙ୍କଠାରୁ ସତର୍କତା ଆବଶ୍ୟକ । ସ୍ୱାସ୍ଥ୍ୟ ଦୁର୍ବଳ ରହିବ । କୌଣସି ନିଷ୍ପତ୍ତି ନେବାକୁ ତତ୍ପର ହୁଅନ୍ତୁ ନାହିଁ। ବକ୍ତବ୍ୟର ନିୟନ୍ତ୍ରଣ ନିଅନ୍ତୁ ।



ଗୁରୁଜୀଙ୍କ ମତ
ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ବ୍ରଜରାଜନଗର(ଭାସ୍କର ନ୍ୟୁଜ୍): ଓଁ ଶ୍ରୀ ଶିରିଡ଼ି ସାଇ ଟ୍ରଷ୍ଟ ପକ୍ଷରୁ ଶିରିଡି ସାଇ ବାବାଙ୍କ ୧୩ତମ ପାଲିଙ୍କି ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସକାଳୁ ଶିରଡି ସାଇ ବାବାଙ୍କ ଫଟୋ ଚିତ୍ରକୁ ମହାଭିଷେକ କରାଯିବା ପରେ ନୈବେଦ୍ୟ ପ୍ରଦାନ, କାକଡ଼ ଆରତି ଓ ପୂଜାର୍ଚ୍ଚନା କରାଯାଇଥିଲା। ଓପିଏମ କଲୋନୀ ଜିଏସ ଲାଇନରୁ ଶ୍ରଦ୍ଧାଳୁମାନେ ସାଇବାବାଙ୍କ ପାଲିଙ୍କି କାନ୍ଧେଇ ଗୋପବନ୍ଧୁ ଛକରୁ ବାହାରି ତେଲେନପାଲି, ରେମଜା, ମଣ୍ଡଳିଆ, କାଳୀ ନଗର, ବୁଢ଼ୀଜାମ ପହଞ୍ଚିଥିବା ପରେ ସେଠାରେ ମଧ୍ୟାହ୍ନ ଆଳତି କରାଯାଇଥିଲା। ଅପରାହ୍ନରେ ପାଲିଙ୍କି ଯାତ୍ରା ଲମଟିବାହାଲ, ଠାକୁରପଡା ପହଞ୍ଚିବା ପରେ ସେଠାରେ ସନ୍ଧ୍ୟା ଆଳତି କରାଯାଇଥିଲା। ତାପରେ ପାଲିଙ୍କି ଯାତ୍ରା ବ୍ରଜରାଜନଗର ମୁଖ୍ୟ ସହର ପରିକ୍ରମା କରିବା ପରେ ସାଇବାବାଙ୍କ ଶେଜ ଆଳତି କରାଯାଇ ପାଲିଙ୍କି ଯାତ୍ରା ସମାପନ ହୋଇଥିଲା। ଗୋପାଳ ନାୟକ, ଅନିଲ ଦାଶ, ରବି ନାୟାର, ମେଘୁ ବାଗ, ଜୟନ୍ତ ଦୀକ୍ଷିତ କ୍ଷୀରୋଦ ରାଉତ, ଶଶାଙ୍କ ଦୀକ୍ଷିତ, ଦିଲ୍ଲୀପ କାରିଗର, ପପୁ ନନ୍ଦ, ସୁଶାନ୍ତ ବେହେରା, ଧିରଜ ଠାକୁର, ମନୋଜ ସାହୁ, ଅଶିତ ପଣ୍ଡା, ଲିଲା ନାୟର, ସଞ୍ଜୁ ବାଗ, ଅନିତା ସାହୁ, ମେନେକା ନାୟକ, ଝରଣା ଦାଶ, ରାଜୁ ପଥରିଆ, ଧନଞ୍ଜୟ ଦାଶ, ଅଶୋକ ଚୌଧୁରୀ ପ୍ରମୁଖ ଆଜିର ପାଲିଙ୍କି ଯାତ୍ରା ପରିଚାଳନାରେ ସହଯୋଗ କରିଥିଲେ।

# ଦୁର୍ଘଟଣାରେ ମୃତ ଜେସିବି ଅପରେଟରଙ୍କ ପରିବାରକୁ ସହାୟତା



ଉମରକୋଟ (ଭାସ୍କର ନ୍ୟୁଜ୍): ଦୁର୍ଘଟଣାରେ ପ୍ରାଣ ହରେଇବା ପରେ ଉଜୁଡ଼ିଯାଇଛି ଜେସିବି ଅପରେଟର ଶ୍ୟାମ କଲାରଙ୍କ ସଂସାର। ଏଭଳି ଦୁର୍ଦ୍ଦିନରେ ସାହାଯ୍ୟର ହାତ ବଢ଼େଇଛି ଜେସିବି ଚାଳକ ସଂଘ । ସୂଚନା ଅନୁଯାୟୀ ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ବୋକଦା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ନୂଆଗୁଡ଼ା ଗ୍ରାମର ଗୌରା କଲାରଙ୍କ ୨୮ ବର୍ଷୀୟ ପୁଅ ଶ୍ୟାମ କଲାର କୌଣସି କାମ ପାଇଁ ବାଇକ ଯୋଗେ ପଡ଼ୋଶୀ ଛତିଶଗଡ ରାଜ୍ୟର କୋଣ୍ଡାଗାଁକୁ ଯାଇଥିଲେ, କୋଣ୍ଡାଗାଁରୁ ଘରକୁ ଫେରିବା ବେଳେ ଦୁର୍ଭାଗ୍ୟବଶତଃ ଅଧା ବାଟରେ ତାଙ୍କର ଦୁର୍ଘଟଣା ଘଟି ମୃତ୍ୟୁ ହୋଇଥିଲା । ଶ୍ୟାମର ମୃତ୍ୟୁକୁ ଆଜି ଦଶଦିନ। ତେଣୁ ଆଜି ତାଙ୍କର ଦଶାହ କାର୍ଯ୍ୟ ସମ୍ପନ୍ନ ହୋଇଛି। ଶ୍ୟାମ ଜଣେ ଜେସିବି ଅପରେଟର ହୋଇଥିବା ଯୋଗୁଁ ଅବିଭକ୍ତ କୋରାପୁଟ ଜିଲ୍ଲା ଜେସିବି ଅପରେଟର ମହାସଂଘ ନବରଙ୍ଗପୁର ଶାଖାର ଅପରେଟର ସଂଘ ମୃତ ଶ୍ୟାମର ଦଶାହ କାର୍ଯ୍ୟରେ ଯୋଗଦାନ କରି କିଛି ଅର୍ଥ ରାଶି ସହାୟତା ପ୍ରଦାନ କରିବା ସହ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ଶାନ୍ତ୍ୱନା ଦେଇଥିବା ଦେଖିବାକୁ ମିଳିଛି। ସୂଚନାଯୋଗ୍ୟଯେ ନବରଙ୍ଗପୁର ଶାଖା ଜେସିବି ଅପରେଟର ସଂଘ ସମ୍ପାଦକ ସମସ୍ତ ବାଇକ ତଥା ଡ୍ରାଇଭର ମାନଙ୍କୁ ଦ୍ରୁତଗତିରେ ଗାଡ଼ି ଚାଳନା ନ କରିବାକୁ ବାର୍ତ୍ତା ଦେଇଥିବା ସୂଚନା ରହିଛି ।

# ପ୍ରସିଦ୍ଧ ମଣ୍ଡେଇ ଯାତ୍ରାରେ ୭ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ



କୋଷାଗୁମୁଡା(ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ବ୍ଲକ ଅନ୍ତର୍ଗତ କୋଟାଗାଁ, ତାରାଗାଁ ଗ୍ରାମରେ ଆଦିବାସୀଙ୍କ ପ୍ରସିଦ୍ଧ ବାର୍ଷିକ ମଣ୍ଡେଇ ଯାତ୍ରା ମଙ୍ଗଳବାର ଦିନ ଠାରୁ ଆରମ୍ଭ ହୋଇଛି । ଏହି ପୁଷୋମଣ୍ଡେଇରେ ଶ୍ରଦ୍ଧାଳୁ ଙ୍କ ଭିଡ ପ୍ରାୟ ୫ହଜାରରୁ ଊର୍ଦ୍ଧ୍ୱ ଥିବା ନଜରକୁ ଆସିଛି । ପ୍ରସିଦ୍ଧ ଦେ଼ବତା ବୀର ଚଉଁରିଆଙ୍କ ଏହି ମଣ୍ଡେଇ ଯାତ୍ରା ପ୍ରାୟ ୨୦୦ବର୍ଷରୁ ଅଧିକ ବର୍ଷରୁ ଆଦିବାସୀ ପରମ୍ପରା ଅନୁଯାୟୀ ପୂଜାର୍ଚ୍ଚନା ଚାଲିଆସିଛି । ଏହି ମଣ୍ଡେଇ ଯାତ୍ରା ବର୍ଷକୁ ଥରେ ଏବଂ ଦୁଇଦିନ ଧରି ବହୁ ସାଜସଜ୍ଜା, ଲୋକନୃତ୍ୟ, ରଙ୍ଗୀନ ଆଲୋକ, ତୋରଣରେ ସଜ୍ଜିତ କରି ନିଜର ବନ୍ଧୁ ବାନ୍ଧବ ମାନକୁ ନିମନ୍ତ୍ରଣ କରି ନିଜ ଗ୍ରାମ ଦେବାଦେବୀଙ୍କ ପୀଠରେ ଅନୁଷ୍ଠିତ ହୋଇଥାଏ । ଚଳିତ ବର୍ଷ ଜାନୁଆରୀ ୨ୟ ମଙ୍ଗଳବାର ୧୪ ତାରିଖରେ ମଣ୍ଡେଇ ଯାତ୍ରା ଅନୁଷ୍ଠିତ ପାଇଁ ପୂର୍ବରୁ କମିଟି ପକ୍ଷରୁ ତିଥି ଓ ସମୟ, ଦିନ ସ୍ଥିର ହୋଇଥିଲା। ପ୍ରଥମେ ଆଟିଗାଁ,ତାରାଗାଁ ଓ ଆଖପାଖ ଗ୍ରାମରୁ ଶତାଧିକ ଦେଓ ଲାଠି, କୁର୍ଚି , ପାଲିଙ୍କି ଆସି ଗୋଟିଏ ଜାଗାରେ ରୁଣ୍ଡ ହୋଇଥିଲେ । ତାପରେ ଗ୍ରାମର ମୁଖ୍ୟ ଦେବତାଙ୍କ ଆଜ୍ଞାମାଳ ଆସିବା ପରେ ଗ୍ରାମର ସମସ୍ତ ଦେବତାଙ୍କୁ ପୂଜାର୍ଚ୍ଚନା କରାଯିବା ପରେ ସମସ୍ତ ଲାଠି, କୁର୍ଚି ଓ ପାଲିଙ୍କି ଗ୍ରାମ ପରିକ୍ରମା କରିଥିଲେ । ଏଥିରେ ସ୍ଥାନୀୟ ମୁଖ୍ୟ ଦେବା ଦେବୀ ମନ୍ଦିର ପୂଜାରି , ଶିରା , ଚଲାଣ , ଗାଣ୍ଡା ପ୍ରମୁଖ ଉପସ୍ଥିତ ରହି ଆଦିବାସୀଙ୍କ ପରମ୍ପରା ଅନୁଯାୟୀ ଦେବାଦେବୀଙ୍କ ପୂଜାପାଠ କରିଥିଲେ । ବିଶ୍ୱାସ କରାଯାଏ କି ଗ୍ରାମର ଦେବାଦେବୀଙ୍କୁ ପୂଜାପାଠ କରି ସନ୍ତୁଷ୍ଟ କଲେ ଅଞ୍ଚଳରେ ରୋଗ ବ୍ୟାଧି , ମହାମାରୀ ଆସେ ନାହିଁ ଓ ଚାଷ ବାସ, ଫସଲ ଭଲ ହୋଇଥାଏ ଓ ଗ୍ରାମର ମଙ୍ଗଳ ହେବା ସହ ପଶୁପକ୍ଷୀଙ୍କ ସ୍ୱାସ୍ଥ୍ୟ ଭଲ ରହିବ ବୋଲି ବିଶ୍ୱାସ କରି ଲୋକମାନେ ପରମ୍ପରା ଅନୁଯାୟୀ ଏହି ପାର୍ବଣକୁ ପାଳନ କରିଆସୁଛନ୍ତି । ଏହି ମଣ୍ଡେଇ ଯାତ୍ରାରେ ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ କୋଡ଼ିଙ୍ଗା ପୋଲିସ ପକ୍ଷରୁ ସମସ୍ତ ପ୍ରକାର ବନ୍ଦ ବ୍ୟବସ୍ଥା ଗ୍ରହଣ କରାଯାଇଛି ।

# ଖଲିଆକାନୀ ମକର ଯାତ୍ରା ପାଳିତ



ବ୍ରଜରାଜନଗର(ଭାସ୍କର ନ୍ୟୁଜ୍): ଗତ ମଙ୍ଗଳବାର ରାଧାକୃଷ୍ଣ ଉନ୍ନୟନ ପରିଷଦ ତରଫରୁ ଆୟୋଜିତ ୬୫ତମ ଖଲିଆକାନୀ ମକର ଯାତ୍ରା ମହୋତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ପୂର୍ବାହ୍ନରେ ହରି ଓ ହରଙ୍କୁ ପୂଜାର୍ଚ୍ଚନା ଓ ପହଣ୍ଡି କରାଯାଇ ରଥ ଟଣାଯାଇଥିଲା। ଅପରାହ୍ନରେ ରଥ ମକର ପଡ଼ିଆରେ ପହଁଚିବା ପରେ ହରି ଓ ହରଙ୍କର ମିଳନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହାପରେ ମକର ଲଡୁ ବଣ୍ଟନ କରାଯାଇଥିଲା। ଏହି ଅବସରରେ ମକର ପଡ଼ିଆରେ ଏକ ସଭା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରାଧାକୃଷ୍ଣ ଉନ୍ନୟନ ପରିଷଦ ସଭାପତି କ୍ଷୀରୋଦ ପ୍ରଧାନ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପୂର୍ବତନ ବିଧାୟିକା ଅଲକା ମହାନ୍ତି ମୁଖ୍ୟ ଅତିଥି, ଶିକ୍ଷାବିତ ପ୍ରଶାନ୍ତ ପାଢୀଯୋଶୀ, ବିଶ୍ୱନାଥ ନାୟକ, ମହେନ୍ଦ୍ର ନାଏକ ସମ୍ମାନୀତ ଅତିଥି, ତପନ ବାରିକ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ରାଧାକାନ୍ତ ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ସାମ୍ବାଦିକ ରିତେଶ ଶର୍ମା, ଡାକ୍ତର ଦୀପ୍ତି ନାଏକ, ସ୍ୱର୍ଗତ ଝାରୁ ପ୍ରଧାନଙ୍କ ଉଦ୍ଦେଶ୍ୟରେ ତାଙ୍କ ପତ୍ନୀଙ୍କୁ ସମ୍ମାନିତ କରାଯାଇଥିଲା। ଶେଷରେ ପବିତ୍ର ବିଶି ଧନ୍ୟବାଦ ଦେଇଥିଲେ। ଏହାପରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# କବିତା ପୁସ୍ତକ 'ଭାବ ସ୍ପନ୍ଦନ' ଉନ୍ମୋଚିତ



ରାଇଘର (ଭାସ୍କର ନ୍ୟୁଜ୍): ଦାସିଆ ସଂସ୍କୃତି ପରିଷଦର ରାଜ୍ୟସ୍ତରୀୟ ରୌପ୍ୟ ଜୟନ୍ତୀ ଏସଏସ୍ ଇଣ୍ଟରନ୍ୟାସନାଲ ହୋଟେଲରେ ହୋଇଯାଇଛି । ଉକ୍ତ ସାରସ୍ୱତ ସମାରୋହରେ ସ୍ୱାଗତିକା ସାହୁଙ୍କ ପ୍ରଥମ କବିତା ସଂକଳନ ' ଭାବ ସ୍ପନ୍ଦନ' ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ କରକମଳରେ ଉନ୍ମୋଚିତ ହୋଇଯାଇଛି । ସ୍ୱାଗତିକା ସାହୁ ଜଣେ ଆଦର୍ଶ ଶିକ୍ଷୟିତ୍ରୀ ସହ ସାହିତ୍ୟ ଜଗତର ଜଣେ ସୁସାହିତ୍ୟିକା , କଳାକାର, ଗାଳ୍ପିକା, ସୁବକ୍ତା, କାବ୍ୟ ସାହିତ୍ୟର ଜଣେ ଚର୍ଚ୍ଚିତ ଚେହେରା । ସତ୍ୟସାଇ ସେବା ସଂଗଠନର ଜଣେ ସମର୍ପିତା ରାଜ୍ୟସ୍ତରୀୟ ସଭ୍ୟା । ତାଙ୍କର ପ୍ରଥମ ମାନସ ସନ୍ତାନ ଭାବ ସ୍ପନ୍ଦନକୁ ଉତ୍ସର୍ଗୀକୃତ କରିଛନ୍ତି ପ୍ରଭୁ ସତ୍ୟ ସାଇଙ୍କ ଚରଣରେ। ଉକ୍ତ କଳେବରଟି ୧୨୦ ପୃଷ୍ଠା ବିଶିଷ୍ଟ ଓ ୫୧ ଟି କବିତା ସ୍ଥାନିତ ହୋଇଛି । କବି ତାଙ୍କ ସାହିତ୍ୟ ଜୀବନର ଅନୁଭୂତି, ଅଭିଜ୍ଞତା କିଛି ଖଟା, ମିଠା ସ୍ମୃତିକୁ ସାଇତି ସୃଷ୍ଟି କରିଛନ୍ତି ପ୍ରଥମ ମାନସ କନ୍ୟା 'ଭାବ ସ୍ପନ୍ଦନ' ମଧ୍ୟରେ। କବିତା ଗୁଡ଼ିକୁ ଲେଖିବା ନିମନ୍ତେ ଉତ୍ସାହର ଦୀପ ଜାଳିଥିଲେ ତାଙ୍କ, ମାଁ, ବାପା,ଭାଇ ସୁବ୍ରତ କୁମାର ସାହୁ। ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ସାଧନା, ଅବଦାନର ଉତ୍ସ,ପ୍ରତିଟି କବିତାର ପ୍ରଥମ ପାଠକ,ସମାଲୋଚକ, ପଥପ୍ରଦର୍ଶକ ସ୍ୱାମୀ ଶ୍ରୀ ଶଙ୍କର କୁମାର ନାଲା, ଇଂରାଜୀ ଅଧ୍ୟାପକ , ଝରିଗାଁ ମହାବିଦ୍ୟାଳୟ । କବୀୟତ୍ରୀ ସ୍ୱାଗତିକା ସାହୁଙ୍କ ସୃଷ୍ଟି ଗୁଡ଼ିକ କେବଳ ଶବ୍ଦର ଗନ୍ତାଘର ନୁହେଁ ବରଂ ଭାବ ଓ ବାସ୍ତବତାର ମଧୁର ସମନ୍ୱୟ । ' ଛ ' ଆଣିଆ କଲମଗାରରେ ଲେଖିଛନ୍ତି ଅଜସ୍ର କବିତା,ଗଳ୍ପ,ପ୍ରବନ୍ଧ, ସେଥି ପାଇଁ ସେ ରାଜ୍ୟରେ ବିଭିନ୍ନ ପ୍ରାନ୍ତରୁ ଅନେକ ରାଜ୍ୟସ୍ତରୀୟ ସମ୍ମାନରେ ସମ୍ମାନିତ ହୋଇଛନ୍ତି । ସେହି ଭାବ ସ୍ପନ୍ଦନରେ ସ୍ପନ୍ଦାୟିତ ହୋଇଛି ଉକ୍ତ ଭଗବାନଙ୍କ ଭାବ ବନ୍ଧନ,ମାଆ ମାତୃଭୂମିର ପୀରତି କୂଜନ, ମହାପୁରୁଷଙ୍କ ଜୀବନୀ, ଭାଇ ଭଉଣୀଙ୍କ ଅତୁଟ ବନ୍ଧନ, ଚିର ଶାଶ୍ୱତ ପ୍ରେମର ଗୁଞ୍ଜନ,ପ୍ରକୃତି ରାଣୀର ଅପରୂପା ସୁଷମା । ଯାହା ପ୍ରତ୍ୟେକଙ୍କ ହୃଦୟକୁ ଛୁଇଁ ସମାଜ ଓ ରାଷ୍ଟ୍ରର ଉନ୍ନତି ନିମନ୍ତେ ସହାୟର ମାଧ୍ୟମ ହୋଇପାରିବ । ଉକ୍ତ ଉନ୍ମୋଚନ ପାର୍ବଣରେ ସାମିଲ ହୋଇ ଥିଲେ, ଦାସିଆ ସାଂସ୍କୃତିକ ପରିଷଦର ସଭାପତି ଗୁଟୁ ବାବୁ ପଟ୍ଟନାୟକ,ଓଡ଼ିଶା ସାହିତ୍ୟ ଏକାଡେମୀର ପ୍ରାକ୍ତନ ସଦସ୍ୟ ବଲ୍ଲଭ ରାଉତ, ଏମ୍ ହିମାଂଶୁ ଆଚାରୀ, ପ୍ରଦୀପ ଦାସ,ଲକ୍ଷ୍ମୀକାନ୍ତ ବାହିନୀପତି, ପ୍ରଫୁଲ୍ଲ ରାଉତ, ଗୋପାଳ ମହାରଣା, ପରୀକ୍ଷିତ ସାହୁ, ଶ୍ରୀନିବାସ ପଟ୍ଟନାୟକ ଭଳି ସମ୍ମାନିତ ଅତିଥି । ତତ୍ ସଙ୍ଗେ ସଙ୍ଗେ ରାଜ୍ୟର କୋଣାନ କୋଣରୁ ଅନେକ କବି ପ୍ରତିଭା ସାମିଲ ଥିଲେ। କବି ନିଜ ମାନସ ସନ୍ତାନ ଭାବ ସ୍ପନ୍ଦନକୁ ସମର୍ପ ଦେଇ ସମସ୍ତଙ୍କ, ଶୁଭେଚ୍ଛା, ସଦିଚ୍ଛା,ସହ ପୁସ୍ତକଟି ବହୁଳ ମାତ୍ରାରେ ପାଠକୀୟ ଆଦୃତ ପାଉ କାମନା କରିଥିଲେ ।

# 'ଛି ଛି ଛିରେ ନନୀ ଛି' ଗୀତଗାଇ ଭାଇରାଲ ହେଲେ ବିଧାୟକ



ମାଲକାନଗିରି (ଭାସ୍କର ନ୍ୟୁଜ୍): କୋରାପୁଟ ଜିଲ୍ଲା ଜୟପୁରର ଦେଶିଆ ଗୀତ ସମ୍ରାଟ ବରିଷ୍ଠ ଓକିଲ ତଥା କଣ୍ଠଶିଳ୍ପୀ ସ୍ୱର୍ଗତ ସତ୍ୟ ଅଧିକାରୀ ଗତ ୨୯ ବର୍ଷ ତଳେ ଦେଶିଆଗୀତ ଛି ଛି ଛି'ରେ ନନୀ ଗାଇଥିଲେ। ଗତ କିଛିଦିନ ହେଲା ଟପ୍ ଟ୍ରେଣ୍ଡରେ ଅଛି ଏହି ଗୀତ। ଚାରିଆଡେ ଲୋକପ୍ରିୟ ହେଉଥିବା କୋରାପୁଟିଆ ପୁରୁଣା ଛି ଛି ଛିରେ ନନୀ ଛି ଗୀତକୁ ଗାଇ ନିଜେ ଭାଇରାଲ ହୋଇଛନ୍ତି ଏବେ ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ। ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀର ବିଧାୟକ ମଙ୍ଗୁ ଖିଲ ଏହି ଗୀତକୁ ବେଶ୍ ପ୍ରଶଂସା କରିଥିବାବେଳେ ଗୀତର କିଛି ପଦ ଗାଇ ଏହାକୁ ବେଶ ଉପଭୋଗ କରିଛନ୍ତି। ତେବେ ତାଙ୍କର ଏହି ଗୀତ ଗାଇବା ଭିଡିଓକୁ ମଧ୍ୟ ଲୋକେ ବେଶ ପସନ୍ଦ କରୁଥିବା ବେଳେ ଏହି ଭିଡିଓ ବେଶ ଭାଇରାଲ ହୋଇଛି। ପ୍ରାୟ ୨୯ ବର୍ଷ ପୂର୍ବର ପୁରୁଣା ଏହି ଗୀତ ବର୍ତ୍ତମାନ ଲୋକଙ୍କୁ ପୁଣି ଆକୃଷ୍ଟ କରିଥିବାବେଳେ ମାଲକାନଗିରି ଜିଲ୍ଲାର ଯୁବ ପିଢୀ ଓ ଆବାଳ ବୃଦ୍ଧ ବନିତା ଏହି ଗୀତକୁ ନେଇ ସାମାଜିକ ଗଣମାଧ୍ୟମରେ ବିଭିନ୍ନ ପ୍ରକାରର ରିଲ୍ସ କରୁଥିବା ମଧ୍ୟ ଦେଖିବାକୁ ମିଳିଛି। ଏହା କୋରାପୁଟିଆ ଭାଷାର ବହୁଳ ପ୍ରଚାର ପ୍ରସାର କରୁଥିବା ମଧ୍ୟ ବିଧାୟକ ଶ୍ରୀ ଖିଲ ପ୍ରକାଶ କରିଛନ୍ତି।

# ଜିଲ୍ଲାସ୍ତରୀୟ ମକର ସଂକ୍ରାନ୍ତି ଉତ୍ସବ ପାଳିତ



ଖଡ଼ିଆଳ(ଭାସ୍କର ନ୍ୟୁଜ୍):ନୂଆପଡା ଜିଲ୍ଲା ଖଡ଼ିଆଳ ରାଜା ଅର୍ତ୍ତତ୍ରାଣ ଉଚ୍ଚ ବିଦ୍ୟାଳୟ ଠାରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଜିଲ୍ଲାସ୍ତରୀୟ ମକର ସଂକ୍ରାନ୍ତି ଉତ୍ସବ ପାଳିତ ହୋଇ ଯାଇଛି। ଏହି ଅବସରରେ ଏକ ଶୋଭାଯାତ୍ରା ଖଡ଼ିଆଳ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଗଡ୍ରାମୁଣ୍ଡା ଠାରୁ ବାହାରି ଖଡ଼ିଆଳ ସହର ପରିକ୍ରମା କରିଥିଲା। ଏଥିରେ ଜିଲ୍ଲାର ପାଞ୍ଚ ଗୋଟି ବ୍ଲକର ଶତାଧିକ ସ୍ୱୟଂ ସେବକ ଏକତ୍ରିତ ହୋଇ ଶୋଭାଯାତ୍ରାରେ ଭାଗ ନେଇଥିଲେ । ସହରର ବିଭିନ୍ନ ସ୍ଥାନରେ ଶୋଭାଯାତ୍ରାକୁ ଭବ୍ୟ ସ୍ୱାଗତ କରଯାଇଥିଲା । ଆୟୋଜିତ ସଭାରେ ସଭାପତି ଭାବରେ ଜିଲ୍ଲା ସଂଘ ଚାଳକ ଉଦୟ ସିଂ ମାଝୀ, ମୁଖ୍ୟ ଅତିଥି ଭାବରେ ଖଡ଼ିଆଳ ସ୍ୱୟଂ ଶାସିତ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡ ତରୁଣ ପ୍ରଧାନ, ମୁଖ୍ୟବକ୍ତା ଭାବରେ ଓଡିଶା ପଶ୍ଚିମ ପ୍ରାନ୍ତ ପ୍ରଚାରକ ଶଙ୍କର ପଣ୍ଡା ମଞ୍ଚାସୀନ ଥିବାବେଳେ ନୂଆପଡା ଜିଲ୍ଲା କାର୍ଯ୍ୟବାହକ ଜୟଶ୍ବର ବନଗୋଲା ମଞ୍ଚ ପରିଚାଳନା କରିଥିଲେ । ପୁଷ୍ତମ ସୁନାନୀ, ବିନୋଦ ଆଗ୍ରଓ୍ୱାଲ, ଦିଲୀପ ତ୍ରିବେଦି, କାକିଆ କୃଷ୍ଣବାଗ, ଗରୁଡ଼େଶ୍ୱର ଗହୀର, ସଜ୍ଜନ ଅଗ୍ରଓ୍ୱାଲ, ରତ୍ନାକର ସାହୁ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ । କାର୍ଯ୍ୟକ୍ରମ ଶେଷରେ ରାଶି ଲଡୁ ବଣ୍ଟନ କରାଯାଇଥିଲା ।

# କୀଟନାଶକ ମଶାରୀ ବଣ୍ଟନର ଶୁଭାରମ୍ଭ



ଲକ୍ଷ୍ମୀପୁର (ଭାସ୍କର ନ୍ୟୁଜ୍): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକରେ ମେଲେରିଆର ମୂଳଉତ୍ପାଟନ କରିବା ଲକ୍ଷ୍ୟରେ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ତରଫରୁ ଅଭିଯାନ ଆରମ୍ଭ ହେଇଯାଇଛି। ବ୍ଲକରେ ପ୍ରତ୍ୟେକ ବର୍ଷ ଶତାଧିକ ଲୋକ ମେଲେରିଆ ରୋଗରେ ମୃତ୍ୟୁବରଣ କରୁଥିବାକୁ ନେଇ ଜିଲ୍ଲା ସ୍ୱାସ୍ଥ୍ୟବିଭାଗ ଆଗେଇ ଆସିଛି। ଏନେଇ ଆଜି ପ୍ରଥମ କରି ଲକ୍ଷ୍ମୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ମେଲେରିଆ ଅଭିଯାନ ଆରମ୍ଭ ହୋଇଥିବା ବେଳେ ବୁର୍ଜା ପଞ୍ଚାୟତର ମାତାଳମ୍ବା ଗ୍ରାମ ଠାରେ ଏହାର ଶୁଭ ଉଦ୍‌ଘାଟନ ହେଇଯାଇଛି। ବିପିଏମଓ ସନ୍ତୋଷିନୀ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ପବିତ୍ର ସାଉନ୍ତା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଗ୍ରାମର ୪୮ ଜଣ ପରିବାରର ୧୦୫ ଜଣଙ୍କୁ ଔଷଧୀୟ ମଶାରୀ ବଣ୍ଟନ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଲକ୍ଷ୍ମୀପୁର ପଞ୍ଚାୟତ ସମିତି ଅଧ୍ୟକ୍ଷା ଶୁଆଇ କୁଲେସିକା,ବିଡ଼ିଓ ଗୁରେଶ୍ୱର ଭୋଇ,ବୁର୍ଜା ସରପଞ୍ଚ ଜୋଲି ମିଣିଆକା,ଲକ୍ଷ୍ମୀପୁର ସରପଞ୍ଚ ଶ୍ୟାମ ସୁନ୍ଦର ତାଡିଙ୍ଗି ଜିଲ୍ଲାପରିଷଦ ସଭ୍ୟା ପିଙ୍କି ହିମେରିକା,ଡ.ଦୀପ୍ତି ରଞ୍ଜନ ପ୍ରଧାନ, ଡ.ସାର୍ଥକ ରାଉତ,ଅତିରିକ୍ତ ତହସିଲଦାର ମାଧବ ଭତ୍ରା,ବଣିକ ସଂଘ ସଭାପତି ମନୋଜ ସାହୁ ଯୋଗ ଦେଇଥିଲେ।

# ପୂର୍ବତନ ବିଧାୟକ ଧର୍ମୁ ଗଣ୍ଡଙ୍କୁ ଶ୍ରଦ୍ଧାଞ୍ଜଳି



ଉମରକୋଟ(ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ଉମରକୋଟ ଭାଜପା କାର୍ଯ୍ୟାଳୟ ଠାରେ ପୂର୍ବତନ ବିଧାୟକ ସ୍ୱର୍ଗତ ଧର୍ମୁ ଗଣ୍ଡଙ୍କ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି । ସ୍ୱର୍ଗତ ଧର୍ମୁ ଗଣ୍ଡ ୨୦୦୪ ମସିହା ଠାରୁ ୨୦୦୯ ପର୍ଯ୍ୟନ୍ତ ଉମରକୋଟ ବିଧାନସଭା ନିର୍ବାଚନ ମଣ୍ଡଳୀର ପ୍ରଥମ ବିଜେପି ବିଧାୟକ ଥିଲେ। ଅତି ଅମାୟିକ ତାଙ୍କ ବ୍ୟକ୍ତିତ୍ୱ ।ସେ ଅତି ସରଳ ଓ ମିଷ୍ଟଭାଷୀ। ପ୍ରଥମତଃ ସେ ସ୍କୁଲ ଶିକ୍ଷକ ପରେ ଆଇନଜୀବୀ ଭାବେ କିଛି ବର୍ଷ କାର୍ଯ୍ୟକରି ପରବର୍ତ୍ତୀ ସମୟରେ ରାଜନୀତିରେ ପାଦ ଦେଇ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ରାଜନୀତି ଜୀବନରେ ତୃଣମୂଳ ସ୍ତରରୁ ଅନେକ ସଂଘର୍ଷମୟ ପରିସ୍ଥିତିରେ ସମ୍ମୁଖିନ ହୋଇ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ । ଦୁଃଖର ବିଷୟ ୨୦୧୪ ମସିହା ଜାନୁଆରୀ ୧୪ ତାରିଖ ଦିନ ତାଙ୍କ ଅକାଳ ବିୟୋଗ ଘଟିଥିଲା। ତାଙ୍କ ବିୟୋଗରେ ଏ ଅଞ୍ଚଳରେ ଭାଜପା ପରିବାର ସମ୍ପୂର୍ଣ୍ଣ ମର୍ମାହତ ହୋଇ ପଡ଼ିଥିଲେ। ଏହି ଦିନକୁ ଅଞ୍ଚଳର ଭାଜପା କର୍ମୀ କେବେମଧ୍ୟ ଭୁଲି ପାରିବେ ନାହିଁ।ଏହି ପରିପ୍ରେକ୍ଷୀରେ ଉମରକୋଟ ସ୍ଥିତ ବିଜେପି କାର୍ଯ୍ୟାଳୟ ଠାରେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ଏକ ମିନିଟ ନିରବ ପ୍ରାର୍ଥନା କରି ଅମର ଆତ୍ମାର ସଦଗତି କାମନା କରିଥିଲେ ଭାଜପା କର୍ମୀ। ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ରାଜ୍ୟ ସମ୍ପାଦକ ରମେଶ ଚନ୍ଦ୍ର ସାହୁ, ଜିଲ୍ଲା ସାଧାରଣ ସମ୍ପାଦକ ଅଶୋକ କୁମାର ପାଢୀ, ମହିଳା ଜିଲ୍ଲା ସାଧାରଣ ସମ୍ପାଦିକା ମନ୍ଦିରା ନାୟକ, ବିଧାନସଭା ସଂଯୋଜକ ସୁରେଶ ଆଚାର୍ଯ୍ୟ, ନଗର ସଭାପତି ଗୋପୀନାଥ ସାହୁ, ଜିଲ୍ଲା ଯୁବମୋର୍ଚ୍ଚା ଉପ ସଭାପତି ସତ୍ୟ ବେହେରା, ମିଲୁ ପଣ୍ଡା, ସନ୍ତୋଷ ଶର୍ମା, ଦୁକାଲୁ ମେହେର, ପ୍ରଦୀପ ମିଶ୍ର ଏଭଳି ବହୁ ବିଜେପି କାର୍ଯ୍ୟକର୍ତ୍ତା ଯୋଗ ଦେଇ ସ୍ୱର୍ଗତ ଧର୍ମୁ ଗଣ୍ଡଙ୍କ ସ୍ମୃତି ଚାରଣ କରିଥିଲେ। କିଛି ନେତୃବୃନ୍ଦ ସ୍ମୃତି ଚାରଣ କରି ଭାବବିହ୍ୱଳ ହୋଇ ପଡ଼ିଥିଲେ। ସାଧାରଣ ସଂମ୍ପାଦକ ପ୍ରଭାତ କୁମାର ନାୟକ ସ୍ମୃତି ସଭାକୁ ପରିଚାଳନା କରିଥିଲେ ।

# ରାମ ମନ୍ଦିରରେ ଶୀତବସ୍ତ୍ର ବଣ୍ଟନ



ସଇଁତଲା (ଭାସ୍କର ନ୍ୟୁଜ୍): ସଇଁତଲା ରାମ ମାନସ ମଣ୍ଡଳୀ ଆନୁକୂଲ୍ୟରେ ସ୍ଥାନୀୟ ରାମ ମନ୍ଦିର ଠାରେ ଗରିବ, ଅସହାୟଲୋକମାନଙ୍କୁ ଶୀତ ବସ୍ତ୍ର ବଣ୍ଟନ ଓ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ପୂର୍ବତନ ମନ୍ତ୍ରୀ ତଥା ରାମ ମାନସ ମଣ୍ଡଳୀର ସ୍ଥାୟୀ ସଭାପତି ସୁରେନ୍ଦ୍ର ସିଂଭୋଇ ଯୋଗଦାନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ କମିଟିର ବରିଷ୍ଠ ସଦସ୍ୟ ବଜରଙ୍ଗଲାଲ ଅଗ୍ରଓ୍ୱାଲ, ରାଜକୁମାର ଅଗ୍ରଓ୍ୱାଲ, ସଞ୍ଜୟ ଅଗ୍ରଓ୍ୱାଲ, ନନ୍ଦକିଶୋର ଅଗ୍ରଓ୍ୱାଲ, ପବନ ଅଗ୍ରଓ୍ୱାଲ, ଶ୍ରୀକିଷାନ ଅଗ୍ରଓ୍ୱାଲ, ଦୁର୍ଗେଶ ସାହୁ, ଅନୁକୂଳ ଅଗ୍ରଓ୍ୱାଲ, କପିଳ ଅଗ୍ରଓ୍ୱାଲ,ଅର୍ଜୁନ ଲାଲ ଅଗ୍ରଓ୍ୱାଲ, ଅସିତ ଜୈନ, ଭୁପେଶ ମରୋଦିଆଙ୍କ ସହ କମିଟିର ବହୁ ସଦସ୍ୟ ସାମିଲ ହୋଇ ସଂକ୍ରାନ୍ତି ଉପଲକ୍ଷେ ପ୍ରବଳ ଶୀତ ହେଉ ଥିବାରୁ ଶୀତ ବସ୍ତ୍ର ସହ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା ।

# ବାଲିମେଳା ଏନ୍‌ଏସି ଅଧ୍ୟକ୍ଷଙ୍କୁ ନେଇ ରାଜନୀତି ସରଗରମ

ମାଲକାନଗିରି (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ବାଲିମେଳା ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧ୍ୟକ୍ଷଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆସିପାରେ ବୋଲି ଚର୍ଚ୍ଚା ଜୋର୍ ଧରିଛି। ବର୍ତ୍ତମାନ ଏହି ପ୍ରସଙ୍ଗ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ସାଜିଛି । ଖବର ଅନୁଯାୟୀ ମାଲକାନଗିରି ଜିଲ୍ଲା ବାଲିମେଳା ଏନଏସିରେ ଥିବା ଅଧ୍ୟକ୍ଷଙ୍କ ବିରୋଧରେ ଆସିବାକୁ ଯାଉଛି ଅନାସ୍ଥା ପ୍ରସ୍ତାବ । ଏନେଇ କୌଣସି ସ୍ପଷ୍ଟ ତଥ୍ୟ କିମ୍ବା ପ୍ରମାଣ ମିଳିନଥିବା ବେଳେ ଏହାକୁ ନେଇ ବିଭିନ୍ନ ରାଜନୈତିକ ମହଲରେ ଚର୍ଚ୍ଚା ହେଉଥିବା ଦେଖିବାକୁ ମିଳୁଛି । ବାଲିମେଳା ଏନଏସିରେ ମୋଟ ୧୨ ଜଣ କାଉନସିଲର ରହିଥିବା ବେଳେ ସେଥିମଧ୍ୟରୁ ୮ଜଣ ବିଜେଡି ଦଳର ଏବଂ ଅନ୍ୟ ୪ ଜଣ ବିଜେପି ଦଳର। ତେବେ ବର୍ତ୍ତମାନ ପ୍ରାୟ ୮ ରୁ ୯ ଜଣ କାଉନସିଲର ଅଧ୍ୟକ୍ଷଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିପାରନ୍ତି ବୋଲି ଚର୍ଚ୍ଚା ହେଉଛି । ଏହି ଅଞ୍ଚଳରେ ଗତ କିଛି ବର୍ଷ ହେବ ଉନ୍ନୟନ କାର୍ଯ୍ୟ ଠପ୍ ହୋଇଥିବା ଯୋଗୁଁ ଏହି ଅନାସ୍ଥା ପ୍ରସ୍ତାବ ଆସିପାରେ ବୋଲି ଆଲୋଚନା ହେଉଛି। ତେବେ ଏହା ମଧ୍ୟ କୁହାଯାଉଛି ଯେ ନଗର ଅଧ୍ୟକ୍ଷଙ୍କ କିଛି ମନ୍‌ମାନି କାରଣକୁ ନେଇ ଏହି କାଉନସିଲରମାନେ କ୍ଷୋଭ ପ୍ରକାଶ କରି ଏହିପରି ଅନାସ୍ଥା ଆଣିପାରନ୍ତି। ଏସବୁକୁ ନେଇ ଯଦିଓ କୌଣସି ସଠିକ ତଥ୍ୟ ମିଳିନାହିଁ, କିମ୍ବା କେହି ଏହାକୁ ସ୍ୱଷ୍ଟୋକ୍ତି କରି ନଥିବାବେଳେ କେହି ମୁହଁ ଖୋଲିବାକୁ ନାରାଜ । ଏଇ ଗତ କିଛିଦିନ ହେବ ନିଜ ନିଜ ମଧ୍ୟରେ ଫୁସୁରୁ ଫାସର ହେଉଥିବା ଶୁଣିବାକୁ ମିଳିଛି। ତେବେ ଅନାସ୍ଥା ପ୍ରସ୍ତାବ ଆସିବ କି ନାହି ଯଦିଓ ବର୍ତ୍ତମାନ ସୁଦ୍ଧା ସ୍ପଷ୍ଟ ହୋଇନାହି, କିନ୍ତୁ ଏହି ବିଷୟକୁ ନେଇ ଅଞ୍ଚଳରେ ବହୁ ଆଲୋଚନା ଓ ରାଜନୀତି ସରଗରମ ହୋଇଥିବା ଦେଖିବାକୁ ମିଳିଛି।

# ଆୟାପା ଭକ୍ତଙ୍କ ପ୍ରସାଦ ବଣ୍ଟନ

ଉମରକୋଟ(ଭାସ୍କର ନ୍ୟୁଜ୍): ପ୍ରତି ବର୍ଷ ପରି ଚଳିତବର୍ଷ ମଧ୍ୟ ଆଜି ପବିତ୍ର ମକର ସଂକ୍ରାନ୍ତି ଅବସରରେ ଗୁଲିପାଟନ। ସାହିରେ ବସବାସ କରୁଥିବ। ଆୟପ୍ପା ଭକ୍ତଙ୍କ ଦ୍ୱାରା ଗୁଲିପାଟଣା ସାହିର ମୁଖ୍ୟ ଛକ ଠାରେ ଜନସାଧାରଣଙ୍କୁ ପ୍ରସାଦ ବଣ୍ଟନ କରିଥିଲେ। ସକାଳେ ନିରଞ୍ଜନ ସ୍ୱାମୀ ଆସି। ଆୟପ୍ପା ଫଟରେ ରୀତିନୀତି ଅନୁସାରେ ପୂଜା କରିବା ସହ ଆଳତି ପ୍ରଦାନ କରିଥିଲେ। ଦୀର୍ଘ ବର୍ଷ ହେଲାଣି ଆୟପା ଭକ୍ତ ଜୟୀ ସ୍ୱାମୀ ପ୍ରତି ବର୍ଷ ଶତାଧିକ ସଂଖ୍ୟାରେ ଲୋକଙ୍କୁ ପ୍ରସାଦ ବଣ୍ଟନ କରିଥାଆନ୍ତି। ଏହି ଅବସରରେ ନିରଂଜନ ସ୍ୱାମୀ, ଜୟ ସିଂ ପାଣ୍ଡେ , ସୁରେଶ ସ୍ୱାମୀ, ଗିରି ମାଝୀ ଗୋପାଳ ଗୌଡ଼ ,ଜଗୁ ପାଣ୍ଡେ , ରଜନି ଦାସ, ସୁରି ପାଣ୍ଡେ,ବିକାଶ ପାଣ୍ଡେ ଭକ୍ତ ମାଝୀ, ମୋହନ ଗୌଡ଼ ଓ ବିଜୟୀ ପାଣ୍ଡେ ପ୍ରମୁଖ ଉପସ୍ଥିତ ରହି ରାସ୍ତାରେ ଯିବ। ଆସିବା ଲୋକଙ୍କୁ ପ୍ରସାଦ ବଣ୍ଟନ କରିଥିଲେ।




ନୂଆଦିଲ୍ଲୀ: ମେଟା ଇଣ୍ଡିଆ ଏହାର ସିଇଓ ମାର୍କ ଜୁକରବର୍ଗ ଭାରତ ଉପରେ ଦେଇଥିବା ଟିପ୍ପଣୀ ପାଇଁ କ୍ଷମା ମାଗିଛି। ଫେସବୁକ୍ ପ୍ରତିଷ୍ଠାତା ଏବଂ ମେଟା ସିଇଓ ମାର୍କ ଜୁକରବର୍ଗ ଜୋ ରୋଗାନଙ୍କ ପୋଡକାଷ୍ଟରେ ଭାରତ ବିଷୟରେ କିଛି ଭୁଲ ସୂଚନା ଦେଇଥିଲେ। ଯାହାକୁ ନେଇ ଏକ ସଂସଦୀୟ କମିଟି ମେଟାକୁ ସମନ କରିବ ବୋଲି କୁହାଯାଇଥିଲା। ହେଲେ ଭାରତ ଉପରେ ମାର୍କ ଜୁକରବର୍ଗଙ୍କ ମନ୍ତବ୍ୟ ପାଇଁ କ୍ଷମା ପ୍ରାର୍ଥନା କରଯାଇଛି। ଏହି ସୂଚନା ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଆଇଟି ଏବଂ ଯୋଗାଯୋଗ ବ୍ୟାପାର ସଂସଦୀୟ କମିଟିର ଅଧ୍ୟକ୍ଷ ନିଶିକାନ୍ତ ଦୁବେ ଦେଇଛନ୍ତି। ନିଶିକାନ୍ତ ଦୁବେ ଏକ୍ସରେ ପୋଷ୍ଟ କରି ଲେଖିଛନ୍ତି, 'ଭାରତୀୟ ସଂସଦ ଏବଂ ସରକାରଙ୍କ ଉପରେ ୧୪୦ କୋଟି ଲୋକଙ୍କ ଆଶୀର୍ବାଦ ଏବଂ ସାର୍ବଜନୀନ ବିଶ୍ୱାସ ରହିଛି।' ମେଟା ଭାରତୀୟ ଅଧିକାରୀ ଶେଷରେ ତାଙ୍କ ଭୁଲ ପାଇଁ କ୍ଷମା ମାଗିଛନ୍ତି।

## କଂଗ୍ରେସର ନୂଆ ମୁଖ୍ୟାଳୟ ଉଦ୍‌ଘାଟିତ



ନୂଆଦିଲ୍ଲୀ: ୪୭ ବର୍ଷ ପରେ କଂଗ୍ରେସ ପାଇଲା ନୂଆ ମୁଖ୍ୟାଳୟ। ନୂଆଦିଲ୍ଲୀର ୯-ଏ କୋଟଲା ରୋଡ୍ ଏବେ କଂଗ୍ରେସର ନୂଆ ଠିକଣା ପାଲଟିଛି। ଏହା ପୂର୍ବରୁ କଂଗ୍ରେସ ମୁଖ୍ୟାଳୟ ଆକବର ରୋଡରେ ଥିଲା। ତେବେ ବୁଧବାର ନୂଆ ଘରେ ଗୃହ ପ୍ରବେଶ କରିଛି ଦଳ। ନୂଆ ମୁଖ୍ୟାଳୟକୁ ଆଜି ଉଦଘାଟନ କରିଛନ୍ତି ବରିଷ୍ଠ କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ। ନୂଆ କାର୍ଯ୍ୟାଳୟର ନାମ ଇନ୍ଦିରା ଭବନ ରଖାଯାଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ୍‌ଗେ, ସାଂସଦ ରାହୁଲ ଗାନ୍ଧୀ, ଦଳର ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କ ସମେତ ଅନେକ ବରିଷ୍ଠ ନେତା ଉପସ୍ଥିତ ଥିଲେ। କଂଗ୍ରେସ ପୂର୍ବରୁ ଡିସେମ୍ବର ୨୮ରେ ନୂତନ ମୁଖ୍ୟାଳୟ ଉଦଘାଟନ କରିବାକୁ ଯୋଜନା କରିଥିଲା କିନ୍ତୁ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂହଙ୍କ ଦେହାନ୍ତ ଯୋଗୁଁ ଏହାକୁ ସ୍ଥଗିତ ରଖିବାକୁ ପଡିଲା। ଏହା ଉପରେ କଂଗ୍ରେସ ନେତା ଅନିଲ ଶାସ୍ତ୍ରୀ କହିଛନ୍ତି ଯେ ୨୦୦୯ ମସିହାରେ ମନମୋହନ ସିଂହ ପ୍ରଧାନମନ୍ତ୍ରୀ ଥିବା ସମୟରେ ଏହି କୋଠାର ନାମ ଇନ୍ଦିରା ଭବନ ରଖିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା।

## ମା' ଏବଂ ଶିଶୁଙ୍କ ଉତ୍ତମ ସ୍ୱାସ୍ଥ୍ୟ ରାଜ୍ୟର ସମୃଦ୍ଧିର ଆଧାର ହେବ : ବିଷ୍ଣୁଦେବ




ରାୟପୁର : ଛତିଶଗଡର ମା' ଏବଂ ଶିଶୁଙ୍କ ଉତ୍ତମ ସ୍ୱାସ୍ଥ୍ୟ ପ୍ରଦେଶର ବିକାଶ ଏବଂ ସମୃଦ୍ଧିର ଆଧାର ହେବ ବୋଲି ଛତିଶଗଡ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ କହିଛନ୍ତି। ଛତିଶଗଡ ପରି ଲୋକ କଲ୍ୟାଣକାରୀ ରାଜ୍ୟରେ ମା' ଏବଂ ଶିଶୁମାନଙ୍କ ଉତ୍ତମ ସ୍ୱାସ୍ଥ୍ୟକୁ ମହତ୍ତ୍ୱପୂର୍ଣ୍ଣ ବୋଲି କୁହାଯାଇପାରେ। ମୋ ସରକାର ଏହାକୁ ପ୍ରାଥମିକତା ଦେଉଥିବା ବିଷ୍ଣୁଦେବ କହିଛନ୍ତି। ବୁଧବାର ଶ୍ରୀ ସାଏ ଯଶପୁର ଜିଲ୍ଲାର ବଗିଆଠାରେ ତାଙ୍କ କ୍ୟାମ୍ପ କାର୍ଯ୍ୟାଳୟରେ ଆୟୋଜିତ ଆଇଆଇଟି ମୁମ୍ବାଇ ସହଯୋଗରେ ପୋଷଣ ମିଶନ ଅନ୍ତର୍ଗତ ସୁସ୍ଥ ମାତା, ସୁସ୍ଥ ଶିଶୁ ଅଭିଯାନର ଶୁଭାରମ୍ଭ କରିବା ଅବସରରେ ଏହି ମନ୍ତବ୍ୟ ରଖିଛନ୍ତି। ସେ କହିଛନ୍ତି ଗର୍ଭବତୀ ମା' ଏବଂ ଶିଶୁଙ୍କ ପୋଷଣସ୍ତରକୁ ବୃଦ୍ଧି ପାଇ ଏହି ଅଭିଯାନ ଆରମ୍ଭ କରାଯାଇଛି। ରାଜ୍ୟର ସ୍ୱାସ୍ଥ୍ୟ ବିଭାଗ ଏବଂ ମହିଳା ଓ ଶିଶୁବିଭାଗର ମିଳିତ ଆନୁକୁଲ୍ୟରେ ଆୟୋଜିତ ଏହି ଅଭିଯାନରେ ୯୫ଶହରୁ ଅଧିକ ସ୍ୱାସ୍ଥ୍ୟକର୍ମୀ ଏବଂ ଅଙ୍ଗନୱାଡି କାର୍ଯ୍ୟକର୍ତ୍ତା ଯୋଗଦେଇ ଅନ୍‌ଲାଇନ୍‌ରେ ପ୍ରଶିକ୍ଷଣ ନେଇଥିଲେ। ସେମାନେ ପ୍ରଶିକ୍ଷଣ ପରେ ମା' ଏବଂ ଶିଶୁମାନଙ୍କ ପୋଷଣ ଏବଂ ସ୍ୱାସ୍ଥ୍ୟ ଉପରେ ନଜର ରଖିବେ। ଏହି ଅଭିଯାନରେ ୩୦୦ରୁ ଅଧିକ ମାଷ୍ଟର ଟ୍ରେନ୍‌ର ବିଭିନ୍ନ ଜିଲ୍ଲାମାନଙ୍କରେ ନିଯୁକ୍ତି ପାଇବେ। ସେମାନେ ସ୍ୱାସ୍ଥ୍ୟ ଏବଂ ମହିଳା ଶିଶୁବିକାଶ ବିଭାଗ ଅଧିନରେ କାର୍ଯ୍ୟ କରିବେ। ସୂଚନାଯୋଗ୍ୟ ଯେ ଯଶପୁଣ ଜିଲ୍ଲରେ ରହିଥିବା କୁପୋଷଣକୁ ସଂପୂର୍ଣ୍ଣ ରୂପେ ଦୂର କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ଅଭିଯାନ ଆରମ୍ଭ ହୋଇଥିବା ସେ କହିଥିଲେ।

## କଏଦୀଙ୍କୁ ଅସ୍ତ୍ରଶସ୍ତ୍ର ଏବଂ ଡ୍ରଗ୍ସ ଯୋଗାଉଛି ଡ୍ରୋନ୍



ନୂଆଦିଲ୍ଲୀ: ବ୍ରିଟେନର ଜେଲରେ ଢିଲା ସୁରକ୍ଷା ବ୍ୟବସ୍ଥା ସାମ୍ନାକୁ ଆସିଛି। ସେପ୍ଟେମ୍ବର ଏବଂ ଅକ୍ଟୋବରରେ ଏଚଏମପି ମଞ୍ଚେଷ୍ଟର ଏବଂ ଏଚଏମପି ଲଙ୍ଗ ଲାର୍ଟିନ ଜେଲରେ କରାଯାଇଥିବା ଯାଞ୍ଚ ରିପୋର୍ଟରେ ଏହି ତ୍ରୁଟି ସାମ୍ନାକୁ ଆସିଛି। ଏହାପରେ ଡ୍ରୋନ୍ ବ୍ୟବହାର ଦେଶର ସୁରକ୍ଷା ପ୍ରତି ବିପଦ ପାଲଟୁଛି ବୋଲି ଜଣାପଡିଛି । ଯାଞ୍ଚରୁ ଜଣା ପଡିଛି ଯେ, ଏଠାରେ ଡ୍ରୋନ୍ ମାଧ୍ୟମରେ କଏଦୀମାନଙ୍କୁ ଅସ୍ତ୍ରଶସ୍ତ୍ର ଏବଂ ଡ୍ରଗ୍ସ ପଠାଯାଉଥିଲା। ଜେଲର ମୁଖ୍ୟ ନିରିକ୍ଷକ ଚାର୍ଲି ଟେଲର, ହ୍ୱାଇଟହଲ ଏବଂ ପୋଲିସକୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କହିଛନ୍ତି। ସେ ଆଶଙ୍କା କରୁଛନ୍ତି ଯେ, ଏହି ବନ୍ଦୀମାନେ ଶୀଘ୍ର ଜେଲରୁ ଖସି ଯାଇପାରନ୍ତି ଓ ଏକ ଗ୍ୟାଙ୍ଗ ଗଠନ କରି ସୁରକ୍ଷାକର୍ମୀଙ୍କ ଉପରେ ଆକ୍ରମଣ କରିପାରନ୍ତି। ଦେଶର ଏ ବର୍ଗର ଜେଲରେ ଡ୍ରଗ୍ସ, ମୋବାଇଲ୍ ଫୋନ୍ ଏବଂ ଅସ୍ତ୍ରଶସ୍ତ୍ର ବିକ୍ରିର ବେଆଇନ ବ୍ୟବସାୟ ବଢିଥିବାରୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କୁହାଯାଇଛି । ସୂଚନାମୁତାବକ,ସୁରକ୍ଷାତ୍ମକ ଜାଲ ଏବଂ ସିସିଟିଭି ଭଳି ମୌଳିକ ଡ୍ରୋନ୍ ବିରୋଧୀ ସୁରକ୍ଷା ବ୍ୟବସ୍ଥା ମଧ୍ୟ ନଷ୍ଟ ହୋଇଯାଇଛି। ଇଂଲଣ୍ଡ ଏବଂ ୱେଲ୍ସର କେତେକ ଦୁର୍ଦ୍ଦାନ୍ତ ବନ୍ଦୀ ଏହି ଜେଲରେ ରହିଛନ୍ତି।

## ବିଓବି ପକ୍ଷରୁ ଲିକ୍ୱିଡ ମିଆଦୀ ଜମାର ଶୁଭାରମ୍ଭ

बैंक ऑफ़ बड़ौदा
Bank of Baroda

ନୂଆଦିଲ୍ଲୀ: ରାଷ୍ଟ୍ରାୟତ ବ୍ୟାଙ୍କ୍ - ବ୍ୟାଙ୍କ୍ ଅଫ୍ ବରୋଦା ପକ୍ଷରୁ ଲିକ୍ୱିଡ ମିଆଦୀ ଜମା (ଲିକ୍ୱିଡ ଏଫଡି)ର ଶୁଭାରମ୍ଭ କରାଯାଇଛି ଯାହା ଗ୍ରାହକମାନଙ୍କୁ ନିଶ୍ଚିତ ରିଟର୍ଣ୍ଣ ସହ ଆଂଶିକ ନଗଦ ରାଶି ଉଠାଣର ବିକଳ୍ପ ପ୍ରତିଶ୍ରୁତି ପ୍ରଦାନ କରୁଛି। ସଂଚୟକାରୀଙ୍କ ଆବଶ୍ୟକତା ପୂରଣ କରିବା ଲାଗି ବ୍ୟାଙ୍କ ଅଫ ବରୋଦା ପକ୍ଷରୁ ପାରମ୍ପରିକ ମିଆଦୀ ଜମାର ବିକଳ୍ପ ସ୍ୱରୂପ ବିଓବି ଲିକ୍ୱିଡ ମିଆଦୀ ଜମାର ଶୁଭାରମ୍ଭ କରାଯାଇଛି। ବିଓବି ଲିକ୍ୱିଡ ଏଫଡିରେ ଉଭୟ ମିଆଦୀ ଜମା (ଏଫ୍‌ଡି) ଓ ସଂଚୟ ଖାତା ଜମାର ଲାଭ ରହିଛି। ଏଥିରେ ମିଆଦୀ ଜମା (ଏଫ୍‌ଡି) ଭଳି ଅଧିକ ରିଟର୍ଣ୍ଣ ମିଳିବ ଓ ସଂଚୟ ଖାତା ଭଳି ଯେକୌଣସି ସମୟରେ ନଗଦ ରାଶି ମଧ୍ୟ ମିଳିପାରିବ। ଏଥିରେ ଗ୍ରାହକମାନେ ମିଆଦୀ ଜମା (ଏଫ୍‌ଡି)କୁ ବନ୍ଦ ନ କରି ଆଂଶିକ ଉଠାଣ କରିପାରିବେ ଯାହା ଫଳରେ ସେମାନେ ନିଜ ଜରୁରୀକାଳୀନ ଆବଶ୍ୟକତାକୁ ପୂରଣ କରିପାରିବେ ଏବଂ ଖାତାର ଅବଶିଷ୍ଟ ରାଶି ଉପରେ ଭଲ ରିଟର୍ଣ୍ଣ ପାଇପାରିବେ। ଭାରତୀୟ ଆର୍ଥିକ ଦୃଶ୍ୟପଟ୍ଟରେ ଗ୍ରାହକଙ୍କ ଆଚରଣରେ ପରିବର୍ତନ ହୋଇଛି। ଗ୍ରାହକମାନେ ଏଭଳି ଜମା ଚାହୁଁଛନ୍ତି, ଯେଉଁଥିରେ ଉଭୟ ରିଟର୍ଣ୍ଣ ଓ ନଗଦ ରାଶି (ଲିକ୍ୱିଡ୍) ଯାହା ଜରୁରୀକାଳୀନ ଆବଶ୍ୟକତାକୁ ପୁରଣ କରିବା ପାଇଁ ଆଂଶିକ ଭାବେ ଉଠାଯାଇପାରିବ। କୌଣସି ଜରୁରୀକାଳୀନ ସମୟରେ ଖର୍ଚ୍ଚର ମୁକାବିଲା କରିବା ପାଇଁ ବିଓବି ଲିକ୍ୱିଡ ମିଆଦୀ ଜମାର ଆଂଶିକ ଉଠାଣ ସୁବିଧା ଜରିଆରେ ଖାତା ବନ୍ଦ ନ କରି ଆଂଶିକ ପାଣ୍ଠି ହାସଲ କରିହେବ। ଉଦାରଣ ସ୍ୱରୂପ ଜଣେ ବ୍ୟକ୍ତି ୫ ଲକ୍ଷ ଟଙ୍କାର ବିଓବି ଲିକ୍ୱିଡ ଏଫ୍‌ଡି ଖୋଲି ସେଥିରୁ ୧ ଲକ୍ଷ ଟଙ୍କା ଉଠାଇ ନେବା ପରେ ଅବଶିଷ୍ଟ ୪ ଲକ୍ଷ ଟଙ୍କା ଉପରେ ଏଫ୍‌ଡି ରେଟ୍‌ରେ ସୁଧ ପାଇପାରିବେ ଏବଂ ଯଦି ଦରକାର ହେବ, ଗ୍ରାହକଙ୍କୁ କେବଳ ୧ ଲକ୍ଷ ଟଙ୍କାର ଉଠାଣ ଉପରେ ପ୍ରିପେମେଂଟ ଜରିମାନା ଦେବାକୁ ହେବ, ପୁରା ୫ ଲକ୍ଷ ଟଙ୍କା ଉପରେ ନୁହେଁ। ଗ୍ରାହକମାନେ ୫୦୦୦ ଟଙ୍କାରୁ ଏହି ଏଫ୍‌ଡି ଖାତା ଖୋଲିପାରିବେ ଏବଂ ୧୨ରୁ ୬୦ ମାସ ପର୍ଯ୍ୟ'ର ଅବଧି ଚୟନ କରିପାରିବେ। ସେମାନେ ୧୦୦୦ ଟଙ୍କାର ଗୁଣିତକ ହିସାବରେ ଆଂଶିକ ଉଠାଣ କରିପାରିବେ। ଅତି କମ୍‌ରେ ଖାତା ଯଦି ୧୨ ମାସର ହୋଇଯାଇଥିବ ତେବେ ୫ ଲକ୍ଷ ଟଙ୍କା ପର୍ଯ୍ୟ' ଆଂଶିକ ଉଠାଣ ଉପରେ କୌଣସି ପ୍ରାକ୍ ପେମେଂଟ ଜରିମାନା ଲାଗୁ ହେବ ନାହିଁ। ବିଓବି ଲିକ୍ୱିଡ୍ ଏଫଡିର କୌଣସି ସର୍ବୋଚ୍ଚ ସୀମା ନାହିଁ। ଏହା ଉପରେ ବ୍ୟାଙ୍କ୍ ତରଫରୁ ବିଭିନ୍ନ ସମୟରେ ଧାର୍ଯ୍ୟ କରାଯାଉଥିବା ସୁଧ ପ୍ରଦାନ କରାଯିବ। ୧ କୋଟି ଟଙ୍କାରୁ କମ୍ ଜମା ଉପରେ ସୁଧର ୧ ପ୍ରତିଶତ ପ୍ରାକ୍ ପେମେଂଟ ଜରିମାନା ଆଦାୟ କରାଯିବ। ୧ କୋଟି ଟଙ୍କାରୁ ଅଧିକ ମୂଲ୍ୟର ଏଫଡି ଉପରେ ଜରିମାନା ଅବଧି ପ୍ରଯୁଜ୍ୟ ସୁଧ ହାରର ୧.୫ ପ୍ରତିଶତ ହେବ। ବ୍ୟାଙ୍କ୍ ଅଫ୍ ବରୋଦାର ବିଓବି ଲିକ୍ୱିଡ ମିଆଦୀ ଜମା ସେହି ଗ୍ରାହକମାନଙ୍କ ଲାଗି ଉପଯୁକ୍ତ ଯେଉଁମାନେ ଦୀର୍ଘକାଳୀନ ଜମା ରଖି ଅଧିକ ରିଟର୍ଣ୍ଣ ପାଇବା ଏବଂ ସମାନ ସମୟରେ ସଂଚୟ ଓ ଦୀର୍ଘକାଳୀନ ଲକ୍ଷ୍ୟ ମଧ୍ୟରେ ସନ୍ତୁଳନ ସହ ଜରୁରୀକାଳୀନ ଖର୍ଚ୍ଚ ପାଇଁ ବିକଳ୍ପ ଚାହୁଛନ୍ତି। ଗ୍ରାହକମାନେ ବ୍ୟାଙ୍କ୍‌ର ଡିଜିଟାଲ ଚ୍ୟାନେଲ, ବିଓବି ୱାର୍ଲ୍ଡ୍ ଆପ ଓ ଇଂଟରନେଟ୍ ବ୍ୟାଙ୍କିଂ କିମ୍ବା ଶାଖା ପରିଦର୍ଶନ କରି ବିଓବି ଲିକ୍ୱିଡ୍ ମିଆଦୀ ଜମା କରିପାରିବେ।

With Best Compliments from :
Dr. Bikram Kesari Mahapatro
MBBS, MS, MCH (Urology)
Consultant Urologist & Andrologist
Advance Laperoscopy & Endoscopy Surgeon
Kidney Transplant Specialist
Laset & Microscopic Surgeon
FIRST LASER IN SOUTH ODISHA
SAI AARADHYA HOSPITAL
ସାଇ ଆରାଧ୍ୟା ହସ୍‌ପିଟାଲ୍
Brahma Nagar, 2nd line, Near New Bus Stand
Brahmpur, Ganjam
Ph : 0680-3176466

With Best Compliments from :
Cell : 9937885234
GURUKUL INTERNATIONAL PUBLIC SCHOOL
Affiliation to CBSE, New Delhi,
Affiliation No. 1530283
Goods Shed Road, Lanjipalli, Berhampur, Ganjam, Odisha, PIN - 760008
E-mail : info.gurukulinternational@gmail.com
Website : www.gurukulinternational.net

With Best Compliments from :
BALAJI
Diagnostic & Research Center
Courtpeta Square, Opp. Jagannath Temple, Berhampur
Facilities Available
- 1.5 T MRI
- C.T. Scan
- EEG, Spirometry (PFT)
- ECG, TMT
- All Pathological & Bio Chemical Tests
- Ultra Sound
- QBC, HP Studies, FNAC
- Thyriod Tests
- Micro-Biological Tests (Urine, Stool & Blood Culture)
- Colour Doppler
- Echo Cardiography
- Other Hoirmonal Studies (T3, T4, TSH within 12 hours)
- Digital X-Ray
- Video Endoscopy
- Digital X-Ray OPG
Phone : Reception - 7377919553, 9438767595, Reporting - 9040049692
Website : www.balajidiagnostic.com, E-mail : rajshree.satapathy@rediffmail.com

With Best Compliments from :
Cell : 8249226656
NALANDA SHREE
HIGHER SECONDARY SCHOOL
(With Med. & Engg. Entrance)
100% RESULT & 100% (1ST CLASS)
The top most leading Residential College in South Odisha
Jayaprakash Nagar - 2, Berhampur (Gm.) Odisha

With Best Compliments from :
SAGAR CEMENT
ସଲିଡ୍ ସିମେଣ୍ଟ ମାନେ ସଲିଡ୍ ଘର
C & F Agent
KUTHARI AGENCY
RLY. GOODS SHED ROAD, BERHAMPUR-8
Mob. : 9437160030

With Best Compliments from :
BHOOJA
PIPES & FITTINGS
Building the Future, One Pipe at a Time
UPVC | CASING | SWR | AGRI | HDPE | COLUMN | MDPE
NAYAK MANUFACTURING PVT LTD.
CHATRAPUR INDUSTRIAL ESTATE, GANJAM, ODISHA
CORPORATE OFFICE : NEAR KAMALA FILLING STATION, ANDAHPASARA ROAD, BERHAMPUR-760001, GANJAM, ODISHA
6372258322 | 9337233489 | 9930399723 www.bhoojapipes.com Info@bhoojapipes.com

With Best Compliments from :
Cell : 99371 90010
Rama Prasad Samal
Convenor
Co-operative Cell, Ganjam
BDA Complex, New Bus Stand,
Berhampur (Gm.) Odisha

With Best Compliments from
Aastha
AASTHA HOSPITAL
Multi Speciality Hospital
Bhaba Nagar 1st Lane, Berhampur, Odisha.
Phone No. : 0680 228 2444

With Best Compliments from :
Vishal Mantry
Managing Partner
Cell : 9778012333
SWASTEEK PIPES
SWASTEEK PVC PIPES
Po. : Sanakusasthalli, Near Income Tax Office,
Berhampur, Dist : Ganjam, Odisha
Email : swasteekpvc@gmail.com
Manufacture of PVC Pipes, HDPE Pipes, Electrical Conduit Pipes, Borewell Casing Pipes, Sprinkler Pipes & Fittings

With Best Compliments from :
UTKAL MOTORS
Authorised dealer : EICHER TRACTORS
(Sales, Service & Spares)
NH-16, Near Gopalpur Junction, Berhampur, Ganjam, Odisha
Mob : 9827870345 (WP), 7735130345 (Service)
E-mail : utkalmotors.bmp@gmail.com

ଓଡ଼ିଶା ଭାସ୍କର
ODISHA BHASKAR

# ଖେଳ ଖବର




ଭୁବନେଶ୍ୱର: ପ୍ରଥମ ଥର ଆୟୋଜିତ ଖୋ ଖୋ ବିଶ୍ୱକପ୍‌ରେ ମହିଳା ପ୍ରତିଯୋଗିତା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚ୍‌ରେ ଭାରତ ବଡ଼ ବିଜୟରୁ ଅଭିଯାନ ଆରମ୍ଭ କରି ଅନ୍ୟ ଦଳକୁ ସତର୍କ କରାଇଦେଇଛି। ନୂଆଦିଲ୍ଲୀସ୍ଥିତ ଇନ୍ଦିରା ଗାନ୍ଧି ଇନ୍‌ଡୋର ଷ୍ଟାଡିୟମ୍‌ରେ ଖେଳାଯାଇଥିବା ମ୍ୟାଚ୍‌ରେ ଭାରତ ୧୫୭ ପଏଣ୍ଟ୍ ବ୍ୟବଧାନରେ ଦକ୍ଷିଣ କୋରିଆକୁ ପରାସ୍ତ କରିଛି। ଭାରତ ୧୭୫ ପଏଣ୍ଟ ପାଇଥିଲା ବେଳେ ଦକ୍ଷିଣ କୋରିଆ ମାତ୍ର ୧୮ ପଏଣ୍ଟ୍ ହାସଲ କରିବାକୁ ସକ୍ଷମ ହୋଇଥିଲା। ଭାରତର ନିର୍ମଳା ଭଟି, ଇସ୍ଥର କିମ୍ ଓ ନସରିନ୍ ସେଖ ଯଥାକ୍ରମେ ଶ୍ରେଷ୍ଠ ଆଟାକର, ଶ୍ରେଷ୍ଠ ଡିଫେଣ୍ଡର ଓ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଥିଲେ। ପୁରୁଷରେ ଭାରତର ବିଜୟ ଧାରା ଜାରି ରହିଛି। ନେପାଳକୁ ହରାଇ ଅଭିଯାନ ଆରମ୍ଭ କରିଥିବା ଭାରତ ମଙ୍ଗଳବାର ୬୪-୩୪ରେ ବ୍ରାଜିଲକୁ ହରାଇଛି। ଓଡ଼ିଆ ପୁଅ ପବାରି ସବର ଶ୍ରେଷ୍ଠ ଆଟାକର ପୁରସ୍କାର ପାଇଥିଲା ବେଳେ ମାଥ୍ୟୁ କୋଷ୍ଟା ଓ ପ୍ରତୀକ ୱାଇକର ଯଥାକ୍ରମେ ଶ୍ରେଷ୍ଠ ଡିଫେଣ୍ଡର ଓ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି।



## ପଦକ ଫେରାଇବେ ମନୁ ଭାକର



ନୂଆଦିଲ୍ଲୀ ପୁଣି ଚର୍ଚ୍ଚାରେ ପ୍ୟାରିସ ଅଲିମ୍ପିକ୍ସ ବିଜେତା ସୁଟର ମନୁ ଭାକର। ସେ ଦୁଇଟି କାଂସ୍ୟ ପଦକ ଜିତି ଭାରତ ପାଇଁ ଗର୍ବ ଆଣିଥିଲେ । ଏବେ ଏହି ପଦକକୁ ନେଇ ଚର୍ଚ୍ଚାକୁ ଆସିଛନ୍ତି ମନୁ ଭାକର । କିନ୍ତୁ ଏବେ ଏହି କିମ୍ବଦନ୍ତୀ ଶୁଟରଙ୍କ ଦୁଇଟି ଯାକ ପଦକ ଫେରାଇବେ। ପ୍ରକୃତରେ, ଏହି ଷ୍ଟାର ଭାରତୀୟ ଶୁଟରଙ୍କ ଦୁଇଟି କାଂସ୍ୟ ପଦକର ଅବସ୍ଥା ବହୁତ ଖରାପ ହୋଇଯାଇଛି ଏବଂ ଏବେ ଏହି ପଦକ ତିଆରି କରିଥିବା ଫରାସୀ କମ୍ପାନୀ ମୋନାଇ ଡି ପ୍ୟାରିସ ମନୁଙ୍କୁ ନୂତନ ବ୍ରାଣ୍ଡେଡ ପଦକ ଦେବ। ଗଣମାଧ୍ୟମ ରିପୋର୍ଟ ଅନୁସାରେ, ପ୍ୟାରିସ ଅଲିମ୍ପିକ୍ସରେ ପଦକ ଜିତିବାର କିଛି ଦିନ ପରେ ମନୁ ଭାକରଙ୍କ ପଦକର ରଙ୍ଗ ଛାଡି ଯାଇଛି ଏବଂ ତା'ର ଅବସ୍ଥା ଆହୁରି ଖରାପ ହୋଇଯାଇଛି। କେବଳ ମନୁ ଭାକର ନୁହେଁ, ସାରା ବିଶ୍ୱର ଅନେକ ଖେଳାଳି ପ୍ୟାରିସ ଅଲିମ୍ପିକ୍ସରେ ଜିତିଥିବା ପଦକ ବିଷୟରେ ଅଭିଯୋଗ କରିଥିଲେ। ଖେଳାଳିମାନେ ପ୍ୟାରିସ ଅଲିମ୍ପିକ୍ସର ପଦକର ଖରାପ ମାନର ଫଟୋ ସୋସିଆଲ ମିଡିଆରେ ପୋଷ୍ଟ କରିଥିଲେ। ଏହି ଅଭିଯୋଗଗୁଡ଼ିକ ପରେ, ଅନ୍ତର୍ଜାତୀୟ ଅଲିମ୍ପିକ କମିଟି କହିଛି ଯେ ଖରାପ ହୋଇଯାଇଥିବା ଅଲିମ୍ପିକ ପଦକଗୁଡ଼ିକୁ ମୋନାଇ ଡି ପ୍ୟାରିସ ପୁନର୍ବାର ମରାମତି କରିବେ ଏବଂ ସେଗୁଡ଼ିକୁ ଖେଳାଳିମାନଙ୍କୁ ସମ୍ପୂର୍ଣ୍ଣ ନୂତନ ଅବସ୍ଥାରେ ଫେରାଇ ଦିଆଯିବ। ପ୍ୟାରିସ ଅଲିମ୍ପିକ ଆୟୋଜନ କମିଟି ମୋନାଇ ଡି ପ୍ୟାରିସ ପଦକ ତିଆରି କରିବାର ଚୁକ୍ତି ଦେଇଥିଲା। ଏହା ଏକ ସରକାରୀ କମ୍ପାନୀ ଯାହା ଫ୍ରାନ୍ସ ପାଇଁ ମୁଦ୍ରା ଏବଂ ଅନ୍ୟାନ୍ୟ ମୁଦ୍ରା ମଧ୍ୟ ଉତ୍ପାଦନ କରେ। ରିପୋର୍ଟ ଅନୁଯାୟୀ, କମ୍ପାନୀ ଆଗାମୀ ସପ୍ତାହରେ ଖେଳାଳିମାନଙ୍କର ସମସ୍ତ ପଦକ ବଦଳାଇ ଦେବ। ଫ୍ରାନ୍ସ କମ୍ପାନୀ ମୋନାକୋ ଡି ପ୍ୟାରିସ ପ୍ରତ୍ୟେକ ପଦକରେ ଆଇଫେଲ ଟାୱାରର ଲୁହା ଖଣ୍ଡ ବ୍ୟବହାର କରିଥିଲା। ଏହି କମ୍ପାନୀ ଅଲିମ୍ପିକ ଗେମ୍ସ ପାଇଁ ୫୦୮୪ଟି ସ୍ୱର୍ଣ୍ଣ, ରୌପ୍ୟ ଏବଂ କାଂସ୍ୟ ପଦକ ତିଆରି କରିଥିଲା।

## ଚାମ୍ପିଅନ୍ସ ଟ୍ରଫି ପରେ ଗମ୍ଭୀରଙ୍କ ଉପରେ ନିଆଯିବ କାର୍ଯ୍ୟାନୁଷ୍ଠାନ !

ମୁମ୍ବାଇ: ଭାରତୀୟ କ୍ରିକେଟ୍ ଦଳରେ ଗୋଷ୍ଠୀକନ୍ଦଳ ଦିନକୁ ଦିନ ବଢ଼ି ବଢ଼ି ଚାଲିଛି। ଏକଥା ବିସିସିଆଇର ବରିଷ୍ଠ କର୍ମକର୍ତ୍ତାମାନେ ଜାଣିଛନ୍ତି। ଏଣୁ ଚାମ୍ପିଅନ୍ସ ଟ୍ରଫି ପରେ ଏହାକୁ ଠିକ୍ କରିବାକୁ ଚୟନକର୍ତ୍ତା ଓ ବିସିସିଆଇ କିଛି କଠିନ ନିଷ୍ପତ୍ତି ନେଇପାରନ୍ତି। ଏପରିକି ଫେବ୍ରୁଆରି ୧୯ ତାରିଖରୁ ଆରମ୍ଭ ହେବାକୁ ଯାଉଥିବା ଚାମ୍ପିଅନ୍ସ ଟ୍ରଫିରେ ଭାରତୀୟ କ୍ରିକେଟ୍ ଦଳର ପ୍ରଦର୍ଶନ ଉପରେ ନୂଆ ପ୍ରଶିକ୍ଷକ ତଥା ପୂର୍ବତନ ଭାରତୀୟ ଓପନର୍ ଗୌତମ ଗମ୍ଭୀରଙ୍କ ଭାଗ୍ୟ ନିର୍ଭର କରୁଛି। ଚାମ୍ପିଅନ୍ସ ଟ୍ରଫିରେ ଯଦି ଟିମ୍ ଇଣ୍ଡିଆ ଭଲ କରେ, ତା'ହେଲେ ଗମ୍ଭୀରଙ୍କ କାର୍ଯ୍ୟକାଳ ଆଗକୁ ବଢ଼ିବ। ଅନ୍ୟଥା ବିସିସିଆଇ କାର୍ଯ୍ୟକାଳ ସରିବା ପୂର୍ବରୁ ଗମ୍ଭୀରଙ୍କୁ ହଟାଇବା ଭଳି ପଦକ୍ଷେପ ନେଇପାରେ। ଏଭଳି ଏକ ରିପୋର୍ଟ ମଙ୍ଗଳବାର ଜାତୀୟ ଗଣମାଧ୍ୟମରେ ଚର୍ଚ୍ଚାର ବିଷୟ ହୋଇଛି। ରିପୋର୍ଟରେ କୁହାଯାଇଛି ଯେ, ଗତବର୍ଷ ଜୁଲାଇ ମାସରେ କାର୍ଯ୍ୟକାଳ ଆରମ୍ଭ କରିଥିବା ଗମ୍ଭୀରଙ୍କ ପ୍ରଶିକ୍ଷଣରେ ଭାରତ ଖେଳିଥିବା ୧୦ ଟେଷ୍ଟ୍‌ରୁ ୬ଟିରେ ପରାଜିତ ହୋଇଛି। ଅନଭିଜ୍ଞ ଶ୍ରୀଲଙ୍କା ବିପକ୍ଷ ଦିନିକିଆ ଶୃଙ୍ଖଳାକୁ ମଧ୍ୟ ଭାରତ ହାରିଛି। ଭାରତୀୟ ଦଳର ଫର୍ମରେ ହଠାତ୍ ଦେଖା ଦେଇଥିବା ଏହି ଅବନତିର ଅସଲ କାରଣ ଦୁଇ ପ୍ରମୁଖ ଖେଳାଳି ବିରାଟ କୋହଲି ଓ ରୋହିତ ଶର୍ମାଙ୍କ ଖରାପ ପ୍ରଦର୍ଶନ ବୋଲି କୁହାଯାଇପାରେ। ତେବେ ଏହା ଗମ୍ଭୀରଙ୍କ ପାଇଁ ମଧ୍ୟ ବଡ଼ ସମସ୍ୟା ଭାବେ ଉଭା ହୋଇଛି। ସେହିଭଳି ବର୍ଡର-ଗାଭାସ୍କର ଟ୍ରଫି ଅବସରରେ କିଛି ବରିଷ୍ଠ ଖେଳାଳିଙ୍କ ସହ ତାଙ୍କର ମନାନ୍ତର ହୋଇଥିବା ଖବର ସ୍ଥିତିକୁ ଆହୁରି ଜଟିଳ କରିଛି। ବିସିସିଆଇର ଜଣେ ବରିଷ୍ଠ ଅଧିକାରୀ ନିଜ ନାମ ଗୋପନ ରଖି କହିଛନ୍ତି, ଖେଳରେ ସବୁବେଳେ ଫଳାଫଳକୁ ଗୁରୁତ୍ୱ ଦିଆଯାଇଥାଏ, ବର୍ତ୍ତମାନ ସୁଦ୍ଧା ଗମ୍ଭୀର କୌଣସି ଆଖିଦୃଶିଆ ସଫଳତା ଦଳକୁ ଦେଇ ନାହାନ୍ତି। ଅଷ୍ଟ୍ରେଲିଆରେ ଭାରତର ଖରାପ ପ୍ରଦର୍ଶନ ନେଇ ଗତ ଶନିବାର ବିସିସିଆଇ ସମୀକ୍ଷା କରିଥିଲା।

## ଆୟରଲ୍ୟାଣ୍ଡକୁ ୩-୦ରେ ପରାସ୍ତ କଲା ମହିଳା ଦଳ

### ଦିନିକିଆରେ କଲେ ବଡ଼ ରେକର୍ଡ



ରାଜକୋଟ: ଭାରତର ମହିଳା କ୍ରିକେଟ୍ ଦଳ ବୁଧବାର ରାଜକୋଟରେ ଆୟରଲ୍ୟାଣ୍ଡ ବିପକ୍ଷରେ ତୃତୀୟ ଏକଦିବସୀୟ ମ୍ୟାଚ୍‌କୁ ୩୦୪ ରନରେ ଜିତି ସିରିଜରେ ୩-୦ରେ ମୂଳ ପୋଛ କରିନେଇଛନ୍ତି। ଏହି ମ୍ୟାଚ୍‌ରେ ଟିମ୍ ଇଣ୍ଡିଆର ପୁରୁଷ ଦଳ ଯାହା କରିପାରିନଥିଲା ତାହା ମହିଳା ଦଳ କରି ଦେଖାଇଛନ୍ତି। ରାଜକୋଟରେ ଆୟରଲ୍ୟାଣ୍ଡ ବିପକ୍ଷରେ ଖେଳି ଟିମ୍ ଇଣ୍ଡିଆ ପ୍ରଥମ ଏବଂ ତୃତୀୟ ଏକଦିବସୀୟରେ ୪୩୫/୫ (୫୦ ଓଭରରେ) ସ୍କୋର କରିଥିଲା। ଯାହା ପୁରୁଷ ଏବଂ ମହିଳା ଉଭୟ ଦିନିକିଆରେ ଟିମ୍ ଇଣ୍ଡିଆର ସର୍ବୋଚ୍ଚ ସ୍କୋର। ମହିଳା ଦଳର ଏହି ରେକର୍ଡ କରି ପୁରୁଷ ଦଳକୁ ମଧ୍ୟ ପଛରେ ପକାଇ ଦେଇଛି। ଏହା ପୂର୍ବରୁ ୨୦୧୧ରେ ଭାରତୀୟ ଦଳ ୱେଷ୍ଟଇଣ୍ଡିଜ ବିପକ୍ଷରେ ୫ ଉଇକେଟ ହରାଇ ୪୧୮ ରନ୍ ସଂଗ୍ରହ କରିଥିଲା। ତେବେ ଦିନିକିଆ ମହିଳା କ୍ରିକେଟରେ ସର୍ବାଧିକ ସ୍କୋର ନ୍ୟୁଜିଲାଣ୍ଡ ନାମରେ ରହିଛି। ଏହି ରେକର୍ଡ ୨୦୧୮ ରେ ନ୍ୟୁଜିଲାଣ୍ଡ ଆୟାରଲ୍ୟାଣ୍ଡ ବିପକ୍ଷରେ କରିଥିଲା।

## ରଣଜୀ ଟ୍ରଫି ପାଇଁ ଅଭ୍ୟାସ କଲେ ରୋହିତ



ମୁମ୍ବାଇ : ଏବେ ଖରାପ ଫର୍ମ ଦେଇ ଗତି କରୁଛନ୍ତି ଭାରତୀୟ ଦଳର ଅଧିନାୟକ ରୋହିତ ଶର୍ମା। ଶେଷରେ ବାଧ୍ୟ ହୋଇ ରଣଜୀ ଟ୍ରଫି ଖେଳିବେ। ଏଥିନେଇ ମଧ୍ୟ ସେ ମୈଦାନକୁ ଓହ୍ଲାଇଛନ୍ତି। ମୁମ୍ବାଇ ରଣଜୀ ଟ୍ରଫି ଦଳ ସହ ମଧ୍ୟ ଅଭ୍ୟାସ କରିଛନ୍ତି। ଚଳିତ ମାସ ୨୩ ତାରିଖରୁ ରଣଜୀ ଟ୍ରଫିର ଅବଶିଷ୍ଟ ମ୍ୟାଚ ପୁଣି ଆରମ୍ଭ ହେବାକୁ ଯାଉଛି। ତେବେ ରୋହିତ ମୁମ୍ବାଇ ଦଳ ପକ୍ଷରୁ ଖେଳିବେ କି ନାହିଁ ସେ ସମ୍ପର୍କରେ କିଛି ସ୍ପଷ୍ଟ କରାଯାଇନାହିଁ। ନିକଟରେ ଅଷ୍ଟ୍ରେଲିଆ ଗସ୍ତରେ ଖରାପ ପ୍ରଦର୍ଶନ କରିଥିବା ୩୭ ବର୍ଷୀୟ ରୋହିତ ୱାଙ୍ଖେଡେ ଷ୍ଟାଡିୟମରେ ଅଭ୍ୟାସ କରିଥିଲେ। ଆସନ୍ତା ୨୩ ତାରିଖରେ ଜମ୍ମୁ-କଶ୍ମୀର ବିପକ୍ଷ ମ୍ୟାଚ ପୂର୍ବରୁ ମୁମ୍ବାଇ ଦଳ ଚୟନ ସମୟରେ ରୋହିତଙ୍କ ମତାମତ ନିଆଯିବ।

## ଟିମ୍ ଇଣ୍ଡିଆକୁ ବଡ ଝଟ୍‌କା : ବୁମ୍‌ରାଙ୍କ ଆହତ ସମସ୍ୟା ଜଟିଳ



ନୂଆଦିଲ୍ଲୀ : ଟିମ୍ ଇଣ୍ଡିଆକୁ ଲାଗିପାରେ ବଡ଼ ଝଟ୍‌କା। ଷ୍ଟାର ବୋଲର ଜସପ୍ରିତ ବୁମ୍‌ରାଙ୍କ ଖେଳିବାକୁ ନେଇ ଅନିଶ୍ଚିତତା ବଢ଼ିବାରେ ଲାଗିଛି। କାରଣ ଖେଳିବା ତ ଦୂରର କଥା ଏବେ ଶେଯରୁ ଉଠିପାରୁନାହାନ୍ତି ସେ। କାରଣ ତାଙ୍କୁ ଡାକ୍ତରମାନେ ବେଡ୍ ରେଷ୍ଟ ନେବାକୁ ପରାମର୍ଶ ଦେଇଛନ୍ତି। ସିଡନୀ ଟେଷ୍ଟ ସମୟରେ ବୁମ୍‌ରା ଆହତ ହୋଇଥିଲେ। ତାଙ୍କ ପିଠିର ତଳ ଭାଗରେ ଆଘାତ ଲାଗିଥିଲା। ହେଲେ ଏବେ ସେ ଦୀର୍ଘ ଦିନ ଧରି ମଇଦାନରୁ ବାହାରେ ରହିବାକୁ ବାଧ୍ୟ ହେବେ ବୋଲି ଖବରରୁ ଜଣାପଡିଛି। ଜାତୀୟ ଗଣମାଧ୍ୟମ ଟାଇମ୍ସ ଅଫ୍ ଇଣ୍ଡିଆର ଏକ ରିପୋର୍ଟରେ ଦାବି କରାଯାଇଛି ଯେ, ବୁମ୍‌ରାଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ନାହିଁ। ତାଙ୍କୁ ଆସନ୍ତା ସପ୍ତାହରେ ବେଙ୍ଗାଲୁରୁର ସେଣ୍ଟର ଅଫ୍ ଏକ୍ସିଲେନ୍ସକୁ ପଠାଯାଇପାରେ। ହେଲେ କେବେ ତାହା ସ୍ଥିର କରାଯାଇନାହିଁ। ଡାକ୍ତରମାନେ ବୁମ୍‌ରାଙ୍କୁ ସୁସ୍ଥ ହେବା ଲାଗି ଘରେ ବିଶ୍ରାମ ନେବାକୁ କହିଛନ୍ତି। ଯେତେବେଳେ ତାଙ୍କ ପିଠିର ତଳ ଭାଗର ଫୁଲା କମିଯିବ, ସେତେବେଳେ ତାଙ୍କୁ କିଭଳି ଚିକିତ୍ସା ଦିଆଯିବ ସେନେଇ ନିଷ୍ପତ୍ତି ନିଆଯିବ। ବୁମ୍‌ରାଙ୍କ ଲାଗି ଚାମ୍ପିଅନ୍ସ ଟ୍ରଫିରେ ଖେଳିବା ଏବେ ଅସମ୍ଭବ ବୋଲି ବିବେଚନା କରାଯାଉଛି। ତାଙ୍କୁ ଦଳରେ ସାମିଲ କରିବା ଲାଗି ବିସିସିଆଇ ମଧ୍ୟ ଚାପ ପକାଇବାକୁ ଚାହୁଁନାହିଁ। ପ୍ରଥମେ ତାଙ୍କ ଆଘାତ ବିଷୟରେ ସବିଶେଷ ଚିକିତ୍ସା ପ୍ରଣାଳୀ ଜଣାପଡ଼ିବା ପରେ ଚିକିତ୍ସାର ଉପାୟ ଜଣାପଡ଼ିବ। ଯଦି ତାଙ୍କୁ ପୁଣିଥରେ ଅସ୍ତ୍ରୋପଚାରର ଆବଶ୍ୟକତା ପଡେ, ତେବେ ତାଙ୍କ ପ୍ରତ୍ୟାବର୍ତ୍ତନ ଲାଗି ଅଧିକ ସମୟ ଲାଗିପାରେ। ଆଗକୁ ଆଇପିଏଲ୍ ଏବଂ ତା'ପରେ ଭାରତର ଇଂଲଣ୍ଡ ଗସ୍ତ ଅଛି। ଏବେ କିନ୍ତୁ ତାଙ୍କର ଚାମ୍ପିଅନ୍ସ ଟ୍ରଫିରେ ଖେଳିବା କଷ୍ଟକର ମନେ ହେଉଛି।

## ରଣଜୀ ଟ୍ରଫି ଖେଳିବେ କୋହଲି ଓ ପନ୍ତ



ନୂଆଦିଲ୍ଲୀ: ଭାରତର ଷ୍ଟାର ବ୍ୟାଟ୍ସମ୍ୟାନ ବିରାଟ କୋହଲିଙ୍କ ଖରାପ ଫର୍ମ ଦଳ ପାଇଁ ଚିନ୍ତାର କାରଣ ପାଲଟିଛି। କ୍ରମାଗତ ଖରାପ ପ୍ରଦର୍ଶନ ଯୋଗୁ ବିସିସିଆଇ ସିନିୟର ଖେଳାଳିଙ୍କୁ ରଣଜୀ ଟ୍ରଫିରେ ଖେଳି ଫର୍ମକୁ ଫେରିବା ପାଇଁ କହିଛି । କୋହଲି ଏବଂ ରିଷଭ ପନ୍ତ ରଣଜୀ ଟ୍ରଫିରେ ଦିଲ୍ଲୀର ସମ୍ଭାବ୍ୟ ଟିମରେ ସାମିଲ ହୋଇଥିବା ଖବର ପ୍ରକାଶ ପାଇଛି । ତେବେ ଚୟନ କମିଟି କିମ୍ବା କୋହଲି କିନ୍ତୁ ଏ ସମ୍ପର୍କରେ ବିଧିବଦ୍ଧ ଭାବେ କୌଣସି ବୟାନ ଦେଇ ନାହାନ୍ତି । କିଛି ଦିନ ତଳେ କୋହଲି କାଂଉଟି କ୍ରିକେଟ ଖେଳିବେ ବୋଲି ମଧ୍ୟ ଖବର ପ୍ରକାଶ ପାଇଥିଲା। ତାହା ମଧ୍ୟ ଏ ପର୍ଯ୍ୟନ୍ତ ପୁଷ୍ଟି ହୋଇନି । ୨୦୧୨ ପରଠାରୁ କୋହଲି ଓ ୨୦୧୭ ପରେ ପନ୍ତ ଆଉ ରଣଜୀ ମ୍ୟାଚରେ ଖେଳି ନାହାନ୍ତି । ଡିଡିସିଏର ସେକ୍ରେଟାରୀ ଅଶୋକ ଶର୍ମା ପୂର୍ବରୁ କୋହଲିଙ୍କୁ ଦିଲ୍ଲୀ ପକ୍ଷରୁ ରଣଜୀ ଟ୍ରଫି ଖେଳିବା ପାଇଁ କହିଥିଲେ ୨୦୨୦ ପରଠାରୁ ନାଲି ବଲରେ କୋହଲିଙ୍କ ପ୍ରଦର୍ଶନ ଖରାପ ହେବାରେ ଲାଗିଛି । ୨୦୨୦ ପରଠାରୁ କୋହଲି ୬୯ ଇନିଂସରେ ୨୦୨୮ ରନ କରିଛନ୍ତି । ଏଥିରେ ୩ ଶତକ ଓ ୯ ଅର୍ଦ୍ଧଶତକ ସାମିଲ । ଦିଲ୍ଲୀର ୪୧ ସମ୍ଭାବ୍ୟ ଖେଳାଳିଙ୍କ ମଧ୍ୟରେ କୋହଲି, ପନ୍ତ ଓ ହର୍ଷିତ ରାଣାଙ୍କ ନାମ ରହିଛି। ଜାନୁୟାରୀ ୨୩ରେ ଦିଲ୍ଲୀ ତାର ପରବର୍ତ୍ତୀ ମୁକାବିଲାରେ ସୌରାଷ୍ଟ୍ରକୁ ଭେଟିବ ।

## ରାଜ୍ୟସ୍ତରୀୟ ଡ଼ବଲସ ବ୍ୟାଡ଼ମିଣ୍ଟନ ଚାମ୍ପିୟନସିପ୍ ଉଦ୍‌ଘାଟିତ



ଖଡ଼ିଆଳ(ଭାସ୍କର ନ୍ୟୁଜ୍) : ନୂଆପଡା ଜିଲ୍ଲା ଖଡ଼ିଆଳ ବିଜୁପଟ୍ଟନାୟକ ଇଣ୍ଡୋର ଷ୍ଟାଡିଅମରେ ଜିଲ୍ଲା ବ୍ୟାଡ଼ମିଣ୍ଟନ ଆସୋସିଏସନ ପକ୍ଷରୁ ମଙ୍ଗଳବାର ରାଜ୍ୟସ୍ତରୀୟ ଡବଲସ ବ୍ୟାଡ଼ମିଣ୍ଟନ ଚାମ୍ପିୟନସିପ ଉଦଘାଟିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ନୂଆପଡା ଜିଲ୍ଲାପାଳ ମଧୁସୂଦନ ଦାସ ଯୋଗଦେଇ ବ୍ୟାଡ଼ମିଣ୍ଟନ ଟୁର୍ଣ୍ଣାମେଣ୍ଟକୁ ଅନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଖଡ଼ିଆଳ ବନଖଣ୍ଡ ଅଧିକାରୀ ଅଜିଜ ଖାନ, ଜିଲ୍ଲା କ୍ରୀଡା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ବଢ଼ାଇ, ଅଧିକ୍ଷଣ ଯନ୍ତ୍ରୀ ଇଂ. ସୌମ୍ୟ କିଶୋର ଜୟପୁରିଆ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଉଦଘାଟନୀ ସମାରୋହରେ ଜିଲ୍ଲା ବ୍ୟାଡ଼ମିଣ୍ଟନ ଆସୋସିଏସନର ସଭାପତି ସନ୍ତୋଷ ପଟ୍ଟନାୟକ ଅଧକ୍ଷତା କରିଥିବା ବେଳେ ସମ୍ପାଦକ ସୁଦୀପ୍ତ ବିଶୋଇ ସ୍ୱାଗତ ଅବିଭାଷଣ ଦେଇଥିଲେ। ଶେଷରେ ଡ଼. ସରୋଜ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟ ଜାନୁଆରୀ ୧୪ ଓ ୧୫ ତାରିଖ ଦୁଇଦିନ ଧରି ଅନୁଷ୍ଠିତ ହେବାକୁ ଥିବାବେଳେ ଏଥିରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ମୋଟ ୩୯ ଗୋଟି ଟିମ ଭାଗ ନେଇଛନ୍ତି। ଏହି ଟୁର୍ଣ୍ଣାମେଣ୍ଟରେ ପ୍ରସନ୍ନ କୁମାର ମାହାନା, ନୂଆପଡା ଜିଲ୍ଲା କଳିଙ୍ଗ ଟିଭି ର ବରିଷ୍ଠ ସାମ୍ବାଦିକ କୁନୁ କରୁଆଁ, ନନ୍ଦ କୁମାର ନାଗ, ବନବିହାରୀ ବେହେରା, ଆଲୋକ ରଥ, ରିତେଶ ବାବୁ, ବିଜୁ ସେଠି, ଅକ୍ଷୟ ପାଢ଼ୀ, ସୌରଭ ପଣ୍ଡା, ତାପସ ପତି ପ୍ରମୁଖ ଖେଳ ପରିଚାଳନା କରିଥିଲେ।

## ଫୁଟବଲ୍ ଏକାଡେମୀ ଅନୁଧ୍ୟାନ କଲେ କ୍ରୀଡା ମନ୍ତ୍ରୀ

ଆଳି (ଭାସ୍କର ନ୍ୟୁଜ୍) : ବୁଧବାର ଅପରାହ୍ନରେ ରାଜ୍ୟ କ୍ରୀଡା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ କେନ୍ଦ୍ରାପଡ଼ା ଜିଲ୍ଲା ଗସ୍ତରେ ଆସି ଆଳି ଆସିଥିଲେ ଆଳିରେ ନିର୍ମାଣଧୀନ ଫୁଟବଲ ଏକାଡେମୀ କାର୍ଯ୍ୟ ର ଅନୁଧ୍ୟାନ କରିବା ସହ ସେ ନେଇ ଅନୁଧ୍ୟାନ କରିବା ପରେ କାର୍ଯ୍ୟାନୁଷ୍ଠାନ ନେବେ ବୋଲି ପ୍ରତିକ୍ରିୟା ରଖିଛନ୍ତି। ଆଳି ହାଇସ୍କୁଲ ପଡିଆରେ ପୂର୍ବ ସରକାରଙ୍କ ସମୟରେ ଏକ ଫୁଟବଲ ଏକାଡେମୀ ନିର୍ମାଣ କରାଯିବାପାଇଁ ଲକ୍ଷ୍ୟାଧିକ ଟଙ୍କା ବେୟ ଅଟକଳ ରେ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ପଡିଆ ମଝିରେ ଏକ ଗୃହ ନିର୍ମାଣ ହେଉଥିବାରୁ ବର୍ତ୍ତମାନ ସ୍ଥିତିରେ କ୍ରୀଡ଼ାବିତ ମାନେ ଖେଳିବାରେ ଅସୁବିଧା ର ସମ୍ମୁଖୀନ ହେଇଥିବା ନେଇ ଏକାଡେମୀ କାର୍ଯ୍ୟକୁ ବିରୋଧ କରିବା ସହ କ୍ରୀଡା ମନ୍ତ୍ରୀଙ୍କୁ ପରିଦର୍ଶନ କରାଇଛନ୍ତି ସ୍ଥାନୀୟ ଲୋକ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ଅବିଳମ୍ବେ ଷ୍ଟାଡିୟମ କାର୍ଯ୍ୟ ପୂର୍ଣାଙ୍ଗ କରିବାକୁ ଦାବି କରିଥିଲେ ।

### ଜାତୀୟସ୍ତରୀୟ ତାଇକଣ୍ଡୋ ପ୍ରତିଯୋଗୀତା

## ଓଡ଼ିଶା ରୟାଲ୍ ତାଇକଣ୍ଡୋ ସଂଘର କୋଲକତା ଯାତ୍ରା



ନିମାପଡ଼ା (ଭାସ୍କର ନ୍ୟୁଜ୍): ନିମାପଡ଼ା କୋଲକତା ଠାରେ ଜାନୁଆରୀ ମାସ ୧୮ ଓ ୧୯ ତାରିଖରେ ଜାତୀୟ ସ୍ତରୀୟ ତାଇକଣ୍ଡୋ ପ୍ରତିଯୋଗୀତା ଅନୁଷ୍ଠିତ ହେବ । ଏହି ପ୍ରତିଯୋଗୀତାକୁ ବେଙ୍ଗଲ ଟାଡ଼ିସନାଲ ତାଇକଣ୍ଡୋ ଆସୋସିଏସନ୍ ଅର୍ଗାନାଇଜ କରୁଛି । ଏହି ପ୍ରତିଯୋଗୀତା ପାଇଁ ଓଡ଼ିଶା ରୟାଲ ତାଇକଣ୍ଡୋ ସଂଘ ପକ୍ଷରୁ ୧୪ ଜଣ ଖେଳାଳୀ ମନୋନୀତ ହୋଇଛନ୍ତି। ଏହି ପ୍ରତିଯୋଗୀତାରେ ଉପ-କନିଷ୍ଠ ଓ ବରିଷ୍ଠ ବର୍ଗର ମହିଳା ଓ ପୁରୁଷ ଭାଗ ନେବେ। ଓଡ଼ିଶା ରୟାଲ ତାଇକଣ୍ଡୋ ସଂଘର ମୁଖ୍ୟ ପ୍ରଶିକ୍ଷକ ଅମିତ କୁମାର ରାଉତ, ସଂପାଦକ ପ୍ରାର୍ଥ ସାରଥୀ ରାଉତ, କୃଷ୍ଣଚନ୍ଦ୍ର ଦାସଙ୍କ ନେତୃତ୍ୱରେ କୋଲକତା ଗସ୍ତ କରିବେ। ତେଣୁ ଓଡ଼ିଶା ରୟାଲ ତାଇକଣ୍ଡୋ ସଭାର ସଭାପତି ମିମାଂଶୁ ଶେଖର ପ୍ରଧାନ ସଂଘର ଅନ୍ୟ କର୍ମକର୍ତ୍ତା ଯଥା ନିର୍ମଳ ମିଶ୍ର, ମୃତ୍ୟୁଞ୍ଜୟ ଦାସ, ସୁରେଶ ଚନ୍ଦ୍ର ଦାସ, ରବିନାଥ ସ୍ୱାଇଁ, ପ୍ରଶାନ୍ତ ସାହୁ, ତପନ କୁମାର ସ୍ୱାଇଁ ସମସ୍ତେ ଶୁଭେଚ୍ଛା ଜଣାଇବା ସହିତ ସଫଳତା କାମନା କରିଛନ୍ତି ।

## ସୁନୀଲ ମେମୋରିଆଲ ଚେସ୍, କ୍ୟାରମ୍ ଓ ବ୍ୟାଡ଼ମିଣ୍ଟନ୍ ଟୁର୍ଣ୍ଣାମେଣ୍ଟ୍ ଆରମ୍ଭ



ବାଲିମେଲା (ଭାସ୍କର ନ୍ୟୁଜ୍) : ମାଲକାନଗିରି ଜିଲ୍ଲା ବାଲିମେଲା ସହରର ଡ୍ରଗ ଲାଇନ ଠାରେ ଥିବା ସହିଦ ଗୋପୀ ପୂଜାରୀ ଯୁବ ସାଂସ୍କୃତିକ ପରିଷଦ ପକ୍ଷରୁ ମଙ୍ଗଳବାର ସନ୍ଧ୍ୟା ପ୍ରାୟ ୮ ଘଟିକା ସମୟରେ କ୍ଲବ ପରିସରରେ ଗୋପୀ ପୂଜାରୀ କ୍ଲବର ସଭାପତି ଟୁକୁଲୁ ପ୍ରଧାନ, ସମ୍ପାଦକ ମନୋଜ ଖଣ୍ଡୁଆଳ ଓ ଅନ୍ୟ ସମସ୍ତ କର୍ମକର୍ତ୍ତାଙ୍କ ନେତୃତ୍ୱରେ ଆରମ୍ଭ ହୋଇଯାଇଛି ସୁନୀଲ ମେମୋରିଲା ଚେସ, କ୍ୟାରମ ଓ ବ୍ୟାଡ଼ମିଣ୍ଟନ ଟୁର୍ନାମେଣ୍ଟ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବ ସିମାଞ୍ଚଳ ପ୍ରଧାନ, ସମ୍ମାନିତ ଅତିଥି ଭାବେ ଅମରେଶ୍ୱର ବେବେରା, ସହଦ୍ଵେ ପ୍ରଧାନ ପ୍ରମୁଖ ଯୋଗ ଦେଇ ପ୍ରଥମେ ବରିଷ୍ଠ ଶିକ୍ଷକ ସ୍ୱର୍ଗତ ସୁନୀଲ ଦାସଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ପ୍ରଦୀପ ପ୍ରଜ୍ୱଳନ କରିବା ପରେ ଫିତା କାଟି ଟୁର୍ନାମେଣ୍ଟର ଶୁଭ ଉଦଘାଟନ କରିଥିଲେ।ଏହି ଟୁର୍ନାମେଣ୍ଟ ଆସନ୍ତା ୧୮ତାରିଖରେ ଶେଷ ହେବ। ଏହି ଟୁର୍ନାମେଣ୍ଟର ପ୍ରତ୍ୟକ କ୍ରୀଡାରେ ବାଲିମେଲା ସହର ସମେତ କୋରୁକୋଣ୍ଡା ବ୍ଲକର ବିଭିନ୍ନ ଅଞ୍ଚଳରୁ ପ୍ରତ୍ୟକ ଖେଳରେ ମୋଟ ୧୬ ଟି ଲେଖାଏଁ ଦଳ ଅଂଶଗ୍ରହଣ କରିବେ। ଏହି ଟୁର୍ନାମେଣ୍ଟକୁ ସହିଦ ଗୋପୀ ପୂଜାରୀ ଯୁବ ସାଂସ୍କୃତିକ ପରିଷଦର ସଦସ୍ୟ ପାର୍ଥ ସାରଥୀ ରାଉତ, ଦେବାଶିଷ ପାତ୍ର,ଗୋପାଳ ଖରା,ଅମୟ ପଟ୍ଟନାୟକ,ସୁଦୀପ୍ତ ପ୍ରଧାନ,ଦେବେନ୍ଦ୍ର ମିଶ୍ର,କ୍ରିଷ୍ଣା ଟାକ୍ରୀ ପ୍ରମୁଖ ଉପସ୍ଥିତ ରହି ଟୁର୍ନାମେଣ୍ଟକୁ ସୁଚାରୁରୂପେ ପରିଚାଳନା କରୁଛନ୍ତି।

## ୧୫ ବର୍ଷରୁ କମ୍ ଆନ୍ତଃ କ୍ଲବ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ

କେନ୍ଦୁଝର (ଭାସ୍କର ନ୍ୟୁଜ୍) : ଗୁରୁବାରଠାରୁ ଓଡିଶାର ୧୫ ଗୋଟି ଜିଲ୍ଲାରେ ପ୍ରଥମ ପର୍ଯ୍ୟାୟ ମୁଖ୍ୟମନ୍ତ୍ରୀ କପ ୧୫ ବର୍ଷରୁ କମ ଆନ୍ତଃ କ୍ଲବ ଫୁଟବଲ ଟୁର୍ନାମେଣ୍ଟ ଆରମ୍ଭ ହେବାର କାର୍ଯ୍ୟକ୍ରମ ରହିଛି। ତୃଣମୂଳ ସ୍ତରରୁ ଆୟୋଜିତ ହେବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ପ୍ରତ୍ୟେକ ଜିଲ୍ଲାରୁ ୧୦ଟି ଲେଖାଏ ଦଳ ଅଂଶ ଗ୍ରହଣ କରିବେ। ଫୁଟବଲ ଆସୋସିଏସନ ଅଫ ଓଡିଶା ଏବଂ ରାଜ୍ୟ କ୍ରୀଡା, ଯୁବସେବା ବିଭାଗ ଆନୁକୂଲ୍ୟରେ କେନ୍ଦୁଝର ଶଙ୍କରପୁରସ୍ଥିତ ଧରଣୀଧର ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଆସନ୍ତା କାଲି ଅପରାହ୍ନରେ ଏହି ପ୍ରତିଯୋଗିତା ଆରମ୍ଭ ହେବ। ଏହି ପ୍ରତିଯୋଗିତାରେ କେନ୍ଦୁଝର ଜିଲ୍ଲାର ୧୦ଟି ଦଳ ଅଂଶଗ୍ରହଣ କରୁଥିବାବେଳେ ସେମାନଙ୍କୁ ଦୁଇଟି ବିଭାଗରେ ବିଭକ୍ତ କରାଯାଇଛି। ଗ୍ରୁପ 'ଏ'ରେ ବଡ଼ବିଲ ଫୁଟବଲ କ୍ଲବ, ଟିଏସଏଫ ଯୋଡ଼ା ଜିନ୍ଦଲ ଫାଉଣ୍ଡେସନ ବଡ଼ବିଲ 'ବି', ଜେଏସଡବ୍ଲ୍ୟୁ ଫାଉଣ୍ଡେସନ ବନ୍ଧୁଆବେଡା ଏବଂ ଗୁଆଲି ଏଫସି ସ୍ଥାନିତ ହୋଇଥିବାବେଳେ ଗ୍ରୁପ 'ବି 'ରେ ରାଇଜିଂ ଷ୍ଟାର କ୍ଲବ ରାଇକଳା, ଟିଏସଏଫ ମୁର୍ଗା, ତାରିଣୀ ଫୁଟବଲ ଏକାଡେମୀ କେନ୍ଦୁଝର, ସାଗୁଇ କ୍ଲବ ବର୍ଦ୍ଧନା ଏବଂ ଜିନ୍ଦଲ ଫାଉଣ୍ଡେସନ ବଡ଼ବିଲ 'ଏ' ଦଳ ସ୍ଥାନ ପାଇଛନ୍ତି। ଆସନ୍ତାକାଲି ଅପରାହ୍ନରେ ଅନୁଷ୍ଠିତ ହେବାକୁଥିବା ଉଦଘାଟନୀ ଖେଳରେ ଜେଏସ ଡବ୍ଲୁ ଫାଉଣ୍ଡେସନ ବନ୍ଧୁଆବେଡା ଏବଂ ଗୁଆଲି ଏଫସିକୁ ଭେଟିବାକୁ ଥିବାବେଳେ ଫାଇନାଲ ଖେଳ ଜାନୁଆରୀ ୨୭ ତାରିଖରେ ଅନୁଷ୍ଠିତ ହେବ ବୋଲି କେନ୍ଦୁଝର ଜିଲ୍ଲା କ୍ରୀଡା ସଂସ୍ଥା ସାଧାରଣ ସମ୍ପାଦକ ଡ଼. ଜନାର୍ଦ୍ଦନ ଦାଶଙ୍କ ଠାରୁ ପ୍ରକାଶ।

## ଟୁସୁ ମେଳା ଓ କ୍ରୀଡା ପ୍ରତିଯୋଗିତା ଆରମ୍ଭ



କରଞ୍ଜିଆ (ଭାସ୍କର ନ୍ୟୁଜ୍) : କରଞ୍ଜିଆ ବ୍ଲକ ଅନ୍ତର୍ଗତ ତାଟୋ ସ୍ଥିତ ମିନି ଷ୍ଟାଡିୟମ ଠାରେ ତାଟୋ ଟୁସୁ ମେଳା କମିଟି ପକ୍ଷରୁ ୬୦ ତମ ଟୁସୁ ମେଳା ଓ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଟୁସୁ ମେଳା ଅବସରରେ ବିଭିନ୍ନ ଗ୍ରାମରୁ ୧୫ ଟି ଟୁସୁ ମେଢ଼ ପ୍ରତିଯୋଗିତାରେ ଭାଗ ନେଇଥିଲେ ।ଏଥି ସହିତ ମନୋରଞ୍ଜନଭିତ୍ତିକ ଗ୍ରାମାଞ୍ଚଳ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସଭାପତି ପ୍ରଭୁଦତ୍ତ ନାୟକ, ସମ୍ପାଦକ ସରୋଜ ଖଟୁଆ, ଉପ ସଭାପତି ଚିନ୍ମୟ ନାୟକ, ଲଳିତ ନାୟକ, ସତୀଚ ମହାନ୍ତ, ପରମାନନ୍ଦ ନାୟକ, ରଞ୍ଜନ କୁମାର ବାରିକଙ୍କ ସହାୟତାରେ କ୍ରୀଡାଉତ୍ସବ ର ଆୟୋଜନ ହୋଇଥିଲା ଏଥିରେ ଅନୁଷ୍ଠାନର ଅନ୍ୟାନ୍ୟ ସଦସ୍ୟ ସହଯୋଗ କରିଥିଲେ। ଗ୍ରାମାଞ୍ଚଳରେ ଆଦୃତଲାଭ କରିଥିବା ବିଭିନ୍ନ ଦୌଡ, ଲାଖ ବିନ୍ଧା, ବେଲୁନ ଫୁଟା, ମାଠିଆ ଦୌଡ, ଖୁଣ୍ଟ ଚଢ଼ା, ସମେତ ଅନେକ ମନୋରଞ୍ଜନଭିତିକ କ୍ରୀଡା ପ୍ରତିଯୋଗୀତାର ଆୟୋଜନ ହୋଇଥିଲା। ଏଥିରେ ୫ରୁ ୮୫ବର୍ଷର ପ୍ରତିଯୋଗୀ ମଧ୍ୟ ଭାଗ ନେଇଥିଲେ। ମୁଖ୍ୟ ଅତିଥି ଭାବେ ବିଧାୟକ ପଦ୍ମଚରଣ ହାଇବ୍ରୁରୁ ଓ ସମ୍ମାନିତ ଅତିଥିଭାବେ ପୂର୍ବତନ ବିଧାୟକ ବିଜୟ ନାୟକ, ଶଶିଭୂଷଣ ନାୟକ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ।

## ଜୋକୋଭିକଙ୍କ ଆଉଏକ ବିଶ୍ୱ ରେକର୍ଡ



ନୂଆଦିଲ୍ଲୀ: ୨୪ ଥର ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିଥିବା ସର୍ବିୟାର ନୋଭାକ ଜୋକୋଭିକ ଆଉ ଏକ ବିଶ୍ୱରେକର୍ଡ ସ୍ଥାପନ କରିଛନ୍ତି । ଜୋକୋଭିଚ ଚଳିତ ଅଷ୍ଟ୍ରେଲିଆନ ଓପନରେ ୨୧ ବର୍ଷୀୟ ଜ୍ୟାମେ ଫାରିୟାଙ୍କୁ ୬-୧, ୬-୭, ୬-୩ ଓ ୬-୨ ସେଟରେ ପରାସ୍ତ କରିଥିଲେ । ଓପନ ଏରାରେ ଜୋକୋଭିଚଙ୍କ ଏହା ୪୩୦ତମ ଗ୍ରାଣ୍ଡ ସ୍ଲାମ ସିଙ୍ଗଲ୍ସ ବିଜୟ । ଏହା ପୂର୍ବରୁ ସୁଇଜରଲାଣ୍ଡର ରୋଜର ଫେଡେରରଙ୍କ ନାମରେ ଏହି ରେକର୍ଡ ରହିଥିଲା । ସେ ୪୨୯ ମ୍ୟାଚରେ ବିଜୟୀ ହୋଇଥିଲେ । ସ୍ପେନର ରାଫେଲ ନାଡାଲ(୩୫୮) ଓ ଆମେରିକା ଜିମ୍ମି କର୍ଣ୍ଣର୍ସ (୨୮୨) ଯଥାକ୍ରମେ ତୃତୀୟ ଓ ଚତୁର୍ଥ ସ୍ଥାନରେ ରହିଛନ୍ତି । ବିଜୟ ସହ ୩୭ ବର୍ଷୀୟ ଜୋକୋଭିଚ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି । ସେ ୨୫ତମ ଗ୍ରାଣ୍ଡସ୍ଲାମ ଟାଇଟଲ ଏବଂ ୧୦୦ତମ ଟୁର ଲେଭଲ ଟାଥଟଲ ହାତେଇବା ଲକ୍ଷ୍ୟରେ ରହିଛନ୍ତି । ତେବେ ଏହି ମ୍ୟାଚରେ ବିଜୟ ହାସଲ କରିବା ପାଇଁ ସର୍ବିୟାର ଏହି ଷ୍ଟାରଙ୍କୁ କଡା ସଂଘର୍ଷ କରିବାକୁ ପଡିଥିଲା । ପ୍ରଥମ ୨ଟି ସେଟ ଜିତିବା ପରେ ଫାରିୟା ତୃତୀୟ ସେଟ ଜିତି ମ୍ୟାଚରେ ରୋମାଂଚ ଭରିଥିଲେ । ୪ର୍ଥ ସେଟକୁ ସହଜରେ ଜିତି ଜୋକୋଭିଚ ବାଜି ମାରିଥିଲେ ।



ରୋଗ ଯାହା ବି ହେଉ, ଏହା ମଣିଷକୁ ବ୍ୟଥିତ କରେ। ପାଟି ଘା' ଛୋଟ କଥା ହୋଇପାରେ, କିନ୍ତୁ ପାଟି ଘା' ହେତୁ ଏହାର ଯନ୍ତ୍ରଣା ଏବଂ ଜ୍ୱାଳା ଆପଣଙ୍କୁ ଅଶାନ୍ତ କରେ। ପାଟି ଜଳିବା ପରି ଲାଗେ ଏବଂ ଯନ୍ତ୍ରଣା ହୁଏ। କିଛି ଲୋକ ଖାଦ୍ୟ ଖାଇ ପାରନ୍ତି ନାହିଁ ଏହି ସମସ୍ୟା ଗୁରୁତର ମଧ୍ୟ ହୋଇପାରେ। ଏହାର ମୁଖ୍ୟ କାରଣ ରକ୍ତରେ ହିମୋଗ୍ଲୋବିନ କମ୍ ହୋଇପାରେ। ଜ୍ୱର, ଉଚ୍ଚ ଟେନ୍ସନ୍ ଏବଂ ବ୍ରଶ୍ କରିବା ସମୟରେ ପାଟିରେ କ୍ଷତ ଭଳି ଅନେକ କାରଣରୁ ପାଟି ଘା' ହୋଇଥାଏ। ଅନେକ ଥର ପେଟ ରୋଗ କିମ୍ବା ପେଟର ଗରମ ହେତୁ ପାଟିରେ ଘା' ମଧ୍ୟ ହୁଏ। ଭିଟାମିନ ଇ ଅଭାବରୁ ମଧ୍ୟ ପାଟି ଘା' ହୋଇପାରେ। ଯେକୌଣସି ବୟସର ବ୍ୟକ୍ତିଙ୍କ ପାଇଁ ପାଟି ଘା' ଅସୁବିଧାଜନକ ହୋଇପାରେ। ତେବେ କିଛି ଦେଶୀ ଉପଚାର ଗ୍ରହଣ କଲେ ଏହି ସମସ୍ୟାରୁ ମୁକ୍ତି ପାଇପାରିବେ। ମହୁ ବ୍ୟବହାର କରି ଆପଣଙ୍କ ପାଟିର ଚିକିତ୍ସା କରାଯାଇପାରିବ। ମହୁକୁ ଉଷୁମ କରି ଚାମଚରେ, ଆଙ୍ଗୁଠିରେ ଲଗାନ୍ତୁ ଏବଂ ଏହାକୁ ଘା' ସ୍ଥାନରେ ରଖନ୍ତୁ, ଏହା ଫୁଲାକୁ ଭଲ କରିବ। ମହୁରେ ଟିକେ ହଳଦୀ ମିଶାଇ ଘା' ଉପରେ ମଧ୍ୟ ପ୍ରୟୋଗ କରାଯାଇପାରେ। ହଳଦୀରେ ପ୍ରଚୁର ଆଣ୍ଟି-ଇନ୍‌ଫ୍ଲାମେଟୋରୀ ଏବଂ ଆଣ୍ଟିମାଇକ୍ରୋବାୟଲ୍ ଗୁଣ ରହିଛି, ଯାହା କୌଣସି ପ୍ରକାରର କ୍ଷତକୁ ଭଲ କରିବାରେ ସାହାଯ୍ୟ କରିଥାଏ।



# ମହାକୁମ୍ଭରେ 'ଶିବ ତାଣ୍ଡବ' ଗାଇବେ ଅଦା



ଉତ୍ତରପ୍ରଦେଶର ପ୍ରୟାଗରାଜରେ ଆରମ୍ଭ ହୋଇଛି ମହାକୁମ୍ଭ। ସମଗ୍ର ବିଶ୍ୱ ଏହି କାର୍ଯ୍ୟକ୍ରମରେ ଏକତ୍ରିତ ହୋଇଛି। ପ୍ରୟାଗରାଜ ସଙ୍ଗମ ଅଞ୍ଚଳ ଏକ ତମ୍ବୁ ନଗରୀରେ ପରିଣତ ହୋଇଛି। ପ୍ରଥମ ଦିନରେ ୩କୋଟି ଶ୍ରଦ୍ଧାଳୁ ବୁଡ଼ ପକାଇଥିବା ବେଳେ ଏଥର ୪୦ କୋଟି ସାଧୁସନ୍ଥ ଓ ଭକ୍ତ ଦିବ୍ୟ ସ୍ନାନ ପାଇଁ ଏଠାକୁ ଆସିବେ ବୋଲି ଜଣାପଡିଛି। ତେଣୁ ବଲିଉଡ୍ ଷ୍ଟାରମାନେ କିପରି ପଛରେ ରହିବେ? କୁହାଯାଉଛି ଯେ ଆଗାମୀ ସମୟରେ ଅନେକ ତାରକାଙ୍କୁ ଦେଖିବାକୁ ମିଳିବ ଏବଂ ଏଥିସହିତ ଜଣେ ଅଭିନେତ୍ରୀଙ୍କୁ ଶିବ ତାଣ୍ଡବ ସ୍ତୋତ୍ର ଲାଇଭ୍ ପାଠ କରିବାକୁ ନିମନ୍ତ୍ରଣ କରାଯାଇଛି। କୁମ୍ଭମେଳା ପାଇଁ ଅମିତାଭ ବଚ୍ଚନଙ୍କ ସମେତ ଅନେକ ବଲିଉଡ ଅଭିନେତାଙ୍କୁ ନିମନ୍ତ୍ରଣ ପଠାଯାଇଥିବା ରିପୋର୍ଟ ରହିଛି। 'ଦି କେରଳ ଷ୍ଟୋରୀ' ଫିଲ୍ମ ମାଧ୍ୟମରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ଅଭିନେତ୍ରୀ ଅଦା ଶର୍ମା ମହାକୁମ୍ଭମେଳାରେ ଏକ ସ୍ୱତନ୍ତ୍ର ଲାଇଭ୍ ପ୍ରଦର୍ଶନ କରିବେ। ପ୍ରଥମ ଥର ପାଇଁ, ଅଭିନେତ୍ରୀ ଅଦା ଶର୍ମା ଲକ୍ଷ ଲକ୍ଷ ଲୋକଙ୍କ ଉପସ୍ଥିତିରେ ଶିବ ତାଣ୍ଡବ ସ୍ତୋତ୍ରକୁ ଲାଇଭ୍ ପାଠ କରିବେ। ଲୋକପ୍ରିୟ ଅଭିନେତା ଅମିତାଭ ବଚ୍ଚନ, ରଣବୀର କପୁର, ଆଲିଆ ଭଟ୍ଟ, ଅନୁପ ଜଲୋଟା, ରେଣୁକା ସାହାଣେ, ଆଶୁତୋଷ ରାଣା, ରବି କିଶନ, ମନୋଜ ତିୱାରୀ, ଅକ୍ଷରା ସିଂହଙ୍କୁ ଦେଖିବାକୁ ମିଳିବ। ସେହିପରି ମହାକୁମ୍ଭରେ ଅନେକ ତାରକା ଗୀତ ମଧ୍ୟ ଗାଇବେ। ସେମାନଙ୍କ ମଧ୍ୟରେ ଅଛନ୍ତି- ରବି ତ୍ରିପାଠୀ (ଜାନୁଆରୀ ୨୫), ସାଧନା ସରଗମ (ଜାନୁଆରୀ ୨୬), ଶାନ (ଜାନୁଆରୀ ୨୭) ଏବଂ ରଞ୍ଜନୀ ଏବଂ ଗାୟତ୍ରୀ (ଜାନୁଆରୀ ୩୧) ସମସ୍ତେ ଭିନ୍ନ ଭିନ୍ନ ଦିନରେ ପ୍ରଦର୍ଶନ କରିବେ। ଏହା ବ୍ୟତୀତ, କୈଳାସ ଖେର (୨୩ ଫେବୃଆରୀ) ଏବଂ ମୋହିତ ଚୌହାନଙ୍କ ଫାଇନାଲ (୨୪ ଫେବୃଆରୀ)। ଏହି ପ୍ରଦର୍ଶନ କୁମ୍ଭମେଳା ପରିସରରେ ଥିବା ଗଙ୍ଗା ପେଣ୍ଡାଲରେ ହେବ। ଏହି ମହାକୁମ୍ଭରେ ପ୍ରାୟ ୧୫,୦୦୦ କଳାକାର ଏକାଠି ଦେଖାଯିବେ।





# ବିଶ୍ୱ ସୁନ୍ଦରୀରୁ ସନ୍ନ୍ୟାସୀ

ଆଜିକାଲି ଅନେକ ଷ୍ଟାର ବଲିଉଡର ଗ୍ଲାମରଠାରୁ ଦୂରତା ବଜାୟ ରଖୁଛନ୍ତି। ଏହି ତାରକାମାନେ ଏବେ ନିଜର ପଥ ବାଛୁଛନ୍ତି। ସେମାନେ ଚଳଚ୍ଚିତ୍ର ଜଗତର ଚମତ୍କାରକୁ ଉପଭୋଗ କରୁନାହାଁନ୍ତି। ସେମାନେ ଈଶ୍ୱରଙ୍କ ଭକ୍ତିରେ ନିଜକୁ ବୁଡ଼ାଇ ଦେବାକୁ ନିଷ୍ପତ୍ତି ନେଉଛନ୍ତି। ଏପରି ଜଣେ ଅଭିନେତ୍ରୀଙ୍କ ବିଷୟରେ କହୁଛୁ, ଯିଏ ନିଜ ସୌନ୍ଦର୍ଯ୍ୟ ପାଇଁ ବେଶ୍ ଚର୍ଚ୍ଚାରେ ଥିଲେ। ସେ ଅନେକ ସୌନ୍ଦର୍ଯ୍ୟ ପ୍ରତିଯୋଗିତା ମଧ୍ୟ ଜିତିଥିଲେ। ବଲିଉଡ୍ ଫିଲ୍ମରେ ତାଙ୍କର ଅଭିନୟ ଦକ୍ଷତା ଦେଖାଇଥିଲେ କିନ୍ତୁ ଏବେ ସେ ନାମ ଏବଂ ଖ୍ୟାତିକୁ ପଛରେ ପକାଇ ତାଙ୍କ ଜୀବନକୁ ଏକ ନୂଆ ଦିଗ ଦେଇଛନ୍ତି। ଏହି ଅଭିନେତ୍ରୀ ଏବେ ସମ୍ପୂର୍ଣ୍ଣ ଭାବରେ ସନ୍ନ୍ୟାସୀ ହୋଇଗଲେଣି। ତାଙ୍କର ରଙ୍ଗୀନ ଜୀବନ ଛାଡି ଏକ ସରଳ ଜୀବନଯାପନ କରୁଛନ୍ତି। ସେ ହେଉଛନ୍ତି ପୂର୍ବତନ ମିସ୍ ୱାର୍ଲ୍ଡ ଟୁରିଜିମ୍ ଏବଂ ଅଭିନେତ୍ରୀ ଇଶିକା ତନେଜା। ମୋହ-ମାୟା ଜଗତରୁ ଊର୍ଦ୍ଧ୍ୱକୁ ଯାଇ, ସେ ତ୍ୟାଗ ଏବଂ ତପସ୍ୟାକୁ ଗ୍ରହଣ କରିଛନ୍ତି। ଇଶିକା ତନେଜା ଏବେ ଆଧ୍ୟାତ୍ମିକ ପଥ ଆରମ୍ଭ କରିଛନ୍ତି। ଗତ ସପ୍ତାହରେ, ସେ ମଧ୍ୟପ୍ରଦେଶର ଜବଲପୁରରେ ଶଙ୍କରାଚାର୍ଯ୍ୟ ସ୍ୱାମୀ ସଦାନନ୍ଦ ସରସ୍ୱତୀ ମହାରାଜଙ୍କ ମାର୍ଗଦର୍ଶନରେ ଗୁରୁ ଦୀକ୍ଷା ନେଇଥିଲେ। ତାଙ୍କ ନିଷ୍ପତ୍ତି ବିଷୟରେ ସେ କହିଥିଲେ ଯେ ଆଜିର ଯୁବପିଢ଼ି ଧର୍ମର ପଥ ଅନୁସରଣ କରିବା ଉଚିତ୍। ସେ ନିଜେ ଏହି ପଥ ବାଛିଥିବାରୁ, ଯୁବାମାନଙ୍କୁ ମଧ୍ୟ ସେହିପରି କରିବାକୁ ଅନୁରୋଧ କରୁଛନ୍ତି। ତାଙ୍କର ଆକର୍ଷଣୀୟ ଫଟୋରେ ପରିପୂର୍ଣ୍ଣ ସୋସିଆଲ ମିଡିଆ ଏବେ ଏକ ଧାର୍ମିକ ଦୃଷ୍ଟିକୋଣ ସ୍ଥାପନ କରୁଛି। ୨୦୧୭ ମସିହାରେ ମିସ୍ ୱାର୍ଲ୍ଡ ଟୁରିଜିମ୍ ଟାଇଟଲ୍ ଜିତିଥିଲେ ଇଶିକା ତନେଜା। ମାଲେସିଆର ମାଲାକାରେ ଅନୁଷ୍ଠିତ ପ୍ରତିଯୋଗିତାରେ ସେ ବିଶ୍ୱର ବିଜନେସ୍ ଓମ୍ୟାନ୍ ଟାଇଟଲ୍ ମଧ୍ୟ ଜିତିଥିଲେ। ଇଶିକା ଭାରତର ୧୦୦ ଜଣ ସଫଳ ଜଣେ ସେ ଜଣେ ରାଷ୍ଟ୍ରପତି ପୁରସ୍କାର ମଧ୍ୟ ପାଇଛନ୍ତି। ଏହି ସଫଳତା ସତ୍ତ୍ୱେ, ସେ ଆଧ୍ୟାତ୍ମିକତା ଆଡ଼କୁ ଯିବାକୁ ନିଷ୍ପତ୍ତି ନେଇଥିଲେ।

# ଧରାପଡ଼ିଲା ଶ୍ରଦ୍ଧାଙ୍କ ଲୁଚାଛପା ପ୍ରେମ



ବଲିଉଡ୍ ଅଭିନେତ୍ରୀ ଶ୍ରଦ୍ଧା କପୁର। ପ୍ରତିଦିନ କୌଣସି ନା କୌଣସି କାରଣରୁ ଚର୍ଚ୍ଚାରେ ରହିଥାଆନ୍ତି। ଶ୍ରଦ୍ଧା କପୁରଙ୍କ ବିଷୟରେ ବାରମ୍ବାର ଖବର ଆସୁଛି ଯେ ସେ ରାହୁଲ ମୋଦିଙ୍କୁ ଡେଟ୍ କରୁଛନ୍ତି। ଶ୍ରଦ୍ଧା କପୁର ଏହି ଖବରଗୁଡ଼ିକ ଉପରେ ଥରେ ମଧ୍ୟ ଖୋଲାଖୋଲି ଭାବରେ କହି ନାହାଁନ୍ତି କିନ୍ତୁ ସେ ରାହୁଲ ମୋଦିଙ୍କ ସହିତ ସମ୍ପର୍କରେ ଥିବା ବିଷୟରେ ଅନେକ ଥର ସଙ୍କେତ ଦେଇଛନ୍ତି। ଶ୍ରଦ୍ଧା କପୁରଙ୍କ ଏକ ଭିଡିଓ ସାମ୍ନାକୁ ଆସିଛି। ଯାହା ଇଣ୍ଟରନେଟରେ ଖୁବ୍ ଭାଇରାଲ ହେଉଛି। ଏହି ଭିଡିଓରେ, ଶ୍ରଦ୍ଧା କପୁରଙ୍କ ଲୁକ୍ ନୁହେଁ ବରଂ ତାଙ୍କ ଫୋନର ୱାଲପେପର ଲୋକଙ୍କ ଦୃଷ୍ଟି ଆକର୍ଷଣ କରୁଛି। ଶ୍ରଦ୍ଧା କପୁରଙ୍କ କଥିତ ପ୍ରେମିକଙ୍କ ଫଟୋ ଅଭିନେତ୍ରୀଙ୍କ ଫୋନର ୱାଲପେପରରେ ଦେଖିବାକୁ ମିଳିଥିଲା। ଶ୍ରଦ୍ଧା କପୁରଙ୍କୁ ମୁମ୍ବାଇରେ ଦେଖିବାକୁ ମିଳିଥିଲା। ସେହି ସମୟରେ ସମସ୍ତଙ୍କ ଧ୍ୟାନ ତାଙ୍କ ଫୋନର ୱାଲପେପର ଉପରେ ପଡିଥିଲା। ଫୋନର ୱାଲପେପରରେ ଶ୍ରଦ୍ଧାଙ୍କ କଥିତ ପ୍ରେମିକ ରାହୁଲ ମୋଦିଙ୍କ ସହ ଫଟୋ ଦେଖିବାକୁ ମିଳିଥିଲା। ପ୍ରଶଂସକମାନେ ଫୋନର ୱାଲପେପରରେ ଏହି ଦମ୍ପତିଙ୍କ ଫଟୋ ଦେଖି ଏହାକୁ ପରଫେକ୍ଟ ବୋଲି କହିଛନ୍ତି। ଏହି ସମୟରେ ଶ୍ରଦ୍ଧା କପୁର ଗୋଲାପୀ ରଙ୍ଗର ଟପ୍‌ରେ ବହୁତ ସୁନ୍ଦର ଦେଖାଯାଉଛନ୍ତି। ଶ୍ରଦ୍ଧା କପୁରଙ୍କ ହସ ସେଠାରେ ଉପସ୍ଥିତ ପ୍ରଶଂସକଙ୍କ ହୃଦୟ ମଧ୍ୟ ଜିତି ନେଇଥିଲା।



# ଶୀତଦିନେ ରୁମ୍ ହିଟର୍ ବ୍ୟବହାର କରୁଛନ୍ତି କି ?

**ଏବେ ଶୀତର ପ୍ରକୋପ ବଢ଼ିଛି। ପ୍ରାୟତଃ ଶୀତ ଦିନେ ଥଣ୍ଡାରୁ ଆରମ ପାଇବା ପାଇଁ ଅନେକ ଲୋକ ରୁମ୍ ହିଟର୍ ବ୍ୟବହାର କରିଥାନ୍ତି। ସେମାନଙ୍କ ଭିତରୁ ଅଧିକାଂଶ ଅଛନ୍ତି ଯେଉଁମାନେ ଘଣ୍ଟା ଘଣ୍ଟା ଧରି ରୁମ୍ ହିଟର୍ ବ୍ୟବହାରରେ ଅଭ୍ୟସ୍ତ। ତେବେ ଦୀର୍ଘ ସମୟ ପର୍ଯ୍ୟନ୍ତ ବନ୍ଦ ରୁମ୍ ଭିତରେ ହିଟର୍ ବ୍ୟବହାର ଦ୍ୱାରା ମଣିଷର ସ୍ୱାସ୍ଥ୍ୟ ପ୍ରଭାବିତ ହୋଇଥାଏ। ଏକ ସ୍ୱାସ୍ଥ୍ୟ ଭିତ୍ତିକ ଅଧ୍ୟୟନର ରିପୋର୍ଟ ମୁତାବକ ହିଟରର ଅତ୍ୟଧିକ ବ୍ୟବହାର ଯୋଗୁଁ କୋଠରୀର କାର୍ବନ ମନୋକ୍ସାଇଡ୍‌ସ୍ତର ବଢ଼ିଯାଏ। ଫଳରେ ମସ୍ତିଷ୍କରେ ରକ୍ତ ଅଭାବ ଦେଖାଯିବା ସହ ମସ୍ତିଷ୍କକୁ ଗୁରୁତର କ୍ଷତି ପହଞ୍ଚାଏ। ମସ୍ତିଷ୍କରେ ଆଭ୍ୟନ୍ତରୀଣ ରକ୍ତସ୍ରାବ ହେବାର ଆଶଙ୍କା ବଢ଼ିଯାଏ...**

- ଅଧିକ ସମୟ ଧରି ରୁମ୍ ହିଟର୍ ବ୍ୟବହାର ଦ୍ୱାରା ମସ୍ତିଷ୍କ ସହ ଶରୀରର ଅନ୍ୟାନ୍ୟ ଅଙ୍ଗ ପ୍ରଭାବିତ ହୋଇଥାଏ।
- ସବୁଠୁ ବଡ଼କଥା ହେଉଛି ଏହା ଜଣଙ୍କର ଶାରୀରିକ ଅଭିବୃଦ୍ଧି, ପାଚନ ପ୍ରକ୍ରିୟା, ନିଦ୍ରା ବ୍ୟବସ୍ଥା ଓ ଶାରୀରିକ ସନ୍ତୁଳନକୁ ପ୍ରଭାବିତ କରିବାରେ ସକ୍ଷମ ହୋଇଥାଏ।
- ରୁମ୍ ହିଟର୍ ଚଳାଇବା ଦ୍ୱାରା କୋଠରୀରେ ଅମ୍ଳଜାନ ମାତ୍ରା ହ୍ରାସ ପାଏ। ଫଳରେ ମସ୍ତିଷ୍କକୁ ସଠିକ ମାତ୍ରାର ଅମ୍ଳଜାନ ମିଳିପାରୁ ନଥିବାରୁ ମୁଣ୍ଡବିନ୍ଧା, ମୁଣ୍ଡ ବୁଲାଇବା, ଥକ୍କାପଣ ଆଦି ସମସ୍ୟା ହୋଇଥାଏ।
- ଏହା ହୃଦ୍‌ଘାତର କାରଣ ମଧ୍ୟ ହୋଇପାରେ। ଦୀର୍ଘ ସମୟ ଧରି ଅମ୍ଳଜାନ କମ୍ ଯୋଗୁଁ ମସ୍ତିଷ୍କର କାର୍ଯ୍ୟକ୍ଷମତା ପ୍ରଭାବିତ ହୋଇପାରେ। ସ୍ମୃତିଶକ୍ତି ହ୍ରାସ ପାଇବା ସହ ନିର୍ଣ୍ଣୟ ନେବା କ୍ଷମତା ଉପରେ ପ୍ରଭାବ ପଡ଼େ।
- ରୁମ୍ ହିଟର୍ ଚାଲୁ କରିବା ଦ୍ୱାରା କୋଠରୀର ଆର୍ଦ୍ରତା ନିୟନ୍ତ୍ରଣରେ ରହେନାହିଁ। ତ୍ୱଚା ଏବଂ ଦୃଷ୍ଟିଶକ୍ତି ଉପରେ ଏହା ପ୍ରଭାବ ପକାଇଥାଏ। ତ୍ୱଚା ଶୁଷ୍କ ହେବାସହ ଶରୀରରେ ଘା' ହୋଇପାରେ। ଆଖି ଜଳାପୋଡ଼ା, ହାଇଡ୍ରେଟ ସମସ୍ୟା ବୃଦ୍ଧି ପାଇଥାଏ। ଏହାଫଳରେ ଶରୀର କୁଣ୍ଡାଇ ହୋଇଥାଏ।
- ଶ୍ୱସନତନ୍ତ୍ର ଉପରେ ଏହାର କୁପ୍ରଭାବ ରହିଥାଏ। ରୁମ ହିଟରରୁ ବାହାରୁଥିବା ଗରମ ବାୟୁ ନିଃଶ୍ୱାସପ୍ରଶ୍ୱାସ ନେବାରେ ସମସ୍ୟା ସୃଷ୍ଟି କରିପାରେ। ଶ୍ୱସନ ସମ୍ବନ୍ଧୀୟ ସମସ୍ୟାରେ ପୀଡ଼ିତ ବ୍ୟକ୍ତିଙ୍କ ପାଇଁ ଏହା ଅଧିକ ବିପଦ ସୃଷ୍ଟି କରେ।
- ଅଧିକ ସମୟ ରୁମ୍ ହିଟର୍ ବ୍ୟବହାର ଦ୍ୱାରା ନାକ ଏବଂ ଗଳା ଶୁଖିବାର ଆଶଙ୍କା ଥିବାରୁ ସଂକ୍ରମଣ ଆଶଙ୍କା ବଢ଼ିଯାଏ।

## ଏଥିରୁ କିପରି ବର୍ତ୍ତିବେ



ପ୍ରଥମ କଥା ହେଉଛି ରୁମ୍ ହିଟର୍ ଚଳାଚଳ ପାଇଁ ସାମାନ୍ୟ ବନ୍ଦୋବସ୍ତ ରଖନ୍ତୁ। ହିଟର ସହ ହ୍ୟୁମିଡ଼ିଫାୟର ବ୍ୟବହାର ଦ୍ୱାରା ଆର୍ଦ୍ରତା ବଜାୟ ରହିବ। ଏହାସହ ପର୍ଯ୍ୟାପ୍ତ ମାତ୍ରାର ପାଣି ପିଅନ୍ତୁ। ଦୀର୍ଘ ସମୟ ରୁମ୍ ହିଟର୍ ବ୍ୟବହାର ନକରି ମଝିରେ ମଝିରେ ବନ୍ଦ ରଖନ୍ତୁ। ରୁମ୍‌କୁ ଉଷୁମ ରଖିବା ପାଇଁ ଆବଶ୍ୟକୀୟ ପ୍ରାକୃତିକ ବ୍ୟବସ୍ଥା ଆପଣାନ୍ତୁ ଏହା ସ୍ୱାସ୍ଥ୍ୟ ପାଇଁ ଖୁବ୍‌ଭଲ।

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik



କାକଟପୁର (ଭାସ୍କର ନ୍ୟୁଜ): କାକଟପୁର ବ୍ଲକ କଂଗ୍ରେସ ପକ୍ଷରୁ ଯୁବ ନେତା ବିଶ୍ୱଭୁଷଣ ଦାସ ଓ କୃଷକ ସେଲ ଅଧ୍ୟକ୍ଷ ଅମୀୟ ପଟ୍ଟନାୟକ ଙ୍କ ନେତୃତ୍ୱରେ କାକଟପୁର ତହସିଲଦାରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଏହି ଦାବିପତ୍ରରେ ଅଦିନିଆ ବର୍ଷା ରେ କ୍ଷୟ କ୍ଷତି ହୋଇଥିବା ଚାଷୀ ମାନଙ୍କୁ କ୍ଷତିପୂରଣ ତୁରନ୍ତ ଦେବା ପାଇଁ ଦାବି ହୋଇଥିଲା । ପରେ କାକଟପୁର ବ୍ଲକ କଂଗ୍ରେସ କାର୍ଯ୍ୟାଳୟ କଲେଜଛକ ନିକଟରେ ଥିବା ଏକ ଗୃହକୁ କାର୍ଯ୍ୟାଳୟ ଭାବେ ରାଜ୍ୟ କଂଗ୍ରେସ କୃଷକ ସେଲର ଅଧ୍ୟକ୍ଷ ଅମୀୟ ପଟ୍ଟନାୟକ, ପିସିସି ପୂର୍ବତନ ଉପ ସଭାପତି ବିଶ୍ୱଭୂଷଣ ଦାସ ଉଦଘାଟନ କରିଥିଲେ । ଏହି ଅବସରରେ ସଂଯୋଜକ ଯଶୋବନ୍ତ ମହାନ୍ତି, ଭାସ୍କର ସେଠ,ବିଚିତ୍ରା ନନ୍ଦ ଦାଶ,ଦେଶପ୍ରାଣ ଲେଙ୍କା,ବିଷ୍ଣୁ ଚରଣ ବେହେରା,ତୁଷାର କାନ୍ତ ନାୟକ,ଆଇନିଜୀବି ପ୍ରଫୁଲ୍ଲ କୁମାର ନାୟକ,ଅବଧୂତ ସ୍ୱାଇଁ,ମହେଶ୍ୱର ନାୟକ,ନଳିନୀ କାନ୍ତ ଦୀକ୍ଷିତ, ସମ୍ପଦ ମଠିଆ ପ୍ରମୁଖ ଉତ୍ସବରେ ଥିଲେ । ନୂତନ କାର୍ଯ୍ୟାଳୟ ଉତ୍ସବ ଅବସରରେ ଗୋପ ବ୍ଲକର ଅବସର ପ୍ରାପ୍ତ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ବ୍ରଜବନ୍ଧୁ ବେହେରା କଂଗ୍ରେସ ଦଳରେ ଆନୁଷ୍ଠାନିକ ଭାବେ ଯୋଗ ଦେଇଥିଲେ ।



# ବିସ୍ଥାପନ ପରିବାର ତାଲିକାରେ ପ୍ରିୟାପ୍ରୀତି ଓ ଅନିୟମିତତା ଅଭିଯୋଗ



ଅନୁଗୋଳ (ଭାସ୍କର ନ୍ୟୁଜ): ଅନୁଗୋଳ ବ୍ଲକ୍ ଅନ୍ତର୍ଗତ ସାତକୋଶିଆ ବ୍ୟାଘ୍ର ସଂରକ୍ଷଣ ଅଂଚଳର ପରିସୀମା ଗ୍ରାମ ଗୋପାଳପୁର ରାଜସ୍ୱ ଗ୍ରାମର ବିସ୍ଥାପନ ପରିବାର ତାଲିକା ପ୍ରକାଶ ପାଇଅଛି । ପ୍ରଥମ ପର୍ଯ୍ୟାୟରେ ଗ୍ରାମର ୩୬ ଟି ପରିବାରରୁ ୮୬ ଜଣ ବିସ୍ଥାପନ ପ୍ୟାକେଜ୍ ପାଇବାର ଏକ ତାଲିକା ପୁରୁଣାକୋଟ୍ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ଯାଇଅଛି । ଏହି ତାଲିକା ଉଭୟ ରାଜସ୍ୱ ଓ ବନ ବିଭାଗର ରାଜସ୍ୱ ସୁପରଭାଇଜର୍, ରାଜସ୍ୱ ନୀରିକ୍ଷକ, ରେଂଜ୍ ଅଫିସର୍ ଓ ବନପାଳ ପ୍ରସ୍ତୁତି କରିଥିବାର ସ୍ୱାକ୍ଷର ରହିଅଛି । ଏହି ତାଲିକା ଦେଖିବା ପରେ ସପକ୍ଷବାଦୀଙ୍କ ସଂଖ୍ୟା ବଢାଇବା ଏବଂ ପ୍ରିୟାପିତି ପୋଷଣ ନେଇ ଗ୍ରାମର ବାସିନ୍ଦା ନ ଥିବା ୨୦ ଜଣ ତାଲିକା ଭୂକ୍ତ ହୋଇଥିବାର ଅଭିଯୋଗ କରାଯାଇଅଛି । ଏପରିକି ରେକର୍ଡ ଜମି ଥିବା ଅସ୍ଥାୟୀ ଘର ଉପରେ ଅନ୍ୟ ବାହର ବାସିନ୍ଦାକୁ ବିସ୍ଥାପନ ପ୍ୟାକେଜ୍ ତାଲିକା କରାଯାଇଥିବାର ଲିଖିତ ଅଭିଯୋଗ କରାଯାଇଅଛି । ଗୋପାଳପୁର ଗ୍ରାମର ଖାତା ନଂ ୨୨ ଓ ୨୩ର ପ୍ଲଟ୍ ଉପରେ ୬ ଜଣ ଅସ୍ଥାୟୀ ଭାବେ ରହୁଥିବା ବିସ୍ଥାପିତ ପ୍ୟାକେଜ୍ ତାଲିକାଭୂକ୍ତ ହୋଇଥିବା ଜମିର ମାଲିକ ଲକ୍ଷ୍ମୀ ଦେବୀ, ମନୋଜ କୁମାର ଧର, ପ୍ରଦୀପ କୁମାର ଧର, ମାନସ ରଂଜନ ଧର ଲିଖିତ ଭାବେ ତହସିଲଦାରଙ୍କୁ ଜଣାଇଥିବା ଜଣାଯାଇଅଛି । ଏପରିକି ଲକ୍ଷ୍ମୀ ଦେବୀଙ୍କ ସମେତ ତାଙ୍କ ପରିବାର ବେଆଇନ୍ ଗ୍ରାମ ବିସ୍ଥାପନକୁ ବିରୋଧ କରି ଉଚ୍ଚ ନ୍ୟାୟାଳୟ ଓ ମାନବ ଅଧିକାର କମିସନଙ୍କ ନିକଟରେ ମକଦ୍ଦମା କରିଥିବା ପ୍ରକାଶ କରିଛନ୍ତି । ଅନୁରୂପ ଭାବରେ ଗୋପାଳପୁର ଗ୍ରାମର ରାଧାକୃଷ୍ଣ ଠାକୁରାଣୀଙ୍କ ଜମି ଉପରେ ଅସ୍ଥାୟୀ ଭାବେ ରହିଥିବା ୫ ପରିବାର ୨୦ ଲକ୍ଷ ଟଙ୍କା ପ୍ୟାକେଜ୍ ପାଇବା ନେଇ ଏକପ୍ରକାର ଧରାଧରି କରି ତାଲିକାଭୂକ୍ତ ହୋଇଥିବା ପ୍ରକାଶିତ ତାଲିକାରୁ ଜଣାଯାଇଅଛି । ରାଧାକୃଷ୍ଣ ଠାକୁରାଣୀଙ୍କ ଜମିର ମାର୍ଫଦଦାର୍ ପ୍ରଜା ବରୁଣ କୁମାର ବିଶୋଇ , ପ୍ରଫୁଲ କୁମାର ବିଶୋଇ ଏବଂ ଅନିଲ କୁମାର ବିଶୋଇ ଏହି ୫ ତାଲିକାଭୂକ୍ତ ପରିବାରକୁ ତାଲିକାରୁ ବାଦ୍ ଦେବା ପାଇଁ ଲିଖିତ ଭାବେ ତହସିଲଦାର୍ ଓ ଜିଲ୍ଲା ପ୍ରଶାସନକୁ ଜଣାଇଅଛନ୍ତି । ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ କଟରଂଗ ଓ ଟୁଲୁକା ଗ୍ରାମର ସ୍ଥାୟୀ ବାସିନ୍ଦା ଥିବା ୩୩ ଜଣ ପରିବାରକୁ ବନ ବିଭାଗ ବିସ୍ଥାପିତ ପରିବାର ତାଲିକାରୁ ବଞ୍ଚିତ କରିଅଛନ୍ତି । ଏହି ୩୩ ଜଣ ଜୀବନଜୀବିକା ପାଇଁ ବାହାରେ ଥିବାରୁ ବାଦ୍ ଦେଇଥିବା ବନ ବିଭାଗ ଯୁକ୍ତି କରୁଅଛି । ଗୋପାଳପୁର ଗ୍ରାମରେ ୯ ଜଣ ଲୋକ ଆଦୌ ୩୦ ବର୍ଷ ହେଲା ରହୁନଥିବା ବେଳେ ଏବଂ ୬ ମାସ ମଧ୍ୟରେ ଆଧାରକାର୍ଡ ପରିବର୍ତ୍ତନ କରି ତାଲିକାଭୂକ୍ତ ହୋଇଥିବା ଅଭିଯୋଗ ହୋଇଛି । ସମିତି ସଭାପତି ତଥା ପୂର୍ବତନ ଅନୁଗୋଳ ବ୍ଲକ୍ ଅଧ୍ୟକ୍ଷ ନବ କିଶୋର ବିଶୋଇ ଗ୍ରାମ ବିସ୍ଥାପନ ତାଲିକା ଆଇନ୍ ଓ ନିୟମାବଳୀରେ ହେଉ ନ ଥିବା ନେଇ କ୍ଷୋଭ ପ୍ରକାଶ କରିଅଛନ୍ତି । ଟୁଲୁକା ଗ୍ରାମରେ ଗ୍ରାମ ବିସ୍ଥାପନକୁ ନେଇ ସପକ୍ଷବାଦୀ ଓ ବିପକ୍ଷବାଦୀ ଦୁଇଗୋଷ୍ଠୀ ଥିବା ବେଳେ ସେଠାରେ ପଲ୍ଲୀସଭାରେ ଆଲୋଚନାର ରେଜୁଲେସନ୍ ନ ହୋଇ ଗ୍ରାମ ବିସ୍ଥାପନ କରାଯାଇଅଛି । ଗୋପାଳପୁର ଗ୍ରାମରେ ପୁରୁଣାକୋଟ୍ ଗ୍ରାମର ୭୦ ରୁ ୮୦ ପ୍ରତିଶତ ଜମିଜମା ରେକର୍ଡଧାରୀ ପ୍ରଜା ରହିଅଛନ୍ତି । ଏହି ରେକର୍ଡଧାରୀ ପ୍ରଜା ପ୍ରାୟଃ ୧୫୦ ଏକରରୁ ଅଧିକ ଜମି ବିସ୍ଥାପନ ଯୋଜନାରେ ବନ ବିଭାଗକୁହସ୍ତାନ୍ତର ନ କରିବାକୁ ରୋକ୍ ଠୋକ୍ ମନା କରିଥିବା ମନୋଜ୍ ବିଶୋଇ, ଦିବାକର ବିଶୋଇ ପ୍ରକାଶ କରିଅଛନ୍ତି ।

# ବର୍ଦ୍ଧିତ ଭତ୍ତା ବିତରଣ ସମାରୋହ ଅନୁଷ୍ଠିତ



ମାଲକାନଗିରି (ଭାସ୍କର ନ୍ୟୁଜ): ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗଙ୍କ ନିର୍ଦ୍ଦେଶ ଅନୁଷାରେ ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଏବଂ ଜିଲ୍ଲା ପ୍ରଶାସନ ଦ୍ୱାରା ସ୍ଥାନୀୟ ପୌର ପରିଷଦ କାର୍ଯ୍ୟାଳୟ ଠାରେ ଜିଲ୍ଲାରେ ଥିବା ୮୦ ବର୍ଷ ଓ ତଦୁର୍ଦ୍ଧ ବୃଦ୍ଧ ଓ ବୃଦ୍ଧା ଏବଂ ୮୦ ପ୍ରତିଶତ ଓ ତଦୁର୍ଦ୍ଧ ଥିବା ଭିନ୍ନକ୍ଷମ ମାନଙ୍କ ସାମାଜିକ ସୁରକ୍ଷା ଯୋଜନା ଅନ୍ତର୍ଗତ ମଧୁବାବୁ ପେନସନ ଓ ଜାତୀୟ ସାମାଜିକ ସହାୟତା ଯୋଜନାରେ ଅନ୍ତର୍ଭୁକ୍ତ କରି ମାସିକ ଭତ୍ତା ୧୨୦୦ରୁ ବର୍ଦ୍ଧିତ ହୋଇ ୩୫୦୦ ଟଙ୍କା ଏହି ଜାନୁଆରୀ ମାସ ୧୫ ତାରିଖ ଠାରୁ ପ୍ରଦାନ କରିବା ଅବସରରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମାଲକାନଗିରି ବିଧାୟକ ନରସିଂହ ମାଡକାମୀ, ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ, ଉପ- ଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ, ମାଲକାନଗିରି ପୌର ପରିଷଦ ଅଧ୍ୟକ୍ଷ ମନୋଜ ବାରିକ, ନବରଙ୍ଗପୁର ସାଂସଦ ଜିଲ୍ଲା ପ୍ରତିନିଧି ସଞ୍ଜୟ ସରକାର ଓ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ନିର୍ମଳ ଧରୁଆ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ଅୟୋଜନ କରିବାରେ ଉପଖଣ୍ଡ ସାମାଜିକ ସୁରକ୍ଷା, ସସ୍ମିତା ସ୍ୱାଇଁ, ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ରାଜୀବ ପୂଜାରୀଙ୍କ ସମେତ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ ।

# ନିୟନ୍ତ୍ରିତ ବଜାର ଗଠନ ନେଇ ଉପ ଜିଲ୍ଲାପାଳଙ୍କ କ୍ଷେତ୍ର ପରିଦର୍ଶନ



ଧାମନଗର (ଭାସ୍କର ନ୍ୟୁଜ): ଧାମନଗର ବ୍ଲକରେ ପ୍ରତି ପଞ୍ଚାୟତରେ ନିୟନ୍ତ୍ରିତ ବଜାର ଗଠନ ହେବ । ଏଠାରେ ସେହି ପଞ୍ଚାୟତରେ ଚାଷୀମାନଙ୍କ ଦ୍ୱାରା ଉତ୍ପାଦିତ ସାମଗ୍ରୀର ବିକ୍ରି ହେବ । ପଞ୍ଚାୟତର ବିଭିନ୍ନ ଛକ ବଜାରରେ ଅତ୍ୟାଧୁନିକ ଓ ବହୁମୁଖୀ ହାଟ ପିଣ୍ଡି ନିର୍ମାଣ ହେବ । ସରକାରଙ୍କ ଏଭଳି ନିଷ୍ପତ୍ତି ପରେ ଭଦ୍ରକ ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ ବୁଧବାର ଧାମନଗରର ବିଭିନ୍ନ ପଞ୍ଚାୟତ ବୁଲି ସ୍ଥାନ ନିରୀକ୍ଷଣ କରିଛନ୍ତି । ଏହା ପରେ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିଥିଲେ । ଏହାସହ ହାଟକୁ ଲାଗିକି ଥିବା ସରକାରୀ ଜାଗାରେ ମାର୍କେଟ କଂପ୍ଲେକ୍ସ ନିର୍ମାଣ କରାଯିବ । ଏଥିରେ ତେଜରାତି ଦୋକାନିମାନଙ୍କୁ ଜାଗା ଦିଆଯିବ । ତାଛଡ଼ା ଉକ୍ତ ସରକାରୀ ଜାଗାରେ ଜବରଦଖଲ କରି ଦୋକାନ ଘର କରିଥିବା ବେପାରୀମାନଙ୍କୁ ମଧ୍ୟ ଥଇଥାନ କରାଯିବ । ତା ପରେ ଉପଜିଲ୍ଲାପାଳ ଉତ୍ତରବାହିନୀ ଜଗନ୍ନାଥ ମଠ ଓ ପଣସମାହାରା ଘାଟ ବୁଲି ଦେଖିଥିଲେ । ବୈତରଣୀ ପୋଲ ନିକଟରୁ ବୁଢ଼ା ମହାଦେବ ମନ୍ଦିର ପର୍ଯ୍ୟନ୍ତ ନଦୀପଠା କୁ ପଥର ବିଛାଯିବ ବୋଲି ଉପଜିଲ୍ଲାପାଳ କହିଛନ୍ତି । ବାଲିପଡ଼ା ବଜାର, ଖଙ୍ଗରା ହାଟକୁ ବିକଶିତ କରାଯିବ । ବାଲିପଡ଼ା ଛକରେ ମାର୍କେଟ କଂପ୍ଲେକ୍ସ କରାଯିବ ଓ ଖଙ୍ଗରା ହାଟରେ ପିଣ୍ଡି କରାଯାଇ ଚାଷୀଙ୍କ ପାଇଁ ଆନୁସଙ୍ଗିକ ସୁବିଧା କରାଯିବ ବୋଲି ଉପଜିଲ୍ଲାପାଳ କହିଛନ୍ତି । ଉପଜିଲ୍ଲାପାଳଙ୍କ ସହ ଧାମନଗର ବିଡିଓ ବନବିହାରୀ ଦିନ୍ଦା, ଧାମନଗର ତହସିଲଦାର ଦୀପକ ଦାସ ଉପସ୍ଥିତ ଥିଲେ ।

# ରାଜସ୍ୱ ନୀରିକ୍ଷକ ନିଲମ୍ବିତ

ପୁରୀ (ଭାସ୍କର ନ୍ୟୁଜ): ଗୋପ ତହସିଲ ବଉଳାଙ୍ଗ ରାଜସ୍ୱ ନୀରିକ୍ଷକ ବା ଆର ଆଇ ଭାବେ କାର୍ଯ୍ୟ କରୁଥିବା ମାର୍ଶାଲ ପ୍ରଧାନଙ୍କୁ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଆଜି ନିଲମ୍ବନ କରିଛନ୍ତି । ଶ୍ରୀ ପ୍ରଧାନ କାର୍ଯ୍ୟାଳୟ ପରିସରରେ ମାଦକ ଦ୍ରବ୍ୟ ସେବନ ଓ ଲୋକ ମାନଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିବା ଘଟଣା ବିଭିନ୍ନ ସାମାଜିକ ଗଣମାଧ୍ୟମରେ ପ୍ରଦର୍ଶିତ ହେବା ପରେ ଉପ ଜିଲ୍ଲାପାଳଙ୍କ ତଦନ୍ତ ରିପୋର୍ଟ ଆଧାରରେ ଜିଲ୍ଲାପାଳ ମାର୍ଶାଲ ପ୍ରଧାନଙ୍କୁ ନିଲମ୍ବିତ କରିବା ସହ ନିଲମ୍ବନ ସମୟରେ ତାଙ୍କ ହେଡ କ୍ୱାର୍ଟର କୃଷ୍ଣପ୍ରସାଦ ତହସିଲକୁ ଧାର୍ଯ୍ୟ କରାଯାଇଛି । ତହସିଲଦାର କୃଷ୍ଣ ପ୍ରସାଦଙ୍କ ବିନା ଅନୁମତିରେ ହେଡକ୍ୱାର୍ଟର ନ ଛାଡିବାକୁ ମାର୍ଶାଲଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

# ସାଧୁବଟ ଆବାସିକ ଗୁରୁକୁଳର ବାର୍ଷିକ ଉତ୍ସବ



ରଘୁନାଥପୁର (ଭାସ୍କର ନ୍ୟୁଜ): ରଘୁନାଥପୁର ନିକଟସ୍ଥ ସିର୍ଲେ ନବଗ୍ରାମରେ ଥିବା ବାବାଅକ୍ଷୟ ଦେବଦାସଙ୍କ ମାନସସନ୍ତାନ ସାଧୁବଟ ଆବାସିକ ଗୁରୁକୁଳର ୧୪ତମ ବାର୍ଷିକ ଉତ୍ସବ ଅନୁଷ୍ଠାନର ପ୍ରଧାନ ଆଚାର୍ଯ୍ୟ ଦେବାଶୀଷ ରାୟଙ୍କ ପୌରାହିତ୍ୟ ବୁଧବାର ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ସାରସ୍ୱତ ସାଧକ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ମହେନ୍ଦ୍ର କୁମାର ଆଚାର୍ଯ୍ୟ ଯୋଗଦେଇ ଏହି ବିଦ୍ୟାଳୟଟି ଆଜି ଗୁରୁକୁଳରେ ଅନୁବନ୍ଧିତ ହୋଇ ଆଗକୁ ଯାଉଛି ଏବଂ ବାରମ୍ବାର ପ୍ରଚେଷ୍ଟାରେ ଜଣେ ସଫଳତା ଲାଭ କରିପାରେ ବୋଲି ବକ୍ତବ୍ୟ ରଖିଥିଲେ । ମୁଖ୍ୟବକ୍ତା ଭାବେ କିଶନନଗର କଲେଜର ଅବସରପ୍ରାପ୍ତ ପ୍ରଧାପକ ଡ଼ଃ କିଶୋର ଚନ୍ଦ୍ର ଦାସ ଯୋଗଦେଇ ଗୁରୁକୁଳ ଶିକ୍ଷାବ୍ୟବସ୍ଥା ରେ ପାଠପଢା ଠାରୁ ଅଧିକ ଚରିତ୍ର ଗଠନର ଶିକ୍ଷା ପ୍ରଦାନ ଦ୍ୱାରା ପିଲାମାନେ ଏକ ସୁନାଗରୀକ ହୋଇପାରିବେ ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ମୂଖ୍ୟ ପୁରୋଧା ସଚ୍ଚଦାନନ୍ଦ ପଟ୍ଟନାୟକ, ସଂପାଦକ ସୁଧାକର ମାଦେଳି ପ୍ରମୁଖ ଯୋଗ ଦେଇ ଉପସ୍ଥିତ ଅଭିଭାବକ ଓ ଛାତ୍ରଛାତ୍ରୀ ମାନଙ୍କୁ ବହୁ ମହତପୂର୍ଣ୍ଣ ଉପାଦେୟ ମାନ ବକ୍ତବ୍ୟମାଧ୍ୟମରେ ରଖିଥିଲେ । ଅତିଥି ପରିଚୟ ପ୍ରଦାନ କରିଥିଲେ ଶିକ୍ଷକ ପ୍ରଭାକର ବାରିକ । ବିଦ୍ୟାଳୟର ସହ ପ୍ରଧାନ ଶିକ୍ଷକ ପ୍ରକାଶ କୁମାର ଆଚାର୍ଯ୍ୟ ବାର୍ଷିକ ବିବରଣୀ ପାଠ କରିଥିଲେ । ଶିକ୍ଷକ ହିମାଂଶୁ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

# ଆଦ୍ରଭୂମି ସଂରକ୍ଷଣ ସଚେତନତା କର୍ମଶାଳା

ବୋଲଗଡ଼ (ଭାସ୍କର ନ୍ୟୁଜ): ରାଜ୍ୟ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ପରିବେଶ ଶିକ୍ଷଣ କେନ୍ଦ୍ର ଆନୁକୂଲ୍ୟରେ ଓ ସାମ୍ବାଦିକ ପାଣ୍ଡବ ସାହୁଙ୍କ ଆବାହକତ୍ୱରେ ଏକ ଦିବାସୀୟ ଆଦ୍ରଭୂମି ସଂରକ୍ଷଣ ସଚେତନତା ଓ କର୍ମ ଶାଳା ବୋଲଗଡ଼ ବ୍ଲକ ଅନ୍ତର୍ଗତ ଟାଙ୍ଗୀସାହି ଗ୍ରାମ ଠାରେ ସୋମବାର ଦିନ ଅନୁଷ୍ଠିତ ହୋଇଯାଇଛି । ଏହି ସଚେତନତା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଭୁବନେଶ୍ୱରସ୍ଥିତ ପରିବେଶ ଶିକ୍ଷଣ କେନ୍ଦ୍ରର ସହକାରୀ ଯୋଜନା ଅଧିକାରୀ ଭରତ ଚନ୍ଦ୍ର ଜେନା, ମୁଖ୍ୟବକ୍ତା ଭାବେ ରଘୁନାଥ ମଧୁସୂଦନ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ସାହୁ ଓ ସମ୍ମାନିତ ଅତିଥି ଭାବେ ଶିକ୍ଷୟିତ୍ରୀ ହିମାଦ୍ରୀ ମହାପାତ୍ର, ପୂର୍ବତନ ସମିତିସଭ୍ୟ ନବଘନ ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ । ଏହି ସଚେତନତା ଓ କର୍ମଶକ୍ଷଳାରେ ରଘୁନାଥ ଉଚ୍ଚ ବିଦ୍ୟାଳୟର ୧୦୦ରୁ ଉର୍ଦ୍ଧ ଛାତ୍ରଛାତ୍ରୀମାନେ ଯୋଗଦେଇଥିଲେ । ସମସ୍ତ ଛାତ୍ରଛାତ୍ରୀମାନେ ବ୍ୟାନର, ଓ ପ୍ଲାକାର୍ଡ ଧରି ପରିବେଶ ସୁରକ୍ଷା ଓ ଆଦ୍ରଭୂମି ସଂରକ୍ଷଣ ସଚେତନତା ରାଲି କରି ଟାଙ୍ଗୀସାହି ଗ୍ରାମ ଓ ବଜାର ପରିକ୍ରମା କରିଥିଲେ । କର୍ମଶାଳାରେ ମୁଖ୍ୟଅତିଥି ଶ୍ରୀ ଜେନା ପ୍ଲାଷ୍ଟିକ ଜିନିଷ ବର୍ଜନ କରିବା ଓ ପରିବେଶ ସୁରକ୍ଷା ପାଇଁ ନୂତନ ବୃକ୍ଷ ରୋପଣ କରି ଆଦ୍ରଭୂମି ସଂରକ୍ଷଣ କାରିବାକୁ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ । ପରିଶେଷରେ ଶିକ୍ଷୟିତ୍ରୀ ପ୍ରତିଭା ରାଣସିଂହ ଧନ୍ୟବାଦ ଅର୍ପଣ କରିଥିଲେ ।

### ଛଦେଶ ବ୍ଲକ ଗଠନ ପ୍ରସଙ୍ଗ

# ପ୍ରତିଶ୍ରୁତି ପରେ ମନ୍ତ୍ରୀଙ୍କୁ କୃତଜ୍ଞତା

ଢେଙ୍କାନାଳ (ଭାସ୍କର ନ୍ୟୁଜ): ଛଦେଶ ଅଞ୍ଚଳକୁ ଏକ ବ୍ଲକ ଗଠନ କରିବା ନେଇ ଗତ ରବିବାର ଛଦେଶ ସାହିତ୍ୟ ସଂସଦ ବାର୍ଷିକ ଉତ୍ସବରେ ମନ୍ତ୍ରୀ କୃଷ୍ଣ ପାତ୍ରଙ୍କ ପ୍ରତିଶ୍ରୁତି ଉପରେ କୃତଜ୍ଞତା ପ୍ରକାଶ କରିବା ପାଇଁ ଛଦେଶବାସୀଙ୍କ ପକ୍ଷରୁ ଏକ ବିଶେଷ ବୈଠକ ସ୍ଥାନୀୟ ନୀଳକଣ୍ଠେଶ୍ୱର ମନ୍ଦିରଠାରେ ଅନୁଷ୍ଠିତ ହୋଇଯାଇଛି । ବିଶିଷ୍ଟ ସାମ୍ବାଦିକ ତଥା ସମାଜସେବୀ ଜୟକୃଷ୍ଣ ମହାପାତ୍ରଙ୍କ ଆହ୍ୱାନ କ୍ରମେ ଏହି ବୈଠକରେ ଛଦେଶ ସାହିତ୍ୟ ସଂସଦ ସଭାପତି ନୀଳମଣି ମହାରଣା, ଉପସଭାପତି ତଥା ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ କୁମାର ପଣ୍ଡା, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ବିଷ୍ଣୁ ପ୍ରସାଦ ଲେଙ୍କା, ଅବସରପ୍ରାପ୍ତ ଆରକ୍ଷୀ ଧନୟ ଧଳ, ଇଂ. ବାସୁଦେବ ଧଳ, ସମାଜସେବୀ ଧ୍ରୁବ ଚରଣ ରାଉତ, ପୂର୍ବତନ କ୍ରୀଡ଼ା ଶିକ୍ଷକ ପ୍ରଶାନ୍ତ ଧଳ, ପୂର୍ବତନ ଶିକ୍ଷା ନିରୀକ୍ଷକ ଅଲେଖ ଚରଣ ସାହୁ, ସମାଜସେବୀ ହାଡ଼ିବନ୍ଧୁ ସେଠୀ, କ୍ରୀଡ଼ାବିତ ପ୍ରାଣବନ୍ଧୁ ନାୟକ, ଅବସରପ୍ରାପ୍ତ ଶିକ୍ଷକ ସ୍ୱଦେଶ ରନ ଧଳ, ଯୁବ ସମାଜସେବୀ ଅଶୋକ କୁମାର ସାହୁ, ପୂଜକ ସନ୍ତୋଷ କୁମାର ପଣ୍ଡା, ସାହିତ୍ୟ ସଂସଦ କୋଷାଧ୍ୟକ୍ଷ ବୀରବର ମିଶ୍ର, ଅବସରପ୍ରାପ୍ତ ଶିକ୍ଷକ ମଧୁସୂଦନ ଶତପଥୀ, ସମାଜସେବୀ ପ୍ରସନ୍ନ କୁମାର ପଣ୍ଡା, ସୁଶୀଲ କୁମାର ରାଉତ, ପ୍ରଶାନ୍ତ କୁମାର ସ୍ୱାଇଁ, ପ୍ରତାପ ସ୍ୱାଇଁ, ଅଉଖମା ବଜାର ସଭାପତି ମନୋଜ ସାହୁ, ସାହିତ୍ୟ ସଂସଦ ଉପଦେଷ୍ଟା ଗତିକୃଷ୍ଣ ବିଶ୍ୱାଳ, ଯୁବ ପ୍ରତିନିଧି ଅଭୟ ନାୟକ, ସାହିତ୍ୟ ସଂସଦ ଆବାହକ ତଥା ବିଶ୍ୱ ଓଡ଼ିଶା ସମ୍ପାଦକ ମନୋଜ କୁମାର ସାହୁ ପ୍ରମୁଖ ଯୋଗଦେଇ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କୁ ଧନ୍ୟବାଦ ଓ କୃତଜ୍ଞତା ଜଣାଇଛନ୍ତି ।

# ନିରୋଜଙ୍କୁ 'ରାଷ୍ଟ୍ରୀୟ ସେବା ରତ୍ନ' ସମ୍ମାନ

ବାରିପଦା (ଭାସ୍କର ନ୍ୟୁଜ): ବିହାରର ମିଥିଳା ଠାରେ ସମର୍ପଣ ମିଥିଳା ତରଫରୁ ଦଲାନ ରିଶୋର୍ଟରେ ଏକ ଦ୍ୱିଦିବସୀୟ ରକ୍ତଦାନ ଶିବିର ସହିତ ରାଷ୍ଟ୍ରୀୟ ରକ୍ତଦାତା ପ୍ରତିନିଧି ସମ୍ମିଳନୀ ଆୟୋଜିତ ହୋଇଯାଇଛି । ଏହି ରକ୍ତଦାତା ପ୍ରତିନିଧି ସମ୍ମିଳନୀରେ ଦେଶର ସମସ୍ତ ରାଜ୍ୟରୁ ନିୟମିତ ରକ୍ତଦାତା ଓ ରକ୍ତଦାନ ଶିବିରର ଆୟୋଜକ ମାନଙ୍କୁ ନିମନ୍ତ୍ରଣ କରାଯାଇଥିଲା । ଓଡ଼ିଶାର ନିୟମିତ ରକ୍ତ ଓ ପ୍ଲେଟଲେଟ ଦାତା ଡଃ ନିରୋଜ କୁମାର ପୋଥାଲଙ୍କୁ ଚୟନ ପୂର୍ବକ ନିମନ୍ତ୍ରଣ କରାଯାଇଥିଲା । ଡଃ ନିରୋଜ ଏହି ରାଷ୍ଟ୍ରୀୟ ରକ୍ତଦାତା ସମ୍ମିଳନୀରେ ଉପସ୍ଥିତ



ରହି ନିଜର ଉଦବୋଧନରେ ରକ୍ତଦାତା ମାନଙ୍କୁ ଉତ୍ସାହିତ କରିବା ସହିତ ରକ୍ତଦାନର ଉପକାରିତା ସମ୍ପର୍କରେ ଅବଗତ କରାଇଥିଲେ । ଡଃ ନିରୋଜ କୁମାର ପୋଥାଲ ଆଜିକୁ ୧୨୨ ଥର ନିଜର ରକ୍ତଦାନ କରି ସାରିଛନ୍ତି ଓ ବିଭିନ୍ନ ରକ୍ତଦାନ ଶିବିରରେ ରକ୍ତଦାତା ମାନଙ୍କୁ ନିଜର ଜନ୍ମଦିନ, ବିବାହ ବାର୍ଷିକୀ ଓ ଯେ କୌଣସି ଶୁଭ କର୍ମ ରେ ନିଜ ର ରକ୍ତଦାନ ଭଳି ମହତ୍ କାର୍ଯ୍ୟ କରି ଜଣକ ଅମୂଲ୍ୟ ଜୀବନ ରକ୍ଷା କରିବା ପାଇଁ ଅନୁରୋଧ କରିଥିଲେ । ନିୟମିତ ରକ୍ତଦାନ ପାଇଁ ଡଃ ନିରୋଜ କୁମାର ପୋଥାଲଙ୍କୁ 'ରାଷ୍ଟ୍ରୀୟ ସେବା ରତ୍ନ ସମ୍ମାନ ୨୦୨୫' ରେ ସମ୍ମାନିତ କରାଯାଇଥିଲା । ଏହି ସମ୍ମାନ ଉତ୍ସବରେ ସମର୍ପଣ ମିଥିଳା ର ରାଷ୍ଟ୍ରୀୟ ଅଧ୍ୟକ୍ଷ ଡଃ ମୃଦୁଲ କୁମାର ଶୁକ୍ଲା, ରାଷ୍ଟ୍ରୀୟ ସଚିବ ଦୀପକ କୁମାର ମୋହଥା, ପାଟନା ନିରାମୟା ବ୍ଲଡ଼ ବ୍ୟାଙ୍କ ର ପ୍ରତିଷ୍ଠାତା ଓ ପରିଚାଳକ ଡଃ ରାକେଶ ରଞ୍ଜନ, ରଞ୍ଜିତ ଶ୍ରୀବାସ୍ତବ ପ୍ରମୁଖ ଯୋଗ ଦେଇ ଏହି ସେବା ସମ୍ମାନ ପ୍ରଦାନ କରିଥିଲେ ।

# ଡିଏଭି ଜଗନ୍ନାଥ କ୍ଷେତ୍ରରେ ପୁସ୍ତକ ମେଳା

ତାଳଚେର (ଭାସ୍କର ନ୍ୟୁଜ): ଡ଼ିଏଭି ଜଗନ୍ନାଥ କ୍ଷେତ୍ରରେ ପୁସ୍ତକ ମେଳା ଦୁଇଦିନ ଧରି ଅନୁଷ୍ଠିତ ହୋଇଯାଇଛି । ଜଗନ୍ନାଥ କୋଇଲା କ୍ଷେତ୍ରର ପ୍ରବନ୍ଧକ ଅଶୋକ କୁମାର ଧଳ ମୁଖ୍ୟ ଅତିଥି ଭାବେ ନିମନ୍ତ୍ରିତ ହୋଇଥିଲେ । ଏମ. ସି. ଏଲ ଜଗନ୍ନାଥ କ୍ଷେତ୍ରର ଅନ୍ୟାନ୍ୟ ମାନ୍ୟ ଗଣ୍ୟ ଅଧିକାରୀ ମଧ୍ୟ ଏଠାରେ ଉପସ୍ଥିତ ଥିଲେ ।ଏହି ମେଳାରେ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଓ ଅବିଭାବକ ମାନଙ୍କୁ



ଯୋଗଦେବା ନିମନ୍ତେ ସୁଯୋଗ ଦିଆଯାଇଥିଲା । ପିଲାମାନଙ୍କର ଜ୍ଞାନର ବୃଦ୍ଧି ନିମନ୍ତେ ସମସ୍ତ ବିଭାଗରୁ ହଜାର ହଜାର ପୁସ୍ତକ ଏଠାରେ ପ୍ରଦର୍ଶିତ ହୋଇଥିଲା । ଛାତ୍ରଛାତ୍ରୀ ତଥା ସେମାନଙ୍କର ଅବିଭାବକ ଏହି ପ୍ରଦର୍ଶନୀକୁ ବୁଲି ମନପସନ୍ଦର ପୁସ୍ତକ ଗୁଡିକୁ କ୍ରୟ କରିବା ସହିତ ଭରପୁର ଆନନ୍ଦ ଉପଭୋଗ କରିଥିଲେ । ବିଦ୍ୟାଳୟର ଅଧ୍ୟକ୍ଷା ଶୁକ୍ଲା ଚକ୍ରବର୍ତ୍ତୀ ପିଲା ମାନଙ୍କର ଜ୍ଞାନର ପରିସୀମା ବୃଦ୍ଧି ନିମନ୍ତେ ପୁସ୍ତକ ମେଳାର ଆୟୋଜନ କରି ସେମାନଙ୍କୁ ସୁଯୋଗ ଦେଇଥିବାରୁ ଅବିଭାବକମାନେ ଭୂୟସୀ ପ୍ରଶଂସା କରିଥିଲେ ।

# ସ୍ୱାଧିନତା ସଂଗ୍ରାମୀ ନୀଳମଣି ସାମଲଙ୍କ ଶ୍ରାଦ୍ଧବାର୍ଷିକୀ

ବାଲିଚନ୍ଦ୍ରପୁର (ଭାସ୍କର ନ୍ୟୁଜ): ବଡ଼ଚଣା ବ୍ଲକ ବାଲିପଡ଼ିଆ ଠାରେ ଓଡ଼ିଶା ସ୍ୱାଧିନତା ସଂଗ୍ରାମୀ ସମିତିର ପୂର୍ବତନ ସାଭାପତି ଶତାୟୁ ସ୍ୱାଧିନତା ସଂଗ୍ରାମୀ ନୀଳମଣି ସାମଲଙ୍କର ପ୍ରଥମ ଶ୍ରାଦ୍ଧୋବାର୍ଷିକ ଅବସରରେ ସ୍ମୃତି ଶ୍ରଦ୍ଧାଞ୍ଜଳି ସଭା ତାଙ୍କ ବାସଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ସ୍ୱାଧିନତା ସଂଗ୍ରାମୀ ସଭାପତି ତଥା ବରିଷ୍ଠ ସଂଗ୍ରାମୀ ବିମ୍ବାଧର ମୁଦୁଲିଙ୍କ ଅଧ୍ୟକ୍ଷତା ଓ ଶିକ୍ଷାବିତ୍ ଉମାକାନ୍ତ ବଳଙ୍କ ସଞ୍ଚାଳନାରେ ଅନୁଷ୍ଠିତ ଏହି ସ୍ମୃତିଚାରଣ ସଭାରେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ, ପୂର୍ବତନ ସାଂସଦ ସର୍ମିଷ୍ଠା ସେଠୀ, ପୂର୍ବତନ ମନ୍ତ୍ରୀ ତଥା ବର୍ତ୍ତମାନ ବିଧାୟକ ଗଣେଶ୍ୱର ବେହେରା, ବଡ଼ଚଣା ବିଧାୟକ ଅମର କୁମାର ନାୟକ, ପୂର୍ବତନ ମନ୍ତ୍ରୀ ଅମର ପ୍ରସାଦ ଶତପଥି, ବରୀ ପୂର୍ବତନ ବିଧାୟିକା ସୁନନ୍ଦା ଦାସ, ପୂର୍ବତନ ପ୍ରଶାସନିକ ଅଧିକାରୀ ନିର୍ମଳ ମିଶ୍ର, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଗଣେଶ୍ୱର ବରାଳ, ବଡ଼ଚଣା ବ୍ଲକ ଅଧ୍ୟକ୍ଷା ପ୍ରତିନିଧି ନିରଞ୍ଜନ ସେନାପତି, ପୂର୍ବତନ ଅଧ୍ୟକ୍ଷ ପ୍ରହଲ୍ଲାଦ ନନ୍ଦ, କୈଳାଶ ଚନ୍ଦ୍ର ରାଉତ, ଜିଲ୍ଲା ପରିଷଦ ସଭ୍ୟ ଅରବିନ୍ଦ ସାମଲ, ସ୍ୱାଧିନତା ସଂଗ୍ରାମୀ ଦାୟଦ ସଂଗଠନ ସଭାପତି ବିଜୟ କୁମାର ତ୍ରିପାଠୀ, ଐତିହାସିକ ପ୍ରଫେସର ଡ଼ଃ.ହରିଶ ଚନ୍ଦ୍ର ପୃଷ୍ଟି, ଜିଲ୍ଲା ସଂସ୍କୃତି ବିଭାଗ ସଦସ୍ୟ ଶୁଭେନ୍ଦୁ କୁମାର ଭୂୟାଁ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ବିପିନ ବିହାରୀ ଜେନା, କବି ପ୍ରିୟନାଥ ମହାପାତ୍ର, ବାଲିପଡ଼ିଆ ସରପଞ୍ଚ କିଶୋର ଚନ୍ଦ୍ର ବେହୁରା, ପ୍ରଗତିବାଦୀ କାର୍ଯ୍ୟ ନିର୍ବାହୀ ସମ୍ପାଦକ ବିରୁପାକ୍ଷ ତ୍ରିପାଠୀ, ପୂର୍ବତନ ସରପଞ୍ଚ ଅନିରୁଦ୍ଧ ସାମଲ, ଶ୍ରୀକାନ୍ତ ସାମଲ ପ୍ରମୁଖ ସ୍ୱର୍ଗତ ସାମଲଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହ ତାଙ୍କର ବହୁମୁଖୀ ପ୍ରତିଭା ଉପରେ ନିଜ ନିଜର ମତପୋଷଣ କରିଥିଲେ ।



# ମହାଗିରି ସରକାରୀ ବିଦ୍ୟାଳୟରେ ଆତ୍ମରକ୍ଷା କୌଶଳ ଶିବିର

କାଳିଆପାଣି (ଭାସ୍କର ନ୍ୟୁଜ): ସୁକିନ୍ଦା ବ୍ଲକ୍ ଅନ୍ତର୍ଗତ କୁହିକା ମହାଗିରି ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାଳିକା ଆତ୍ମରକ୍ଷା କୌଶଳ ଶିବିର ଆରମ୍ଭ ହୋଇଯାଇଛି । ଏହି ଶିବିରରେ ଏକାଦଶ ଶ୍ରେଣୀର ୯୩ ଜଣ ଛାତ୍ରୀ ଅଂଶ ଗ୍ରହଣ କରି ଆତ୍ମରକ୍ଷା କୌଶଳ ଶିକ୍ଷା ଲାଭ କରିଥିଲେ । ପ୍ରଶିକ୍ଷକ ଭାବେ ଶୋଭା ନାୟକ ପିଲାମାନଙ୍କୁ ବିଭିନ୍ନ ଆତ୍ମରକ୍ଷା କୌଶଳ ଶିକ୍ଷା ଦେଇଥିଲେ ଯାହା ସେମାନଙ୍କ ଜୀବନରେ ବହୁତ୍ ଆବଶ୍ୟକ ହେବ । ବିଦ୍ୟାଳୟର ଅଧ୍ୟକ୍ଷା ଅନ୍ନପୂର୍ଣ୍ଣା ଶତପଥୀ ସଭାପତିତ୍ୱ କରି ଏହାର ଉପାଦେୟତା ଓ ଜୀବନରେ ଏହାକୁ କିଭଳି ଉପଯୋଗ କରିହେବ ସେ ବିଷୟରେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଇଂରାଜୀ ଅଧ୍ୟାପକ ପୃଥ୍ୱୀରାଜ ସାହୁ ମୁଖ୍ୟ ସହଯୋଗୀ ଭାବେ ଓ ରଞ୍ଜନ କୁମାର ମଲ୍ଲିକ , ବୈଶାଳୀ ବେହେରା, ଲିମା ପରିଡା,ସାଗରିକା ବେହେରା ଓ ସୋନାଲି ପ୍ରିୟଦର୍ଶିନୀ ମଙ୍ଗଳ ପ୍ରଭୃତି ଅଧ୍ୟାପକ ଓ ଅଧ୍ୟାପିକା ମାନେ ସହାୟତା କରିଥିଲେ ।

# ସାହିତ୍ୟ ଅନୁଷ୍ଠାନ ଓଡ଼ିଆ ଅସ୍ମିତାର ବାସ୍ତବ ବାର୍ତ୍ତାବହ: କୃଷ୍ଣଚନ୍ଦ୍ର




ଢେଙ୍କାନାଳ (ଭାସ୍କର ନ୍ୟୁଜ): ଗ୍ରାମାଂଚଳରେ ଗଢ଼ିଉଠୁଥିବା ସାହିତ୍ୟ ଅନୁଷ୍ଠାନ ଗୁଡ଼ିକ ବାସ୍ତବରେ ଓଡ଼ିଆ ଅସ୍ମିତାର ବାର୍ତ୍ତାବହ ବୋଲି ଆଜି ଛଦେଶ ସାହିତ୍ୟ ସଂସଦ ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର କହିଛନ୍ତି । ଛଦେଶ ସାହିତ୍ୟ ସଂସଦ ଜିଲାସ୍ତରରେ ଏକ ପ୍ରତିଷ୍ଠିତ ଅନୁଷ୍ଠାନ ଭାବରେ ନିଜ ଅଂଚଳର ସାହିତ୍ୟ, କଳା, ସଂସ୍କୃତି, ଐତିହ୍ୟକୁ ରାଜ୍ୟସ୍ତରରେ ପ୍ରଚାର ପ୍ରସାର କରିବାରେ ଦୀର୍ଘ ଦୁଇ ଦଶନ୍ଧିରୁ ଅଧିକ କାଳ କାର୍ଯ୍ୟ କରୁଥିବାରୁ ମନ୍ତ୍ରୀ ଶ୍ରୀ ପାତ୍ର ପ୍ରଶଂସା କରିଥିଲେ । ଏହି ଅବସରରେ ଛଦେଶର ଏକମାତ୍ର ଅନୁଷ୍ଠାନ ସାହିତ୍ୟ ସଂସଦ ତରଫରୁ କରାଯାଇଥିବା ସାର୍ବଜନୀନ ଦାବି ଉପରେ ଗୁରୁତ୍ୱ ଦେଇ ସେ ଛଦେଶକୁ ବ୍ଲକ ପୁନର୍ଗଠନ ଯୋଜନାରେ ସାମିଲ କରିବା ସହିତ ଛଦେଶ ଥାନା ଗଠନ, ଡାକ୍ତରଖାନାକୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପରିଣତ କରିବା, ଛଦେଶରେ ଉଚ୍ଚମାନର ସରକାରୀ ବୈଷୟିକ ଅନୁଷ୍ଠାନ, ଏକ ବହୁମୁଖୀ ପ୍ରେକ୍ଷାଳୟ ନିର୍ମାଣ, ସାପୁଆର ପୁର୍ନଜୀବନ ତଥା ବନ୍ଦ ହୋଇଥିବା ବିଷ୍ଣୁପୁର ମଧ୍ୟ ଇଂରାଜୀ ବିଦ୍ୟାଳୟ ପରିସରରେ ଯୁବ ଓ ମହିଳା କୌଶଳ ବିକାଶ କେନ୍ଦ୍ର ପ୍ରତିଷ୍ଠା ଉପରେ ଦୃଢ଼ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଏହି ଅବସରରେ ସେ ସଂସଦର ମୁଖପତ୍ର 'ଅନ୍ୱେଷା' ଓ କବି ଦୁର୍ଯ୍ୟୋଧନ ନାଏକଙ୍କ କବିତା ସଙ୍କଳନ 'କବିତା ସୌରଭ' ଉନ୍ମୋଚନ କରିଥିଲେ । ଏଥିସହିତ ବିଶିଷ୍ଟ ଭାଷାବିଜ୍ଞାନୀ ଗୋଲୋକ ବିହାରୀ ଧଳ ସ୍ମୃତି ସମ୍ମାନରେ ଡାକ୍ତର ରବି ନାରାୟଣ ପଣ୍ଡା, ବଂଶୀଧର ଜେନା କଳା ସମ୍ମାନରେ ଆନନ୍ଦ ସାମଲ, ଚନ୍ଦ୍ରଶେଖର ଶତପଥୀ ସାହିତ୍ୟ ସମ୍ମାନରେ କାହ୍ନୁ ଚରଣ ମୁଦୁଲି, ନୃପବର ଧଳ ସେବା ସମ୍ମାନରେ ରବି ନାରାୟଣ ରାଉତ, ଛଦେଶ ଆଦର୍ଶ କୃଷକ ସମ୍ମାନରେ ଉଲ୍ଲାସ ଚନ୍ଦ୍ର ବିଶ୍ୱାଳ, କ୍ୟାପଟେନ ନୃପବର ସ୍ମୃତି ସମ୍ମାନରେ ନିମାଇଁ ଚରଣ ଜେନା, ପ୍ରଫୁଲ୍ଲ ଜଗଦେବ ସ୍ମୃତି ସମ୍ମାନରେ ହୃଦାନନ୍ଦ ବେହେରା, ନିବାରଣ ଚନ୍ଦ୍ର ଧଳ ସ୍ମୃତି ସମ୍ମାନରେ ପ୍ରାଣବନ୍ଧୁ ନାୟକ, ସ୍ୱର୍ଣ୍ଣତାରା ପ୍ରତିଭା ପ୍ରେରଣା ସମ୍ମାନରେ ପ୍ରକାଶ ଚନ୍ଦ୍ର ରାଉତ, ବିଶ୍ୱ ଓଡ଼ିଶା କଳାକାର ସମ୍ମାନରେ କୁଳମଣି ସାହୁ, ବିଶ୍ୱ ଓଡ଼ିଶା ସାରସ୍ୱତ ସମ୍ମାନରେ ସୁବାସ ନାଏକ ଏବଂ ଛଦେଶ ସାହିତ୍ୟ ସଂସଦ ସ୍ୱତନ୍ତ୍ର ସମ୍ମାନରେ ଶଙ୍କର୍ଷଣ ଶତପଥୀଙ୍କୁ ମନ୍ତ୍ରୀ ମାନପତ୍ର, ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ । ପ୍ରଥମ ଦିବସରେ ଅବସର ପ୍ରାପ୍ତ ପ୍ରଶାସକ ତପନ କୁମାର ଶତପଥୀ ଉଦଘାଟକ ଭାବେ ଯୋଗ ଦେଇ ସଂସଦର ସାରସ୍ୱତ ପତାକା ଉତୋଳନ ପୂର୍ବକୁ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ଉପସଭାପତି ପ୍ରଫୁଲ୍ଲ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଶ୍ରୀ ଶତପଥୀ ସାପୁଆ ସ୍ୱଜଳ ଅଭିଯାନକୁ ତ୍ୱରାନ୍ୱିତ କରିବା ଦିଗରେ ତାଙ୍କର ସହଯୋଗ ରହିବ ବୋଲି କହିଥିଲେ । ଏହି କାର୍ଯ୍ୟକ୍ରମରେ ଲୋକସଭା ସାଂସଦ ରୁଦ୍ରନାରାୟଣ ପାଣି ମୁଖ୍ୟଅତିଥିଭାବେ ଯୋଗଦେଇ ସଂସଦର ବିଭିନ୍ନ କାର୍ଯ୍ୟକ୍ରମ ଓ ପଦକ୍ଷେପକୁ ପ୍ରଶଂସା କରିଥିଲେ ।

# ପରିଣତ ବୟସରେ ବର୍ଦ୍ଧିତ ଭତ୍ତା ଏକ ବରଦାନ: ସୂରଜ



କେନ୍ଦ୍ରାପଡ଼ା (ଭାସ୍କର ନ୍ୟୁଜ): ଜିଲ୍ଲା ପ୍ରଶାସନ ଏବଂ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ଜନସେବା ଦିବସ ଭାବେ ପାଳିତ ବର୍ଦ୍ଧିତ ଭତ୍ତା ବିତରଣ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ସ୍ମୃତିରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ ଉଚ୍ଚଶିକ୍ଷା ତଥା ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ ସରକାର ତାଙ୍କ ନିର୍ବାଚନ ପ୍ରତିଶ୍ରୁତି ରକ୍ଷା କରି ୮୦ ବର୍ଷରୁ ଉର୍ଦ୍ଧ୍ୱ ବୃଦ୍ଧବୃଦ୍ଧା ଓ ୮୦ ପ୍ରତିଶତ ବା ତଦୁର୍ଦ୍ଧ୍ୱ ଦିବ୍ୟାଙ୍ଗ ବ୍ୟକ୍ତି ମାନଙ୍କୁ ମାସିକ ଭତ୍ତା ୩ହଜାର୫ଶହ ଟଙ୍କା ପ୍ରଦାନ କରିଛନ୍ତି ବୋଲି ମନ୍ତ୍ରୀ ନିଜ ଭାଷଣରେ କହିଥିଲେ । ପରିଣତ ବୟସରେ ବର୍ଦ୍ଧିତ ଭତ୍ତା ପ୍ରଦାନ ବରଦାନ ସଦୃଶ । ୬୦ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ ବ୍ୟକ୍ତି ଓ ଭିନ୍ନକ୍ଷମ ମାନଙ୍କ ଭତ୍ତା ବୃଦ୍ଧି ପାଇଁ ସରକାର ବିଚାର କରୁଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ସୂରଜ ମତବ୍ୟକ୍ତ କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡା ସାଂସଦଙ୍କ ପ୍ରତିନିଧି କିଶୋର ଚନ୍ଦ୍ର ପଣ୍ଡା, ମହାକାଳପଡା ବିଧାୟକ ଡ. ଦୁର୍ଗା ପ୍ରସନ୍ନ ନାୟକ, କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା, ଜିଲ୍ଲା ପରିଷଦ ସଭାପତି ସୁଶ୍ରୀ ଲିଲିତା ଦାସ, ପୌରାଧକ୍ଷା ସରିତା ସାହୁ ପ୍ରମୁଖ ଯୋଗ ଦେଇ ସରକାରଙ୍କ ବିଭିନ୍ନ ଯୋଜନା, କେନ୍ଦ୍ରାପଡାର ବିଭିନ୍ନ ସମସ୍ୟା ବିଷୟରେ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଭାରପ୍ରାପ୍ତ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରିଣୀ ରୂପାଲୀ ପ୍ରିୟଦର୍ଶିନୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟ କେତନ ସାହୁ, ସଦର ମହକୁମା ମଣ୍ଡଳ ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ କୁମାର ବେହୁରା, ବ୍ଲକ ସାମାଜିକ ସୁରକ୍ଷା ଅଧିକାରିଣୀ ସୁଦିପ୍ତା ମହାପାତ୍ର ଓ ଜିଲ୍ଲା ତଥା ବ୍ଲକ କାର୍ଯ୍ୟାଳୟର କର୍ମଚାରୀମାନେ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ ।



ବ୍ରଜରାଜନଗର(ଭାସ୍କର ନ୍ୟୁଜ୍): ମକର ସଂକ୍ରାନ୍ତି ଉପଲକ୍ଷେ ରାଜପୁର ରାଣୀବନ୍ଧ ସ୍ଥିତ ଶନି ମନ୍ଦିରର ତ୍ରୟୋଦଶ ବାର୍ଷିକ ପ୍ରତିଷ୍ଠା ମହୋତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ରାଜପୁରୋହିତ ପ୍ରଦୀପ ପାଟ୍ଟଯୋଶୀ, ପଣ୍ଡିତ ବାସୁଦେବ ଦାଶ, ପଣ୍ଡିତ ମୋତିଲାଲ ମିଶ୍ର, ଆକାଶ ଦାଶ, ଶୈଳେଶ ଦାଶ, ସଂକେତ ଦାଶ ରୀତିନୀତି ଅନୁସାରେ ସକାଳୁ ପ୍ରଥମେ ଶନିଶ୍ୱର ଦେବଙ୍କ ବିଗ୍ରହକୁ ପଞ୍ଚାମୃତ ଓ ପରେ ତୈଳ ଅଭିଷେକ କରିଥିଲେ। ପରେ ଦେବତା ଆବାହନ, ସୂର୍ଯ୍ୟ ଦେବଙ୍କୁ ଅର୍ଘ୍ୟ ପ୍ରଦାନ ସହିତ ମଧାହ୍ନରେ ହବନ ପୂର୍ଣ୍ଣାହୂତି ଦିଆଯାଇଥିଲା। ଶନି ମନ୍ଦିରର ମୁଖ୍ୟ ପୂଜକ ପଣ୍ଡିତ ବାସୁଦେବ ଦାଶଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ପୂଜା କର୍ମରେ ପ୍ରକାଶ ହୋତା ଓ ତାଙ୍କ ପତ୍ନୀ ସୁଜାତା ହୋତା କର୍ତ୍ତାର ଦାୟିତ୍ୱ ତୁଳାଇଥିଲେ। ଗୋପାଳ ସିଂହ, ସରୋଜ ମେହେର, ପ୍ରମୋଦ ପ୍ରଧାନ, ବାବଲୁ ମେହେର, ନିରାକାର ମେହେର, ଅମୀୟ ନାୟକ, କୃଷ୍ଣ ମେହେର, ଶଙ୍କର ବାଗ, ସରୋଜ ସା ବାର୍ଷିକୋତ୍ସବ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସନ୍ଧ୍ୟାରେ ଆଳତି ଓ ବିସର୍ଜନ ପୂଜା ପରେ ବାର୍ଷିକ ପ୍ରତିଷ୍ଠା ମହୋତ୍ସବ ସମାପିତ ହୋଇଥିଲା।

# ୩ ଦିନ ମୁଖ୍ୟରାସ୍ତା ଉପରେ ଠିଆହୋଇ ୩୦ ହଜାର ଟଙ୍କା ଜୋରିମାନା ଗଣିଲା ଟ୍ରକ୍



ଉମରକୋଟ (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲାର ଉମରକୋଟ ବ୍ଲକ ଅଫିସ ସମ୍ମୁଖରେ ୩ ଦିନ ଧରି ଛତିଶଗଡ ରେଜିଷ୍ଟ୍ରେସନ ନମ୍ବର ସିଜି୦୪ପିସି ୭୩୦୭ ଟ୍ରକ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଠିଆ ହେଇ ରହି ଯାଇଥିଲା। ଫଳରେ ଉକ୍ତ ସ୍ଥାନରେ ବ୍ଲକ୍ ଅଫିସ୍ ସମ୍ମୁଖରେ ଟ୍ରାଫିକ ବ୍ୟବସ୍ଥା ବିପର୍ଯ୍ୟସ୍ତ ହେଇ ପଡ଼ିଥିଲା। ଟ୍ରଲରଟି ରାସ୍ତା ମଝିରେ ରହି ଯାଇ ଥିବାରୁ ସେହି ରାସ୍ତା ଦେଇ ଯାନବାହାନ ଚଳାଚଳ ବନ୍ଦ ପ୍ରାୟ ହେଇ ଯାଇଥିଲା। ଫଳରେ ସବୁ ଯାନବାହାନ ଚଳାଚଳ ପ୍ରାୟ ୫୦ ମିଟର ଯାଏ ବିପରୀତ ଦିଗ ( ଡାଉନ୍) ରାସ୍ତା ଦେଇ ଯିବା ପାଇଁ ବାଧ ହେଉ ଥିଲେ। ଏପରିକି ଆଜି ସକାଳେ ଏକ ଅଜଣା କାର ଟି ଡାଉନ ରାସ୍ତାଦେଇ ଯାଉ ଥିବାବେଳେ ଟ୍ରକ ପଛ ପଟେ ଥିବା ପୌର ପରିଷଦର ବିଦ୍ୟୁତ୍ ଖୁଣ୍ଟିକୁ ଧକ୍କା ଦେଇ ଚାଲି ଯାଇଥିଲା ଫଳରେ ପୋଲଟି ଉପୁଡ଼ି ଯାଇଥିଲା। ଆଜି ଉମରକୋଟ ପୌର ପରିଷଦର ନିର୍ବାହୀ ଅଧିକାରୀ ବନମାଳି ଶତପଥୀ ଘଟଣା ସ୍ଥଳରେ ପହଞ୍ଚି ଟ୍ରକକୁ ଘଣ୍ଟାଏ ଭିତରେ ଘୁଞ୍ଚାଇବାକୁ ତାଗିଦ୍ କରିଥିଲେ। ଏପରି କି ଯଦି ନ ଘୁଂଚାଅ ତେବେ ପୌର ପରିଷଦ ଘୁଞ୍ଚାଇବାକୁ ବାଧ ହେବ ବୋଲି କହିଥିଲେ। ଏହାପରେ ଟ୍ରକ ଡ୍ରାଇଭର ଜଣଙ୍କ ଗାଡିକୁ ଷ୍ଟାର୍ଟ କରି ଧୀରେ ଧୀରେ ଚଳାଇ ସହରର ଶେଷ ଭାଗକୁ ନେଇ ଯାଇଥିଲେ। ତେବେ ୩ ଦିନ ଧରି ରାସ୍ତା ମଝିରେ ଅନଧିକୃତ ସ୍ଥାନରେ ଟ୍ରକଟି ରାସ୍ତା ମଝିରେ ଠିଆ ହେବା ଯୋଗୁଁ ଟ୍ରାଫିକ ସମସ୍ୟା ସୃଷ୍ଟି କରିଥିବା ଅଭିଯୋଗରେ ୩ ଦିନ ପାଇଁ ୩୦ ହଜାର ଟଙ୍କା ଜୋରିମାନା ପକାଇଥିଲେ ନିର୍ବାହୀ ଅଧିକାରୀ। ତେବେ ଟ୍ରକ ଜରିମାନା ଅର୍ଥ ମଧ୍ୟ ପୈଠ କରି ଦେଇଥିବା ନିର୍ବାହୀ ଅଧିକାରୀ ବନମାଳି ଶତପଥୀ ସୂଚନା ପ୍ରଦାନ କରିଛନ୍ତି।

# ବାଳିକା ଆତ୍ମସୁରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର




ଚଣ୍ଡିଖୋଲ(ଭାସ୍କର ନ୍ୟୁଜ୍): ବାବା ଭୈରବାନନ୍ଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଆଜି ବାଳିକା ଆତ୍ମସୁରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦ୍ଘାଟିତ ହୋଇଯାଇଛି । ଅଧ୍ୟକ୍ଷ ଡକ୍ଟର ପ୍ରସନ୍ନ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନୀୟ ଅତିଥି ଭାବେ ବଡ଼ଚଣା ଥାନାଧିକାରୀ ଅସିତ୍ କୁମାର ବଳବନ୍ତରାୟ ଯୋଗଦେଇ ମହିଳା ମାନଙ୍କ ପ୍ରତି ହୋଉଥିବା ଅତ୍ୟାଚାର ,ଆକ୍ରମଣ , ଲୁଟ୍ ଓ ଅସଦ ବ୍ୟବହାରକୁ ରୋକିବା ପାଇଁ ବାଳିକାମାନେ ବିଭିନ୍ନ ଆତ୍ମସୁରକ୍ଷା କୌଶଳ ଶିଖିପାରିଲେ ନିଜକୁ ବଞ୍ଚାଇବା ସହିତ ଅନ୍ୟମାନଙ୍କୁ ସୁରକ୍ଷା ଦେଇପାରିବେ ବୋଲି କହିଥିଲେ । ଅଧ୍ୟାପକ ମେଜର୍ ଦିଲ୍ଲୀପ କୁମାର ନାୟକ ସ୍ୱାଗତ ଭାଷଣ ଦେଇଥିବା ବେଳେ ଛାତ୍ରୀ ଅର୍ପିତା ଭୂୟାଁ ଧନ୍ୟବାଦ ଦେଇଥିଲେ। ଅଧ୍ୟାପକ ବିଜୟକେତନ ସାମଲ , ପ୍ରଶିକ୍ଷକ କୁସୁମାଞ୍ଜଳି ବିଶ୍ୱାଳ,ଅଲିଭା ସେଠୀ ବାଳିକା ମାନଙ୍କୁ ବିଭିନ୍ନ ଆତ୍ମସୁରକ୍ଷା କୌଶଳ ଶିଖାଇଥିଲେ । ଏହି ପ୍ରଶିକ୍ଷଣ ଶିବିର ଆସନ୍ତା ୨୧ ତାରିଖରେ ଉଦ୍‌ଯାପିତ ହେବ ।

# ବିପଦସଙ୍କୁଳ ପାଲଟିଛି ସହରର ବହୁ ଗୁରୁତ୍ୱପୂର୍ଣ୍ଣ ରାସ୍ତା



କେନ୍ଦୁଝର(ଭାସ୍କର ନ୍ୟୁଜ୍): କେନ୍ଦୁଝର ଜିଲ୍ଲାର ଆଭ୍ୟନ୍ତରୀଣ କିମ୍ବା ଗ୍ରାମାଞ୍ଚଳ ରାସ୍ତା ନୁହଁ, ଖୋଦ୍ ସଦର ମହକୁମା ଠାରେ ଥିବା ଗୁରୁତ୍ୱପୂର୍ଣ୍ଣ ରାସ୍ତାଗୁଡିକ ଏବେ ମରଣଯନ୍ତାରେ ପରିଣତ ହୋଇଥିବା ବେଳେ ଏହାକୁ ଦେଖି ମଧ ବିଭାଗୀୟ କର୍ତ୍ତୃପକ୍ଷ ଅଚିନ୍ତାରେ ରହିବା ଏବେ ସାଧାରଣ ଲୋକଙ୍କ ପାଇଁ ଚିନ୍ତାର କାରଣ ହୋଇଛି । ସୂଚନାଯୋଗ୍ୟ ଯେ, କେନ୍ଦୁଝର ସହରର ମଧ୍ୟରେ ଥିବା ବିଭିନ୍ନ ସଡକଗୁଡିକ କେନ୍ଦୁଝରଗଡ ପୌରପାଳିକା,ପୂର୍ତ୍ତ ବିଭାଗ ଦ୍ୱାରା ନିର୍ମାଣ ଓ ମରାମତି କାର୍ଯ୍ୟ ହୋଇଥାଏ। ସହର ମଧ୍ୟରେ ଅଧିକାଂଶ ମୁଖ୍ୟ ରାସ୍ତା ପୂର୍ତ୍ତ ବିଭାଗ ଏବଂ ପୌରପାଳିକା ଅଧିନରେ ଥିବାବେଳେ ଭୂତଳ କେବୁଲ,ଗ୍ୟାସ ପାଇପ ଲାଇନ ଏବଂ ପାଣି ପାଇପ ଲାଇନ ପାଇଁ ଅଧିକାଂଶ ରାସ୍ତା ଗମନାଗମନ ଅନୁପଯୋଗୀ ହୋଇ ପଡିଛି । ଏହି କାରଣରୁ ଜେଲରୋଡ, କଲେଜରୋଡ, ଗାନ୍ଧୀ ଛକ ଠାରୁ ମଣ୍ଡୁଆ, ଲାବଣ୍ୟଛକ ଠାରୁ ଓଡିଶା ଖଣି ଯାନ୍ତ୍ରିକ ବିଦ୍ୟାଳୟ ପର୍ଯ୍ୟନ୍ତ ଅନେକ ସ୍ଥାନରେ ରାସ୍ତା ଖୋଳି ପାଇପ ବିଛା ଚାଲିଛି । କାମ ସରିବା ପରେ ମାଟି ଘୋଡାଇ ରାସ୍ତା ପୋତି ଦିଆଯାଉଛି । ଫଳରେ ରାସ୍ତା ଦବି ବିପଦସଙ୍କୁଳ ଅବସ୍ଥାରେ ରହିଛି । ରାସ୍ତା ଉପରେ ମାଟି ପଡି ରହିବା ଫଳରେ ଧୂଳି ଉଡି ବାୟୁ ପ୍ରଦୂଷଣ ସୃଷ୍ଟି କରୁଛି । ସହରାଞ୍ଚଳ ମଧ୍ୟରେ ଥିବା ଅନେକ ଗୁରୁତ୍ୱପୂର୍ଣ୍ଣ ରାସ୍ତା ମ୍ୟୁନିସିପାଲିଟିର ଅବସ୍ଥା ସର୍ବାଧିକ ଖରାପ । ସରକାର ସଡକ ନିର୍ମାଣ ପାଇଁ କୋଟି କୋଟି ଟଙ୍କା ବ୍ୟୟବରାଦ କରୁଥିବାବେଳେ ଏହି ରାସ୍ତାଗୁଡିକ କିପରି ଦୃଷ୍ଟି ଆଢୁଆଳରେ ରହିଯାଉଛି ତାହା ଚିନ୍ତାଜନକ ପରିବେଶ ସୃଷ୍ଟି କରୁଛି । ସବୁଠାରୁ ଦୁଃଖର କଥା ଯେ, ପ୍ରସିଦ୍ଧ ଶକ୍ତିପୀଠ ସିଦ୍ଧମଠ ଓ ଚୌବାଚା ରାସ୍ତା ମରଣଯନ୍ତା ପାଲଟିଥିବାବେଳେ ପୂର୍ତ୍ତ ବିଭାଗ କାର୍ଯ୍ୟାଳୟରୁ ପବିତ୍ରଡିହା ରାସ୍ତା,ଜାମୁହଡା ପୋଖରୀ ରାସ୍ତା, ପୁରୁଣାବଜାରର ପ୍ରାୟତଃ ସମସ୍ତ ରାସ୍ତା ଯେପରିକି ବଡଦାଣ୍ଡରୁ ବିଶ୍ୱେଶ୍ୱରପୁର ରାସ୍ତା,ନରସିଂହପୁର ରାସ୍ତା,ଶ୍ରୀ ବଳଦେବଜୀଉ ମନ୍ଦିରରୁ ଗଡ ସାହି,ରାଜ ଉଆସ ସମ୍ମୁଖ ରାସ୍ତା,ମାଘୁ ସାହିଠାରୁ ହୁଡକୋ ଛକ ରାସ୍ତା ଓ ଡ୍ରେନ,ଭଙ୍ଗ ସାହି ରାସ୍ତା,ବୈଦ୍ୟରାଜସାହି ରାସ୍ତା,ରିଜର୍ଭଠାରୁ ବୁଲା ଦ୍ୱାରସାହି ରାସ୍ତା,ବିଜୁ ପଟ୍ଟନାୟକ ଛକଠାରୁ ରିଜର୍ଭ ଦେଇ ଜେଲରୋଡ ରାସ୍ତା ଖରାପ ଅବସ୍ଥାରେ ଥିଲେ ମଧ୍ୟ ଏହାକୁ କାହିଁକି ନିର୍ମାଣ କରାଯାଉନାହିଁ ତାହା ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି । ସହରର ଅଧିକାଂଶ ଆଭ୍ୟନ୍ତରୀଣ ରାସ୍ତା ଅତି କଦର୍ଯ୍ୟ ଭାବରେ ରହିଛି ବୋଲି ସାଧାରଣରେ ଅଭିଯୋଗ ହୋଇଛି । ଦୈନିକ ଏହିରାସ୍ତା ଦେଇ ହଜାର ହଜାର ଲୋକ ଯାତାୟତ କରୁଥିବାବେଳେ ସାଧାରଣ ଲୋକେ ଏହି ରାସ୍ତାର ନିର୍ମାଣ ପାଇଁ ଅନେକବାର ଗୁହାରୀ କଲେ ମଧ ତାହାର କୌଣସି ସୁଫଳ ମିଳୁନଥିବାରୁ ଜନ ଅସନ୍ତୋଷ ବଢିବାରେ ଲାଗିଛି । ବଣିଆପାଟରୁ ଶିରିପୁର ରାସ୍ତାର ଅବସ୍ଥା ମଧ ଅନୁରୂପ ଭାବରେ ଦୟନୀୟ । ଯଦି ପୂର୍ତ୍ତ ବିଭାଗ ଏହି ରାସ୍ତାଗୁଡିକ ମରାମତି କାର୍ଯ୍ୟ ଶୀଘ୍ର ଆରମ୍ଭ ନକରେ ତେବେ ଜିଲ୍ଲାପାଳ ଅନ୍ୟ ଉତ୍ସରୁ ଅର୍ଥ ମଞ୍ଜୁର କରି ପେଭର କଂକ୍ରିଟ ରାସ୍ତା ନିର୍ମାଣ ନ କରାଇଲେ ଏହି ରାସ୍ତାଗୁଡିକ ଅଧିକରୁ ଅଧିକ କଦର୍ଯ୍ୟ ହୋଇ ବିପଦସଂକୁଳ ହୋଇପଡିବ । ସେହିପରି ସହର ମଧ୍ୟରେ ଥିବା କେନ୍ଦୁଝରଗଡ ପୌରପାଳିକାର ଡ୍ରେନଗୁଡିକ ଦୀର୍ଘଦିନ ଧରି ଭଙ୍ଗା ଅବସ୍ଥାରେ ରହୁଥିଲେ ମଧ ଏଗୁଡିକ ପ୍ରତି ଦୃଷ୍ଟି ଦିଆଯାଉନଥିବାରୁ ସାଧାରଣ ଲୋକମାନେ ଅକଥନୀୟ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଯଦିଓ ଏହି ବିଭାଗ ସହର ମଧ୍ୟରେ ଥିବା କେତେକ ଡ୍ରେନକୁ ଗତ କିଛିବର୍ଷ ତଳେ ନିର୍ମାଣ କରିଥିଲେ କିନ୍ତୁ ଏବେବି ବହୁ ଡ୍ରେନ ମାଧ୍ୟମରେ ଜଳ ନିଷ୍କାସନ ହୋଇ ପାରୁନାହିଁ । ବର୍ଷାଦିନେ ଏହା ଏକ ସମସ୍ୟା ହୋଇ ସହରବାସୀଙ୍କ ପାଇଁ ଠିଆ ହୋଇରହିଛି । କେନ୍ଦୁଝର ସଦର ମହକୁମାର ଗୁରୁତ୍ୱପୂର୍ଣ୍ଣ ରାସ୍ତାଗୁଡିକୁ ଅଗ୍ରାଧିକାର ଭିତ୍ତିରେ ତୁରନ୍ତ ମରାମତି କରିବାକୁ ଦାବି ହେଉଛି ।

# ୧୧୦ ଜଣଙ୍କୁ ମିଳିଲା ବର୍ଦ୍ଧିତ ଭତ୍ତା



ବାଲିମେଳା (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ବାଲିମେଳା ଏନଏସିରେ ୧୧୦ଜଣଙ୍କୁ ମିଳିଲା ବର୍ଦ୍ଧିତ ଭତ୍ତା। ବହୁଦିନର ପ୍ରତୀକ୍ଷା ପରେ ୮୦ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ ଏବଂ ୮୦ପ୍ରତିଶିତରୁ ଉର୍ଦ୍ଧ୍ୱ ଭିନ୍ନକ୍ଷମମାନଙ୍କୁ ଆଜି ରାଜ୍ୟ ସରକାରଙ୍କ ପକ୍ଷରୁ ୩୫୦୦ ଟଙ୍କା ପ୍ରଦାନ କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ ୮୦ବର୍ଷରୁ ବାର୍ଦ୍ଧକ୍ୟ ଭତ୍ତା ମୋଟ ୬୫ ଜଣ ପାଇବାକୁ ଯୋଗ୍ୟ ହିତାଧିକାରୀ ବିବେଚିତ ହୋଇଥିବା ୫୨ ଜଣଙ୍କ ବ୍ୟାଙ୍କ ଖାତାକୁ ଯାଇଥିବା ବେଳେ ୧୩ ଜଣଙ୍କୁ ନଗଦ ରାଶି ପ୍ରଦାନ କରାଯାଇଛି।ସେହିପରି ୮୦ପ୍ରତିଶତରୁ ଉର୍ଦ୍ଧ୍ୱ ଭିନ୍ନକ୍ଷମ ୪୫ଜଣ ଯୋଗ୍ୟ ହିତାଧିକାରୀ ମଧ୍ୟରୁ ୨୭ଜଣଙ୍କ ବ୍ୟାଙ୍କ ଆକାଉଣ୍ଟ ଯାଇଥିବାବେଳେ ୧୮ ଜଣଙ୍କୁ ନଗଦ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମଟି ବାଲିମେଳା ଏନଏସିର ଟାଉନ ହଲ ଠାରେ ଅନୁଷ୍ଠିତ ହୋଇଥିଲା।ଏହି ସମୟରେ ବିଭିନ୍ନ ପ୍ରକାର ଭତ୍ତା ପାଉଥିବା ହିତାଧିକାରୀଙ୍କୁ ମଧ ଭତ୍ତା ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମଟି ଏନଏସିର କମ୍ୟୁନିଟି ଅର୍ଗାନାଇଜର ଆରତୀ ମହାପାତ୍ର ସୁକାନ୍ତ ସାହୁ ୱାର୍ଡ ଅଫିସର ବଳରାମ ଖିଲ,ପ୍ରଦୀପ କୁମାର ମହାଲୀଙ୍କ ସହଯୋଗରେ ଅନୁଷ୍ଠିତ ହୋଇଥିଲା।

# ପଲିଥିନ ଦୋକାନ ଉପରେ ଚଢ଼ଉ

## ■ ୫୦ ହଜାର ଟଙ୍କା ଜୋରିମାନା



ଉମରକୋଟ(ଭାସ୍କର ନ୍ୟୁଜ୍): ଉମରକୋଟ ମୁଖ୍ୟ ରାସ୍ତାରେ ଥିବା ବଡ଼ ପଲିଥିନ ଦୋକାନ ଉପରେ ଉମରକୋଟ ପୌର ପରିଷଦ ପକ୍ଷରୁ ପଲିଥିନ ବିକ୍ରି କରିବା ଅଭିଯୋଗରେ ଚଢ଼ାଉ କରାଯାଇ ୫୦ ହଜାର ଟଙ୍କା ଜୋରିମାନା ଆଦାୟ କରାଯାଇଛି। ଆଜି ଉମରକୋଟ ପୌର ନିର୍ବାହୀ ଅଧିକାରୀ ବନମାଳି ଶତପଥୀ ଙ୍କ ନେତୃତ୍ୱରେ ଏକ ଟିମ୍ ଉମରକୋଟ ପୋଲିସ ସହାୟତା ରେ ଏହି ଚଢ଼ାଉ କାର୍ଯ୍ୟ କରିଥିଲା। ଦୋକାନ ମାଲିକ ଶ୍ରୀଚନ୍ଦ କେଲେଓ୍ୱାନିଙ୍କ ଏହି ଦୋକାନରେ ଦୀର୍ଘଦିନ ହେଲା ଓଡ଼ିଶା ସରକାରଙ୍କ ଦ୍ୱାରା ବେଆଇନ ହେଇଥିବା ପଲିଥିନ ବିକ୍ରୀ ହେଉଥିବା ପୌର ପରିଷଦ ନିକଟରେ ଖବର ଥିଲା। ତେବେ ଆଜି ପୌର ପରିଷଦର ନିର୍ବାହୀ ଅଧିକାରୀ ବନମାଳି ଶତପଥୀ ଉମରକୋଟ ଥାନାର ପୋଲିସ ସବ୍‌ଇନ୍ସପେକ୍ଟର ସୌମେନ୍ଦ୍ର ସେଠ, ଟ୍ୟାକ୍ସ କଲେକ୍ଟର ଓ ଅନନ୍ୟ କର୍ମଚାରୀଙ୍କୁ ନେଇ ଚଢ଼ାଉ କରିଥିଲେ। ତେବେ ପରିଷଦ ପକ୍ଷରୁ ଆଉ ବିକ୍ରି ନ କରିବା ପାଇଁ ୱାର୍ଣ୍ଣ ଦିଆଯାଇ ଆଉ ଭବିଷ୍ୟତରେ ନବିକ୍ରି ପାଇଁ ଏକ ଅଣ୍ଡରଟେକିଂ ନିଆ ଯାଇଛି ଓ ଏଥିସହ ଆଗାମୀ ଦିନରେ ପଲିଥିନ ବିକ୍ରି ଯେପରି ଉମରକୋଟ ସହରରେ ବନ୍ଦ ହେବ ସେଥିପାଇଁ ବଡ ଧରଣର ପଦକ୍ଷେପ ନିଆଯିବ ବୋଲି ନିର୍ବାହୀ ଅଧିକାରୀ ବନମାଳି ଶତପଥୀ ସୂଚନା ପ୍ରଦାନ କରିଛନ୍ତି।

# ଦିବ୍ୟାଙ୍ଗଙ୍କ ପାଇଁ ଦିନିକିଆ ପ୍ରଶିକ୍ଷଣ ଶିବିର

ରଘୁନାଥପୁର(ଭାସ୍କର ନ୍ୟୁଜ୍): ରଘୁନାଥପୁର ଉପ୍ରା ବିଦ୍ୟାଳୟରେ ଶିକ୍ଷକ ଓ ଅଭିଭାବକମାନଙ୍କୁ ନେଇ ବୁଧବାର ବାଧିତ,ଦିବ୍ୟାଙ୍ଗପିଲାଙ୍କ ପାଇଁ ଏକ ଦିନିକିଆ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶ୍ରେଣୀ ଗୃହରେ ଏହି ପିଲାମାନେ ଅନ୍ୟ ପିଲାଙ୍କ ପରି କିପରି ସମାନ ସୁବିଧା,ସୁଯୋଗ ପାଇବେ ଏବଂ ସରକାରଙ୍କ ଅନୁଦାନ ପ୍ରାପ୍ତି ଉପରେ ସବିଶେଷ ଆଲୋଚନା ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ରଘୁନାଥପୁର ସହ ମଣ୍ଡଳ ଶିକ୍ଷାଧିକାରୀ ଆଶୁତୋଷ ବାନାର୍ଜୀ, ସମ୍ମାନିତ ଅତିଥିଭାବେ ବିଆରଟି ସସ୍ମିତା ସ୍ୱାଇଁ, ରବିନ୍ଦ୍ରନାଥ ଷଡ଼ଙ୍ଗୀ, ଆରପି ସଂଜୟ କୁମାର ସ୍ୱାଇଁ ଯୋଗ ଦେଇଥିଲେ। ଏଥିରେ ଶିକ୍ଷକ ଅଦୈତ୍ୟ ବସ୍ତିଆ,ରବି ନାରାୟଣ ତା, ମନ୍ଦାକିନୀ ମହାପାତ୍ର, ସୁଶ୍ରୀ ସଂଗୀତା ସାହୁଙ୍କ ସମେତ ରଘୁନାଥପୁର ଓ ଗୋପାଳପୁର କ୍ଲଷ୍ଟରର ୨୫ଟି ସ୍କୁଲର ଶିକ୍ଷକ ଓ ଅଭିଭାବକମାନେ ଯୋଗଦେଇ ପ୍ରଶିକ୍ଷଣରେ ଅଂଶ ଗ୍ରହଣ କରିଥିଲେ। ଶେଷରେ ଶିକ୍ଷକନେତା ଦେବାଶିଷ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ପାଳିତ

କୋରାପୁଟ(ଭାସ୍କର ନ୍ୟୁଜ୍): ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ଅବସରରେ ହାଉସିଂ କଲୋନିସ୍ଥିତ ଶ୍ରୀରାମକୃଷ୍ଣ ବିଦ୍ୟାମନ୍ଦିର ଓ ରାମକୃଷ୍ଣ ସତସଙ୍ଗ ପକ୍ଷରୁ ଜାତୀୟ ଯୁବ ଦିବସ ପାଳନ କରାଯାଇଛି । କାର୍ଯ୍ୟକ୍ରମ ଉପଲକ୍ଷେ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା । ସେହିପରି ବିବେକାନନ୍ଦ ପାର୍କ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୌରାଧ୍ୟକ୍ଷ ଲଲାଟ ରଂଜନ ସେଠୀ ଯୋଗ ଦେଇଥିଲେ । ଛାତ୍ରଛାତ୍ରୀ ବିବେକାନନ୍ଦଙ୍କ ଆଦର୍ଶର ଅନୁପ୍ରାଣିତ ହେବାକୁ ପରାମର୍ଶ ଦେଇଥିଲେ । ସେହିପରି କ୍ରୀଡା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ । ବିଦ୍ୟାଳୟ ପରିଚାଳନା କମିଟି ସମ୍ପାଦକ ଡ. ଅମୂଲ୍ୟ ମହାପାତ୍ର ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ସୂଚନା ଦେଇଥିଲେ । ବିଦ୍ୟାଳୟ ଅଧ୍ୟକ୍ଷା ତପସ୍ୱିନୀ ମହାପାତ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ସେହିପରି ସ୍ୱାମୀ ବିବେକାନନ୍ଦ ବନଭାରତୀ ବିଦ୍ୟାପୀଠରେ ଯୁବ ଦିବସ ପାଳତି ହୋଇଯାଇଛି । ଅନୁଷ୍ଠାନ ସଭାପତି ଡ. ଅମୂଲ୍ୟ ମହାପାତ୍ର ମୁଖ୍ୟଅତିଥି ରୂପେ ଯୋଗଦେଇ ସ୍ୱାମୀ ବିବେକାନ୍ଦ ଜୀବନ ଆଦର୍ଶ ସମ୍ପର୍କରେ ଆଲୋକପାତ କରିଥିଲେ । ଅଧ୍ୟକ୍ଷା ଅତସୀ ସାହୁ ସ୍ୱାମୀଜୀଙ୍କ ମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଯୁବ ଦିବସ ସଂପର୍କରେ ଆଲୋଚନା କରିଥିଲେ । ଶିକ୍ଷୟିତ୍ରୀ ମେନକା ମହାପାତ୍ର ସ୍ୱାମୀଜୀଙ୍କ ଚରିତ୍ର ଗଠନ ବିଷୟରେ ଅବଗତ କରଥିଲେ । ପୂର୍ବରୁ ହୋଇଥିବା ପ୍ରବନ୍ଧ, ବକ୍ତୃତା ପ୍ରତିଯୋଗିତାରେ ସଫଳ ହୋଇଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଶିକ୍ଷୟତ୍ରୀ ଉର୍ମିଳା ପାଣିଗ୍ରାହୀ ଧନ୍ୟବାଦ୍ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ଅନୁଷ୍ଠାନର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

# ମକର ମିଳନ ଓ ବ୍ୟାସକବି ଫକୀର ମୋହନଙ୍କ ଜୟନ୍ତୀ ପାଳିତ

ଉମରକୋଟ(ଭାସ୍କର ନ୍ୟୁଜ୍): ଫକୀର ମୋହନ ପଠନଶାଳା ଆନୁକୂଲ୍ୟରେ ୧୭ତମ ବାର୍ଷିକ ଉତ୍ସବ, ମକର ମିଳନ, ଓ ବ୍ୟାସ କବି ଫକୀର ମୋହନଙ୍କ ଜୟନ୍ତୀ ପାଳନ ମହା ଆଡମ୍ବର ସହକାରେ ଉମରକୋଟ ସ୍ଥିତ ବିଜୁ ପଟ୍ଟନାୟକ ମହିଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଅଧିବେଶନ ଫକୀର ମୋହନ ପଠନ ଶାଳାର ସଂପାଦକ ପ୍ରଫୁଲ୍ଲ କୁମାର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇ ଥିବାବେଳେ ମୁଖ୍ୟ ଅତିଥି ଅନୁଷ୍ଠାନର ପ୍ରତିଷ୍ଠାତା ବାସୁଦେବ ନାୟକ, ମୁଖ୍ୟବକ୍ତା ଭାବେ ଓଡିଶା ସାହିତ୍ୟ ଏକାଡେମୀର ପ୍ରାକ୍ତନ ସଦସ୍ୟ ବଲ୍ଲଭ ରାଉତ, ବରେଣ୍ୟ ଅତିଥି ଭାବରେ ଅବସରପ୍ରାପ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା ସୁରେନ୍ଦ୍ର ନାଥ ଦାସ ସ୍ୱତନ୍ତ୍ର ଅତିଥି ଭାବେ ପାରଳାଖେମୁଣ୍ଡିରୁ ବିନୋଦ ଚନ୍ଦ୍ର ଜେନା,ବିଶିଷ୍ଟ ଅତିଥି ଭାବେଡ.ପ୍ରଦୀପ କୁମାର ମିଶ୍ର, ସମ୍ମାନିତ ଅତିଥି ଭାବରେ ପୂର୍ବତନ ଅବସରପ୍ରାପ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଉମେଶ ଚନ୍ଦ୍ର ଭୁକ୍ତା, ଶିକ୍ଷକ ଟୁଟୁ ବାବୁ ପଟ୍ଟନାୟକ, ବରିଷ୍ଠ ଆଇନଜୀବୀ ଶ୍ରୀନିବାସ ପଟ୍ଟନାୟକ, ଅଧ୍ୟାପିକା ନମିତା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିବା ବେଳେ ମଞ୍ଚ ପରିଚାଳନା ରାମଚନ୍ଦ୍ର ରାମ କରି ଥିଲେ। ସର୍ବ ପ୍ରଥମେ ସଂଗ୍ରାମ କିଶୋର ପରିଡା ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଥମ ଅଧିବେଶନରେ ଅନୁଷ୍ଠାନର ବାର୍ଷିକ ସାରସ୍ୱତ, ଡକ୍ଟର ସୁରେନ୍ଦ୍ରନାଥ ଦାଶଙ୍କ ଉପନ୍ୟାସ ଅପରେସନ କେ-୨, ପ୍ରଫୁଲ ରାଉତଙ୍କ ଗଳ୍ପ ସଂକଳନ 'ବାପା ଓ ଅନ୍ୟାନ୍ୟ ଗଳ୍ପ', ଆଚାର୍ଯ୍ୟ ବିନୋଦ ଚନ୍ଦ୍ର ଜେନାଙ୍କ ବିଜ୍ଞାନ ଗଳ୍ପ' 'ବିସ୍ମୟ ବିଜ୍ଞାନ' ଏବଂ ହୃଷୀକେଶ ତ୍ରିପାଠୀଙ୍କ ଶିଶୁ ଗୀତ ସଙ୍କଳନ 'ଶୋଇଯାରେ ଧନ, ଡ. ପ୍ରଦୀପ କୁମାର ମିଶ୍ରଙ୍କ ପ୍ରବନ୍ଧ ସଂକଳନ 'ଯେ ପକ୍ଷୀ ଉଡେ ଯେତେ ଦୂର' ଉନ୍ମୋଚନ ହୋଇଥିଲା। ଆଜିର ଆଲୋଚନା ର ପ୍ରସଙ୍ଗ ଥିଲା 'ପ୍ରକୃତି ଓ ପଞ୍ଚତତ୍ତ୍ୱର ସ୍ଥିତି' ଅତୀତ ବର୍ତ୍ତମାନ ଓ ଭବିଷ୍ୟତ'ଉପରେ ଆଲୋଚନା କରା ଯାଇଥିଲା। ସ୍ୱର୍ଗତ ସୁରେନ୍ଦ୍ର ପରିଡା ସ୍ମୃତି ସମ୍ମାନ ସଦାଶିବ ସୁକୁମାର ଉଚ୍ଚ ବିଦ୍ୟାଳୟର ଛାତ୍ର ଅମନ ଡାକୁଆ ଓ ପୁଷ୍ପାଞ୍ଜଳି ପରିଡ଼ା ସ୍ମୃତି ସମ୍ମାନ ସ୍ୱାମୀ ବିବେକାନନ୍ଦ ଉଚ୍ଚ ବିଦ୍ୟାଳୟ ର ଛାତ୍ରୀ ସାଇନ। ମଙ୍ଗଳମଙ୍କୁ ପ୍ରଦାନ କରା ଯାଇଥିଲା। ଦ୍ୱିତୀୟ ଅଧିବେଶନ ରେ କବି ପାଠରେ ସଭାପତି କରିଥିଲେ ମନୋରମା ମହାପାତ୍ର,ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଅଧ୍ୟକ୍ଷ ପରୀକ୍ଷିତ ସାହୁ, ସମ୍ମାନିତ ଅତିଥି ଭାବରେ ଅଧ୍ୟାପକ ଗୋପାଳ ମହାରଣା, କେଦାରେଶ୍ୱର ପଟ୍ଟନାୟକ, କମଳିନୀ ପୃଷ୍ଟି,ପ୍ରଭାତୀ ଦେବନାଥ,ହରିହର ଶତପଥୀ, ପ୍ରମୋଦ କୁମର ରାଉଳ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ ସାଗର କୁମାର ପରିଡ଼ା, ବିବେକା ନନ୍ଦ ପଟ୍ଟନାୟକ, ସ୍ୱାଗତିକା ସାହୁ, ସ୍ୱାଗତିକା ବାହିନୀପତି ଥିବାବେଳେ ବଂଶୀଧର ଭୂୟାଁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସଂଗ୍ରାମ ପରିଡ। ଧନ୍ୟବାଦ ଦେଇ ସଭା ସାଙ୍ଗ କରିଥିଲେ ।

# ସାହିତ୍ୟ ଓ କବିତା ପାଠୋତ୍ସବ




ଖଡ଼ିଆଳ (ଭାସ୍କର ନ୍ୟୁଜ୍): ନୂଆପଡା ଜିଲ୍ଲା ଖଡ଼ିଆଳ ବ୍ଲକ ରାଜା ଆର୍ତ୍ତତ୍ରାଣ ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ଖଡ଼ିଆଳ ସମ୍ବାଦ -ସାହିତ୍ୟ ଘରର ମକରମିଳନ ଅବସରରେ ସାହିତ୍ୟ ସଭା ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସାହିତ୍ୟ ଘରର ସଭାପତି ଆଦିତ୍ୟ ନାରାୟଣ ପଣ୍ଡା ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ଭାବରେ ଖଡ଼ିଆଳ ସ୍ୱୟଂ ଶାସିତ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡକ୍ଟର ହରେନ୍ଦ୍ର ପଣ୍ଡା, ସମ୍ମାନିତ ଅତିଥି ଭାବରେ ଶିକ୍ଷାବିତ୍ ସତୀଶ ପଟ୍ଟନାୟକ, ରାଜା ଆର୍ତ୍ତତ୍ରାଣ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଦୋଷ ସାହୁ ଓ ମୁଖ୍ୟବକ୍ତା ଭାବରେ ବିଶିଷ୍ଟ ସାହିତ୍ୟିକ ଡକ୍ଟର ସୁଶାନ୍ତ ବିଶି ଯୋଗ ଦେଇ ମକର ସଂକ୍ରାନ୍ତିର ମାହାତ୍ମ୍ୟ ଓ ବୈଶିଷ୍ଟ୍ୟ ସଂପର୍କରେ ଆଲୋଚନା କରିଥିଲେ। ସଂପାଦକ ଅଶୋକ ବେହେରା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଖଡ଼ିଆଳ ସମ୍ବାଦ ପ୍ରତିନିଧି ସନ୍ତୋଷ ଦଣ୍ଡସେନା ଧନ୍ୟବାଦ ଅର୍ପଣ କରିଥିଲେ। ଉପଦେଷ୍ଟା ତଥା ଗାଳ୍ପିକ ଗୌରାଙ୍ଗ କୁମାର ସାହୁ ସାଙ୍ଗଠନିକ ଆଲୋଚନା କରିଥିଲେ। କବୟିତ୍ରୀ ମନୋରମା ରଥ କବିତା ପାଠୋତ୍ସବକୁ ସଂଯୋଜନା କରିଥିବା ବେଳେ ଶ୍ରୀୟାସ୍ମିତା ସାହୁ ପ୍ରାରମ୍ଭିକ ସଂଗୀତ ଗାନ କରିଥିଲେ । କବି ସନାତନ ମହାନ୍ତି ସମାପନୀ ସଂଗୀତ ଗାନ କରିଥିଲେ । ସମାରୋହରେ ଗାୟକ ଶିରୋମଣି ଅର୍ଜୁନ ଛତ୍ରିଆ, କବି ସଂଗ୍ରାମ ସିଂ ଠାକୁର, ଗୋବର୍ଦ୍ଧନ ସାହୁ, ସନାତନ ମହାନ୍ତି, କୈଳାସ ବାଗ, ଅବକାଶ ନାରାୟଣ ପଣ୍ଡା, କୁନାଲ ଚରଣ ବେହେରା, ମନମୋହନ ବୈଠାରୁ, ମୁଚୁକୁନ୍ଦ ଦଣ୍ଡସେନା, ଦିଶାମୟୀ ବାରିକ, ଦେବରାଜ ମାଝୀ, ଶାନ୍ତିଲତା ବେହେରା ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିବା ବେଳେ ସାହିତ୍ୟ ଘରର ଉପଦେଷ୍ଟା ତଥା ଶିକ୍ଷାବିତ୍ ନବୀନ କିଶୋର ପାଢ଼ୀ , ଆଦିତ୍ୟ ମହାଉତି, ଆକାଶ ସାହୁ, ତାପସ ରଞ୍ଜନ କରୁଆଁ, ଗଜିନ୍ଦ୍ର ହରିଜନ ପ୍ରମୁଖ ଉପସ୍ଥିତ ଥିଲେ।

# ନୂଆ ଡିଆରଏମ୍‌ଙ୍କ କୋରାପୁଟ ଗସ୍ତ

କୋରାପୁଟ (ଭାସ୍କର ନ୍ୟୁଜ୍): ରାୟଗଡା ରେଳ ଡିଭିଜନର ପ୍ରଥମ ଡିଆରଏମ ମିତାଭ ସିଂହଲ କୋରାପୁଟ ଗସ୍ତ କରିଛନ୍ତି । କୋରାପୁଟ-ଆରକୁ-କୋତାଓ୍ୱଲସା ସେକ୍ସନର ତଦାରଖ କରିଥିଲେ । କୋରାପୁଟ ଷ୍ଟେସନରେ ଚାମ୍ବର ଅଫ କମର୍ସ ଏବଂ ଷ୍ଟେସନ ପରାମର୍ଶଦାତା କମିଟି ସଦସ୍ୟଙ୍କ ସହିତ ଆଲୋଚନା କରିଥିଲେ । ରେଳପଥ ଦୋହରୀକରଣ, ସୁରକ୍ଷା ଓ ଆନୁଷଙ୍ଗିକ ଭିତ୍ତିଭୂମି ବୁଲି ଦେଖିଥିଲେ। କୋରାପୁଟ, ଦାମନଯୋଡି ଅମୃତ ଭାରତ ଷ୍ଟେସନ ଫୁଟ ଓଭର ବ୍ରିଜ୍, ସର୍କୁଲାର ଅଞ୍ଚଳ, ଷ୍ଟେସନ କୋଠାର ଉନ୍ନତି ଏବଂ ସୁରକ୍ଷା ଦିଗ ଯାଞ୍ଚ କରିଥିଲେ । ଷ୍ଟାଫ୍ କ୍ୱାର୍ଟର୍ସ , ମାଲ ପରିବହନ ଓ ଭିତ୍ତିଭୂମିର ବି ଯାଞ୍ଚ କରିଥିଲେ। ଚାଲିଥିବା କାମକୁ ତ୍ୱରାନ୍ୱିତ କରିବାକୁ ପରାମର୍ଶ ଦେଇଥିଲେ । ଷ୍ଟେସନ ଗୁଡିକରେ ଯାଞ୍ଚ ସମୟରେ ଡିଆରଏମ ବିସ୍ତୃତ ସୁରକ୍ଷା ଅଡିଟ୍ କରିଥିଲେ । ସୁରକ୍ଷା ନିୟମାବଳୀକୁ ପାଳନ କରିବା ଏବଂ ସୁରକ୍ଷା ମାର୍ଗଦର୍ଶିକା ଅନୁସାରେ ପାରଦର୍ଶିତାକୁ ଆକଳନ କରିବା ପାଇଁ କର୍ମଚାରୀଙ୍କ ସହ ଯୋଗାଯୋଗ କରିଥିଲେ । ବିଭାଗର ଏକ ଓ୍ୱିଣ୍ଡୋ-ଟ୍ରେଲିଂ ଯାଞ୍ଚ କରି ଚାଲିଥିବା ଭିତ୍ତିଭୂମି ବିକାଶ କାର୍ଯ୍ୟର ତଦାରଖ କରିବା ସହ ଏହି ବିଭାଗର ଦ୍ୱିଗୁଣିତ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିବା । ଏହି ଯାଞ୍ଚ ଏକ ବିଭାଗର ଏକ ସୁରକ୍ଷା ରଣନୀତି, ବିଭିନ୍ନ ସୁବିଧା ଏବଂ ଭିତ୍ତିଭୂମି ସୁବିଧା ବୃଦ୍ଧି ପାଇଁ ଲକ୍ଷ୍ୟ ରଖାଯାଇଛି ବୋଲି କହିଥିଲେ । ଷ୍ଟେସନ ଗୁଡିକରେ ଅତ୍ୟାଧୁନିକ ଭିତ୍ତିଭୂମି, ଦିବ୍ୟାଙ୍ଗ, ମହିଳା, ବୃଦ୍ଧବୃଦ୍ଧାଙ୍କୁ ସୁବିଧା ଓ ସୁଯୋଗ ଯୋଗାଇ ଦିଆଯିବ ବୋଲି ସୂଚନା ଦେଇଥିଲେ । ଭିତିଭୂମି ବିକାଶ, ସୁରକ୍ଷା ଉନ୍ନତି ଏବଂ ସଂଯୋଗୀକରଣ ବୃଦ୍ଧିକୁ ତ୍ୱରାନ୍ୱିତ କରିବା ଉପରେ ପ୍ରାଥମିକତା ଦିଆଯିବା ନୂତନ ଡିଭିଜନ ଘୋଷଣା ପରେ ଅଞ୍ଚଳର ପ୍ରାଥମିକତା ଉପରେ ଗୁରୁତ୍ୱପୂର୍ଣ୍ଣ ଧ୍ୟାନ ଦିଆଯିବ । ବ୍ୟବସାୟ ଏବଂ ପର୍ଯ୍ୟଟନ ଉଲ୍ଲେଖନୀୟ ଅଭିବୃଦ୍ଧି ପାଇବ ବୋଲି ଡିଆରଏମ ଆଶାବ୍ୟକ୍ତ କରିଛନ୍ତି । କୋରାପୁଟରୁ ଆରକୁ ଦେଇ କୋତାଭାଲସା ପର୍ଯ୍ୟନ୍ତ ଓ୍ୱିଣ୍ଡୋ ଟ୍ରେଲିଂ ଯାଞ୍ଚ କରିଥିଲେ । ପଏଣ୍ଟ ଏବଂ କ୍ରସିଂ, ସିଗନାଲିଂ ସିଷ୍ଟମ, ସୁଡଙ୍ଗ, ଚାଲିଥିବା ଭିତିଭୂମି ବିକାଶ ଏବଂ ସେକ୍ସନରେ ସୁବିଧାର ପ୍ରଗତି ମୂଲ୍ୟାଙ୍କନ କରିଥିଲେ ଡିଆରଏମ୍ ।

# ମା' ତାରିଣୀ ପୀଠରେ ମକର ପାଳିତ



ଉମରକୋଟ/ବେହେଡା(ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲାର ବେହେଡା ମାତାରିଣୀ ପୀଠରେ ମକରସଂକ୍ରାନ୍ତି ବଡ଼ ଧୂମଧାମ ପାଳିତ ହେଲା । ସକାଳୁ ସକାଳୁ ଭକ୍ତମାନେ ତେଲନଦୀରେ ସ୍ନାନ କରି ମା' ତାରିଣୀକୁ ଦର୍ଶନ କରିଥିଲେ । ମନ୍ଦିର ତରଫରୁ ନୂଆ ଅରୁଆଚାଉଳ, ଆଖୁ, ଛେନା, କଦଳୀ, ନଡ଼ିଆ ଓ ବିଭିନ୍ନ ପ୍ରକାରର ଫଳରେ ପ୍ରସ୍ତୁତ ମକର ଚାଉଳ ପାଇଥିଲେ। ସୂର୍ଯ୍ୟ ପୂଜାରେ ମକର ବ୍ୟବହାର କରିଲା ପରେ ଭକ୍ତମାନେ ପାଇଥିଲେ । ମନ୍ଦିର ତରଫରୁ ପ୍ରତ୍ୟେକ ସଂକ୍ରାନ୍ତିରେ ଗହଳି ତ ହୋଇଥାଏ ହେଲେ ମକରସଂକ୍ରାନ୍ତିରେ ପ୍ରବଳ ଗହଳି ଚହଳି ହୋଇଛି। ପ୍ରସାଦ ସେବନ କରି ଲୋକମାନେ ଦର୍ଶନ କରି ମନ ଖୁସିରେ ଫେରିଥିଲେ ।

# ବ୍ରାହ୍ମଣ ସମାଜ ପକ୍ଷରୁ ବନ୍ଧୁମିଳନ ଉତ୍ସବ ପାଳିତ

ଗୁଣପୁର(ଭାସ୍କର ନ୍ୟୁଜ୍): ସ୍ଥାନୀୟ ବିଦ୍ୟାନିକେତନ ପଡ଼ିଆରେ ଗୁଣପୁର ନଗରର ୧୦୦୦ରୁ ଉର୍ଦ୍ଧ୍ୱ ବ୍ରାହ୍ମଣ ପରିବାରକୁ ନେଇ ଏକ ବନ୍ଧୁମିଳନ ଆୟୋଜିତ ହୋଇଥିଲା। ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ ପୂଜକ ଗଣେଶ ରଥ ଓ କୃଷ୍ଣପ୍ରସାଦ ମିଶ୍ର , ଦୁର୍ଗାପ୍ରସାଦ ପାଣିଗ୍ରାହୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ରେ ବିଶ୍ୱଶାନ୍ତି ମହାଯଜ୍ଞ ଆୟୋଜିତ ହୋଇଥିଲା। ୨୦୨୫-୨୮ ମସିହା ନିମନ୍ତେ ଏକ ନୂତନ କମିଟି ଗଠନ କରାଯାଇଥିଲା। ସଭାପତି ରୂପେ ଶ୍ରୀ ପ୍ରଶାନ୍ତ ମିଶ୍ର ଓ ଅନ୍ୟ କାର୍ଯ୍ୟକର୍ତା ଚୟନ କରାଯିବା ସହ , ନାରୀ ସଂଗଠନ ଏବଂ ସ୍ଥାୟୀ କାର୍ଯ୍ୟକାରୀ ସଦସ୍ୟଙ୍କୁ ଚୟନ କରାଯାଇଥିଲା। ସର୍ବ ପ୍ରଥମେ ଦୁର୍ଗା ପ୍ରସାଦ ପାଣିଗ୍ରାହୀ ଅତିଥିଙ୍କୁ ମଞ୍ଚକୁ ନିମନ୍ତ୍ରଣ କରିଥିବା ସ୍ଥଳେ, ଉମା ଦାସ ସ୍ୱାଗତ ଭାଷଣ ଦେଇଥିଲେ। ଡ଼ଃ ପ୍ରଶାନ୍ତ ହୋତା ମଞ୍ଚ ପରିଚାଳନାର ଦାୟିତ୍ୱ ତୁଲାଇଥିଲେ। ନିଖିଳ ପାଢ଼ୀ ଓ ଅଶୋକ କରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ସଙ୍ଗୀତ,ନୃତ୍ୟ, ଶଙ୍ଖ ଓ ହୁଳହୁଳି ଇତ୍ୟାଦି ପରିଚାଳିତ ହୋଇଥିଲା।



ଝରିଗାଁ, (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକ୍ ସଦର ମହକୁମା ସ୍ଥିତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆଠଦିନ ବ୍ୟାପି ଚାଲିଥିବା ଆତ୍ମସୁରକ୍ଷା ତାଲିମ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଛି। ଇତ୍ୟବସରରେ ଆୟୋଜିତ ଉଦଯାପନୀ ସଭାରେ ଅନୁଷ୍ଠାନର ଅଧ୍ୟକ୍ଷ ଶିବ ପ୍ରସାଦ ପଟ୍ଟନାୟକ ସଭାପତିତ୍ୱ କରିଥିବା ସ୍ଥଳେ ଝରିଗାଁ ତହସିଲର ତହସିଲଦାର ଶଙ୍କର ପଟ୍ଟନାୟକ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଓଡ଼ିଆ ଅଧ୍ୟାପକ ଗୋପାଳ ମହାରଣା, ଇଂରାଜୀ ଅଧ୍ୟାପକ, ଶଙ୍କର କୁମାର ନାଲା, ରାଜନୀତି ବିଜ୍ଞାନ ଅଧ୍ୟାପକ ସନ୍ତୋଷ କୁମାର ଖିଲାର ଏବଂ ଗ୍ରନ୍ଥ ରକ୍ଷକ ମନୋଜ କୁମାର ମହାପାତ୍ର ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ସଂଯୋଜିକା ତଥା ଅର୍ଥନୀତି ଅଧ୍ୟାପିକା ଅତିଥି ମାନଙ୍କ ପରିଚୟ ଓ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ଶ୍ରୀ ଜଗନ୍ନାଥଙ୍କ ଫୋଟୋଚିତ୍ରରେ ଦୀପ ପ୍ରଜ୍ଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମକୁ ସଭାପତିଙ୍କ ଦ୍ୱାରା କାର୍ଯ୍ୟକ୍ରମ ସଞ୍ଚାଳନ କରାଯାଇଥିଲା। ପ୍ରତି ତାଲିମ ଗ୍ରହୀତାଙ୍କୁ ଅତିଥିମାନେ ମାନପତ୍ର ପ୍ରଦାନ କରିଥିଲେ। ଛାତ୍ରୀମାନେ ଆଠଦିନର ସୁନ୍ଦର ଅନୁଭୂତି ଅତିଥିମାନଙ୍କ ଆଗରେ କହିଥିଲେ। ଏଥିରେ ପ୍ରମିତା ମାଝୀ ପ୍ରଶିକ୍ଷିକା ଭାବେ ଯୋଗଦେଇଥିଲେ। ସୁମିତ ଚନ୍ଦନ ପଟ୍ଟନାୟକ, ସିମାଞ୍ଚଳ ବେହେରା ଏବଂ ଦିବାକର ଗୌଡ଼ ପ୍ରମୁଖ କର୍ମଚାରୀ ବିଭିନ୍ନ କ୍ଷେତ୍ରରେ ସହଯୋଗ କରିଥିଲେ।

## ଲେଖକ ସାମ୍ମୁଖ୍ୟ ପକ୍ଷରୁ ଫକୀର ମୋହନ ଜୟନ୍ତୀ ପାଳିତ

ରଗଡ଼ି, (ଭାସ୍କର ନ୍ୟୁଜ୍): ସହରର ଅଗ୍ରଣୀ ସାହିତ୍ୟ ସଂଗଠକ ବ୍ୟାସନଗର ଲେଖକ ସାମ୍ମୁଖ୍ୟ ଦ୍ୱାରା ପଦ୍ମପୁର ସ୍ଥିତ 'କାବ୍ୟକଳା' ସମ୍ମିଳନୀ କକ୍ଷରେ ବ୍ୟାସକବି ଫକୀର ମୋହନ ସେନାପତିଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ସାମ୍ମୁଖ୍ୟର ସଭାପତି ରାଜୀବ ଲୋଚନ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବରେ ଅବସରପ୍ରାପ୍ତ ଶିକ୍ଷାଧିକାରୀ ଦିବାକର ବସ୍ତିଆ , ମୁଖ୍ୟ ବକ୍ତା ଡଃ ଅକ୍ଷୟ କୁମାର ପଣ୍ଡା, ସମ୍ମାନିତ ଅତିଥି ଭାବେ ଅବସର ପ୍ରାପ୍ତ ପ୍ରଧାନଶିକ୍ଷକ ଶ୍ରୀଯୁକ୍ତ ବିନାୟକ ରାଏ ଯୋଗଦେଇ ଫକୀର ମୋହନ ସେନାପତିଙ୍କ ଜୀବନୀ ତଥା ସାହିତ୍ୟ ଉପରେ ଆଲୋଚନା କରିଥିଲେ। ଅତିଥିଙ୍କ ପ୍ରସ୍ତାବ ଅନୁସାରେ ଓଡ଼ିଆ ଭାଷାର ସୁରକ୍ଷା ଦିଗରେ କାମ କରିବା ପାଇଁ ନାରାୟଣ ରାଉତ ରାୟ, ମହେଶ୍ୱର ନାୟକ, ଧିରେନ୍ଦ୍ର ମିଶ୍ର, ପ୍ରସନ୍ନ ବାରିକ, ସୌମ୍ୟରଞ୍ଜନ ମିଶ୍ର, ଅନୀତା ସାହୁ, ପିୟାଙ୍କା ପରିଜା ,ଅଞ୍ଜଳି ମିଶ୍ର, ରାକ୍ଷି ମଜୁଆଳ ପ୍ରମୁଖ ଶପଥପାଠ କରିଥିଲେ। ପଦ୍ମାଳୟା ପୃଷ୍ଟି ଧନ୍ୟବାଦ ଦେଇ ଥିଲେ। ଏହି ଅବସରରେ ଅନ୍ୟାନ୍ୟ ବହୁ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ।

# ମାଆ ରାଜାମ୍ମାଙ୍କ ପୀଠରେ ପଙ୍ଗୋଲ ପାଳିତ



ଆସିକା, (ଭାସ୍କର ନ୍ୟୁଜ୍): ବିଶ୍ୱାସ ହିଁ ଭଗବାନ। ପବିତ୍ର ମକର ସଂକ୍ରାନ୍ତି ଅବସରରେ ଚାରିଆଡ଼େ ପୋଙ୍ଗଲ ଅନୁଷ୍ଠିତ ହେଉଥିବା ବେଳେ ଆସିକା ବ୍ଲକ୍ ଦେବଭୂମି ଠାରେ ବେଶ ଆଡ଼ମ୍ବର ସହକାରେ ପାଳନ ହୋଇଛି ଏହି ପର୍ବ। ମାଆ ରଜମ୍ମାଙ୍କ ଦିବ୍ୟ ଅନୁଭବକୁ ନେଇ ପୂଜାର୍ଚ୍ଚନା କରାଯିବା ସହିତ ଭାଇଚାରାର ନିଦର୍ଶନକୁ ଆପଣାଇଛନ୍ତି ଦେବଭୂମି ମୋଚି ସାହିର କିଛି ପରିବାର। ରାଜାମା ମନ୍ଦିର ପରିଚାଳନା ମୁଖ୍ୟଟି ଲବ, ସଭାପତି ଟି. ପେଣ୍ଟିଆ, କୋଷାଧକ୍ଷ ଟି. ରଘୁନାଥ ସ୍ୱାମୀ, ସହଯୋଗୀ ଟି. କୁମାର ପ୍ରମୁଖ ଉପସ୍ଥିତ ରହି ମା'ଙ୍କ ସମସ୍ତପ୍ରକାର ପୂଜାର୍ଚ୍ଚନା କରିଆସୁଛନ୍ତି। ମୋଚି ସାହିରେ ଥିବା ଶ୍ରଦ୍ଧାଳୁମାନଙ୍କ ପରିବାର ମାଆଙ୍କୁ ନେଇ ବେଶ ଆଶାବାଦୀ ଓ ବିଶ୍ୱାସୀ ମଧ୍ୟ। କାଳେ ଡାକିଲେ ଡାକ ଶୁଣନ୍ତି ମା' ରାଜମା। ରାଜ ରାଜେଶ୍ୱରୀ ମାଆ ରାଜମ୍ମା ବହୁ ବିପଦରୁ ଏହି ପରିବାରମାନଙ୍କୁ ରକ୍ଷା କରିଥିବା ନେଇ ମତ ପ୍ରକାଶ କରନ୍ତି ଏଠିକାର ବାସିନ୍ଦା। ଆବାହମାନ କାଳରୁ ମାଆ ଏଠାରେ ବାସ କରଛନ୍ତି। ମାଆଙ୍କୁ ନେଇ ବହୁ ବିଶ୍ୱାସ ରହିଛି। ସୁଖଦୁଃଖ ସବୁ ସମୟରେ ମା'ଭକ୍ତ ପାଖରେ ରହି ଭକ୍ତର ମନବାଞ୍ଛା ପୂରଣ କରିଥାନ୍ତି। ଏହି ମନ୍ଦିର ବର୍ତ୍ତମାନ ଗୋଟିଏ ପରିତ୍ୟକ୍ତ ଘରେ ଅସୁରକ୍ଷିତ ଅବସ୍ଥାରେ ରହିଥିବା ବେଳେ ଏହାର ପୁନଃରୁଦ୍ଧାର ଓ ନିର୍ମାଣ ନିମନ୍ତେ ସହୃଦୟ ବ୍ୟକ୍ତି ଓ ଶ୍ରଦ୍ଧାଳୁ ମାନଙ୍କ ସହାୟତାର ଆବଶ୍ୟକ ରହିଛି। ମନ୍ଦିର ପରିଚାଳନା ଓ ପର୍ବପର୍ବାଣୀ ଗୁଡ଼ିକ ପାଇଁ କମିଟି ବେଶ ତତ୍ପରତା ପ୍ରକାଶ କରୁଥିବା ବେଳେ ଆର୍ଥିକ ସମସ୍ୟା ବାଧକ ସୃଷ୍ଟିକରୁଛି। ସରକାରୀ ଓ ବେସରକାରୀ ସ୍ତରରେ ଯଦି ମନ୍ଦିରର ଉନ୍ନତି ପାଇଁ ସହଯୋଗ ମିଳିପାରିବ ତା'ହେଲେ ରାଜମା ମନ୍ଦିର ସର୍ବଜନାଦୃତ ହୋଇପାରିବ ବୋଲି ଆଶାବାଦୀ ଅଛନ୍ତି ମନ୍ଦିର ପରିଚାଳନା କମିଟି ଓ ଗ୍ରାମବାସୀ।

# ବର୍ଦ୍ଧିତ ସାମାଜିକ ସୁରକ୍ଷା ଭତ୍ତା ବଣ୍ଟନ କଲେ ମନ୍ତ୍ରୀ



ଛତ୍ରପୁର, (ଭାସ୍କର ନ୍ୟୁଜ୍): ଗଞ୍ଜାମ ଜିଲ୍ଲା ଛତ୍ରପୁର ବ୍ଲକ୍ କାର୍ଯ୍ୟାଳୟରେ ବୃଦ୍ଧି ହୋଇଥିବା ସାମାଜିକ ସୁରକ୍ଷା ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ରାଜ୍ୟ ଖଣି, ଇସ୍ପାତ ଓ ପରିବହନ ମନ୍ତ୍ରୀ ବିଭୁତି ଭୂଷଣ ଜେନା ଯୋଗଦେଇ ବର୍ଦ୍ଧିତ ଭତ୍ତା ହିତାଧିକାରୀ ମାନଙ୍କୁ ବଣ୍ଟନ କରିଥିଲେ। ମଧୁବାବୁ ଭତ୍ତା ଯୋଜନା ଓ ଜାତୀୟ ସାମାଜିକ ସୁରକ୍ଷା କାର୍ଯ୍ୟକ୍ରମ ଅଧୀନରେ ଭତ୍ତା ୩୫୦୦ ଟଙ୍କାକୁ ରାଜ୍ୟ ସରକାର ବୃଦ୍ଧି କରିଛନ୍ତି। ୮୦ ବର୍ଷରୁ ଊର୍ଦ୍ଧ୍ୱ ନାଗରିକ ଏବଂ ୮୦ ପ୍ରତିଶତରୁ ଅଧିକ ଭିର୍ନକ୍ଷମ ଏହି ଯୋଜନାରେ ଲାଭାର୍ଥୀ ହୋଇଛନ୍ତି। ମଧୁବାବୁ ପେନସନ ଯୋଜନାରେ ଏହି ବ୍ଲକ୍‌ର ୮୦ବର୍ଷରୁ ଉର୍ଦ୍ଧ୍ୱ ୬୦ ଜଣ ନାଗରିକଙ୍କୁ ଏବଂ ୮୦ ପ୍ରତିଶତରୁ ଅଧିକ ୫୨ଜଣ ଭିନ୍ନକ୍ଷମଙ୍କୁ ୩୫୦୦/-ଟଙ୍କା ଲେଖାଏଁ ଭତ୍ତା ପ୍ରଦାନ କରାଯାଇଛି। ଏଥିସହ ଛତ୍ରପୁର ସବ-ଡିଭିଜନରେ ଆତ୍ମନିର୍ଭରଶୀଳ ପାଇଁ ୧୬ଟି ଇ-ରିକ୍ସା ଭିନ୍ନକ୍ଷମଙ୍କୁ ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଛତ୍ରପୁର ବ୍ଲକ୍ ଅଧକ୍ଷା କିରଣୀ କୁମାରୀ ଦାସ, ବ୍ଲକ୍ ଉପାଧକ୍ଷା ଏସ. ଶାରଦା ରେଡ୍ଡି, ଛତ୍ରପୁର ବିଡ଼ିଓ ଜୟଶ୍ରୀ ନାୟକ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ କୃଷ୍ଣଚନ୍ଦ୍ର ବେହେରା, ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ଜଗନମୋହନ ସେନାପତିଙ୍କ ସମେତ ସମସ୍ତ ସରପଞ୍ଚ, ସମିତିସଭ୍ୟ ଉପସ୍ଥିତ ଥିଲେ।

### ଲଗାଣ ବର୍ଷାରେ କ୍ଷତିଗ୍ରସ୍ତ ହୋଇଥିବା ଚାଷୀଙ୍କ ଆବେଦନ ପ୍ରକ୍ରିୟା

# ବେଡ଼ି ଉପରେ କୋରଡ଼ା ସଦୃଶ

ଡେରାବିଶ, (ଭାସ୍କର ନ୍ୟୁଜ): ଗତ ଲଘୁଚାପ ଜନିତ ଲଗାଣ ବର୍ଷାରେ କ୍ଷତିଗ୍ରସ୍ତ ହୋଇଥିବା ଚାଷୀମାନଙ୍କ କ୍ଷତି ଭରଣା ପାଇଁ ସରକାରଙ୍କ ତରଫରୁ ମିଳୁଥିବା ସାହାଯ୍ୟ ପାଇବା ପାଇଁ ଆବେଦନ କରିବା ପ୍ରକ୍ରିୟାର ବିଧି ବ୍ୟବସ୍ଥା ବେଡ଼ି ଉପରେ କୋରଡ଼ା ସଦୃସ ହୋଇଛି। ବହୁ ଚାଷୀ ଏହି ଆବେଦନ ପ୍ରକ୍ରିୟାକୁ ଫସଲ ନଷ୍ଟ ଠାରୁ ଅଧିକ କଷ୍ଟ ଦେଉଥିବା ଅଭିଯୋଗ କରିଛନ୍ତି। ଏହି କ୍ଷତି ଭରଣା ପାଇବା ପାଇଁ ଚାଷୀମାନେ ଆବେଦନ କରୁଥିବା ଫର୍ମରେ ୱାର୍ଡ଼ସଭ୍ୟ, ପଞ୍ଚାୟତର ସମିତିସଭ୍ୟ, ସରପଞ୍ଚ ଓ ରାଜସ୍ୱ ନିରୀକ୍ଷକଙ୍କ ପ୍ରମାଣପତ୍ର ସହିତ ଜମିର ଚଳିତ ବର୍ଷର ପାଉତି, ବ୍ୟାଙ୍କ ପାସ୍‌ବୁକ୍ ଓ ଆଧାର କାର୍ଡ଼ର ଜେରକ୍ସ କପି ଦେବା ପାଇଁ ନିୟମ ରହିଛି। ତେବେ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ପାଉତି ବହି ନଥିବାରୁ ଚାଷୀମାନଙ୍କୁ ଅନ୍‌ଲାଇନ୍‌ରେ ପାଉତି କାଟିବା ପାଇଁ ପଡୁଛି। ଯାହାଫଳରେ ଗୋଟିଏ ପ୍ଲଟ୍ ପାଇଁ ସରକାରୀ ଦେୟ ପରେ ଅଧିକ ୧୦ ଟଙ୍କା ଲେଖାଏଁ ଦେବାକୁ ପଡୁଛି। ଜଣେ ଚାଷୀ ଯେତୋଟି ପ୍ଲଟ୍ ପାଇଁ ଆବେଦନ କରିବ ସେତେ ୧୦ଟଙ୍କା ଅଧିକ ଖର୍ଚ୍ଚାନ୍ତ ହେବ। ସେଥିପାଇଁ ସରକାର ପ୍ରତି ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟକୁ ପାଉତି ବହି ଯୋଗାଇ ଦେଇ ଚାଷୀମାନଙ୍କୁ ଅଯଥା ଖର୍ଚ୍ଚାନ୍ତରୁ ମୁକ୍ତ କରନ୍ତୁ ବୋଲି ଦାବି ହେଉଛି। ଏହାଛଡ଼ା ଆବେଦନ ସମୟରେ ଏହିସବୁ ପ୍ଲଟ୍‌ରେ ଚାଷୀ ଧାନ ଫସଲ କରିଛି ବୋଲି ୱାର୍ଡ଼ସଭ୍ୟ, ପଞ୍ଚାୟତ ସମିତିସଭ୍ୟ ଓ ସରପଞ୍ଚ ଏବଂ ରାଜସ୍ୱ ନିରୀକ୍ଷକଙ୍କ ସୁପାରିଶ ରହିବାର ନିୟମକୁ ପରିବର୍ତ୍ତନ କରି ଗ୍ରାମ୍ୟ ସଭ୍ୟ ଓ ରାଜସ୍ୱ ନିରୀକ୍ଷକଙ୍କ ସୁପାରିଶ ହେଲେ ଚାଷୀ ଅଯଥା ପଞ୍ଚାୟତକୁ ଦଉଡ଼ିବାରୁ କ୍ଷାନ୍ତ ହୁଅନ୍ତା। ଚାଷୀଙ୍କ ଏସବୁ ଅସୁବିଧାକୁ ଦୃଷ୍ଟିରେ ରଖି ସରକାର ଏସବୁ ନିୟମକୁ ସରଳୀକରଣ କରିବା ପାଇଁ ଚାଷୀମାନଙ୍କ ପକ୍ଷରୁ ଦାବି ହେଉଛି।

## ବ୍ରାହ୍ମଣ ସମାଜ କମ୍ୟୁନିଟି ହଲର ଶୁଭଦେଲେ କରଞ୍ଜିଆ ବିଧାୟକ

କରଞ୍ଜିଆ, (ଭାସ୍କର ନ୍ୟୁଜ): କରଞ୍ଜିଆ ଏନଏସିର ୱାର୍ଡ ନ.୮ ର ଶାସନ ତୋଟା ନିକଟରେ କରଞ୍ଜିଆ ବ୍ରାହ୍ମଣ ସମାଜର ୧୦ ଲକ୍ଷଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ଏକ କମ୍ୟୁନିଟି ହଲର ଶୁଭପୂଜନ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବ୍ରୁରୁ ଯୋଗଦେଇ ଶୁଭସ୍ଥାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ କରଞ୍ଜିଆ ଏନଏସି ଅଧକ୍ଷା ପପି ପୃଷ୍ଟି, ଉପାଧକ୍ଷ ସ୍ୱରୂପ ପରିଜା,ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଦାୟିତ୍ୱରେ ଥିବା ଉପଖଣ୍ଡ ସୂଚନା ପ୍ରମୁଖଙ୍କ ସମେତ ସ୍ଥାନୀୟ ବ୍ରାହ୍ମଣ ଶାସନର ପଣ୍ଡିତଗଣ ଉପସ୍ଥିତ ଥିଲେ।

# ଶ୍ରୀ ଶ୍ରୀ ବଳଦେବଜୀଉ ମନ୍ଦିର ପରିସରରେ ରାଜାଭିଷେକ ଉତ୍ସବ ଅନୁଷ୍ଠିତ




ଜଗତସିଂହପୁର, (ଭାସ୍କର ନ୍ୟୁଜ୍): ଜଗତସିଂହପୁର ବ୍ଲକ୍ ମୁଦୁପୁର ପଞ୍ଚାୟତ ସିଦ୍ଧଳ ସ୍ଥିତ ଶ୍ରୀ ଶ୍ରୀ ବଳଦେବଜୀଉ ମନ୍ଦିର ପରିସରରେ ରାଜାଭିଷେକ ଉତ୍ସବ ମହା ସମାରୋହରେ ଅନୁଷ୍ଠିତ ହୋଇ ଯାଇଛି। ଏହି ଉତ୍ସବରେ ଠାକୁର ରାଜା ଭାବେ ଜିଲ୍ଲାପାଳ ଜେ ସୋନାଲ ଏବଂ ଜିଲ୍ଲାପାଳଙ୍କ ସହଧର୍ମିଣୀ, ମନ୍ତ୍ରୀ ପାରିଷଦ ଭାବେ ଏସ ପି ଭବାନୀ ଶଙ୍କର ଉଦଗାତା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଜିଲ୍ଲା ସଂସ୍କୃତି ଅଧିକାରୀ, ଜିଲ୍ଲା ମହିଳା ଓ ଶିଶୁ କଲ୍ୟାଣ ଅଧିକାରୀ, ଜିଲ୍ଲା କୃଷି ଉପନିର୍ଦ୍ଦେଶକ, ତହସିଲଦାର, ଜଗତସିଂହପୁର ପୌରପରିଷଦ ନିର୍ବାହୀ ଅଧିକାରୀ, ଜିଲ୍ଲା ଶାରୀରିକ କ୍ରୀଡା ଅଧିକାରୀ ଦିଲ୍ଲୀପ କୁମାର ଦାସ, ପ୍ରମୁଖ ଯୋଗଦେଇଥିଲେ। ବଡ଼ ଦାଣ୍ଡରୁ ଶତାଧିକ ସେବାୟତ, ମହିଳା ସ୍ୱୟଂ ସହାୟକ ଦଳର କର୍ମୀ ଠାକୁରରାଜା ଓ ସମସ୍ତ ପରିଷଦ ଗଣଙ୍କୁ ଏକ ସଂକୀର୍ତ୍ତନ ଶୋଭା ଯାତ୍ରାରେ ଶ୍ରୀ ଶ୍ରୀ ବଳଦେବଜୀଉ ମନ୍ଦିରକୁ ପାଛୋଟି ନେଇ ବେଢ଼ା ପରିକ୍ରମା କରାଇବା ସହିତ ଶ୍ରୀଜିଉମାନଙ୍କୁ ଦର୍ଶନ କରାଇଥିଲେ। ଏହା ପରେ ନାଟ ମଣ୍ଡପ ଠାରେ ରାଜାଭିଷେକ ଉତ୍ସବ ଅନୁଷ୍ଠିତ ହୋଇଥିଲା। ମନ୍ଦିର ପୁରୋଧା ପଣ୍ଡିତ ସୁରେନ୍ଦ୍ର ନାଥ ଦାଶ ଶର୍ମା ରୀତିନୀତି ମୁତାବକ ପୂଜାପାଠ କରିସାରିବା ପରେ ଅଞ୍ଚଳବାସୀଙ୍କ ପକ୍ଷରୁ ଠାକୁର ରାଜା ଜିଲ୍ଲାପାଳଙ୍କୁ ଠୁକୁରଙ୍କ ମୁଖ୍ୟ ପୂଜକ ଅରୁଣ କୁମାର ପଣ୍ଡା ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ସେଠାରେ ଉପସ୍ଥିତ ସମସ୍ତ ଅଧିକାରୀ ଏବଂ ସାମ୍ବାଦିକ ମାନଙ୍କୁ ଶ୍ରୀ ଶ୍ରୀ ବଳଦେବଜୀଉ ମନ୍ଦିର ପରିଚାଳନା ଟ୍ରଷ୍ଟର ଟ୍ରଷ୍ଟି ଉପଜିଲ୍ଲାପାଳ ପୁଷ୍ପମାଲ୍ୟ, ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହା ପରେ ରାଜ ଦରବାର ଅନୁଷ୍ଠିତ ହୋଇଥିଲା। ଅଞ୍ଚଳବାସୀ ବିଭିନ୍ନ ସମସ୍ୟା ସମ୍ପର୍କରେ ଠାକୁର ରାଜାଙ୍କୁ ଅଭିଯୋଗ କରିଥିଲେ। ଜନସାଧାରଣଙ୍କ ସମସ୍ୟା ତୁରନ୍ତ ସମାଧାନ ନିମନ୍ତେ ଠାକୁର ରାଜା ଜିଲ୍ଲାପାଳ ଜେ ସୋନାଲ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏ ସମସ୍ତ କାର୍ଯ୍ୟକ୍ରମକୁ ପଣ୍ଡିତ ପ୍ରଫୁଲ୍ଲ କୁମାର ସାହୁ ସଂଯୋଜନା କରିଥିବା ବେଳେ ପରିଚାଳନା ଟ୍ରଷ୍ଟ ସମ୍ପାଦକ ଜ୍ୟୋତି ରଞ୍ଜନ ପରିଡା, ସଭ୍ୟ ଲକ୍ଷ୍ମୀ ନାରାୟଣ ସାମନ୍ତରାୟ, ନାରାୟଣ ଦାସ, ସୁରପ୍ରସାଦ ନାୟକ, ସାରଦା ବେହେରା, କୋଷାଧକ୍ଷ ଅଭୟ କୁମାର ଦାଶ, ତରଙ୍ଗ ସେନ ପରିଡ଼ା, ସରପଞ୍ଚ ସିଦ୍ଧାର୍ଥ ଶଙ୍କର ରାୟ, ସମିତି ସଭ୍ୟା ମୌସୁମୀ ବାରିକ, କୃଷ୍ଣଚନ୍ଦ୍ର ଦାସ ପଙ୍କଜ ପ୍ରୀତି ପରିଡ଼ା, ସୁବାଷ ରାଉତ, ପ୍ରମୁଖ ପରିଚାଳନା କରିଥିଲେ।

# ବର୍ଦ୍ଧିତ ଭତ୍ତା ବଣ୍ଟନ ସମାରୋହ

ପରଜଙ୍ଗ, (ଭାସ୍କର ନ୍ୟୁଜ୍): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ କାର୍ଯ୍ୟାଳୟ ପରିସରରେ ବୁଧବାର ଦିନ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଓଡ଼ିଶା ସରକାରଙ୍କ ପ୍ରଯୋଜିତ ବର୍ଦ୍ଧିତ ଭତ୍ତା ବଣ୍ଟନ ସମାରୋହ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ଦଳବେହେରା, ବ୍ଲକ ଉପାଧ୍ୟକ୍ଷା ଯଶସ୍ୱିନୀ ରାଉତ, ଜିଲ୍ଲା ପରିଷଦ ସଦସ୍ୟ ନିରାକାର ପ୍ରଧାନ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ ଆନୁଷ୍ଠାନିକ ଭାବେ କାର୍ଯ୍ୟକ୍ରର ଶୁଭାରମ୍ଭ କରିଥିଲେ। ୮୦ ବର୍ଷରୁ ଉର୍ଦ୍ଧ୍ୱ ଓ ୮୦ରୁ ଉର୍ଦ୍ଧ୍ୱ ଭିନ୍ନକ୍ଷମମାନଙ୍କୁ ଏହି ବର୍ଦ୍ଧିତ ଭତ୍ତାରେ ଅନ୍ତର୍ଭୁକ୍ତ କରାଯାଇ ୧୫ ଜାନୁଆରୀ ୨୫ ମସିହା ଠାରୁ ୩ ହଜାର ୫ଶହଟଙ୍କା ସରକାର ଭତ୍ତା ମଞ୍ଜୁର କରିଛନ୍ତି। ବ୍ଲକ ବିଡ଼ିଓ ସୌଭାଗ୍ୟ ବେହେରାଙ୍କତତ୍ତ୍ୱାବଧାନରେ ଭତ୍ତା ବଣ୍ଟନ ଉତ୍ସବ ପରିଚାଳିତ ହୋଇଥିବା ବେଳେ ବ୍ଲକ ଅତିରିକ୍ତ ବିଡ଼ିଓ ଝରଣା ସାମଲ ପ୍ରମୁଖଙ୍କ ସମେତ ସମସ୍ତ ବ୍ଲକ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିବା ବେଳେ ପଞ୍ଚାୟତ ଜନପ୍ରତିନିଧି ଉପସ୍ଥିତ ଥିଲେ।



## ସୁନୀଲ ମେମୋରିଆଲ ଚେସ୍, କ୍ୟାରମ ଓ ବ୍ୟାଡ଼ମିଣ୍ଟନ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



କୋରୁକୋଣ୍ଡା, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ବାଲିମେଲା ସହରର ଡ୍ରଗଲାଇନ ଠାରେ ଥିବା ସହିଦ ଗୋପୀ ପୂଜାରୀ ଯୁବ ସାଂସ୍କୃତିକ ପରିଷଦ ପକ୍ଷରୁ ମଙ୍ଗଳବାର ସନ୍ଧ୍ୟାରେ କ୍ଲବ୍ ପରିସରରେ ଗୋପୀ ପୂଜାରୀ କ୍ଲବ୍‌ର ସଭାପତି ଟୁକୁଲୁ ପ୍ରଧାନ, ସମ୍ପାଦକ ମନୋଜ ଖଣ୍ଡୁଆଳ ଓ ଅନ୍ୟ ସମସ୍ତ କର୍ମକର୍ତ୍ତାଙ୍କ ନେତୃତ୍ୱରେ ଆରମ୍ଭ ହୋଇଛି ସୁନୀଲ ମେମୋରିଲା ଚେସ, କ୍ୟାରମ ଓ ବ୍ୟାଡ଼ମିଣ୍ଟନ ଟୁର୍ଣ୍ଣାମେଣ୍ଟ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସିମାଞ୍ଚଳ ପ୍ରଧାନ, ସମ୍ମାନିତ ଅତିଥି ଭାବେ ଅମରେଶ୍ୱର ବେହେରା, ସହଦେବ ପ୍ରଧାନ ପ୍ରମୁଖ ଯୋଗଦେଇ ପ୍ରଥମେ ବରିଷ୍ଠ ଶିକ୍ଷକ ସ୍ୱର୍ଗତ ସୁନୀଲ ଦାସଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ପ୍ରଦୀପ ପ୍ରଜ୍ୱଳନ କରିବା ପରେ ଫିତା କାଟି ଟୁର୍ଣ୍ଣାମେଣ୍ଟର ଶୁଭ ଉଦଘାଟନ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟ ଆସନ୍ତା ୧୮ତାରିଖରେ ଶେଷ ହେବ। ଏହି ଟୁର୍ଣ୍ଣାମେଣ୍ଟର ପ୍ରତ୍ୟକ କ୍ରୀଡ଼ାରେ ବାଲିମେଳା ସହର ସମେତ କୋରୁକୋଣ୍ଡା ବ୍ଲକ୍‌ର ବିଭିନ୍ନ ଅଞ୍ଚଳରୁ ପ୍ରତ୍ୟକ ଖେଳରେ ମୋଟ ୧୬ ଟି ଲେଖାଏଁ ଦଳ ଅଂଶଗ୍ରହଣ କରିବେ। ଏହି ଟୁର୍ଣ୍ଣାମେଣ୍ଟକୁ ସହିଦ ଗୋପୀ ପୂଜାରୀ ଯୁବ ସାଂସ୍କୃତିକ ପରିଷଦର ସଦସ୍ୟ ପାର୍ଥ ସାରଥୀ ରାଉତ, ଦେବାଶିଷ ପାତ୍ର ପ୍ରମୁଖ ଉପସ୍ଥିତ ରହି ସୂଚାରୁ ରୂପେ ପରିଚାଳନା କରୁଛନ୍ତି।

# କନ୍ତପଏଁରା ଓ ଚକରପଡ଼ାରେ ଧାନକିଣା ଆରମ୍ଭ

– ଅସ୍ତରଙ୍ଗ ବ୍ଲକରେ ଖୋଲିଲା ଧାନ ମଣ୍ଡି, ଖୁସିହେଲେ ଚାଷୀ



ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍): ଖରିଫ ଋତୁ ପାଇଁ ପୁରୀ ଜିଲ୍ଲା ଅସ୍ତରଙ୍ଗରେ ଖୋଲିଲା ଧାନ ମଣ୍ଡି। ଏଣିକି ଚାଷୀମାନେ ନିଜ କଷ୍ଟ ଅର୍ଜିତ ଫସଲ ବିକ୍ରି କରିପାରିବେ। ପୁରୀ ଜିଲ୍ଲା ସମ୍ମିଳିତ ପୁରୀ ନିମାପଡ଼ା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ ଅସ୍ତରଙ୍ଗ ଶାଖା ଅଧୀନ କନ୍ତପଏଁରା ଓ ଚକରପଡ଼ା ସେବା ସମବାୟ ସମିତି ତରଫରୁ ବୁଧବାର ଧାନମଣ୍ଡିରେ ଚାଷୀଙ୍କଠାରୁ ଖରିଫ ଧାନ କ୍ରୟ ଶୁଭାରମ୍ଭ ହୋଇଛି। କନ୍ତପଏଁରା ସମିତିର ସଭାପତି କୁଞ୍ଜବିହାରୀ ପ୍ରଧାନ ଓ ଚକରପଡ଼ା ସମିତିର ସଭାପତି ଲକ୍ଷ୍ମୀଧର ସ୍ୱାଇଁଙ୍କ ଦ୍ୱାରା ଆନୁଷ୍ଠାନିକ ପୂଜାପାଠ ପରେ ମୁଖ୍ୟ ଅତିଥି ସମବାୟ ସମିତି ସମୂହ ପୁରୀ ବିଭାଜନ ଉପନିବନ୍ଧକ ସୁନିତା ପତି, ବରିଷ୍ଠ ସହକାରୀ ନିବନ୍ଧକ ସ୍ୱରୂପ କୁମାର କର, କାକଟପୁର କ୍ଷେତ୍ର ଅଧିକାରୀ ସତ୍ୟବ୍ରତ ସ୍ୱାଇଁ, ଅସ୍ତରଙ୍ଗ କ୍ଷେତ୍ର ଅଧିକାରୀ ଦିଲ୍ଲୀପ କୁମାର ବେହେରା, ଆରଏମସି ସମ୍ପାଦକ ସୁଶାନ୍ତ କୁମାର ବେହେରା, କନ୍ତପଏଁରା ସେବା ସମିତି ସମ୍ପାଦକ ମନୋଜ ବେହେରା, ଚକରପଡ଼ା ସେବା ସମିତି ସମ୍ପାଦକ ପବିତ୍ର ରାଉତ, ଆରଏମ୍‌ସି କ୍ୱାଲିଟି ଟେଷ୍ଟ ଅଫିସର ବିନୟ କୁମାର ବିଶ୍ୱାଳ, ମଣ୍ଡି ନୋଡ଼ାଲ ଅଧିକାରୀ ବିଧୁ ଭୂଷଣ ମହାନ୍ତି, ଗ୍ରାମ୍ୟ କୃଷି ଅଧିକାରୀ ସୁଶାନ୍ତ କୁମାର ବେହେରା, ସମାଜସେବୀ ଇନ୍ଦ୍ରମଣି ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଚଳିତ ବର୍ଷ ଅସ୍ତରଙ୍ଗ ବ୍ଲକ୍‌ର ୧୦ଟି ସେବା ସମବାୟ ସମିତିରେ ୨୭୧୩ଜଣ ଚାଷୀ ଧାନ ବିକ୍ରି ପାଇଁ ପଞ୍ଜିକରଣ କରିଛନ୍ତି। ଧାର୍ଯ୍ୟ ବାରରେ ସକାଳ ୮ଟାରୁ ଦିନ ୨ଟା ମଧ୍ୟରେ ଧାନ ବିକ୍ରି କରିପାରିବେ ଚାଷୀ। ତେବେ ସାଧାରଣ ମାନ କ୍ୱିଣ୍ଟାଲ ପିଛା ୨୩ଶହ ଟଙ୍କା ଏବଂ ଗ୍ରେଡ଼ ଏ ମାନର ଧାନ କୁଇଣ୍ଟାଲ ପିଛା ୨୩ଶହ ୨୦ଟଙ୍କାରେ ସଂଗ୍ରହ କରାଯାଉଛି। ଚଳିତ ବର୍ଷ କନ୍ତପଏଁରା ସେବା ସମବାୟ ସମିତିରେ ୩୫୮ଜଣ ଚାଷୀ ପଞ୍ଜିକରଣ କରିଥିବା ବେଳେ ପ୍ରଥମ ଦିନରେ ୮ଜଣ ଚାଷୀ ୬ଶହ କ୍ୱିଣ୍ଟାଲ ଧାନ ଓ ଚକରପଡ଼ା ସେବା ସମବାୟ ସମିତିରେ ୪୨୦ଜଣ ଚାଷୀ ପଞ୍ଜିକରଣ କରିଥିବା ବେଳେ ପ୍ରଥମ ଦିନରେ ୬ଜଣ ଚାଷୀ ୩ଶହ କ୍ୱିଣ୍ଟାଲ ଧାନ ମଣ୍ଡିରେ ଦେଇଛନ୍ତି। ଉପସ୍ଥିତ ଅତିଥିମାନେ ନିଜ ବକ୍ତବ୍ୟରେ କହିଥିଲେ ଚଳିତ ବର୍ଷ ସୁରୁଖୁରୁରେ ଧାନ କିଣିବା ପାଇଁ ବିସ୍ତୃତ ଭାବେ ଆଲୋଚନା ହୋଇଛି। ସୋସାଇଟି ସମ୍ପାଦକ ଏବଂ ମିଲରଙ୍କ ମଧ୍ୟରେ ଆଲୋଚନା କରାଯାଇଛି। ଧାନ ଦେବାରେ ଚାଷୀ ଯେଭଳି କୌଣସି ସମସ୍ୟାର ସମ୍ମୁଖୀନ ନହେବେ ସେଥିପ୍ରତି ଦୃଷ୍ଟି ଦେବାକୁ କୁହାଯାଇଛି। ଚଳିତବର୍ଷ ଶତପ୍ରତିଶତ ଧାନ ଉଠାଇବାକୁ ଲକ୍ଷ୍ୟ ରଖିଛି ପ୍ରଶାସନ। ଚାଷୀମାନେ ମଣ୍ଡିରେ ଧାନ ଦେଇ ଖୁସି ହୋଇଥିଲେ।

# ପଶ୍ଚିମାଞ୍ଚଳ ପାଇକାଳି ଖଣ୍ଡାୟତ ସମାଜର ମକର ମିଳନ



ଭଞ୍ଜନଗର, (ଭାସ୍କର ନ୍ୟୁଜ୍): ଭଞ୍ଜନଗର ଓ ଆଖପାଖରେ ବସବାସ କରୁଥିବା ପାଇକାଳି ସମାଜର ପରିବାର ସମୂହ ପବିତ୍ର ମକର ସଂକ୍ରାନ୍ତିରେ ସ୍ଥାନୀୟ ସିରିଡ଼ି ସାଇବାବା ମନ୍ଦିରରେ ଏକ ବନ୍ଧୁମିଳନର ଆୟୋଜନ କରିଥିଲେ। ଏଥିରେ ପ୍ରାୟ ଶତାଧିକ ପୁରୁଷ, ମହିଳା, ଛାତ୍ର ଓ ଯୁବକଯୁବତୀ ଯୋଗ ଦେଇଥିଲେ। ପାଇକାଳି ସମାଜର ଜିଲ୍ଲା ଅଧ୍ୟକ୍ଷ ବର୍ଷୀୟାନ ସମାଜ ସଙ୍ଗଠକ ଆଇନଜୀବୀ ସୋମନାଥ ନାୟକଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା କରାଯାଇଥିଲା ଓ ତତ୍ ସଙ୍ଗେ ସଙ୍ଗେ ଦକ୍ଷିଣାଞ୍ଚଳ କୁଳାଧିପତି ସିମାଞ୍ଚଳ ବିଷୋୟୀ ଓ ଗବେଷକ କବି ଅଶୋକ ସାହୁ ଓରଫ ବିଷୋୟୀଙ୍କୁ ମଧ୍ୟ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇ ଥିଲା। ସମ୍ମାନୀତ ଅତିଥି ଭାବେ ସର୍ବଶ୍ରୀ କବି ଅଶୋକ କୁମାର ସାହୁ, ଖଲିକୋଟ ଅଞ୍ଚଳର କାଳଞ୍ଜି ସମାଜର ସଭାପତି ରାଜୀବ ସ୍ୱାଇଁ, ଇଲେକ୍ଟ୍ରୋନିକ୍ସ ମିଡ଼ିଆର ସାମ୍ବାଦିକ ରଞ୍ଜିତ ଜେନା ଓ ଘୁମୁସର ବରିଷ୍ଠ ନାଗରିକ ମଞ୍ଚର ସମ୍ପାଦକ ରବି ନାରାୟଣ ସାମନ୍ତ ଯୋଗ ଦେଇଥିଲେ। ଏ ବନ୍ଧୁମିଳନ ଆୟୋଜନ କରିଥିଲେ ଡାକ୍ତର ମାଗିନାୟକ, ତାଙ୍କୁ ସହଯୋଗ କରିଥିଲେ ସର୍ବଶ୍ରୀ ସମୀର ନାୟକ, ନଗେନ ନାୟକ, କାହ୍ନୁଚରଣ ବିଶୋଇ, ଦିଲ୍ଲୀପ କୁମାର ନାୟକ, ଅରୁଣ କୁମାର ନାୟକ, ରମେଶ ଚନ୍ଦ୍ର ନାୟକ ପ୍ରମୁଖ ସଙ୍ଗଠକ ମାନେ। ସମ୍ବର୍ଦ୍ଧନାର ଉତ୍ତରରେ ଅଧ୍ୟକ୍ଷ ନାୟକ କହିଥିଲେ ତାଙ୍କର ଏକ ଅଧୁରା କାମ ରହିଯାଇଛି ତାହା ହେଲା ଆମର ପାଇକାଳି ଖଣ୍ଡାୟତ ସମାଜ ଆଜିପର୍ଯ୍ୟନ୍ତ ଓ.ବି.ସି ତାଲିକାଭୁକ୍ତ ହୋଇପାରି ନାହିଁ। ଫଳରେ ଆମ ସମାଜର ଶିକ୍ଷିତ ଯୁବକଯୁବତୀ ମାନେ କେନ୍ଦ୍ର ଚାକିରୀ ପାଇବାରୁ ବଞ୍ଚିତ ହେଉଛନ୍ତି। ମୁଁ ସମସ୍ତ ତଥ୍ୟ ସହ ଆବଶ୍ୟକ ଦରଖାସ୍ତ ଦେଇସାରିଛି, ତାହା ଗଞ୍ଜାମ ଜିଲ୍ଲାପାଳଙ୍କ ଠାରୁ ଯାଇ ଓଡିଶା ଓ.ବି.ସି. କମିସନଙ୍କ ଠାରେ ବିଚାରାଧିନ ଅଛି। ଆପଣମାନେ ଓ.ବି.ସି. କମିସନକୁ ଦୌଡ଼ି ଏହା ହାସଲ କରିବାକୁ ହେବ। ଏହି ପ୍ରସ୍ତାବକୁ ସମର୍ଥନ ଜଣାଇ ରମେଶ ନାୟକ, ନଗେନ ନାୟକ, କାହ୍ନୁଚରଣ ବିଷୋୟୀ, କାଜଲ ନାୟକ, ସୁଶ୍ରୀ ଆରତୀ ନାୟକ ନିଜନିଜ ବକ୍ତବ୍ୟ ରଖିଥିଲେ। ଜିଲ୍ଲା ସମ୍ପାଦକ ଡାକ୍ତର ମାଗି ନାୟକ ସର୍ବଶେଷରେ ସମସ୍ତଙ୍କୁ ଧନ୍ୟବାଦ ଜଣାଇ ଆଗାମୀ ଦିନରେ ସମାଜର ଐକ୍ୟକୁ ଦୃଢ଼ୀଭୂତ କରିବାକୁ ଆହ୍ୱାନ ଦେଇଥିଲେ।



ଡେରାବିଶ, (ଭାସ୍କର ନ୍ୟୁଜ୍): ଡେରାବିଶ ବ୍ଲକ୍ ପଲେଇ ପଞ୍ଚାୟତ ଅନ୍ତର୍ଗତ ପଲେଇ ପ୍ରାଥମିକ କୃଷି ସମବାୟ ସମିତି ପରିସରରେ ଗତକାଲି ଧାନ ମଣ୍ଡି ଉଦ୍‌ଘାଟିତ ହୋଇଯାଇଛି । ଏହି ଉଦ୍‌ଘାଟନୀ ସଭାରେ ସମିତି ଅଧୀନସ୍ଥ ବିଭିନ୍ନ ପଞ୍ଚାୟତରୁ ଶତାଧିକ ଚାଷୀ ଉପସ୍ଥିତ ରହିଥିଲେ । ଏହି କାର୍ଯ୍ୟକ୍ରମରେ ଡେରାବିଶ ତହସିଲର ଅତିରିକ୍ତ ତହସିଲଦାର ବିଶ୍ୱମୋହନ ମହାପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ପୂଜାର୍ଚ୍ଚନା ପୂରେ ମଣ୍ଡିକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ପରିଚାଳନା କମିଟିର ସଭାପତି ବିଦ୍ୟୁଲତା ପଣ୍ଡା, ନୋଡାଲ ଅଫିସର କୃଷି କର୍ମଚାରୀ ଅନୁପ ରଞ୍ଜନ ଜେନା, ଚାଷୀଙ୍କ ପ୍ରତିନିଧି ଜୀବନାନନ୍ଦ ସାମଲ, ରଘୁନାଥ ବେହେରା, ପରିଚାଳନା ସମିତି ସଭ୍ୟ ନିଳାଦ୍ରୀ କେତନ ବିଶ୍ୱାଳ, ଜୟନ୍ତ କୁମାର ସ୍ୱାଇଁ, ପ୍ରଭାତ କୁମାର ଦାଶ ପ୍ରମୁଖ ଉପସ୍ଥିତ ରହିଥିଲେ। ଚଳିତବର୍ଷ ୫୨୮ ଜଣ ଚାଷୀ ଏହି ସମିତିରେ ଧାନ ବିକ୍ରି କରିବା ପାଇଁ ପଞ୍ଜିକରଣ କରିଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ୪୫୦୦ କ୍ୱିଣ୍ଟାଲ ଧାନ କ୍ରୟ କରିବା ପାଇଁ ନିର୍ଦ୍ଦେଶ ଆସିଥିବା ସମିତିର ସମ୍ପାଦକ କ୍ଷିରୋଦ ଚନ୍ଦ୍ର ଭଦ୍ର ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ସହ-ସମ୍ପାଦକ କିଶୋର କୁମାର ମଲିକ, ହିମାଂଶୁ ଶେଖର ପରିଡ଼ା ଓ କର୍ମଚାରୀ ମନୋରଞ୍ଜନ ସ୍ୱାଇଁ ପରିଚାଳନା କରିଥିଲେ।

# ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ସମୀକ୍ଷା କଲେ ମନ୍ତ୍ରୀ



କୁଜଙ୍ଗ : ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକ ପଞ୍ଚାୟତ ସମିତି ସଭାଗୃହରେ ପାରାଦ୍ୱୀପ ବିଧାୟକ ତଥା ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଗ୍ରାମୀଣ ଗୃହ ନିର୍ମାଣ ଯୋଜନରେ କାର୍ଯ୍ୟରତ ସମସ୍ତ ସର୍ଭେୟରମାନଙ୍କୁ ଏକାଠି କରି ସମୀକ୍ଷା କରିଥିଲେ। ଦଳ ଗତ ନିର୍ବିଶେଷରେ କୌଣସି ଅସହାୟ ଗରିବ ଲୋକ ଗୃହ ପାଇବାରୁ ଯେପରି ବଞ୍ଚିତ ନହେବେ ସେଥିପାଇଁ ଯତ୍ନବାନ ହେବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଯକୁଜଙ୍ଗ ମଣ୍ଡଳ ଉନ୍ନୟନ ଅଧିକାରୀ ଦୀପକ ପ୍ରସାଦ ସ୍ୱାଇଁ, ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ପ୍ରଶାନ୍ତ କୁମାର ଜେନା, କୁଜଙ୍ଗ ମଣ୍ଡଳ ପ୍ରକଳ୍ପ ସଂଯୋଜକ ଜିତେନ୍ଦ୍ରିୟ ରାଉତ, କୁଜଙ୍ଗ ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ସଂଗ୍ରାମ କିଶୋର ମହାନ୍ତି, କୁଜଙ୍ଗ ମଣ୍ଡଳ ସଭାପତି ରଞ୍ଜନ ବାରିକ, ଜିଲ୍ଲା ସାଧାରଣ ସମ୍ପାଦକ ତପନ କୁମାର ତ୍ରିପାଠୀ, ମନ୍ତ୍ରୀଙ୍କ ପ୍ରତିନିଧି ଦ୍ୱିଲ୍ଲିପ କୁମାର ବେହେରା, ନାରୀନେତ୍ରୀ ତଥା କୁଜଙ୍ଗ ପଞ୍ଚାୟତ ସରପଞ୍ଚ ବନ୍ଦିତା ଦାସ, ନୂଆଗଡ଼ ପଞ୍ଚାୟତ ସରପଞ୍ଚ ଦେବେନ୍ଦ୍ର କୁମାର ରାଉତ, ପଣ୍ଡୁଆ ପଞ୍ଚାୟତ ସରପଞ୍ଚ ସିଦ୍ଧାର୍ଥ ମହାନ୍ତି, ମଲ୍ଲାସାହି ସରପଞ୍ଚ ଧ୍ରୁବ ଚରଣ ନାୟକ, ବରିଷ୍ଠ ଆଇନଜୀବୀ ସଞ୍ଜୟ କୁମାର ବେହେରା, ସମାଜସେବୀ କିଶୋର ବେଉରା, ସମିତି ସଭ୍ୟ ଆଶିଷ ଦାସ ପ୍ରମୁଖଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟସଭ୍ୟାମାନେ ଉପସ୍ଥିତ ଥିଲେ। ଏଥିସହିତ ମନ୍ତ୍ରୀଙ୍କ ସମୀକ୍ଷା ପରେ ବିଭିନ୍ନ ପଞ୍ଚାୟତରୁ ଆସିଥିବା ୮୦ବର୍ଷରୁ ଉର୍ଦ୍ଧ୍ୱ ବୃଦ୍ଧବୃଦ୍ଧା ମାନଙ୍କୁ ୩ ହଜାର ୫ ଶହ ଟଙ୍କା ଭତ୍ତା ପ୍ରଦାନ କରାଯାଇଥିଲା।

# ପ୍ରାଥମିକ କୃଷି ସମବାୟ ସମିତି ସଦସ୍ୟଙ୍କ ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ

ଲହୁଣୀପଡା, (ଭାସ୍କର ନ୍ୟୁଜ୍): ବଣାଇ ସର୍କଲ ଅନ୍ତର୍ଗତ ୧୩ ଗୋଟି ବୃହଦାକାର ବହୁମୁଖି ଆଦିବାସୀ କୃଷି ସମବାୟ ସମିତି ପରିଚାଳନା ପରିଷଦ ସଭ୍ୟସଭ୍ୟାମାନଙ୍କ ଦକ୍ଷତା ବିକାଶ ନିମନ୍ତେ ଏକ ତାଲିମ ଶିବିର ବଣାଇ ସ୍ଥିତ ଆଇଟିଡିଏ ହଲରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ବ୍ୟାଙ୍କର ସଭାପତି ଡ . ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ ଆନୁଷ୍ଠାନିକ ଭାବରେ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ପରିଚାଳନା ପରିଷଦ ସଦସ୍ୟଙ୍କ ପାଇଁ ତାଲିମର ଆବଶ୍ୟକତା ତଥା ୨୦୨୦ ମସିହାରେ କେନ୍ଦ୍ର ସରକାର ସମବାୟ ବିଭାଗ ସୃଷ୍ଟି କରି ଏବଂ ତା'ର ଦ୍ୱାୟିତ୍ୱ ଅମିତ ଶାହା ନେଲା ପରେ ଅନ୍ୟାନ୍ୟ ରାଜ୍ୟ ସମେତ



ଓଡ଼ିଶାରେ ମଧ୍ୟ ସମବାୟ ଆନ୍ଦୋଳନକୁ ଅଧିକ କ୍ରିୟାଶୀଳ କରିବା ଉପରେ ଗୁରୁତ୍ୱପ୍ରଦାନ କରାଯାଉ ଥିବା ପେରିପ୍ରେକ୍ଷୀରେ ପରିଚାଳନା ପରିଷଦର ଭୂମିକା ବିଷୟରେ କହିଥିଲେ। ବ୍ୟାଙ୍କର କାର୍ଯ୍ୟନିର୍ବାହି ଅଧିକାରୀ ରବୀନ୍ଦ୍ରନାଥ କାଲୁଣ୍ଡିଆ ପରିଚାଳନା କରିଥିଲେ। ବରିଷ୍ଠ ସହକାରୀ ନିବନ୍ଧକ ଅଜୟ କୁମାର ସେଠୀ ଯୋଗଦେଇ ପରିଚାଳନା ପରିଷଦର କାର୍ଯ୍ୟ, କର୍ତ୍ତ୍ୟବ, ଦାୟିତ୍ୱ ବିଷୟରେ ସବିଶେଷ ତାଲିମ ପ୍ରଦାନ କରିଥିଲେ। ଅବସରପ୍ରାପ୍ତ ଏଜିଏମ୍ ପ୍ରଦ୍ୟୁମ୍ନ କୁମାର ନନ୍ଦ ଯୋଗଦେଇ ବ୍ୟାଙ୍କ ତଥା ଲ୍ୟାମ୍ପସର ସମ୍ପର୍କ ଉପରେ ଦୂରଦୃଷ୍ଟି ରଖି ପ୍ରତ୍ୟେକ ପରିଷଦ କାମ କରିବା ଉଚିତ ବୋଲି ବୁଝାଇଥିଲେ। ବରିଷ୍ଠ ବ୍ୟାଙ୍କ ନିର୍ଦ୍ଦେଶକ ଆଲୋକ ପ୍ରକାଶ ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ୟାଙ୍କ ନିର୍ଦ୍ଦେଶିକା ବାସନ୍ତୀ ସାମନ୍ତ, ଉପ ସହକାରୀ ନିବନ୍ଧକ ସୁଚିସ୍ମିତା ସ୍ୱାଇଁ ତଥା ପରିଚାଳନା ପରିଷଦର ପ୍ରାୟ ୧୩୦ଜଣ ନିର୍ଦ୍ଦେଶକ ନିର୍ଦ୍ଦେଶିକା ଭାଗ ନେଇଥିଲେ। ବଣାଇ, ଗୁରୁଣ୍ଡିଆ ବ୍ୟାଙ୍କ ଶାଖା ପରିଚାଳକ ଯଥାକ୍ରମେ ସିଦ୍ଧାର୍ଥ ଲେଙ୍କା ଓ ଅବିନାଶ ମହାପାତ୍ର ଏଥିରେ ସହଯୋଗ କରିଥିଲେ।

# ପହଞ୍ଚି ପାରିଲାନି ଆମ୍ବୁଲାନ୍ସ ଚାଲିଗଲା ମହିଳାଙ୍କ ଜୀବନ

ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍): ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ ମାଳଦା ଗ୍ରାମର ଲୋପାମୁଦ୍ରା ଦାସ (୨୮)ଦେହ ଅସୁସ୍ଥ ଥିବାରୁ ସମ୍ପର୍କୀୟ ନିକଟସ୍ଥ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। କିନ୍ତୁ ମେଡିକାଲରେ କାର୍ଯ୍ୟରତ ଡକ୍ଟର ମହିଳା ଦେହ ଅସୁସ୍ଥ ଥିବା ଶହ ଅବସ୍ଥା ସଙ୍କଟାପର୍ଣ୍ଣ ଥିବାରୁ ମେଡ଼ିକାଲ ରିପୋର୍ଟ ଅନୁଯାୟୀ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ ସ୍ଥାନାନ୍ତର କରିଥିଲେ। କିନ୍ତୁ ଆମ୍ବୁଲାନ୍ସ ନ ପହଞ୍ଚିବାରୁ ମହିଳାଙ୍କର ଜୀବନ ଚାଲିଗଲା। ସୂଚନାଯୋଗ୍ୟ, ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ ମାଳଦା ଗ୍ରାମର ଲୋପାମୁଦ୍ରା ଦାସଙ୍କ ଦେହ ଅସୁସ୍ଥ ଥିବାରୁ ସମ୍ପର୍କୀୟ ତାଙ୍କୁ ନିକଟସ୍ଥ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। କିନ୍ତୁ ଯାଞ୍ଚ ପରେ ମେଡ଼ିକାଲରେ କାର୍ଯ୍ୟରତ ଡକ୍ଟର ଲୋପାମୁଦ୍ରାଙ୍କ ଦେହ ଅସୁସ୍ଥ ଥିବା ଶହ ଅବସ୍ଥା ସଙ୍କଟାପର୍ଣ୍ଣ ଥିବାରୁ ମେଡ଼ିକାଲ ରିପୋର୍ଟ ଅନୁଯାୟୀ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ ସ୍ଥାନାନ୍ତର କରିଥିଲେ। ଏହି ସମୟରେ ସମ୍ପର୍କୀୟ ୧୦୮କୁ ଫୋନ କରିଥିଲେ। ସେମାନେ ଆମ୍ବୁଲାନ୍ସ ପଠାଇବେ କହି ସମୟ ଗଡ଼ାଇ ଚାଲିଥିଲେ। ଯାହାଫଳରେ ପରିବାର ଲୋକେ ଗୁରୁତର ମହିଳାଙ୍କୁ ଅଟୋରେ ନେଇଥିଲେ। ଅସ୍ତରଙ୍ଗ ବଜାରରେ ମହିଳା ଅତ୍ୟଧିକ ଯନ୍ତ୍ରଣା ଅନୁଭବ କରିଥିଲେ। ସଙ୍କଟାପନ୍ନ ଅବସ୍ଥାରେ ଲୋପାମୁଦ୍ରାଙ୍କ ସମ୍ପର୍କୀୟ ତାଙ୍କୁ ପଛକୁ ଫେରାଇ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। କିନ୍ତୁ ସେଠାରେ ଉପସ୍ଥିତ ଡକ୍ଟର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ଲୋପାମୁଦ୍ରାଙ୍କ ମୃତ୍ୟୁ ପରେ ତାଙ୍କ ପରିବାର ଆମ୍ବୁଲାନ୍ସ ନ ପହଞ୍ଚିବାରୁ ମହିଳାଙ୍କ ମୃତ୍ୟୁ ହୋଇଛି ବୋଲି ମେଡିକାଲ ପରିସରରେ ଅଭିଯୋଗ କରିଥିଲେ। ଆମ୍ବୁଲାନ୍ସକୁ ଅପେକ୍ଷା କରି କରି ଜଣେ ଲୋକଙ୍କ ଜୀବନ ଯିବା ସରକାରୀ ବ୍ୟବସ୍ଥାରେ ଥିବା ଫାଙ୍କକୁ ପଦାରେ ପକାଇଦେଇଛି। ଆହତଙ୍କୁ ଡାକ୍ତରଖାନା ଆଣିବା ଓ ମୃତଦେହକୁ ନେବା ପାଇଁ ମାଳ ମାଳ ଆମ୍ବୁଲାନ୍ସ ବ୍ୟବସ୍ଥା କରାଯାଇଥିବା ନେଇ ସରକାର ବାହାସ୍ଫୋଟ ମାରୁଥିଲେ ମଧ୍ୟ ଏହା କେବଳ ପ୍ରଚାର ସର୍ବସ୍ୱ ବୋଲି ସ୍ପଷ୍ଟ ହୋଇଯାଇଛି। ଲୋପାମୁଦ୍ରାଙ୍କ ସମ୍ପର୍କୀୟ ଭାଇ କହିଛନ୍ତି, ବାରମ୍ବାର ୧୦୮କୁ ଫୋନ କରାଯାଇଥିଲା। କିନ୍ତୁ ଆମ୍ବୁଲାନ୍ସ ଠିକ୍ ସମୟରେ ନ ପହଞ୍ଚି ୨ଘଣ୍ଟା ବିଳମ୍ବରେ ପହଞ୍ଚିବାରୁ ଲୋପାମୁଦ୍ରାଙ୍କ ଜୀବନ ଚାଲିଯାଇଛି।

# ବିଧାୟକଙ୍କ ଦ୍ୱାରା ଧାନ ମଣ୍ଡି ଉଦଘାଟିତ



କୁକୁଡ଼ାଖଣ୍ଡି, (ଭାସ୍କର ନ୍ୟୁଜ୍): ଦିଗପହଣ୍ଡି ନିର୍ବାଚନ ମଣ୍ଡଳୀର କୁକୁଡ଼ାଖଣ୍ଡି ବ୍ଲକ୍ ଅନ୍ତର୍ଗତ ଡେଙ୍ଗାପଦର ପଞ୍ଚାୟତରେ ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ଲକ୍ଷ୍ମୀ ମହିଳା ଗ୍ରୁପ୍ ପକ୍ଷରୁ ଏହି ଧାନମଣ୍ଡି ଉଦ୍‌ଘାଟିତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଦିଗପହଣ୍ଡି ବିଧାୟକ ଡ. ସିଦ୍ଧାନ୍ତ ମହପାତ୍ର ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ରୂପେ କୁକୁଡ଼ାଖଣ୍ଡି ତହସିଲଦାର ସପନ କୁମାର ସାହୁ, ବ୍ଲକ୍ ଉପାଧ୍ୟକ୍ଷା ବିଷ୍ଣୁ ପ୍ରିୟା ପାତ୍ର, ବ୍ଲକ୍ ଯୋଗାଣ ଅଧିକାରୀ ସୁଧାକର ମଲ୍ଲିକ, ସିଡ଼ିପିଓ କୁସୁମ ସାହୁ ପ୍ରମୁଖ ଯୋଗଦେଇ ପୂଜାର୍ଚ୍ଚନା ସହ ପ୍ରଦିପ ପ୍ରଜ୍ୱଳନ କରି ଧାନ ମଣ୍ଡି ଉଦ୍‌ଘାଟନ କରିଥିଲେ। ଚଳିତବର୍ଷ ସରକାରଙ୍କ ପକ୍ଷରୁ ଧାନ କ୍ୱିଣ୍ଟାଲ ପିଛା ୨୩୦୦ ଟଙ୍କା ଧାର୍ଯ୍ୟ ମୂଲ୍ୟ ରହିଥିବା ବେଳେ ଚଷୀମାନଙ୍କୁ ଅଧିକ ୮୦୦ ଟଙ୍କାର ଇନପୁଟ ସହାୟତା ରାଶି ମିଶାଇ ୩୧୦୦ଟଙ୍କା ପ୍ରଦାନ କରାଯିବ ବୋଲି ସୂଚନା ଦେଇଛନ୍ତି। ଏହି ମଣ୍ଡିରେ ପଞ୍ଜିକୃତ ହୋଇଥିବା ଚାଷୀମାନେ ବର୍ତ୍ତମାନ ଧାନ ବିକ୍ରି କରିପାରିବେ। ଚାଷୀମାନେ ଏସ୍‌ଏମ୍‌ଏସ୍ ଜରିଆରେ ପାଇଥିବା ସୂଚନା ଅନୁଯାୟୀ ନିର୍ଦ୍ଧାରିତ ମଣ୍ଡି ଓ ନିର୍ଦ୍ଧାରିତ ମାନର ଧାନ ବିକ୍ରି କରିବା ପାଇଁ ଆର.ଏମ.ସି ତରଫରୁ ଆସିଥିବା କ୍ୱାଲିଟି ଏନଲାଇଜର୍ ଚାଷୀମାନଙ୍କୁ ଅନୁରୋଧ କରିଥିଲେ। ଉକ୍ତ ଗ୍ରୁପର ସଭାନେତ୍ରୀ ରୀଙ୍କୁ ବେହେରା, ସମ୍ପାଦିକା ପ୍ରତିମା ବେହେରା, ଉମା ଭାରତୀ ଜେନା, କଳ୍ପନା ଜେନା ପ୍ରମୁଖଙ୍କ ପ୍ରଚେଷ୍ଟାରେ ଏହି ଧାନ ମଣ୍ଡି ଶୁଭାରମ୍ଭ ହୋଇଥିଲା। ଏହି ଅବସରରେ ସ୍ଥାନୀୟ ଆର୍ ଆଇ, ଯୁବ ସମାଜ ସେବୀ କାହ୍ନୁ ଚରଣ ଜେନା, ଶିଶିର ସ୍ୱାଇଁ, ପିଣ୍ଟୁ ସ୍ୱାଇଁ, ତୋଫାନ ସ୍ୱାଇଁ, ଚାଷୀ ଶିବ ସେଠିଙ୍କ ସମେତ ପଞ୍ଚାୟତର ବହୁ ଚାଷୀ ଓ ମହିଳା ଗ୍ରୁପର ସମସ୍ତ ସଦସ୍ୟା ଉପସ୍ଥିତ ରହି ସହୋଯୋଗ କରିଥିଲେ।

# ମକର ମିଳନ, ବାର୍ଷିକ ସାରସ୍ୱତ ସମାରୋହ



ବୋଲଗଡ଼, (ଭାସ୍କର ନ୍ୟୁଜ୍): ବୋଲଗଡ଼ କଳା, ସାହିତ୍ୟ, ସଂସ୍କୃତି ବିକାଶ ପ୍ରତିଷ୍ଠାନ ପକ୍ଷରୁ ନନ୍ଦିଘୋଷ ଭବନଠାରେ ମଙ୍ଗଳବାର ଉତ୍ତରାୟଣ ପର୍ବର ଆଦ୍ୟ ଉନ୍ମେଷର ଶୁଭ ଅବସରରେ ମକରମିଳନ ବାର୍ଷିକ ସାରସ୍ୱତ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ମକରମିଳନ ଉତ୍ସବ ତଥା କବିତା ପାଠୋତ୍ସବ ଓ ସାହିତ୍ୟ ସଭାରେ ଶିକ୍ଷାବିତ ହରିବନ୍ଧୁ ସାହୁ ସଭାପତିତ୍ୱ କରିଥିଲେ। ଅତିଥି ଭାବେ ଅବସରପ୍ରାପ୍ତ ଓଡ଼ିଆ ଅପ୍ରାଧ୍ୟାପକ ଡ. କୈଳାଶ ଚନ୍ଦ୍ର ବାଷ୍ଟ, ସୁସାହିତ୍ୟିକ ଚନ୍ଦ୍ର ବିଜୟୀ ମିଶ୍ର, ଅବସର ପ୍ରାପ୍ତ ପ୍ରାଧ୍ୟାପକ ପ୍ରଫୁଲ୍ଲ କୁମାର ସୁବୁଦ୍ଧି, ଡ. ସୁରେଶ କୁମାର ଛୋଟରାୟଙ୍କ ସମେତ ସଂଯୋଜିକା ଓ ସଂଯୋଜକ ହରପ୍ରିୟା ଦ୍ୱିବେଦୀ ଓ ଶ୍ରୀକାନ୍ତ କୁମାର ନାୟକ ପ୍ରମୁଖ ମଞ୍ଚାସିନ ଥିଲେ। ତେବେ ବାଷ୍ଟ ଏହି ଅବସରରେ ଯୋଗଦେଇ ସାହିତ୍ୟ ଅନୁରାଗି ବିଶିଷ୍ଟ ଔପନାସିକ ଫକୀର ମୋହନ ସେନାପତିଙ୍କ ନିଖୁଣ ଓ ଜୀବନ୍ତ ଗଳ୍ପ ଓ ଜୀବନୀ ସମ୍ପର୍କରେ ଗୁରୁତ୍ୟାରୋପ କରିଥିଲେ। ଔପନସିକ ତଥା ଗାଳ୍ପିକ ସ୍ୱର୍ଗତ ସେନାପତିଙ୍କ ଲେଖନୀ ଆଦୃତ ମାମୁଁ, ଲଛମା, ଛମାଣ ଆଠଗୁଣ୍ଠ, ପ୍ରାୟଶ୍ଚିତ ସେହିପରି ଖୁଦ୍ରଗଳ୍ପ ରେବତୀ, ପେଣ୍ଟଡ଼ ମେଡିସିନୀ ଓ ରାଣ୍ଡୀପୁଅ ଅନନ୍ତ ସହ ଆତ୍ମ ଜୀବନୀର ସ୍ୱରୂପ ସମ୍ପର୍କରେ ବିଶେଷ ଆଲୋକପାତ କରିଥିଲେ। ସ୍ୱର୍ଗତ ସେନାପତି ୧୮୪୩ ମକର ସଂକ୍ରାନ୍ତି ତିଥି ଶୁକ୍ରବାର ଧରାପୃଷ୍ଠକୁ ଆସିଥିବା ବେଳେ ୧୯୧୮ ରଜ ସଂକ୍ରାନ୍ତି ତିଥି ଶୁକ୍ରବାର ଇହଧାମରୁ ବିଦାୟ ନେଇଥିଲେ। ସେ ସଂକ୍ରାନ୍ତି ପୁରୁଷ ବା 'କ୍ରାନ୍ତି' ପୁରୁଷ ଭାବେ ସୁପରିଚିତ ଥିଲେ ବୋଲି ପ୍ରାକ୍ତନ ପ୍ରାଧ୍ୟାପକ ବାଷ୍ଟ କହିଥିଲେ। ଏଥିରେ ବହୁ କବି ଓ କବୟିତ୍ରୀ ସ୍ୱରଚିତ କବିତା ପାଠ କରିଥିଲେ। ପ୍ରାରମ୍ଭରେ ଅତିଥିମାନେ ଜଗନ୍ନାଥଙ୍କ ଫଟୋଚିତ୍ରରେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ନନ୍ଦିଘୋଷ ସମ୍ପାଦକ ଧୀରେଶ ଚନ୍ଦ୍ର ମହାପାତ୍ର ସମ୍ପାଦକୀୟ ବିବରଣୀ ପାଠ କରିଥିଲେ ଓ ଶେଷରେ ସନାତନ ପାଟଶାଣୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ଇ-ରିକ୍ସା ବଣ୍ଟନ



ଭଞ୍ଜନଗର, (ଭାସ୍କର ନ୍ୟୁଜ୍): ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ବୁଧବାର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ଉପଖଣ୍ଡ ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ଭଞ୍ଜନଗର ଉପଖଣ୍ଡର ପ୍ରତେକ ବ୍ଲକ ଓ ବିଜ୍ଞାପିତ ଅଞ୍ଚଳରେ ଇ-ରିକ୍ସା ବଣ୍ଟନ କରାଯାଇଥିଲା। ଭଞ୍ଜନଗର ଉପଖଣ୍ଡର ବିଜ୍ଞାପିତ ଅଞ୍ଚଳରେ ଜୀବନଜୀବିକା ଯୋଜନାର ଚୟନ ହୋଇଥିବା ଭିନ୍ନକ୍ଷମ ଭାଇ ଭଉଣୀ ହିତାଧିକାରୀଙ୍କୁ ଇ-ରିକ୍ସା ବଣ୍ଟନ କାର୍ଯ୍ୟକ୍ରମରେ ମାନ୍ୟବର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଇ-ରିକ୍ସା ବଣ୍ଟନ କରିଥିଲେ। ଏହି ଅବସରରେ ସମ୍ମାନିତ ଅତିଥି ଭାବେ ଭଞ୍ଜନଗର ଉପଜିଲପାଳ ଅନିଲ କୁମାର ସେଠୀ, ଭଞ୍ଜନଗର ଅତିରିକ୍ତ ଉପ ଜିଲପାଳ, ବିଶ୍ୱରଞ୍ଜନ କର ଯୋଗ ଦେଇଥିଲେ। ଏହି ଅବସରରେ ଭିନ୍ନକ୍ଷମ ଭାଇ ଭଉଣୀମାନେ ନିଜେ ଆର୍ଥିକ ସ୍ୱାବଲମ୍ବୀ ହୋଇପାରିବେ ବୋଲି ବିଧାୟକ ପରିପ୍ରକାଶ କରିଥିଲେ। ଏଥିରେ ଭଞ୍ଜନଗର ଉପଖଣ୍ଡର ୭ଟି ବ୍ଲକ୍ ଯଥା ଭଞ୍ଜନଗର, ଜଗନ୍ନାଥ ପ୍ରସାଦ, ବେଲଗୁଣ୍ଠା, ସୋରଡା, ଆସିକା, ଧରାକୋଟ, ବୁଗୁଡ଼ା ଯଥା ୫ଟି ବିଜ୍ଞାପିତ ଅଞ୍ଚଳ ପରିଷଦ ଭଞ୍ଜନଗର, ବେଲଗୁଣ୍ଠା, ସୋରଡ଼ା, ଆସିକା ଓ ବୁଗୁଡ଼ାର ହିତାଧିକାରୀଙ୍କ ମଧ୍ୟରୁ ୧୨ ଜଣଙ୍କୁ ୧୨ଟି ଇ-ରିକ୍ସା ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଏସିଓ ଶବର, ଭଞ୍ଜନଗର ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଗୌରି ଶଙ୍କର ଶତପଥୀ ଏବଂ ସାମ୍ବାଦିକ ବନ୍ଧୁ ମାନେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସାମାଜିକ ସୁରକ୍ଷା ବିଭାଗ କର୍ମଚାରୀ ମୁକେଶ ଡାକୁଆ ଓ ଭାରତୀ ବିଷୋୟୀ ସହଯୋଗ କରିଥିଲେ।

# ମଣ୍ଡିରେ ଧାନ ନ ଦେଇପାରି ଚାଷୀ ହତାଶ

କୋରେଇ, (ଭାସ୍କର ନ୍ୟୁଜ୍): ବର୍ତ୍ତମାନ ସାରା ଯାଜପୁରରେ ଧାନ କିଣା ଆରମ୍ଭ ହୋଇଥିବା ବେଳେ ମିଲର, ଆରଏମସି, ଯୋଗାଣ ବିଭାଗର ସଲାସୁତୁରାରେ ଚାଷୀଙ୍କୁ ହଇରାଣ କରି ନିଜ ପକେଟ ଭରଣା କରୁଥିବା ଅଭିଯୋଗ ହୋଉଛି। ବିଶେଷ କରି କୋରେଇର ଚାଷୀମାନଙ୍କ ଧାନକୁ କୌଣସି ମିଲର ଏଫଏକ୍ୟୁ ମାନ ହୋଇ ନଥିବା ଦର୍ଶାଇ ଫେରାଇ ଦେଉଛନ୍ତି। ଫଳରେ ଚାଷୀମାନେ ଗାଡ଼ି ଭଡ଼ା କରି ପ୍ୟାକ୍ସ ଧାନ ଆଣି ମଣ୍ଡିରେ ପଡ଼ି ରହୁଛନ୍ତି। ସ୍ଥଳ ବିଶେଷରେ ଅପ୍ରିତିକର ପରିସ୍ଥିତି ବି ସୃଷ୍ଟି ହେଉଛି। ଏହିଭଳି ଏକ ଘଟଣା କୋରେଇ ବ୍ଲକ ଅନ୍ତର୍ଗତ ଧନେଶ୍ୱର ପ୍ୟାକ୍ସରେ ଦେଖିବାକୁ ମିଳିଛି। ଆଜି ସକାଳୁ ଧନେଶ୍ୱର ପ୍ୟାକ୍ସରେ ଧାନ କିଣିବା ପାଇଁ ଚାଷୀମାନଙ୍କୁ ଡକାଯାଇଥିଲା। ଚାଷୀମାନେ ସେମାନଙ୍କ ଧାନକୁ



ଓଜନ କରି ଗାଡ଼ିରେ ଲୋଡ଼ କରି ମଣ୍ଡିରେ ଆଣି ପହଞ୍ଚିବା ପରେ ଆରଏମସି ବିଭାଗର ଅଫିସର ହାତରେ ବାଛି ଧାନକୁ ଏଫଏକ୍ୟୁ ମାନ ନାହିଁ ବୋଲି ଦର୍ଶାଇବାରୁ ମିଲର ଧାନ ନନେଇ ଚାଲିଯାଇଥିଲା। ଚାଷୀମାନେ ସେମାନଙ୍କ ଧାନ ଦେଇ ନପାରି ପ୍ୟାକ୍ସର ସମ୍ପାଦକଙ୍କୁ ଅଟକ ରଖିଛନ୍ତି। ଏନେଇ କୋରେଇ ସମବାୟ ଉନ୍ନୟନ ଅଧିକାରୀ ପ୍ରଶାନ୍ତ କୁମାର କରଙ୍କୁ ଫୋନ କରାଯାଇଥିଲା। ସେଠରେ ଉପସ୍ଥିତ ଚାଷୀଙ୍କର ଫୋନ ନିଜେ ପ୍ୟାକ୍ସର ସମ୍ପାଦକଙ୍କ ଉଠାଇ ନଥିଲେ। ଏଠାରେ ଉଲ୍ଲେଖ ଯୋଗ୍ୟ କି ଏହି କରିତକର୍ମା କରବାବୁ ବିଗତ ବର୍ଷମାନଙ୍କରେ କୋରେଇରେ ଦୀର୍ଘବର୍ଷ ଧରି ରହି ମିଲରମାନଙ୍କୁ ହାତ କରି ଚାଷୀଙ୍କ ଧାନକୁ କଟନୀ ଛଟ୍‌ନୀ ନାମରେ ଚାଷୀମାନଙ୍କୁ ଲୁଟୁଥିବାର ଅଭିଯୋଗ ହେଉଥିଲା। ସେଥିପାଇଁ କୁଆଡ଼େ ତାଙ୍କୁ କୋରେଇରୁ ବଦଳି କରାଯାଇଥିଲା। କିନ୍ତୁ କରିତକର୍ମା କରବାବୁ କାହା ସହିତ ସେଟିଙ୍ଗ କରି ବଦଳି ଆଦେଶକୁ ପରିବର୍ତ୍ତନ କରି ପୁଣି କୋରେଇରେ ରହି ଚାଷୀଙ୍କୁ ଲୁଟିବାକୁ ଯୋଜନା ପ୍ରସ୍ତୁତ କରୁଛନ୍ତି ବୋଲି ଚାଷୀ ଅଭିଯୋଗ କରୁଛନ୍ତି। ଅନ୍ୟପଟେ ଚାଷୀମାନେ କୋରେଇ ବିଡ଼ିଓ, କୋରେଇ ଯୋଗାଣ ଅଧିକାରୀଙ୍କୁ ଏହି ସମ୍ବନ୍ଧରେ ଫୋନରେ ଜଣାଇଥିଲେ। ବିଡ଼ିଓ ସଙ୍ଗେ ସଙ୍ଗେ ଯୋଗାଣ ଅଧିକାରୀଙ୍କୁ ପଠାଇଥିଲେ। ଖବର ଲେଖା ହେବା ପର୍ଯ୍ୟନ୍ତ ଚାଷୀ ମାନେ ଯୋଗାଣ ଅଧିକାରୀଙ୍କୁ ଘେରାଓ କରି ରଖିଥିଲେ।

## ବରିଷ୍ଠ ଫୋଟୋଗ୍ରାଫରଙ୍କ ପରଲୋକ

କେନ୍ଦୁଝର, (ଭାସ୍କର ନ୍ୟୁଜ୍): କେନ୍ଦୁଝର ଜିଲ୍ଲାର ବରିଷ୍ଠ ଫୋଟୋଗ୍ରାଫର ତଥା ସାମ୍ବାଦିକ ନୃସିଂହ ଚରଣ ସାହୁଙ୍କର ଆଜି ପୂର୍ବାହ୍ନରେ ଜନଷ୍ଟନଗଞ୍ଜ ବାସ ଭବନରେ ୯୦ ବର୍ଷ ବୟସରେ ପରଲୋକ ହୋଇଯାଇଛି। ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡ଼ିତ ରହି ଘରେ ଚିକିତ୍ସାଧୀନ ଅବସ୍ଥାରେ ସେ ପରଲୋକ ଗମନ କରିଛନ୍ତି। ତାଙ୍କ ଶେଷ ଶଯ୍ୟା ନିକଟରେ ବିଧବା ପତ୍ନୀ, ବଡ଼ପୁଅ କିଶୋର, ସାନପୁଅ ତୁଷାର, ପୁତ୍ରବଧୂ, କନ୍ୟା, ଜାମାତା, ନାତି, ନାତୁଣୀ ଉପସ୍ଥିତ ଥିଲେ। ଧାଙ୍ଗଡ଼ପଡାସ୍ଥ ଆଦର୍ଶ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ସେ ପ୍ରଜାତନ୍ତ୍ର, ମାତୃଭୂମି, ଓଡିଶାଟାଇମ୍ସ ଆଦି ଖବର କାଗଜରେ ସାମ୍ବାଦିକତା କରିବା ସହିତ ଷାଠିଏ ଦଶକରେ କେନ୍ଦୁଝର ନିୟୁମାର୍କେଟରେ ସେଡ଼ଲାଇଟ ଫୋଟୋ ଷ୍ଟୁଡିଓ ପ୍ରତିଷ୍ଠା କରି ଖୁବ ଲୋକପ୍ରିୟତା ହାସଲ କରିପାରିଥିଲେ। ଓୟୁଜେ, ଜିଲ୍ଲା ସାମ୍ବାଦିକ ସଙ୍ଘ, ପ୍ରେସ କ୍ଲବ୍ ଦ୍ୱାରା ସେ ଅନେକଥର ସମ୍ବର୍ଦ୍ଧିତ ହୋଇଛନ୍ତି। ଆଜି ମୁଖ୍ୟମନ୍ତ୍ରୀଙ୍କ ଗସ୍ତ କାର୍ଯ୍ୟକ୍ରମରେ ସମସ୍ତ ସାମ୍ବାଦିକ ସାମିଲ ହୋଇଥିବାରୁ ତାଙ୍କ ଅନ୍ତେଷ୍ଟି କ୍ରିୟାରେ ଅନେକ ସାମ୍ବାଦିକ ଯୋଗ ଦେଇପାରି ନଥିଲେ ମଧ୍ୟ କେନ୍ଦୁଝର ପ୍ରେସ କ୍ଲବର ସଭାପତି ଜୟକୃଷ୍ଣ ପଣ୍ଡା ଶ୍ମଶାନରେ ଉପସ୍ଥିତ ରହି ଶେଷଦର୍ଶନ ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ତାଙ୍କ ବିୟୋଗରେ ଅନେକ ଫୋଟଗ୍ରାଫର ଏବଂ ସାମ୍ବାଦିକ ଗଭୀର ଶୋକ ପ୍ରକାଶ କରିଛନ୍ତି।

# ବିଶ୍ୱଶାନ୍ତି ମହାଯଜ୍ଞରେ ଅଲେଖ ସନ୍ନ୍ୟାସୀଙ୍କ ଯୋଗଦାନ



ରଗଡି, (ଭାସ୍କର ନ୍ୟୁଜ୍): କୋରେଇର ବିଭିନ୍ନ ସ୍ଥାନରେ ପବିତ୍ର ମକର ସଂକ୍ରାନ୍ତି ଉପଲକ୍ଷେ ବାର୍ଷିକ ମେଳା ଓ ଯଜ୍ଞ ଅନୁଷ୍ଠିତ ହୋଇଛି। ତଳଗଡ଼ ତଥା ତାହାରପୁର ପଞ୍ଚାୟତ ଓ ବ୍ୟାସନଗର ମୁନିସିପାଲିଟି ମିଳନ ସ୍ଥଳ ଭାବେ ପରିଚିତ ଜୈନ ଗୁମ୍ଫା, ଶ୍ରୀଗଣେଶ, ହନୁମାନ ମନ୍ଦିର ଓ ଅଲେଖ ମହିମା ଆଶ୍ରମ ପରିସରରେ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ହୋଇଥିବା ବେଳେ ଏହା ଦୁଇ ଦିନ ଧରି ଚାଲିବ। ଉକ୍ତ କାର୍ଯ୍ୟକ୍ରମରେ ପ୍ରତିବର୍ଷ ପରି ଏବର୍ଷ ମଧ୍ୟ ଅଲେଖ ସନ୍ୟାସୀ ଓ ସାଧୁମାନେ ଯୋଗ ଦେଇଛନ୍ତି। ମଙ୍ଗଳବାର ପ୍ରାତଃ ୪ ଘଟିକାରେ ଦେବ ସ୍ମରଣ, ୫ଘଟିକା ଧ୍ୱନିପୂଜା, ୬ ଘଟିକାରେ ବ୍ରହ୍ମ ଧ୍ୱନି ସ୍ଥାପନ ଓ ବିଶ୍ୱ କଲ୍ୟାଣ ପାଇଁ ଅଖଣ୍ଡ ଦୀପ ପ୍ରଜ୍ୱଳନ। ବୁଧବାର ଶରଣ ଦର୍ଶନ, ଅବକାଶ ଭଜନ, ବାଲ୍ୟ ଲୀଳା, ଆହୁତି ବିତରଣ, ପୂର୍ଣ୍ଣାହୁତି, ସାଧୁ ଭିକ୍ଷା, ଅପରାହ୍ନ ୪ଟାରେ ଧର୍ମସଭା ଓ ସନ୍ଧ୍ୟାରେ ଶୂନ୍ୟ ସ୍ୱରୂପ ଭଜନ ଗ୍ରୁପ ପକ୍ଷରୁ କୁମାର ପ୍ରଭାତଙ୍କ ସଂଯୋଜନା ରେ ଭଜନ ପରିବେଷଣ କରାଯିବ। ମାତା ଉଷା ଦେବୀ ଓ ସ୍ୱାଧୀନ ବାବା ଯଜ୍ଞ କାର୍ଯ୍ୟ ପରିଚାଳନା କରିଛନ୍ତି। ସେବକ ବାବୁଲାଲ ଗୁରୁଙ୍କ ସମେତ ଅନ୍ୟମାନେ ଏହାର ଆୟୋଜନ କରିଛନ୍ତି। ଅଲେଖ ଧର୍ମାବଲମ୍ବି ଭକ୍ତ ତଥା ବିଭିନ୍ନ ବର୍ଗର ବ୍ୟକ୍ତି ଏଥିରେ ଯୋଗଦାନ କରିଥିଲେ। ସେହିପରି ରଣପୁର ପଞ୍ଚାୟତ ପବିତ୍ର ବୈତରଣୀ ନଦୀପଠାରେ ପ୍ରସିଦ୍ଧ ସାହାଡ଼ାଶୁଣୀ ମେଳା ଆରମ୍ଭ ହୋଇଛି। ତୁଳତି ପଞ୍ଚାୟତର ପିମ୍ପଲ ଗ୍ରାମରେ ସନ୍ତୋଷୀ ମା'ଙ୍କ ବାର୍ଷିକ ଯଜ୍ଞ ଓ ମେଳା ତଥା ଅନ୍ୟାନ୍ୟ ସ୍ଥାନରେ ମଧ୍ୟ ବାର୍ଷିକ ଯଜ୍ଞ ର ଆୟୋଜନ କରାଯାଇଛି।

# ଛାତ୍ରୀ ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ଶୁଳିଆପଦା, (ଭାସ୍କର ନ୍ୟୁଜ୍): ଚକ ଶୁଳିଆପଦାର ଉତ୍କଳ ବନାନୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆଠଦିନ ବ୍ୟାପି ଚାଲିଥିବା ଛାତ୍ରୀ ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଉକ୍ତ ପ୍ରଶିକ୍ଷଣ ଶିବିରରେ ମାଷ୍ଟର ଟ୍ରେନର ପ୍ରୀତିରେଖା ରାଜ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ତର୍କଶାସ୍ତ୍ରର ଅଧ୍ୟାପକ ଜନ୍ମେଜୟ ଦାଶଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟଅତିଥି ଥିଲେ ଉତ୍କଳ ବନାନୀ ମହାବିଦ୍ୟାଳୟର ଇଂରାଜୀ ଅଧ୍ୟାପକ ଜଗନ୍ନାଥ ମଣ୍ଡଳ। ସଭାପତି ଓ ମୁଖ୍ୟ ଅତିଥି ଛାତ୍ରୀ ଆତ୍ମସୁରକ୍ଷା, ମହିଳା ସୁରକ୍ଷା, ବାସ୍ତବ ଜୀବନ ଲକ୍ଷ୍ୟ ଉପରେ ଅଭିଭାଷଣ ଦେଇ ଛାତ୍ରୀମାନଙ୍କୁ ପ୍ରୋତ୍ସାହିତ କରିଥିଲେ। ଆଠଦିନର ପ୍ରଶିକ୍ଷଣ ଶିବିରର ଅନୁଭୂତି ବିଷୟରେ ଛାତ୍ରୀମାନେ ମତପୋଷଣ କରିବା ସହିତ ସୁରକ୍ଷା କୌଶଳ ମାନ ପ୍ରଦର୍ଶନ କରିଥିଲେ। ଶେଷରେ ଛାତ୍ରୀମାନଙ୍କୁ ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିରର



ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସ୍ନାତକୋତ୍ତର ଶିକ୍ଷୟତ୍ରୀ କବିତା ସିଂ ମଞ୍ଚ ପରିଚାଳନା କରିଥିଲା ବେଳେ ଅତିଥି ଅଧ୍ୟାପକ ଶାନ୍ତନୁ କୁମାର ସି, ଅତିଥି ଅଧ୍ୟାପିକା ସସ୍ମିତା ସିଂ, ପୂର୍ଣ୍ଣିମା ସିଂ, ସୁପ୍ରିତି ପଣ୍ଡା, ଗନ୍ତା ଗାରିକ କମଳଲୋଚନ ସେନାପତି ସହଯୋଗ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନା କରିବାରେ ଚତୁର୍ଥ ଶ୍ରେଣୀ କର୍ମଚାରୀ ଅରଣୀ ସେଠୀ, ଲକ୍ଷ୍ମଣ ହାଁସଦା, ସଚିନ ସାର ପ୍ରମୁଖ ସହଯୋଗ କରିଥିଲେ।



# ଆମ କଳାହାଣ୍ଡି







## ।।। କଳାହାଣ୍ଡି ଉତ୍ସବ ଘୁମୁରା-୨୦୨୫ ।।।

# ସ୍ୱାଭିମାନର ତ୍ରିବେଣୀ ସଙ୍ଗମ ଯାତ୍ରା 'ଘୁମୁରା' ଉଦ୍‌ଘାଟିତ







ଭବାନୀପାଟଣା, (ଭାସ୍କର ନ୍ୟୁଜ୍) : କଳା, ସଂସ୍କୃତି ଓ ଐତିହ୍ୟର ବୀରମାଟି କଳାହାଣ୍ଡି ଜିଲ୍ଲା। ସାରା ଦେଶରେ ଯାହା ଅଛି ତାହା କଳାହାଣ୍ଡି ଜିଲ୍ଲାରେ ମଧ ଭରପୁର ଭାବରେ ରହିଛି ହେଲେ ତାହାକୁ ଖୋଜିବା ପାଇଁ ଗୋଟେ ସୁସ୍ଥ ହୃଦୟର ଆବଶ୍ୟକତା ରହିଛି ବୋଲି ୨୭ତମ 'କଳାହାଣ୍ଡି ଉତ୍ସବ ଘୁମୁରା-୨୦୨୫'ର ଉଦ୍‌ଘାଟନୀ ଉତ୍ସବରେ କଳାହାଣ୍ଡି ସାଂସଦ ମାଳବିକା ଦେଓ ମତବ୍ୟକ୍ତ କରିଛନ୍ତି। ମଙ୍ଗଳବାର ସ୍ଥାନୀୟ ଲାଲ ବାହାଦୂର ଶାସ୍ତ୍ରୀ ଷ୍ଟାଡିୟମ ଠାରେ ଆନନ୍ଦ ଉଲ୍ଲାସ ମଧ୍ୟରେ ଉଦ୍‌ଘାଟିତ ହୋଇଯାଇଛି ବହୁ ପ୍ରତୀକ୍ଷିତ ୨୭ତମ କଳାହାଣ୍ଡି ଉତ୍ସବ ଘୁମୁରା-୨୦୨୫। କଳାହାଣ୍ଡିର ଅଧିଷ୍ଠାତ୍ରୀ ଦେବୀ ମା ମାଣିକେଶ୍ୱରୀଙ୍କ ମନ୍ଦିରରେ ପୂଜାର୍ଚ୍ଚନା ପରେ ଜିଲ୍ଲାର ୧୧ଟି ପୁଣ୍ୟପୀଠରୁ ଆସିଥିବା ପବିତ୍ର ମଶାଲ ଗୁଡିକୁ କଳାହାଣ୍ଡି ଜିଲ୍ଲାପାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ବିଶାଳ ସାଂସ୍କୃତିକ ଶୋଭାଯାତ୍ରାରେ ସହର ପରିକ୍ରମା କରାଇ ଉତ୍ସବ ସ୍ଥଳକୁ ନିଆଯାଇଥିଲା ଓ ସେଠାରେ ଆନୁଷ୍ଠାନିକ ଭାବେ ଘୁମୁରା- ୨୦୨୫ର ଶୁଭାରମ୍ଭ କରାଯାଇଥିଲା। ଆଦିବାଦ୍ୟ ମହୁରିର ସୁମଧୁର ସ୍ୱର ଓ ଘୁମୁରାର ଗୁରୁଗମ୍ଭୀର ନାଦରେ କମ୍ପି ଉଠିଥିଲା ଲାଲ୍ ବାହାଦୂର ଶାସ୍ତ୍ରୀ ଷ୍ଟାଡିୟମର ଶହୀଦ ରେଣ୍ଡୋମାଝୀ ମଞ୍ଚ। କଳାହାଣ୍ଡି ଲେଖକ କଳା ପରିଷଦର କଣ୍ଠ ଶିଳ୍ପୀମାନେ ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିଲେ। ଜିଲ୍ଲାପାଳ ପାୱାର ସଚିନ ପ୍ରକାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କଳାହାଣ୍ଡି ଲୋକସଭା ସାଂସଦ ମାଳବିକା ଦେଓ ଉପସ୍ଥିତ ଥିଲାବେଳେ ସମ୍ମାନିତ ଅତିଥି ଭାବେ ଜୁନାଗଡ ବିଧାୟକ କ୍ୟାପଟେନ୍ ଦିବ୍ୟଶଙ୍କର ମିଶ୍ର, ନର୍ଲା ବିଧାୟିକା ମନୋରମା ମହାନ୍ତି, ଭବାନୀପାଟଣା ପୌର ପରିଷଦ ଅଧ୍ୟକ୍ଷ ବିଷ୍ଣୁ ପ୍ରଧାନଙ୍କ ସହ ଜିଲ୍ଲାର ବିଭିନ୍ନ ବ୍ଲକ ଓ ଏନ୍‌ଏସିର ଅଧ୍ୟକ୍ଷ, ବିଜେପିର ଜିଲ୍ଲା ସଭାପତି ଆର୍ତ୍ତତ୍ରାଣ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ ଧନ୍ୟବାଦ ଅର୍ପଣ କରିଥିଲେ। ସଭାକାର୍ଯ୍ୟକୁ ଶିକ୍ଷାବିତ୍ ଡ.ଉମେଶ ଚନ୍ଦ୍ର ଶତପଥୀ ପରିଚାଳନା କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖଯୋଗ୍ୟ ଅବଦାନ ପାଇଁ ପ୍ରଫେସର ସୁରଜିତ୍ ସିଂହ, ଅଧ୍ୟାପକ ପ୍ରତାପ ଚନ୍ଦ୍ର ଦାଶ, ସବ୍ ଲେଫ୍ଟନାଣ୍ଟ ସୁଶାନ୍ତ କୁମାର ଦାଶ, ରାହୁଲ ପ୍ରଧାନ, ଆର୍ଯ୍ୟା ନାୟକ, ଦୀପକ ରଞ୍ଜନ ବେହେରା, ପ୍ରେମାଞ୍ଜଳି ନାଗ, ଦୀନେଶ ମାଝୀ ଓ ବିକାଶ ଆବାସିକ ବିଦ୍ୟାଳୟଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି କବିତା ପାଠ ଉପଲକ୍ଷେ ପ୍ରକାଶିତ ସ୍ମରଣିକା 'ନିଶାନ୍'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ପରେ ପରେ ଅନୁଷ୍ଠିତ ହୋଇଥିଲା ଅଗଣିତ ଦର୍ଶକଙ୍କ ବହୁ ପ୍ରତୀକ୍ଷିତ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଏହାକୁ ସଂଯୋଜନା କରିଥିଲେ ସୁଧୀର ନାଏକ, ବିରଞ୍ଚି ନାରାୟଣ ମୁଣ୍ଡ, ନିହାରିକା ନାୟକ ଓ ନମିତା ମିଶ୍ର ପ୍ରମୁଖ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାର ଶ୍ରେଷ୍ଠ ଘୁମୁରା ଦଳ, ପ୍ରତିଭା ପଣ୍ଡା ଓ ସାଥୀଙ୍କ ଓଡିଶୀ, ରାଜସ୍ଥାନର ମଙ୍ଗନିହାର, ମହାରାଷ୍ଟ୍ରର ଲାବନୀନୃତ୍ୟ, କେସିଙ୍ଗା ବୃନ୍ଦାବନ ସାଂସ୍କୃତିକ ଅନୁଷ୍ଠାନର ମଲ୍ଲିଫୁଲ, ହରିୟାଣାର ଫାକ୍ ନୃତ୍ୟ, ପଞ୍ଜାବର ଭାଙ୍ଗଡା, ଭବାନୀପାଟଣା ମୃଣ୍ମୟୀର ବଜାଶାଲ୍, ହିମାଚଲୀ ପାହାଡୀ ନୃତ୍ୟ, ଶ୍ରୀ ଅରବିନ୍ଦ କଳାକେନ୍ଦ୍ରର ବଜାଶାଲ୍, ବଲାଙ୍ଗୀର କୋଶଲ ଫେକ୍ ଏକାଡେମୀ ଓ ସିଟିଏମଏସର ଘୋଡା ନାଚ ପରିବେଶିତ ହୋଇଥିଲା। ଅନ୍ୟପକ୍ଷରେ ପାର୍ବା ମଞ୍ଚରେ କୁନିକୁନି ଶିଳ୍ପୀମାନଙ୍କ ଦ୍ୱାରା ସମ୍ବଲପୁରୀ, ଓଡିଶୀ, ଏକକ ନୃତ୍ୟ ଆଦି ଅଗଣିତ ଦର୍ଶକଙ୍କୁ ବେଶ୍ ଆକର୍ଷିତ କରିଥିଲା। ଶେଷରେ ଷ୍ଟାର ନାଇଟ୍ କାର୍ଯ୍ୟକ୍ରମରେ ରେଣ୍ଡୋମାଝୀ ମଞ୍ଚରେ ବିଖ୍ୟାତ ଲୋକସଂଗୀତ ଗାୟକ ସର୍ବେଶ୍ୱର ଭୋଇ ଓ ସାଥୀଙ୍କ ଦ୍ୱାରା ମନୋଜ୍ଞ ସଂଗୀତ ବିଚିତ୍ରା ପରିବେଷଣ କରାଯାଇଥିଲା ଓ ବହୁସଂଖ୍ୟାରେ ଦର୍ଶକ ବିଳମ୍ବିତ ରାତି ପର୍ଯ୍ୟନ୍ତ ଏହାକୁ ଉପଭୋଗ କରିଥିଲେ।

# ଜିଲ୍ଲାପାଳ ଦ୍ୱାରା ପାରବା ମଞ୍ଚ ଉଦ୍‌ଘାଟିତ



ଭବାନୀପାଟଣା, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଉତ୍ସବର ଦ୍ୱିତୀୟ ସାଂସ୍କୃତିକ ଖୋଲା ମଞ୍ଚ, ପାରବା ମଞ୍ଚ ଜିଲ୍ଲାପାଳ ସଚିନ ପାୱାର ପ୍ରକାଶ ଉଦ୍‌ଘାଟନ କରିଛନ୍ତି। ତାସହିତ ମଞ୍ଚରେ ମୁଖ୍ୟ ଅତିଥି ଭାବେ ବୈଦ୍ୟରାଜ ପବିତ୍ର ଶବର, ସମ୍ମାନିତ ଅତିଥି ଭାବେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅଭିଳାଷ. ଜୀ, ସଦର ଏସଡିପିଓ ଆଜିଙ୍କ୍ୟ ପ୍ରମୁଖ ଯୋଗ ଦେଇଥିଲେ। ପାରବା ଖୋଲା ମଞ୍ଚରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବାବେଳେ ସୌରଭ ମହାପାତ୍ରଙ୍କ ସମେତ ହେମନ୍ତ ସାହୁ, ବନଶ୍ରୀ ଦାଶ, ରିଆଜ ଖାନ, ଆଶୁତୋଷ ପୁରୋହିତ, ରାମପ୍ରସାଦ ତ୍ରିପାଠୀ, ଦୀପ୍ତିମୟୀ ସିଂହ, ଲିପ୍ସା ମହାରଣା, ଶିବଶକ୍ତି ପୁରୋହିତ ପ୍ରମୁଖ ମଞ୍ଚ ସଂଯୋଜନା କରିଥିଲେ। ଏହି ଅବସରରେ ପାରବା ମଞ୍ଚରେ ପ୍ରଗତି ଗ୍ରୁପ ତରଫରୁ ପ୍ରାରମ୍ଭିକ ସଙ୍ଗୀତ ଗାନ ପରେ ଅମ୍ରିତା ଏଣ୍ଡ ଗ୍ରୁପ୍ ଟ୍ରାଇବାଲ ଡ୍ୟାନ୍ସ ଏକାଡେମୀ, କୁମ୍‌କୁମ୍ ବାଗ, ପ୍ରଗତି କନ୍‌ସେପ୍ଟ ସ୍କୁଲ, ହରିବଲ୍ଲଭ ସାହୁ, ଚକାଡୋଳା ଡ୍ୟାନ୍ସ ଗ୍ରୁପ-ଏ, ସୋହାନୀ ପ୍ରିୟଦର୍ଶିନୀ ମହାରଣା, ସକ୍ଷମ୍ ଡ୍ୟାନ୍ସ ଗ୍ରୁପ, ଥୁଆପଦର ୟୁପି ସ୍କୁଲ, ଅର୍ଚ୍ଚିତା ଓ ଗ୍ରୁପ, ମୟୁରୀ ଡ୍ୟାନ୍ସ ଗ୍ରୁପ, ଚକାଡୋଳା ଡ୍ୟାନ୍ସ ଗ୍ରୁପ-ବି, ଯଶପାଲ ପଣ୍ଡା, ପ୍ରଗତି ଫଗଣ, ମେଘା ଟିମ୍, ଏଲି ଡ୍ୟାନ୍ସ ଗ୍ରୁପ୍ ଦ୍ୱାରା ଆକର୍ଷଣୀୟ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

# ଅଖିଳ ଭାରତୀୟ ଛାତ୍ର ସଂଘର ରାଜ୍ୟସ୍ତରୀୟ ଶିକ୍ଷା ଶିବିର



ଜୁନାଗଡ଼, ( ଭାସ୍କର ନ୍ୟୁଜ ) : କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ସହର ସ୍ଥିତ ସଂସ୍କୃତି ଭବନରେ ଏଆଇଏସ୍‌ଏଫ ତରଫରୁ ୫ଦିନିଆ ଶିକ୍ଷା ଶିବିର ଅନୁଷ୍ଠିତ ହୋଇ ଯାଇଛି। ଏହି କାର୍ଯ୍ୟକ୍ରମକୁ ଆଇଏସ୍‌ଏଫର ପୂର୍ବତନ ସମ୍ପାଦକ ସଂଜୀବ ଦାସ ଯୋଗଦେଇ ପତାକା ଉତ୍ତୋଳନ କରି ଶୁଭ ଉଦ୍‌ଘାଟନ କରିଥିଲେ। ଏହି ଶିବିରରେ ଦେଶ ବିଦେଶରୁ ଆସିଥିବା ଶିକ୍ଷାବିତ ମାନେ ଯୋଗ ଦେଇ ବିଭିନ୍ନ ପ୍ରସଙ୍ଗ ଉପରେ ଶିବିରାର୍ଥୀ ଛାତ୍ରଛାତ୍ରୀ ମାନଙ୍କୁ ଶିକ୍ଷା ଦାନ କରିଥିଲେ। ଏଥିରେ ମାର୍ଗଦର୍ଶନ, ବିଶ୍ୱ ଇତିହାସ ଓ ସ୍ୱାଧୀନତା ସଂଗ୍ରାମ ଭାରତ ଓ ଓଡିଶା, ଏପରି ବିଭିନ୍ନ ପ୍ରସଙ୍ଗ ଉପରେ ଶିକ୍ଷାବିତ ଡ଼ ଅମୀୟ ମହାନ୍ତି, ଦାମୋଦର ରାଉତ ପ୍ରମୁଖ ଉପସ୍ଥିତ ରହି ଶିକ୍ଷାଦାନ କରିଥିଲେ। ଏହି ଶିବିରରେ ଓଡିଶାର ବିଭିନ୍ନ ଅଂଚଳରୁ ଶତାଧିକ ଛାତ୍ରଛାତ୍ରୀ ଯୋଗଦାନ କରିଥିଲେ। ଏଆଇଏସ୍‌ଏଫ୍‌ର ଓଡିଶା ରାଜ୍ୟ ସଭା ନେତ୍ରୀ ସଂଘମିତ୍ରା ଜେନା, ସାଧାରଣ ସମ୍ପାଦକ କାହ୍ନୁଚରଣ ପରିଡା, ଉପସଭାପତି ରାଜାରାମ ଡ଼ଙ୍ଗରି, ଦେବପ୍ରିୟ ପଣ୍ଡା, ଶୁଭ୍ରାରାଣୀ ସାହୁଙ୍କ ସମେତ କଳାହାଣ୍ଡି ଜିଲ୍ଲାର ସଦସ୍ୟ ମାନେ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ସିପିଆଇର ଦାମୋଦର ବେହେରା, ଅକ୍ଷୟ ମେହେର, ସଂଜୀବ ଦାସ ପ୍ରମୁଖ ଯୋଗ ଦେଇ ସକ୍ରିୟ ସହଯୋଗ କରିଥିଲେ।

# ଦାଦନ ଶ୍ରମିକଙ୍କ ମୃତ୍ୟୁ

କର୍ଲାମୁଣ୍ଡା,(ଭାସ୍କର ନ୍ୟୁଜ୍) : ରାଜକୋଟ୍ ସହରରେ ରହି ଦିନମଜୁରିଆ ଭାବେ କାମ କରୁଥିଲେ କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ୍ ରେଗଡ଼ା ପଞ୍ଚାୟତ ଯୋଗିପଲା ଗ୍ରାମର ଆକାଶ ଛତ୍ରିଆ (୨୬)। ଯାହାଙ୍କର ମୃତ୍ୟୁ ଖବର ପାଇବା ପରେ ପରିବାରବର୍ଗ ତଥା ଗାଁରେ ଶୋକାକୁଳ ପରିସ୍ଥିତି ସୃଷ୍ଟିହୋଇଛି। ଏଯାବତ ମୃତ୍ୟୁର କାରଣ ଜଣାପଡ଼ି ନାହିଁ। ଖବର ଅନୁସାରେ, ବୁଧବାର ଗାଁକୁ ଶବ ଫେରୁଥିବା ପରିବାର ଲୋକେ କହିଛନ୍ତି। ଆକାଶ ପରିବାରର ଏକମାତ୍ର ରୋଜଗାରିଆ ହୋଇଥିବା ବେଳେ ତାଙ୍କର ୪ବର୍ଷ ଓ ୨ବର୍ଷର ୨ ଝିଅ ସହ ସ୍ତ୍ରୀ ଓ ମା'ବାପା ଅସହାୟ ହୋଇପଡିଛନ୍ତି। ଏହି ପରିବାରକୁ ସରକାରଙ୍କ ପକ୍ଷରୁ ଆର୍ଥିକ ସହାୟତା ଯୋଗାଇଦେବା ପାଇଁ ସାଧାରଣରେ ଦାବି ହେଉଛି। ଏ ନେଇ ସ୍ଥାନୀୟ ସରପଞ୍ଚଙ୍କୁ ଯୋଗାଯୋଗ କରାଯିବାରୁ ସେ ଏହି ପରିବାର ପାଇଁ ସରକାରଙ୍କ ପକ୍ଷରୁ ଯାହାସବୁ ସୁବିଧା ଥିବ ଯୋଗାଇଦେବାକୁ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

# ନକଲି ସେକ୍ସନ ଅଫିସର ଗିରଫ



ନର୍ଲା (ଭାସ୍କର ନ୍ୟୁଜ) : ଉକ୍ତ ଲୋକ ଜଣକ ସଭାଭବନରେ ଚାକିରି ଦେବି କହି ଲୋକଙ୍କଠାରୁ ଲୁଟୁଥିଲେ ଟଙ୍କା। ଠକ ଜଣକ ହେଲେ କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ୍ ଅନ୍ତର୍ଗତ ମାଣ୍ଡେଲ୍ ପଞ୍ଚାୟତ ଅଶୁର୍‌ଗଡ ଗାଁର ବ୍ୟାସଦେବ ରଣା। ପଞ୍ଚାୟତ ରାଜ୍ ବିଭାଗର ସେକ୍ସନ ଅଫିସର ବୋଲି ନିଜକୁ ପରିଚୟ ଦେଉଥିଲେ। ନିଜ ଅଞ୍ଚଳରେ କୌଣସି ଏକ ଘରୋଇ କଲେଜରେ ଇଂରାଜୀ ଅଧ୍ୟାପକ ଅଛି ବୋଲି କହୁ ଥିଲେ। ତାସହିତ ପିପିଲି ଅଞ୍ଚଳର ଜଣକ ଠାରୁ ୨ ଲକ୍ଷ ଟଙ୍କା ନେଇଥିବା ଅଭିଯୋଗ ମଧ ହୋଇଛି। ଉକ୍ତ ଅଭିଯୋଗକୁ ଆଧାର କରି ଭୁବନେଶ୍ୱର ପୋଲିସ୍ ବ୍ୟାସଦେବ ରଣାଙ୍କୁ ଗିରଫ କରିଛି। ନକଲି ବାବୁ ଜଣକ ପଞ୍ଚାୟତ ବିଭାଗର ନକଲି ଆଇ କାର୍ଡ କରି ଠକି ଚାଲି ଥିଲେ। ଜାଲ୍ ପରିଚୟ ପତ୍ର ଦେଖାଇ ଲୋକସଭା ଭବନରେ ପ୍ରବେଶ କରୁଥିଲେ, ଯେଉଁ ଆଇକାର୍ଡ ୨୦୨୦ ଏପ୍ରିଲ୍ ୧ ତାରିଖରେ ଇସୁ ହୋଇଥିବା ବେଳେ ତାହାର ବୈଧତା ୩୧ ଡ଼ିସେମ୍ବର ୨୦୨୪ ଉଲ୍ଲେଖ ରହିଛି। ବିଜେଡି ସରକାର୍ ସମୟରେ ବହୁ ଲୋକଙ୍କୁ ଠକି ଥିବା ଅଭିଯୋଗ ହୋଇଛି।

# ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ରକ୍ତ ଦାନ ଶିବିର



କେସିଙ୍ଗା, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲା କେସିଙ୍ଗା ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ ସ୍ୱାମୀ ବିବେକାନନ୍ଦ ଜୟନ୍ତୀ ଅବସରରେ ଏକ ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଯାଇଅଛି। ଏହି ଶିବିରରେ ମୁଖ୍ୟ ଅତିଥି ଭାବରେ କଳାହାଣ୍ଡି ଏଡିଏମ୍‌ଓ ନିହାର ରଞ୍ଜନ ପଣ୍ଡା ଯୋଗ ଦେଇ କାର୍ଯ୍ୟକ୍ରମର ଶୁଭ ଉଦ୍‌ଘାଟନ କରି ସମାଜରେ ରକ୍ତର ଆବଶ୍ୟକତା ଓ ତାର ମହତ୍ତ୍ୱ ବିଷୟରେ ଆଲୋଚନା କରିଥିଲେ। କେସିଙ୍ଗା ଆର୍‌ଏସ୍‌ଏସ୍‌ର ଖଣ୍ଡ ସଂଘ ଚାଳକ ବିଶ୍ୱନାଥ କମାନି, କେସିଙ୍ଗା ଶିଶୁ ମନ୍ଦିର ସଭାପତି ସିମାଞ୍ଚଳ ବୁଦ୍ଧିଆ,ଭବାନୀପାଟଣା ବ୍ଲଡ଼ ବ୍ୟାଙ୍କ ଇନ୍‌ଚାର୍ଜ ବିବେନ୍ଦୁ ବଳ, କେସିଙ୍ଗା ସିଏଚ୍‌ସି ଡ. ରବିନ୍ଦ୍ର ନାଥ ଖଟୁଆ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ପ୍ରବୀଣ କୁମାର ବେହେରା ପ୍ରମୁଖ ମଞ୍ଚାସିନ ଥିଲେ। ସମସ୍ତ ଗୁରୁଜୀ ଗୁରୁମା, ଅଭିଭାବକ, ଅଭିଭାବିକା, ପୂର୍ବତନ ଛାତ୍ର ରକ୍ତ ଦାନ କରିଥିଲେ। ଏହି ଶିବିରରେ ମୋଟ ୫୦ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଉକ୍ତ ରକ୍ତ ଦାନ ଶିବିରରେ ଶିଶୁ ମନ୍ଦିର କେସିଙ୍ଗା ପରିବାର, ଭାରତୀୟ ଜନତା ପାର୍ଟି, ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ, ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ, ବିଶ୍ୱ ହିନ୍ଦୁ ପରିଷଦର, ନ୍ୟାସନାଲ୍ ମେଡିକୋ ଅର୍ଗାନାଇଜେସନଙ୍କ ମିଳିତ ସହଯୋଗରେ କାର୍ଯ୍ୟକ୍ରମଟି ସାଫଲ୍ୟ ମଣ୍ଡିତ ହୋଇପାରିଛି।

# ନିମ୍ନମାନର ରାସ୍ତା କାମକୁ ନେଇ ଅଭିଯୋଗ



ଗୋଲାମୁଣ୍ଡା, (ଭାସ୍କର ନ୍ୟୁଜ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଖଲିଆପାଲି ଠାରୁ ସାନଚେରଗାଁ ରାସ୍ତା କାମ ନିମ୍ନ ମାନର ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହି ରାସ୍ତା କାମଟି ଧର୍ମଗଡ଼ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ହେଉଥିବା ବେଳେ ତାର ଅଟକଳ ପରିମାଣର କୌଣସି ସୂଚନା ଫଳକରେ ଦର୍ଶାଯାଇ ନାହିଁ। କନିଷ୍ଠ ଯନ୍ତ୍ରୀଙ୍କ ଅନୁପସ୍ଥିତିରେ କାମ ସମ୍ପାଦନ ହେଉଥିବାରୁ ନିମ୍ନମାନର କାମ କରାଯାଇ ଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ଏପଟେ କାମ ଚାଲୁଛି ସେପଟେ ପିଚୁ ସ୍ତର ସ୍ତର ହୋଇ ଉଠି ଯାଉଥିବା ନେଇ ଗ୍ରାମବାସୀଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି। ନିମ୍ନମାନର କାମକୁ ନେଇ ଅନେକ ଥର ଠିକାଦାରଙ୍କ ମୁନସୀଙ୍କୁ ଜଣାଇବା ସତ୍ତ୍ୱେ ଓଲଟା ଗ୍ରାମବାସୀଙ୍କୁ ଧମକ ଦେଉଥିବା ଚର୍ଚ୍ଚାର ବିଷୟ ପାଲିଟିଛି। ଠିକାଦାର ଓ ବିଭାଗୀୟ ଯନ୍ତ୍ରୀଙ୍କ ମଧୁଚନ୍ଦ୍ରିକାରେ ନିମ୍ନମାନ କାମକରି ଟଙ୍କା ଆତ୍ମସାତ କରାଯାଉଛି କି ବୋଲି ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଏ ସମ୍ପର୍କରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଆଶୀଷ ସେଠିଙ୍କୁ ଫୋନ୍ କଲେ ଫୋନ୍ ଉଠାଉ ନଥିବା ବେଳେ ସହକାରୀ ଯନ୍ତ୍ରୀ ରାଜିନ୍ଦ୍ର ମାଝୀ ମଧ ଫୋନ ଉଠାଉ ନାହାନ୍ତି। ଏହି ନିମ୍ନ ମାନର କାମ ଉପରେ ଭିଜିଲାନ୍ସ ସ୍ତରୀୟ ତଦନ୍ତ କରିବା ପାଇଁ ସାନଚେରଗାଁ ଗ୍ରାମର ରଞ୍ଜିତ ନିଆଲ, ପୂର୍ଣ୍ଣ ନାଗ, ଜଗଦିଶ ବାଗ, ଅଖିଳ ନାଗ, ନନ୍ଦ ନାଗ, ପଦୁ ନାଗ, ଭୂଷଣ୍ଡ ନାଗ, ନାରାୟଣ ସାହୁ, ଜୟରାମ ମାଝୀ, ନାରାୟଣ ପ୍ରଧାନୀ,କୌତୁକ ହଂସ, ମଧୁସୂଦନ ବାଗ ପ୍ରମୁଖ ଦାବୀ କରିଛନ୍ତି।

## ରାଶିଫଳ

ଗୁରୁବାର, ୧୬ ଜାନୁଆରୀ ୨୦୨୫



**ମେଷ:** ସୃଜନଶୀଳ କାର୍ଯ୍ୟ ସଫଳ ହେବ । ଆପଣ ଯେ କୌଣସି ଉତ୍ସବରେ ଅଂଶଗ୍ରହଣ କରିବାର ସୁଯୋଗ ପାଇବେ । ବ୍ୟବସାୟ ଲାଭଦାୟକ ହେବ । ଭାଇମାନଙ୍କଠାରୁ ସମର୍ଥନ ପାଇବ । ଦୁର୍ଦ୍ଦଶା ଯୋଗୁଁ କ୍ଷତି ହେବ । ଚାକିରିରେ ତୁମେ ପ୍ରଶଂସା ପାଇବ ।



**ବୃଷ:** ଟଙ୍କା ଅଭାବରୁ ନିରାଶ ହେବେ । ଥଟ୍ଟା ଠାରୁ ଦୂରେଇ ରୁହନ୍ତୁ। ଅଧିକାରୀମାନେ ଚାକିରିରେ ଅଧିକ ଆଶା କରିବେ । ବସଙ୍କ ସମର୍ଥିତ ହେବେ ନାହିଁ । କ୍ଳାନ୍ତ ହୋଇଯିବ। ବ୍ୟବସାୟ ଲାଭଦାୟକ ହେବ । କଠିନ ପରିଶ୍ରମ ଅଧିକ ହେବ ।



**ମିଥୁନ:** ଜମି କ୍ରୟ ଏବଂ ବିକ୍ରୟ ଲାଭଦାୟକ ହେବ । ପ୍ରଗତିର ରାସ୍ତା ପକ୍କା ହେବ। ବିପଦରୁ ଦୂରେଇ ରୁହନ୍ତୁ । ବ୍ୟବସାୟ ବୃଦ୍ଧି ପାଇବ । ଘର ବାହାରେ ସୁଖ ମିଳିବ । ବିପଦ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ । କିଛି ବଡ କାମ କରିବାକୁ ସମର୍ଥ ହେବେ।



**କର୍କଟ:** ରାଜ୍ୟ ସହାୟତାରେ କାର୍ଯ୍ୟ ସମାପ୍ତ ହେବ । ବ୍ୟବସାୟ ଅନୁକୂଳ ଲାଭ ଦେବ । ବିବାହ ପ୍ରସ୍ତାବ ମିଳିପାରିବ । ଯଦି ଜରୁରୀ ଜିନିଷ ଠିକ୍ ସମୟରେ ଉପଲବ୍ଧ ନହୁଏ ତେବେ ଅକ୍ଷମତା ସେଠାରେ ରହିବ ନାହିଁ । ବିନିଯୋଗ ଶୁଭ ହେବ । ଏହାର ପ୍ରଭାବ ଚାକିରିରେ ବୃଦ୍ଧି ପାଇବ । ଘରେ ଶାନ୍ତି ଏବଂ ସୁଖ ରହିବ । ଉପକୃତ ହେବ ।



**ସିଂହ:** ଯୋଜନା ଫଳପ୍ରଦ ହେବ । କଠିନ ପରିଶ୍ରମ ସଫଳ ହେବ। ଲାଭ ସୁଯୋଗ ଆସିବ । ସମ୍ମାନ ପାଇବେ। ବ୍ୟବସାୟ ଇଚ୍ଛାକୃତ ଲାଭ ପ୍ରଦାନ କରିବ । ଭାଗ୍ୟ ଆପଣଙ୍କୁ ସମର୍ଥନ କରିବ। ବରିଷ୍ଠ ବ୍ୟକ୍ତିମାନେ ମାର୍ଗଦର୍ଶନ ପାଇବେ।



**କନ୍ୟା:** ଆଧ୍ୟାତ୍ମିକତା ପାଇଁ ଆଗ୍ରହୀ ହେବ । କୌଣସି ଧାର୍ମିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବାର ସୁଯୋଗ ଆସିବ । ସୁଖ ଏବଂ ଶାନ୍ତି ରହିବ । ବ୍ୟବସାୟ ସୁରୁଖୁରୁରେ ଚାଲିବ। ସାଙ୍ଗମାନଙ୍କ ସହଯୋଗ ଲାଭ ବୃଦ୍ଧି କରିବ । ବିଚାରାଧୀନ କାର୍ଯ୍ୟ ସମାପ୍ତ ହେବ। ବିପଦ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ ।



**ତୁଳା:** ପୁରୁଣା ସହକର୍ମୀ ଏବଂ ସମ୍ପର୍କୀୟଙ୍କୁ ଭେଟିବା ଆନନ୍ଦଦାୟକ ହେବ । ଭଲ ଖବର ଗ୍ରହଣ କରାଯିବ । ଏକ ନୂତନ ଉଦ୍ୟମ ଆରମ୍ଭ କରିବାକୁ ଚିନ୍ତା କରିପାରନ୍ତି। ବ୍ୟବସାୟ ଲାଭଦାୟକ ହେବ । ବିପଦ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ ।



**ବିଛା:** ସାମାଜିକ ପ୍ରତିଷ୍ଠା ବୃଦ୍ଧି ପାଇବ । ଘର ବାହାରେ ପଚରାଉଚରା କରାଯିବ। ବ୍ୟବସାୟ ଅନୁକୂଳ ଲାଭ ଦେବ । ଟଙ୍କା ମିଳିବା ସହଜ ହେବ । ଲାଭ ସୁଯୋଗ ଆସିବ । ଚାକିରିରେ ଠିକ୍ ସମୟରେ ପ୍ରଶଂସା ପାଇବେ । ସମୟ ସୁସଙ୍ଗତତାର ସୁଯୋଗ ନିଅନ୍ତୁ। ପାରିବାରିକ ଚିନ୍ତା ହ୍ରାସ ପାଇବ ।



**ଧନୁ:** ବୁଡିଯାଇଥିବା ଟଙ୍କା ଗ୍ରହଣ କରାଯାଇପାରେ । ଯାତ୍ରା ଅନୁକୂଳ ହେବ । ନୂତନ କାର୍ଯ୍ୟଗୁଡ଼ିକ ଆସିବ । ବ୍ୟବସାୟ ଅଭିବୃଦ୍ଧିରେ ଖୁସି ହେବେ । ସମୟ ସୁସଙ୍ଗତତାର ଲାଭ ନିଅ । ଅଧସ୍ତନମାନଙ୍କ ସହଯୋଗ ମିଳିବ । ଲାଭ ସୁଯୋଗ ଆସିବ । ଅଜ୍ଞାତ ଭୟ ରହିବ । ପାରିବାରିକ ସହଯୋଗରେ ଖୁସି ହେବେ। ତତ୍ପରତା ନାହିଁ ।



**ମକର:** ନୂତନ ପୋଷାକ ପାଇଁ ଖର୍ଚ୍ଚ ହେବ । ଆପଣ ପରୀକ୍ଷା ଏବଂ ସାକ୍ଷାତକାର ଇତ୍ୟାଦିରେ ସଫଳତା ପାଇବେ । ଯାତ୍ରା ଅନୁକୂଳ ଲାଭ ଦେବ । ନୂତନ ଚାକିରି ମିଳିପାରିବ। ସେଠାରେ ସୁଖ ଏବଂ ଉତ୍ସାହର ପରିବେଶ ରହିବ । ବ୍ୟବସାୟ ଲାଭଦାୟକ ହେବ । ବିନିଯୋଗ ଏବଂ ଚାକିରି ଅନୁକୂଳ ଲାଭ ଦେବ । ଶୀଘ୍ର କୌଣସି ନିଷ୍ପତ୍ତି ନିଅନ୍ତୁ ନାହିଁ । ଉପହାସରୁ ଦୂରେଇ ରୁହନ୍ତୁ।



**କୁମ୍ଭ:** ଯାନ, ଯନ୍ତ୍ରପାତି ଏବଂ ଅଗ୍ନି ଇତ୍ୟାଦି ବ୍ୟବହାରରେ ସତର୍କତା ବ୍ୟବହାର କରନ୍ତୁ । ବକ୍ତବ୍ୟରେ ହାଲୁକା ଶବ୍ଦ ବ୍ୟବହାର କରିବା ଠାରୁ ଦୂରେଇ ରୁହନ୍ତୁ । କୌଣସି ବ୍ୟକ୍ତିଙ୍କ ଉତ୍ତେଜନାରେ ଆସନ୍ତୁ ନାହିଁ । ବ୍ୟବସାୟରୁ ଲାଭବାନ ହେବ। ବିନିଯୋଗରେ ତତ୍ପର ହୁଅନ୍ତୁ ନାହିଁ । ଆୟ ରହିବ । ଥକ୍କା ଏବଂ ଦୁର୍ବଳତା ହୋଇପାରେ । ଅଜ୍ଞାତ ଭୟ ରହିବ। ଅପ୍ରତ୍ୟାଶିତ ଘଟଣାର ସମ୍ଭାବନା ରହିବ ।



**ମୀନ:** କାର୍ଯ୍ୟରେ ମନ ରହିବ ନାହିଁ । ବ୍ୟବସାୟ ଲାଭଦାୟକ ହେବ । ଆୟରେ ନିଶ୍ଚିତତା ରହିବ । ପରିବାରରେ ଶାନ୍ତି ରହିବ। ଇଚ୍ଛାଶକ୍ତି ବୃଦ୍ଧି ପାଇବ। ଶତ୍ରୁମାନଙ୍କଠାରୁ ସତର୍କତା ଆବଶ୍ୟକ । ସ୍ୱାସ୍ଥ୍ୟ ଦୁର୍ବଳ ରହିବ । କୌଣସି ନିଷ୍ପତ୍ତି ନେବାକୁ ତତ୍ପର ହୁଅନ୍ତୁ ନାହିଁ। ବକ୍ତବ୍ୟର ନିୟନ୍ତ୍ରଣ ନିଅନ୍ତୁ ।



ଶ୍ରୀପତି ଗୁରୁ


ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯